# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, February 5/ 2019 | ★★★★★★

୪୫ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## କୋରାପୁଟ ଜିଲ୍ଲା ଗସ୍ତ ଅବସରରେ
## ୧୧୩୬.୪୧ କୋଟି ଟଙ୍କା
## ମୂଲ୍ୟର ୩୧ଟି ଜନହିତକାରୀ
## ପ୍ରକଳ୍ପର ଉଦ୍‌ଘାଟନ

**ଏକମ୍ବା ପଡ଼ିଆ, ଜୟପୁର**

**ଅପରାହ୍ନ ୩.୦୦**

- ତେଲେଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ
- ଜିଲ୍ଲାର ନବନିର୍ମିତ ୪୧ଟି ଅଙ୍ଗନୱାଡ଼ି କେନ୍ଦ୍ର
- ଜୟପୁର ଅଞ୍ଚଳପାଇଁ ପାନୀୟଜଳ ଯୋଗାଣ ପ୍ରକଳ୍ପ
- କୋଟପାଡ ଏନ.ଏ.ସି, ନନ୍ଦପୁର, ଲମତାପୁଟ, କୁନ୍ଦ୍ରା, ଦଶମନ୍ତପୁର ଏବଂ ବନ୍ଧୁଗାଁ ବ୍ଲକର ପାଇପ ଜଳ ଯୋଗାଣ ପ୍ରକଳ୍ପ
- ପଟାଙ୍ଗୀ ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ସେମିଳିଗୁଡ଼ା ଠାରେ କୋଲାବ୍ ନଦୀ ଉପରେ ହାଇଲେଭ୍‌ଲ ସେତୁ
- ପଟାଙ୍ଗୀ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା
- ନାରାୟଣପାଟଣା କୁମ୍ଭାରୀ ସେବାଶ୍ରମ ସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ
- ଲକ୍ଷ୍ମୀପୁର କଲେଜ ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରୀନିବାସ
- ଲମତାପୁଟ ଡ଼ଃ ଆମ୍ବେଦକର କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ନନ୍ଦପୁର ସିଦ୍ଧେଦେବୀ କଲେଜ ୧୨୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ସୁନାବେଡା ବଧିର ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଜନଜାତି ଓ ଜାତି ଛାତ୍ରାବାସ
- କୋରାପୁଟ ସରକାରୀ ମହାବିଦ୍ୟାଳୟର ୩୦୦ ସିଟ୍ ବିଶିଷ୍ଟ ୨ଟି ଛାତ୍ରାବାସ ଓ ଛାତ୍ରୀନିବାସ
- ଲମତାପୁଟ ବ୍ଲକ୍‌ର ସାଗର - ଜଲ୍ଲାପୁଟ୍ ରାସ୍ତା ଏବଂ ବିଶାଖାପାଟଣା - ଜୟପୁର ଉନ୍ନତିକୃତ ରାସ୍ତା
- କୋରାପୁଟ ଜିଲ୍ଲାର ୨୫୪ଟି ଉନ୍ନତିକୃତ ପବିତ୍ର ପୀଠ ସ୍ଥଳୀ
- ବାମୁଣୀପୁଟ +୨ ବିଜ୍ଞାନ ମହାବିଦ୍ୟାଳୟର ନବନିର୍ମିତ ପ୍ରଶାସନିକ ଓ ଆକାଡ଼େମିକ ଭବନ, ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ, ପାଠାଗାର ଓ ୪ଟି ଆବାସିକ ଗୃହ
- କୁନ୍ଦ୍ରା ବ୍ଲକ୍ ର ବାଗଦେରୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଏବଂ ବାଗଦେରୀଠାରେ ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ
- ବୈପାରୀଗୁଡ଼ା ବ୍ଲକ୍‌ର ଦୋରାଗୁଡ଼ା ସେବାଶ୍ରମର ୧୦୦ ସିଟ୍ ବିଶିଷ୍ଟ ହଷ୍ଟେଲ

15001/13/0571/1819

**୨୯୨.୮୫ କୋଟି** ଟଙ୍କା ବ୍ୟୟରେ ନିର୍ମିତ **ତେଲେଙ୍ଗିରୀ ମଧ୍ୟମ ଜଳସେଚନ ପ୍ରକଳ୍ପ** ଦ୍ୱାରା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଲୋକମାନେ ବହୁଳଭାବେ ଉପକୃତ ହେବେ । ଏହି ପ୍ରକଳ୍ପ ଜୟପୁର ଓ ବୋରିଗୁମ୍ମା ବ୍ଲକ୍‌ର **୫୨ଟି ଗ୍ରାମର ୨୯୫୨ ହେକ୍ଟର ଚାଷ ଜମି**କୁ ଉଭୟ ଖରିଫ୍ ଓ ରବି ଋତୁରେ ଜଳସେଚନ ଯୋଗାଇଦେବ ।





ଏଥିସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ପାଇଁ **୭୪୯ କୋଟି** ଟଙ୍କା ମୂଲ୍ୟର ୯୪ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବେ ।

**୫ ଫେବୃଆରୀ ୨୦୧୯**
**ମଙ୍ଗଳବାର**

DADLS-267

ବିଜୁ ଯୁବ ବାହିନୀ
Biju Yuva Vahini

**ବିଜୁ ଯୁବବାହିନୀ**
**ଆଞ୍ଚଳିକ ସମାବେଶ**ରେ
ଯୋଗଦାନ ଏବଂ ଉଦ୍‌ବୋଧନ









ସୂଚନା ଓ ଲୋକସମ୍ପର୍କ ବିଭାଗ

ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ଓଡ଼ିଶା ସରକାର



## ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ନବରଙ୍ଗପୁର ଜିଲ୍ଲା ଗସ୍ତ

**୫ ଫେବୃଆରୀ ୨୦୧୯ ॥ ମଙ୍ଗଳବାର**

**ଉମରକୋଟ ॥ ପୂର୍ବାହ୍ନ ୧୧.୫୫**

### ୧୦୯୭ କୋଟି ଟଙ୍କା ମୂଲ୍ୟର ୧୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚନ୍ଦାହାଣ୍ଡି ବ୍ଲକ୍ ଭଣ୍ଡାରି ନଦୀ ଉପରେ ଦୁଇଟି ସେତୁ
- ରାଇଘର ବ୍ଲକ୍ ଭାଟିପଖାନ୍ ନାଳ ଏବଂ ଉମରକୋଟ ବ୍ଲକ୍ ର ସାନବାର୍ଲି ରାସ୍ତାର ସ୍ଥାନୀୟ ନାଳ ଉପରେ ୨ଟି ସେତୁ
- ନବରଙ୍ଗପୁର - ଖତିଗୁଡ଼ା ରାସ୍ତା ଏବଂ ନବରଙ୍ଗପୁର - ଡହଣା- ଡିଗିସଲ୍ପା ରାସ୍ତା ଉନ୍ନତୀକରଣ କାର୍ଯ୍ୟ
- କୋଡିଙ୍ଗା - ଚୂଟାହାଣ୍ଡି ରାସ୍ତାରେ ତୁରୀନଦୀ ଉପରେ ହାଇଲେଭ୍ଲ ସେତୁ
- ନବରଙ୍ଗପୁର - ରାଜୋଡା - କୋଷାଗୁମୁଡା ରାସ୍ତାରେ ହାଇଲେଭ୍ଲ ସେତୁ
- ପୁଜାରୀଗୁଡା - ଅଞ୍ଚଳଗୁମା - ମଇଦଲପୁର ରାସ୍ତାର ସ୍ଥାନୀୟ ନାଳଉପରେ ହାଇଲେଭ୍ଲ ସେତୁ
- କୋଷାଗୁମୁଡା କେରାଣ୍ଡି ନାଳ ଉପରେ ଏବଂ ପାପାଡ଼ାହାଣ୍ଡି - କୋଡିଙ୍ଗା - କୋଷାଗୁମୁଡା ରାସ୍ତା ଉପରେ ୨ଟି ହାଇଲେଭ୍ଲ ସେତୁ
- ଡି.ଆଇ.ଇ.ଟି ନବରଙ୍ଗପୁରର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ

### ୧୯ କୋଟି ଟଙ୍କା ମୂଲ୍ୟର ୧୨ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ନବନିର୍ମିତ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ପାତ୍ରପୁଟ ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ
- ଜାମଗୁଡ଼ା ହାଇସ୍କୁଲର ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜାତି ଛାତ୍ରାବାସ
- ଜଟାବାଲ୍, ବାଘସିଉନୀ, ଉନ୍ନୀତ ହାଇସ୍କୁଲ
- ପାପଡ଼ାହାଣ୍ଡି ଠାରେ ୨ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଡ଼ାବୁଗାଁ ଉନ୍ନୀତ ଉଚ୍ଚ ମାଧ୍ୟମିକ ସ୍କୁଲ
- ଜିଲ୍ଲା ଶ୍ରମ କାର୍ଯ୍ୟାଳୟ
- ଲିଗାଲ୍ ମେଟ୍ରୋଲୋଜି କାର୍ଯ୍ୟାଳୟ
- ସୌନ୍ଦର୍ଯ୍ୟକୃତ ହିର୍ଲିଡୋଙ୍ଗରୀ ପାହାଡ଼
- ଜିଲ୍ଲା ଶିକ୍ଷକେନ୍ଦ୍ର କାର୍ଯ୍ୟାଳୟ

### ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ

○ ୨୫୨୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ଏବଂ ୩୦୦୦ ନିର୍ମାଣ ଶ୍ରମିକଙ୍କୁ ଯନ୍ତ୍ରପାତି ଓ ସୁରକ୍ଷା ସରଞ୍ଜାମ ପ୍ରଦାନ ○ ୯୨୫ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ ○ ୧୫୧୧ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ ○ ୨୪୦୦ ହିତାଧିକାରୀଙ୍କୁ ବାସୋପଯୋଗୀ ପଟ୍ଟା ପ୍ରଦାନ ○ ମଧୁବାବୁ ପେନସନ ଯୋଜନାରେ ବର୍ଦ୍ଧିତ ଭତ୍ତା ପ୍ରଦାନ ○ ଆଇ.ଟି.ଡି.ଏ ଦ୍ୱାରା ୧୮୦ ଜଣଙ୍କୁ ପମ୍ପସେଟ୍ ପ୍ରଦାନ ○ ଉମରକୋଟ ବ୍ଲକ ମିଶନ ଶକ୍ତି ସଂଘକୁ ୨୫ ଲକ୍ଷ ଟଙ୍କାର ସହାୟତା

**ସାଧାରଣ ସଭାରେ ଉଦ୍‌ବୋଧନ**










ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0573/1819

DADLS-268

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୫/୨୦୧୯ | Bhubaneswar, Tuesday, February 5/ 2019 | ପୃଷ୍ଠା-୧




**ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର**

ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ଅଭିନେତା ରଣବୀର ସିଂ ପ୍ରକାଶ କରିଛନ୍ତି।

୧୨

୧୬

**ଆରୋଜର ଭଲ ପ୍ରଦର୍ଶନ ନେଇ ପିଣ୍ଟୋ ଆଶାୟୀ**

ମଙ୍ଗଳବାର ମିନର୍ଭା ପଞ୍ଜାବ ବିପକ୍ଷ ଆଇ- ଲିଗ୍ ଫୁଟବଲ ମ୍ୟାଚରେ ଇଣ୍ଡିଆନ ଆରୋଜର ଭଲ ପ୍ରଦର୍ଶନ ନେଇ କୋଚ୍ ଫ୍ଲୟଡ ପିଣ୍ଟୋ ଆଶାବାଦୀ



■ ଗୁଜରାଟ ନିର୍ମାଣକାରୀ ସଂସ୍ଥା ଦଖଲରେ ଜଙ୍ଗଲ ଜମି

# ଜିଲାପାଳ, ଡିଏଫ୍ଓଙ୍କୁ ଏନ୍‌ଜିଟିଙ୍କ ଜରିମାନା

କଟକ ଅଫିସ/କେନ୍ଦୁଝର, ୪ା୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳ ଓ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ୨୫ହଜାର ଟଙ୍କା ଲେଖାଏ ଦେବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ସୋମବାର ଧାର୍ଯ୍ୟ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ଏହି ଟଙ୍କା ଉଭୟ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଦାଖଲ କରିବା ଲାଗି ଏନ୍‌ଜିଟି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧର ଓ ବାୟାକୁମୁଟିଆ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଗୁଜରାଟ କମ୍ପାନୀ ମଣ୍ଟେକାର୍ଲୋ ଜଙ୍ଗଲ ଜମି ମାଡ଼ି ବସିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। କମ୍ପାନୀ ଦଖଲ କରିଥିବା ସମୁଦାୟ ୪୧ ଏକର ଜମି ମଧ୍ୟରୁ ୨୫ ଏକର ହେଉଛି ଜଙ୍ଗଲ ଜମି। ଏ ସମ୍ପର୍କରେ ଏନ୍‌ଜିଟିରେ ଆଗତ ମାମଲାର ଶୁଣାଣି ଗତ ଡିସେମ୍ବର ୧୮ରେ ହୋଇଥିଲା। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ମୁଖ୍ୟ ଖଣ୍ଡପୀଠ ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳ ଓ ଡିଏଫ୍ଓଙ୍କୁ କେତେକ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧ ମାସ ମଧ୍ୟରେ ନିର୍ମାଣକାରୀ ସଂସ୍ଥା ଜବରଦଖଲ କରିଥିବା ଜଙ୍ଗଲ ଜମିକୁ ମୁକ୍ତ କରାଯିବ। ଉକ୍ତ ଜମି ☞ପୃଷ୍ଠା-୬

# ମାଲ୍ୟାଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଜାରି

ଲଣ୍ଡନ,୪ା୨



ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ଗୃହ ସଚିବ ସାଜିଦ ଜାଭିଦ ସୋମବାର ନିର୍ଦ୍ଦେଶ ସଂକ୍ରାନ୍ତ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ବ୍ରିଟେନ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ମାଲ୍ୟାଙ୍କୁ ଜୋର ଝଟ୍‌କା ଲାଗିଛି। ପ୍ରତ୍ୟର୍ପଣକୁ ବିରୋଧ କରି ଉଚ୍ଚ ଅଦାଲତରେ ଅପିଲ କରିବା ଲାଗି ମାଲ୍ୟାଙ୍କୁ ଏବେ ୧୪ ଦିନ ସମୟ ମିଳିବ। ଗୃହ ସଚିବଙ୍କ ନିର୍ଦ୍ଦେଶ ପରେ ସେ ଅପିଲ କରିବାକୁ ସୁଯୋଗ ପାଇବେ। ସୂଚନାଥାଉ କି, ଭାରତୀୟ ବ୍ୟାଙ୍କଗୁଡ଼ିକରୁ ପ୍ରାୟ ୯ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ସ୍ଥାନୀୟ ୱେଷ୍ଟ ମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭାରତ ସହ ହୋଇଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଲାଗି ୱେଷ୍ଟ ମିନିଷ୍ଟର କୋର୍ଟ ରାୟର ଏକ କପି ବ୍ରିଟେନ ଗୃହ ସଚିବଙ୍କ ନିକଟକୁ ପଠାଇଥିଲେ। ପ୍ରତ୍ୟର୍ପଣ ଲାଗି ଏହାକୁ ବିଚାର କରି ସେ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ପୋଲିସ କମିଶନରଙ୍କ ବାସଭବନକୁ ସିବିଆଇ ଯିବା ଘଟଣା

# ଦିଲ୍ଲୀରେ ପଶ୍ଚିମବଙ୍ଗ ତାତି

**ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଇବା ଲାଗି ଜାରି ରହିବ ସତ୍ୟାଗ୍ରହ: ମମତା**

କୋଲକାତା/ନୂଆଦିଲ୍ଲୀ,୪ା୨

ଚୂଡ଼ାନ୍ତ କ୍ଷମତାଯୁଦ୍ଧ ପୂର୍ବରୁ ପଶ୍ଚିମବଙ୍ଗରେ ଜଳୁଥିବା ନିଆଁର ଧୂଆଁ ଦିଲ୍ଲୀରେ ପହଞ୍ଚିଛି। ଚିଟ୍‌ଫଣ୍ଡ ତଦନ୍ତକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ରାଜ୍ୟ ପୋଲିସ ମୁହାଁମୁହିଁ ହେବା ବିବାଦ ରାଜନୈତିକ ରୂପ ନେଇସାରିଛି। ଫଳରେ ଏହି ଲଢ଼େଇ ଏବେ ବସ୍ତୁତଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବନାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଲଟିଯାଇଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ମୁହାଁମୁହିଁ ହୋଇଥିବା ମମତା ରବିବାର ରାତିରୁ ଧାରଣାରେ ବସିଛନ୍ତି। ତାଙ୍କ ସମର୍ଥନରେ ବିରୋଧୀ ଦଳଗୁଡ଼ିକ ଆଗେଇ ଆସି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ନେଇ ମମତାଙ୍କୁ ସମାଲୋଚନା କରିବା ସହ ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ଆଶଙ୍କା କରିଛି। ଭାଜପାର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛି। ସେପଟେ କୋଲକାତା ପୋଲିସ କମିଶନର ରାଜୀବ କୁମାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ସୁପ୍ରିମକୋର୍ଟ ଯାଇଛି। ସମ୍ପୂର୍ଣ୍ଣ ଘଟଣାକ୍ରମ ଉପରେ ରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛନ୍ତି। ଏସବୁ ଭିତରେ ପଶ୍ଚିମବଙ୍ଗ ତାତି ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି। ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତକାରୀ ଏସ୍ଆଇଟି ମୁଖ୍ୟ ହେଉଛନ୍ତି କୋଲକାତା ପୋଲିସ କମିଶନର ରାଜୀବ କୁମାର। ☞ପୃଷ୍ଠା-୬



ମେଟ୍ରୋ ଚ୍ୟାନେଲ ସମ୍ମୁଖ ଧାରଣାସ୍ଥଳରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

**ଦିଦି ବନାମ କେନ୍ଦ୍ର**

- ସୁପ୍ରିମକୋର୍ଟ ଗଲା ସିବିଆଇ, ଆଜି ଶୁଣାଣି
- କୋଲକାତା ପୋଲିସ ହାଇକୋର୍ଟଙ୍କ ଦ୍ୱାରସ୍ଥ
- ନିର୍ବାଚନ କମିଶନଙ୍କୁ ଭେଟିଲେ ଭାଜପା ପ୍ରତିନିଧି
- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଲେ ରାଜ୍ୟପାଳ
- ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ଆଶଙ୍କା: ରାଜନାଥ

# ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଲା ବିଜେଡି

- କାର୍ଯ୍ୟକଳାପ ଗ୍ରହଣୀୟ ନୁହେଁ : ଭର୍ତ୍ତୃହରି
- ବିଜେଡି ଡରିକି ସମର୍ଥନ କରୁଛି: ତାରା
- ଟିଏମ୍‌ସି, ବିଜେଡି ଚିଟଫଣ୍ଡ କମ୍ପାନୀର ପୃଷ୍ଠପୋଷକ: ଧର୍ମେନ୍ଦ୍ର

ଭୁବନେଶ୍ୱର,୪ା୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଅନୁସନ୍ଧାନକାରୀ ସଂସ୍ଥା ସିବିଆଇ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ସମଗ୍ର ଦେଶର ରାଜନୀତି ଜୋର ଧରିଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବହୁ ବିରୋଧୀ ଦଳ ବିରୋଧ କରିଛନ୍ତି। ଏହିକ୍ରମରେ ଉଭୟ କଂଗ୍ରେସ ଏବଂ ଭାଜପାଠାରୁ ସମଦୂରତ୍ୱ ଅବଲମ୍ବନ କରୁଥିବା ବିଜେଡି ମଧ୍ୟ ପ୍ରତିକ୍ରିୟା ରଖିବା ସହ ତୃଣମୂଳ କଂଗ୍ରେସ ସମର୍ଥନରେ ବାହାରିଛି। ଲୋକ ସଭାରେ ଦଳର ସଂସଦୀୟ ନେତା ଭର୍ତ୍ତୃହରି ମହତାବ ଦିଲ୍ଲୀରେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଓଡ଼ିଶାରେ ବିଜେଡି ପକ୍ଷରୁ ମୁଖପାତ୍ର ସସ୍ମିତ ପାତ୍ର ଏହି ପ୍ରସଙ୍ଗରେ ମତ ରଖିଛନ୍ତି। ଅପରପକ୍ଷରେ ଭାଜପା ମମତା ବାନାର୍ଜୀଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇ ଥିବାବେଳେ କଂଗ୍ରେସ ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରିଛି।

ଭର୍ତ୍ତୃହରି କହିଛନ୍ତି ଯେ, କୌଣସି ମାମଲାର ତଦନ୍ତ କରିବା ସିବିଆଇ ପକ୍ଷରେ ଯୁକ୍ତିଯୁକ୍ତ। ହେଲେ ଯେଉଁଭଳି ଢଙ୍ଗରେ ରାଜୀବ କୁମାରଙ୍କ ଘରେ ୪୦ ଅଧିକାରୀ ପ୍ରବେଶ କଲେ, ତାହା ଆଦୌ ଗ୍ରହଣୀୟ ନୁହେଁ। ଗତ କିଛି ବର୍ଷ ଧରି ସିବିଆଇ ଯେଉଁ ଭଳି ଭାବେ କାର୍ଯ୍ୟ କରୁଛି, ତାହା ସେହି ସଂସ୍ଥାର ସ୍ୱଚ୍ଛତା ଏବଂ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛି। ପଶ୍ଚିମବଙ୍ଗରେ ରବିବାର ସନ୍ଧ୍ୟାରେ ଘଟିଯାଇଥିବା ଘଟଣା ସିବିଆଇର ପେସାଗତ ଆଚରଣର ଲକ୍ଷଣ ନୁହେଁ ବୋଲି ଭର୍ତ୍ତୃହରି କହିଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ରାସ୍ତାରେ ଧାରଣାରେ ବସିବା ମଧ୍ୟ ଠିକ୍ ନୁହେଁ। ତେଣୁ କେନ୍ଦ୍ର ତୁରନ୍ତ ହସ୍ତକ୍ଷେପ କରୁ। ଚାଲୁଥିବା ବିବାଦର ସମାଧାନ ରାସ୍ତା ବାହାରୁ ବୋଲି ଭର୍ତ୍ତୃହରି କହିଛନ୍ତି। ସେହିପରି ଦଳ ପକ୍ଷରୁ ସସ୍ମିତ ପାତ୍ର କହିଛନ୍ତି ଯେ, ଦେଶର ବିଭିନ୍ନ ସ୍ୱାୟତ୍ତ ସଂସ୍ଥାର ସ୍ୱାଧୀନତା ରହିବା ଆବଶ୍ୟକ। ଭାରତବର୍ଷର ଗଣତନ୍ତ୍ର ଅନନ୍ୟ ଏବଂ ଅଭିଜ୍ଞ, ତେଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ହେବା ଦରକାର। ଅତୀତରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏବଂ ବର୍ତ୍ତମାନ ସାଧାରଣ ନିର୍ବାଚନ ପୂର୍ବରୁ ସିବିଆଇ ଓଡ଼ିଶାରେ କରୁଥିବା କାର୍ଯ୍ୟକଳାପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିଜେଡିର ବିବୃତ୍ତିକୁ ନେଇ ଅନ୍ୟ କୌଣସି ଦଳ ସହ ଯୋଡା ନ ଯାଉ ବୋଲି ସସ୍ମିତ କହିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ☞ପୃଷ୍ଠା-୬

**ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ଭାଜପା**

........୩........

**ଆଜିର ସମ୍ପାଦକୀୟ**

**ଅସ୍ୱାଦପୂର୍ଣ୍ଣ ସିବିଆଇ**

**ଆଜିର ମନ୍ତବ୍ୟ**

“ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଲାଗି ଏନ୍‌ଡିଏ ଦ୍ୱାର ସବୁଦିନ ପାଇଁ ବନ୍ଦ।

– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୧୧% ହ୍ରାସ ଘଟି ୨୨.୬୬ ବିଲିୟନ ଡଲାର ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ

■ ସରକାରଙ୍କ ସଫଳତାର ଚିତ୍ର ଦେଖାଇଲେ ରାଜ୍ୟପାଳ

# ବଢୁଛି ଆର୍ଥିକ ବିକାଶ

- ଏପ୍ରିଲରୁ ବିନା ସୁଧରେ ଚାଷୀଙ୍କୁ ମିଳିବ ଋଣ
- ଚାଷୀଙ୍କୁ ମିଳିଛି ୬୦ ହଜାର ମୋବାଇଲ ଫୋନ
- ୬ ଲକ୍ଷ ନବମ ଶ୍ରେଣୀପିଲାଙ୍କୁ ମିଳିବ ସାଇକେଲ

ଭୁବନେଶ୍ୱର,୪ା୨(ବ୍ୟୁରୋ)

ରାଜ୍ୟରେ ଆର୍ଥିକ ବିକାଶ ଦ୍ରୁତ ଗତିରେ ମାଡି ଚାଲିଛି। ଦାରିଦ୍ର୍ୟ ହାର ତଳମୁହାଁ ହୋଇଛି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଜଳସେଚନ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଶିଳ୍ପାୟନ, ଆଦିବାସୀ ଓ ଦଳିତମାନଙ୍କ ବିକାଶ କାହିଁ କେତେ ଉପରକୁ ଚାଲିଗଲାଣି। ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ଭାଷା ସାହିତ୍ୟ ସଂସ୍କୃତି ପ୍ରଚାର ପ୍ରସାରରେ ରାଜ୍ୟ ଅନେକ ପ୍ରଗତି କରିଛି। ୨୦୦୦ ମସିହା ପରଠାରୁ ରାଜ୍ୟର ଦୁର୍ଦ୍ଦିନ ହଟି ଯାଇଛି। ଶସ୍ୟ ଉତ୍ପାଦନ, ଚିକିତ୍ସା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ମିଳିଛି। ସୋମବାର ବିଧାନସଭାରେ ନିଜର ଅଭିଭାଷଣ ରଖିବା ବେଳେ ରାଜ୍ୟପାଳ ଡ. ଗଣେଶୀ ଲାଲ ସରକାରଙ୍କ ଏଭଳି ରଙ୍ଗିନ ଚିତ୍ର ଆଙ୍କିଛନ୍ତି।



ବିଧାନସଭାରେ ରାଜ୍ୟପାଳ ଅଭିଭାଷଣ ରଖୁଛନ୍ତି।

ସୋମବାର ଆରମ୍ଭ ହୋଇଛି ପଞ୍ଚଦଶ ବିଧାନସଭା ଶେଷ ଅଧିବେଶନ। ପ୍ରଥମ ଦିବସରେ ରାଜ୍ୟପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ଏବେ ରାଜ୍ୟ ଆର୍ଥିକ ପ୍ରଶାସନ ଉତ୍କର୍ଷତା ଲାଭ କରିଛି। ୨୦୦୦ ମସିହା ବେଳକୁ ଉତ୍କଟ ଦାରିଦ୍ର୍ୟ ଥିଲା। ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ରାଜ୍ୟରେ ୨୪.୬୧ ପ୍ରତିଶତ ଦାରିଦ୍ର୍ୟ ହାର ହ୍ରାସ କରି ଓଡିଶା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଛି। ସେତେବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଅମୂଲ୍ୟ ଜୀବନ ଚାଲିଯାଉଥିଲା। କିନ୍ତୁ ଏବେ ବିପର୍ଯ୍ୟୟର ସୁପରିଚାଳନା କରି ରାଜ୍ୟ ସରକାର ବିଶ୍ୱରେ ନା ☞ପୃଷ୍ଠା-୨

# ଅନ୍‌ଲାଇନ୍‌ରେ ହେବ ୟୁପିଏସ୍‌ସି, ଓପିଏସ୍‌ସି ପରୀକ୍ଷା

ଭୁବନେଶ୍ୱର,୪ା୨(ବ୍ୟୁରୋ)

ଏଣିକି ଅନ୍‌ଲାଇନ୍‌ରେ ହେବ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଓ ରାଜ୍ୟ ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା। ଫର୍ମ ପୂରଣଠାରୁ ଆରମ୍ଭ କରି ପରୀକ୍ଷାଫଳ ପ୍ରକାଶ ପର୍ଯ୍ୟନ୍ତ, ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ ହେବ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ କେନ୍ଦ୍ରୀୟ ଲୋକସେବା ଆୟୋଗ ଓ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷଙ୍କ ସମ୍ମିଳନୀରେ ଏ ନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ଯେପରି ମାନସିକ ସ୍ତରରେ ହଇରାଣ ନ ହେବେ, ସେଥିପାଇଁ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସକ୍ସେନା କହିଛନ୍ତି। ଓପିଏସ୍‌ସି ମଧ୍ୟ ପରୀକ୍ଷା ପରିଚାଳନା ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହ ଅନ୍‌ଲାଇନ୍‌ରେ ପରୀକ୍ଷା କରିବ। ପରୀକ୍ଷାର୍ଥୀଙ୍କ କୌଣସି ସନ୍ଦେହ ହେଲେ, ସେମାନେ ଉତ୍ତର ଖାତା ଦେଖିପାରିବେ। ଏହାଦ୍ୱାରା ପରୀକ୍ଷା ପରିଚାଳନା ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି ସଂସ୍କାର ଯୋଜନାକୁ ଚାକିରି ଆଶାୟୀମାନେ ସ୍ୱାଗତ କରିଛନ୍ତି। ଅନେକ ସମୟରେ ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷା ଗୋଟିଏ ଦିନରେ ହେଉଥିବାରୁ ପରୀକ୍ଷାର୍ଥୀ ଅଡୁଆରେ ପଡୁଛନ୍ତି। ତେଣୁ ଏଭଳି ସ୍ଥିତି ଏଡ଼ାଇବାକୁ ଆୟୋଗ ଧ୍ୟାନ ଦେଉ ବୋଲି ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

# ଭୂତ ଭୟରେ ସ୍କୁଲ ଯାଉନାହାନ୍ତି ପିଲା

- ୮ ଦିନରେ ୫ ଛାତ୍ରୀଛାତ୍ର ଅସୁସ୍ଥ
- ଚିନ୍ତାରେ ଅଭିଭାବକ, ବିଇଓଙ୍କ ପରିଦର୍ଶନ

ଆର.ଉଦୟଗିରି,୪ା୨(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରିର ଦିଗବାରଣ ସାହିସ୍ଥିତ ଗୋପବନ୍ଧୁ ବିଦ୍ୟାପୀଠରେ କିଛିଦିନ ହେଲା ଛାତ୍ରୀଛାତ୍ରଙ୍କୁ ଭୂତ ଭୟ ଘାରିଛି। ଜାନୁୟାରୀ ୨୪ରୁ ଗତ ୧ ତାରିଖ ମଧ୍ୟରେ ୮ ଛାତ୍ରୀଛାତ୍ର କୌଣସି କାରଣରୁ ସ୍କୁଲରେ ଅସୁସ୍ଥ ହୋଇଥିଲେ। ଏଥିରେ ଭୟଭୀତ ହୋଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସୋମବାର ସ୍କୁଲକୁ ଛାଡ଼ି ନ ଥିଲେ। ଶିକ୍ଷକମାନଙ୍କୁ ଏହାର କାରଣ ପଚାରିବା ସହ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟା ସମାଧାନ କରୁ ବୋଲି ଦାବି କରିଥିଲେ। ଅପରାହ୍ନରେ ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ବିଶ୍ୱନାଥ ଭୂୟାଁ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ମଙ୍ଗଳବାର ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

୨୪ ତାରିଖରେ ଗୋପବନ୍ଧୁ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଙ୍କି ରଇତ ହଠାତ୍ ଅଚେତ ହୋଇ ପଡ଼ିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଛାତ୍ରୀ ଜଣକ ବାନ୍ତି କରିବା ସହ ବାରମ୍ବାର ଅଚେତ ହୋଇପଡୁଥିବାରୁ ପ୍ରଶାସନ ତତ୍ତ୍ୱାବଧାନରେ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପିଙ୍କିଙ୍କ ହିମୋଗ୍ଲୋବିନ କମ୍ ଥିବା ଡାକ୍ତର କହିଥିଲେ। ଚିକିତ୍ସା ପରେ ପିଙ୍କି ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ଘରେ ପୁଣି ବାରମ୍ବାର ଅଚେତ ହେବାରୁ କାଳିଶି ଏବଂ ଦେଶୀ ଚିକିତ୍ସା କରିବାରୁ ପିଙ୍କି ବର୍ତ୍ତମାନ ଠିକ୍ ଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲରେ ବିଭିନ୍ନ ସମୟରେ ଆଉ ୪ ଜଣ ଏପରି ଅସୁସ୍ଥ ଅନୁଭବ କରିଥିଲେ। ତେବେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ୟମରେ ୩ଜଣ ସ୍କୁଲରେ ଭଲ ହୋଇଥିଲେ। ଶନିବାର ପୂର୍ବାହ୍ନରେ ସପ୍ତମ ଶ୍ରେଣୀ ଛାତ୍ର ମନୋଜ କୁମାର ମାଳଦଣ୍ଡସେନାଙ୍କ ମୁଣ୍ଡ ବୁଲାଇଥିଲା। ପରେ ତାଙ୍କର ବାରମ୍ବାର ବାନ୍ତି ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଘରକୁ ଆଣି ଔଷଧ ଦେଇଥିଲେ। ସେଥିରେ କିଛି ପରିବର୍ତ୍ତନ ନ ହେବାରୁ ଗାଁରେ ଝଡ଼ାଫୁଙ୍କା କରିଥିଲେ ବୋଲି ମନୋଜଙ୍କ ମା’ କହିଛନ୍ତି। ରବିବାର ପୁଣି ମନୋଜ ବାରମ୍ବାର ଅଚେତ ହେବାରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଔଷଧପତ୍ର ଆଣି ମନୋଜ ଘରକୁ ଫେରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଗାଁରେ ମନୋଜଙ୍କୁ ଝଡ଼ାଫୁଙ୍କା କରାଯାଉଥିବା ଜଣାପଡିଛି। ସ୍କୁଲରେ ପିଲା ଅସୁସ୍ଥ ହେଉଥିବା ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଶୀଘ୍ର ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ।

■ ପିଏମ୍-କିଷାନ ଯୋଜନା ନେଇ ରାଜ୍ୟଗୁଡ଼ିକୁ ପତ୍ର

# ଦ୍ୱିତୀୟ କିସ୍ତିରେ ଆଧାର ବାଧ୍ୟତାମୂଳକ

- ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ମିଳିବ ପ୍ରଥମ କିସ୍ତି
- ଆଧାର ନ ଥିଲେ ବିକଳ୍ପ ପରିଚୟପତ୍ର ନିଆଯିବ

ନୂଆଦିଲ୍ଲୀ,୪ା୨

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ସହ ଆଧାରକୁ ଯୋଡିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଅନ୍ତରୀଣ ବଜେଟରେ ଘୋଷଣା ହୋଇଛି। ତେବେ ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବରକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତିରୁ ଏହାକୁ ଅନିବାର୍ଯ୍ୟ ବୋଲି ସରକାର ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍-କିଷାନ ଯୋଜନା)ରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଅନ୍ତରୀଣ ବଜେଟରେ ୭୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ତିନୋଟି କିସ୍ତିରେ ମିଳିବାକୁ ଥିବା ଚାଷୀ ସହାୟତାର ପ୍ରଥମ କିସ୍ତି ଲାଗି ଆବଶ୍ୟକସ୍ଥଳେ ଆଧାର ନମ୍ବର ସଂଗ୍ରହ କରାଯିବ। ତେବେ ଏହା ବାଧ୍ୟତାମୂଳକ ହେବ ନାହିଁ। କିନ୍ତୁ ଦ୍ୱିତୀୟ କିସ୍ତି ପରଠାରୁ ଏହା ଅନିବାର୍ଯ୍ୟ ହେବ। ଚାଷୀଙ୍କୁ ନିଜର ପରିଚୟ ଜଣାଇବା ଲାଗି ଆଧାର ନମ୍ବର ଦେବାକୁ ହେବ। ଚାଷୀଙ୍କୁ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବର ନ ଥିଲେ, ସେକ୍ଷେତ୍ରରେ ଅନ୍ୟ ବିକଳ୍ପ ଦସ୍ତାବିଜ ଉଦାହରଣ ସ୍ୱରୂପ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡେଣ୍ଟିଟି କାର୍ଡ, ଏମ୍‌ଜିଏନ୍‌ଆର୍‌ଜିଏ ରୋଜଗାର କାର୍ଡ ଅଥବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଅନ୍ୟ କୌଣସି ପରିଚୟପତ୍ରକୁ ଦାଖଲ କରିହେବ। ତେବେ ଦ୍ୱିତୀୟ କିସ୍ତିଠାରୁ ଆଧାର ଦାଖଲ ବାଧ୍ୟତାମୂଳକ ହେବ। ନକଲି ଚାଷୀଙ୍କୁ ଚିହ୍ନଟ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପରିବାର ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ରାଜ୍ୟଗୁଡ଼ିକୁ କୁହାଯାଇଛି। ସେମାନଙ୍କ ନାମ, ଲିଙ୍ଗ, ଏସ୍/ଏସ୍‌ଟି, ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ମୋବାଇଲ ନମ୍ବର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କ ରେକର୍ଡ ଅନୁଯାୟୀ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ଏବଂ ସ୍ୱାମୀ-ସ୍ତ୍ରୀ ଓ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଗଠିତ ପରିବାରକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ବୋଲି ଧରାଯିବ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ☞ପୃଷ୍ଠା-୨




SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NECC NATIONAL EGG CO-ORDINATION COMMITTEE 04.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 85 | 139 | 149 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers



ବାହାମସର ଆବାକୋ ମାର୍ଶ ବନ୍ଦରରୁ ୧୦ କି.ମି. ଦୂରରେ ଏକ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଛି। ଏଥିରେ ୨୮ ହାଇତି ନାଗରିକଙ୍କ ମୃତ୍ୟୁ ହୋଇଛି। ଶନିବାର ଏହି ଦୁର୍ଘଟଣା ଘଟିଥିବା ବେଳେ ୧୭ଜଣଙ୍କୁ ପାଣି ମଧ୍ୟରୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଗତ ୨ ଦିନ ହେଲା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ରୟାଲ୍ ବାହାମସ୍ ଡିଫେନ୍ସ ଫୋର୍ସ ପକ୍ଷରୁ କୁହାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ



ଲିପ୍ସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



**SALE**

L&T Pc 71 Komatsu show room condition, 2009 Dec. (Mo): 7978887806. D-10897



**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

BDA yellow zone shitiban plot at Khandagiri 30 feet Main Road, 30 feet Sub Road. 9437426733. D-10890

BDA approved Duplex 1km. from Hanspal Square & simplex/ duplex at Atala, Bhubaneswar: 9438419823, 9437286655. D-65463

Bhubaneswar ହଂସପାଳ ପାଖରେ ଘରବାରି ବାଉଣ୍ଡାରି plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ: 9556403869, 9937355539. D-10830

Gharabari boundary plots 200ft. road side, KIIT price- 900/-, 750/- gharabari plots AIIMS- 1250, Raghunathpur- 1700/-. 9040273330. D-10877

CV Raman College ମହୁରାରେ NH-316ରୁ 500 ମିଟର ଭିତରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65607

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65813

Home steade land at Kesura for immediate construction with boundary patta/ Pitapalli ଛକରୁ 2km. ଦୂରରେ main road ସାଇଡରେ plot ବିକ୍ରିହେବ। 9178031478. D-65812


Plot available nearer to DN Regalia Mall, Patrapada, Bhagabanpur starting Rs.- 650/- - Rs.-1100/- Per Sqft. Contact: 9178684436, 7992952582, 9348762815. D-60942

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354



2BHK residential bangalow with garage at Satyanagar 1600 sqft. Contact: 9437023430, 7205362692. D-10941



Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Roshin ayurvedic massage club fully relaxed by smart lady home service facility available. 9937637219. D-65809

Ayurvedic full body massage ladies/ gents experts therapist. 8338097451. D-65810

Herbal fullbody massage with refreshment by well trained therapist. 7381239385. D-65547

Experience full body massage with us by experts. 06742597822, 7377048581. D-65548

Physiotherapy, full body massage by trained ladies/ gents therapist: 7008773793. D-65464

Welcome to Seva care refresh your body. Contact: 9937062638, 9777989263. D-65465

Improving your health, skin care through expert therapist, excellent offer. 9668374480. D-65552

New opening ayurvedic body massage smart therapist, Shree herbal. 6370668486. D-65553

Herbal full body massage by smart/ expert therapist. Contact: 8338067247. D-65554

New opening ayurvedic full body massage. 7077444583. D-10885

This winter do you need Keralian massage with Steambath. 9556341170. D-10940



ଓଡ଼ିଶାର SHG- group ମାନେ ୫ବର୍ଷର ଏଗ୍ରିମେଣ୍ଟବେସ୍‌ରେ କାମ ନେବାପାଇଁ ଯୋଗାଯୋଗ କରନ୍ତୁ। 9937673117, 8249666277. D-59925

**LOST**

I (Nishikant Srivastva) have lost my Original Degree Certificate of B-Tech in E & C year (2008-2012) Reg. No. 0801287023 B.P.U.T Odisha. If found please Contact: 8826676561. D-10946


### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ୍ (Ph.D.)



ଆସିଷ୍ଟାଣ୍ଟ ପ୍ରଫେସର **ଶ୍ରାବଣୀ ସ୍ୱାଗତିକା** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରୁ କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ NAAC ବାଙ୍ଗାଲୋର Advisor ତଥା ବୁର୍ଲା ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଅମିୟ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ "Novel energy aware resource allocation and SDN integrated for reducing power consumption in cloud" ଜୋର୍ଡାନସ୍ଥ Albalga Applied Universityର ପ୍ରଫେସର ଡଃ ବସିମ୍ ଅଲ୍‌ହାଦିଦ୍ ଏବଂ ଡଃ ବାବା ସାହେବ ଆମ୍ବେଦକର ୟୁନିଭରସିଟି ମରାଠାୱାଡର ପ୍ରଫେସର ଡଃ ସଚ୍ଚିନ୍ ଦେଶମୁଖଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଶ୍ରାବଣୀ ସ୍ୱାଗତିକା କଟକ ବୈୟାଳିଶ ମୌଜା ଅନ୍ତର୍ଗତ ଡିହସରିଚୁଆଁ ଗ୍ରାମ ବାସିନ୍ଦା ତଥା ଭୁବନେଶ୍ୱର ଭି.ଏସ୍.ଏସ୍. ନଗର ନିବାସୀ ଆଡଭୋକେଟ୍ ଅରବିନ୍ଦ ମହାରଣା ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ କମଳ କୁମାରୀ ମହାରଣାଙ୍କ କନିଷ୍ଠ କନ୍ୟା ଅଟନ୍ତି। ତାଙ୍କ ଏ ସଫଳତାର ଶ୍ରେୟ ସେ ସମସ୍ତ ସହକର୍ମୀ, ଶୁଭାକାଂକ୍ଷୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ଧ-୧୦୯୩୬

## ୬୩ତମ ଜନ୍ମଦିନ ଶୁଭେଚ୍ଛା



**ନାରାୟଣ ଚନ୍ଦ୍ର ସିହ୍ନା**
**ଖୋକନ/ ବାବୁ**
**କିରନ୍-ଜ୍ୟୋତି ଭବନ, ଉପର ମାଳିସାହି, ପୁରୀ**

ତା୦୫।୦୨।୨୦୧୯ରିଖ ମଙ୍ଗଳବାର ଦିନ ୬୩ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଦକ୍ଷିଣକାଳୀ ଏବଂ ସ୍ୱର୍ଗତ ପିତାମାତା, ଗୁରୁ ଓ ଇଷ୍ଟଦେବଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହି ପୃଥିବୀରେ ପ୍ରଶଂସିତ ହୁଅ, ଏହାହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା। କିରନ୍-ଜ୍ୟୋତି ପରିବାରବର୍ଗ, ଉପର ମାଳିସାହି, ବଡଡାକ୍ତରଖାନା ଛକ, ପୁରୀ। ଧ-୬୩୭୫୮


ପ୍ରଥମ ପୃଷ୍ଠାରୁ...

## ଦ୍ୱିତୀୟ କିସ୍ତିରେ...

ରେକର୍ଡ ହୋଇଥିବା ଜମିର ପରିମାଣକୁ ହିଁ ବର୍ତ୍ତମାନ କେନ୍ଦ୍ର ସରକାର ଆଧାର ଭାବେ ଗ୍ରହଣ କରିବେ। ଚଳିତ ବର୍ଷ ଫେବୃୟାରୀ ପହିଲାକୁ ଧାର୍ଯ୍ୟ ଦିବସ ଭାବେ ଗ୍ରହଣ କରି ୨ ହେକ୍ଟର ପର୍ଯ୍ୟନ୍ତ ଜମିର ମାଲିକ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚିହ୍ନଟ କରାଯିବ। ତେବେ ଜମି ମାଲିକଙ୍କ ଜମି ବିଭିନ୍ନ ଏକାଧିକ ଗ୍ରାମ/ରାଜସ୍ୱ ରେକର୍ଡରେ ଦର୍ଶାଉଥିବ, ତେବେ ସେ କ୍ଷେତ୍ରରେ ସମସ୍ତ ଜମିକୁ ଏକତ୍ର ଭାବେ ଗଣତି କରାଯିବ।

ପ୍ରଥମ ପୃଷ୍ଠାରୁ...

## ବଢୁଛି ଆର୍ଥିକ...

କମାଇ ପାରିଛନ୍ତି। ଆଗରୁ କୃଷକମାନେ ବଞ୍ଚିବା ପାଇଁ ଚାଷ କରୁଥିଲେ। ଏବେ ଓଡିଶା କୃଷି କ୍ଷେତ୍ରରେ ଏକ ପ୍ରଗତିଶୀଳ ରାଜ୍ୟ ହୋଇପାରିଛି। ରାଜ୍ୟକୁ ୫ ଥର କୃଷିକର୍ମଣ ପୁରସ୍କାର ମିଳିଛି। କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇଛି। ସେତେବେଳେ ଖାଦ୍ୟ ଶସ୍ୟ ନିଅଣ୍ଟିଆ ହେଉଥିବା ବେଳେ ଏବେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସର୍ବାଧିକ ଅବଦାନକାରୀ ରାଜ୍ୟ ଭାବେ ପରିଣତ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଶିଶୁ ଓ ମାତୃ ମୃତ୍ୟୁ ହ୍ରାସ ପାଇଛି। ଶିଳ୍ପଭିତ୍ତିକ ଅଭିବୃଦ୍ଧି ହାସଲ କରିବାରେ ଦେଶର ଅନ୍ୟତମ ରାଜ୍ୟ ଏବଂ ଉତ୍ପାଦନ ପୁଞ୍ଜିନିବେଶ ଆକର୍ଷଣ କରିବାରେ ଦେଶର ପ୍ରଥମ ତିନୋଟି ରାଜ୍ୟ ମଧ୍ୟରୁ ଅନ୍ୟତମ ହୋଇପାରିଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇ ପାରିଛି। ଛାତ୍ରୀନିବାସଗୁଡ଼ିକରେ ରେକର୍ଡ ସଂଖ୍ୟକ ୬ ଲକ୍ଷ ଛାତ୍ରୀ ରହି ପାଠ ପଢୁଛନ୍ତି। ୭ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ରେ ୭୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ଆନ୍ଦୋଳନ ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳାଇ ଦେଇଛି। ୪୮ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପେନସନ ଯୋଗାଇ ଦିଆଯାଉଛି। ୬୨ ଜନଜାତି ସମ୍ପ୍ରଦାୟ ଏବଂ ୧୩ଟି ଆପଦଗ୍ରସ୍ତ ଜନଜାତି ବର୍ଗଙ୍କ ସ୍ୱତନ୍ତ୍ର ପରିଚିତି ବଜାୟ ରଖିବାକୁ ୯ଟି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି ବୋଲି ରାଜ୍ୟପାଳ କହିଛନ୍ତି। ୨୦୧୪ରୁ ଏ ପର୍ଯ୍ୟନ୍ତ ୮ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିବା ବେଳେ ୨୦୧୯ ଏପ୍ରିଲ ବେଳକୁ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି। ସ୍କିଲ୍‌ଡ ଓଡିଶା ଏବେ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ମାନ୍ୟତା ଲାଭ କରିଛି। କୃଷି କ୍ଷେତ୍ରର ଅଭିବୃଦ୍ଧି ତଥା ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଚାଷୀ, ଭାଗଚାଷୀ, ଭୂମିହୀନ କୃଷି ଶ୍ରମିକ ଉପକୃତ ହେବେ। ଜୈବିକ କୃଷି ପରିସର ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଜୈବିକ କୃଷି ନୀତି-୨୦୧୮ କାର୍ଯ୍ୟକାରୀ କରିଛନ୍ତି। ୧ ପ୍ରତିଶତ ସୁଧରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଆସନ୍ତା ଏପ୍ରିଲ ପହିଲାରୁ ବିନା ସୁଧରେ ମିଳିବ ଋଣ। କୃଷି ଯନ୍ତ୍ରପାତିକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଆରମ୍ଭ କରିଛନ୍ତି। ଚାଷୀଙ୍କୁ ୬୦ ହଜାର ମୋବାଇଲ ଫୋନ ଯୋଗାଇ ଦିଆଯାଇଛି। ୧୭୬୦ ଉଠା ଜଳ ସେଚନ ପଏଣ୍ଟଗୁଡ଼ିକୁ ମଧ୍ୟ ଯୁଦ୍ଧକାଳୀନଭିତ୍ତିରେ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ମତ୍ସ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଉଦ୍ୟମ କରାଯାଉଛି। ପ୍ରାଣୀ ସମ୍ପଦ ବିକାଶ ପାଇଁ ଦୀର୍ଘକାଳୀନ ଋଣ ଉପରେ ସୁଧ ରିହାତି ୧୬୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ପୁଷ୍କରିଣୀ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାଦ୍ ପଡିଥିବା ୨୩ ଲକ୍ଷ ହିତାଧିକାରୀଙ୍କୁ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ୩୧୪ ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ରାଜ୍ୟରେ ପିଠା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ନିଦାନ, ସହାୟ ଏବଂ ସୁନେତ୍ର ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି। ରାଜ୍ୟରେ ୪ଟି ନୂତନ ମେଡିକାଲ କଲେଜ କରାଯାଇ ଏମବିବିଏସ ସିଟ୍ ୪୫୦ରୁ ୧୦୫୦କୁ ବୃଦ୍ଧି କରାଯାଇଛି। ୨୮ ଜିଲାରେ ୧୯୦ଟି ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ୨୦୧୮-୧୯ରେ ୪୮ ଲକ୍ଷ ପିଲାଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଛି। ଚଳିତ ବର୍ଷ ୧୫୨ କୋଟି ୬୫ ଲକ୍ଷ ବ୍ୟୟରେ ୬ ଲକ୍ଷ ନବମ ଶ୍ରେଣୀ ପିଲାଙ୍କୁ ସାଇକେଲ ବଣ୍ଟନ କରାଯିବ। ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ ସଶକ୍ତୀକରଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ୯୬ ହଜାର ପରିବାର ଉପକୃତ ହେବେ। ୨୦୦୯ରୁ ୨୦୧୭ ମଧ୍ୟରେ ୨୪୯୦ ବର୍ଗ କିଲୋମିଟର ଜଙ୍ଗଲ ସୃଷ୍ଟି ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି। ଏମିତି ଆହୁରି ଅନେକ ସଫଳତା ବଖାଣିଥିଲେ ରାଜ୍ୟପାଳ। ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କଂଗ୍ରେସ ସଭ୍ୟ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ନିଜ ଅଭିଭାଷଣ ଶେଷ କରିଥିଲେ। ଏହା ପରେ ଗୃହରେ ପରଲୋକଗତ ସଦସ୍ୟ ଓ ଯବାନଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏହା ପରେ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ମଙ୍ଗଳବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।


# ମନେ ପଡ଼ନ୍ତି



### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଚଞ୍ଚଳା ପ୍ରହରାଜ**
ସ୍ୱାମୀ ୰ ଗୋବିନ୍ଦ ଚନ୍ଦ୍ର ପ୍ରହରାଜ
ଅଣ୍ଡା, ଖୋର୍ଦ୍ଧା
ତିରୋଧାନ : ୨୭/୦୧/୨୦୧୯

ବୋଉ,
ତୁ ମୁକ୍ତି ପାଇଗଲୁ ସାଂସାରିକ ଜଞ୍ଜାଳରୁ । ଆମେ ବଂଚିତ ହେଲୁ ମାତ୍ର ଆଶୀର୍ବାଦରୁ । ଆମ ସୁଖରେ ତୁ କେବେ ବାଧା ଦେଇନୁ । ଆମ ଦୁଃଖରେ ତୋ ସମଦୁଃଖୀ ମନ ଆମକୁ ସଠିକ୍ ମାର୍ଗ ଦେଖାଇ ଚାଲିଥିଲା । ଆଜି ସବୁର ଅନ୍ତ ହୋଇଗଲା ।

ତୋର ହତଭାଗ୍ୟ
ପୁଅ, ଝିଅ, ନାତି, ନାତୁଣୀ, ନାତୁଣୀବୋହୂ ଏବଂ ନାତୁଣୀ ଜୋଇଁ
ଧ-୬୫୪୬୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ




**୰କୈବଲ୍ୟ କଣ୍ଠ ଅର୍ଜୁନ ଚରଣ ସାମଲ**
ଯାଜପୁର/ନୟାପଲ୍ଲୀ
ଭୁବନେଶ୍ୱର
ଆବିର୍ଭାବ-୦୩.୦୬.୧୯୪୧
ତିରୋଧାନ-୨୬.୦୧.୨୦୧୯

ସୁନାସଂସାରକୁ ବାଲିଘର ପରି ତୁଚ୍ଛ କରି, ଆମ୍ଭମାନଙ୍କୁ ଛାଡ଼ି ଆପଣ ଚାଲିଗଲେ । ଆପଣଙ୍କ କଣ୍ଠ-କୈବଲ୍ୟକୁ ପାଥେୟ କରି ଆମ ହୃଦ-ବୈକଲ୍ୟ ପ୍ରଶମିତ ହେଉଛି । ଆପଣଙ୍କ ଶାନ୍ତି ଓ ସଦ୍‌ଗତି କାମନା କରି ରହୁଛୁ ।

ଶୋକ ସନ୍ତପ୍ତ-
ହତଭାଗିନୀ ସ୍ତ୍ରୀ, ଭାଇ-ଭାଇବୋହୂ, ଝିଅଜ୍ୱାଇଁ, ପୁଅବୋହୂ, ଓ ନାତିନାତୁଣୀମାନେ ।
ଧ-୧୦୯୫୧

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣ୍ଡା**
ବେରବୋଇ, ପୁରୀ
ଆବିର୍ଭାବ: ୬।୧୧।୧୯୪୫
ତିରୋଧାନ: ୨୭।୧।୨୦୧୯

ଆପଣ ବେରବୋଇ ଗାନ୍ଧିସ୍ମାରକ ସମିତି ଏବଂ କସ୍ତୁରବା ସେବା କେନ୍ଦ୍ର ବେରବୋଇ ସହିତ ଜଣେ ସମର୍ପିତ ସଦସ୍ୟ ଭାବରେ ପ୍ରାରମ୍ଭରୁ ଜଡ଼ିତ ଥିଲେ। ଫଳରେ ରାଜ୍ୟର ଗାନ୍ଧିବାଦୀ ପ୍ରଖ୍ୟାତ ସମାଜସେବୀମାନଙ୍କ ସହିତ ଏବଂ କସ୍ତୁରବା କେନ୍ଦ୍ରର ମୁଖ୍ୟ ସଂଚାଳିକାମାନଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ ଥିଲେ। ଏପରିକି ଅନ୍ନପୂର୍ଣ୍ଣା ମହାରଣାଙ୍କ ପରି ମହୀୟସୀ ସମାଜସେବୀଙ୍କର ପ୍ରିୟଜନ ହୋଇପାରିଥିଲେ। ଆମ ପରିବାରର ପରିଚୟ ଆପଣଙ୍କ ପାଇଁ ପରିବ୍ୟାପ୍ତ ହୋଇଥିଲା। ଆପଣଙ୍କ ବିଦାୟ ସହିତ ଆମ ପରିବାରର ପରିଚୟ ହଜିଗଲା। ଆପଣଙ୍କ ପତ୍ନୀ ଏବଂ କନ୍ୟାମାନେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୦୯୫୨

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ସୁଶୀଳା ସାହୁ**
ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା
ନ୍ୟନ୍ୟାନି ସଂଯାତି ନବାନି ଦେହୀ

ବୋଉ, ତୋର ଅନାବିଳ ସ୍ନେହ ଆମ ପାଇଁ ଅଭୁଲା, ତୋର ଆଶୀର୍ବାଦ ଆମ ପାଇଁ ହେଉ ଆଶ୍ରୟ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର- ବାବାଜୀ, ଶିବାଜୀ, ଲାଲାଜୀ, ପୁତ୍ରବଧୂ- ଜଲି, ଲୀନା, କନ୍ୟା- ଲିଲି, ଡଲି, ଜାମାତା- ରମାକାନ୍ତ,ତ୍ରିଲୋଚନ, ନାତିନାତୁଣୀ- ରାଜା, ଟିପୁ, ଶ୍ରୁତି, ସୋନୁ ଓ ବନ୍ଧୁବାନ୍ଧବ। ଧ-୬୪୯୪୩

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତା ଆଶାଲତା ବେହେରା**
ତମାଣ୍ଡୋ, ଭୁବନେଶ୍ୱର

ଆଜିର ଏହି ପବିତ୍ର ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ପୁଅ- ଚିତ୍ତରଞ୍ଜନ, ବିଷ୍ଣୁରଞ୍ଜନ, ନିରଞ୍ଜନ, ମନୋରଞ୍ଜନ ଓ ଶୋକାକୁଳ ବେହେରା ପରିବାରବର୍ଗ। ଧ-୬୦୯୪୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୨ୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ**
୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ: ତା. ୨୮।୦୧।୨୦୧୭

ଆଖି ଲୁହ ମୋର ଏଯାଏ ଶୁଖିନି ଛାତିରେ ରହୁଛି କୋହ,
ଦିନରାତି ମୁହିଁ ପୋଡି ଜାଳିହୁଏ କା ଆଗେ କହିବି କୁହ।
ତୁମେ ଥିଲ ମୋର ମନର ଦେବତା ତୁମେ ଥିଲ ମୋର ସାଥୀ,
ଯେଉଁଠି ବା ଥାଅ ଆଶୀର୍ବାଦ କର ମୋ ପିଲାଙ୍କୁ ଦିନରାତି।

ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ତୁମର ଆତ୍ମାର ଶାନ୍ତି ପାଇଁ ଭକ୍ତିପୂତ ପ୍ରଣାମ। ଶୋକସନ୍ତପ୍ତ: ସ୍ତ୍ରୀ, ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୧୫୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗୌର ପ୍ରସାଦ ଦାସ**
(M-60, ବରମୁଣ୍ଡା ଭୁବନେଶ୍ୱର)
ଆବିର୍ଭାବ: ୧୬।୧୧।୧୯୩୦
ତିରୋଧାନ: ୨୬।୦୧।୨୦୧୯

ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଓ ସାଧାରଣ ଜୀବନ ଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଶୈଳବାଳା ଦାସ, ପୁତ୍ର- ବୈଷ୍ଣବ ଚରଣ ଦାସ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୬୫୫୫୭

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶ୍ରବଣା ନକ୍ଷତ୍ରରେ ଚନ୍ଦ୍ର କର୍ମଜାଳ ବୃଦ୍ଧିଜନିତ ବ୍ୟସ୍ତତା ଅନୁଭବ କରିବେ। ଘର ପାଇଁ ଆବଶ୍ୟକୀୟ ଜିନିଷପତ୍ର କ୍ରୟ କରିବା ଦିଗରେ ବିଚାରବିମର୍ଶ ଚଳାଇପାରନ୍ତି। ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟସିଦ୍ଧିରୁ ଯେତିକି ଖୁସି ହେବେ ଭ୍ରାତୃବିବାଦ ଓ ବନ୍ଧୁସମ୍ପର୍କ ହାନିରୁ ସେତିକି ଦୁଃଖୀ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ବୃଷ**
ରବି ତୃତୀୟାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କୁ ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ଘରୋଇ କାମରେ ନିୟୋଜିତ କରାଇବାର ସ୍ଥିତି ଆସିବ। କିନ୍ତୁ ଅସ୍ଥିରମନ ନେଇ,ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ସମାଲୋଚିତ ହେବାକୁ ପଡିପାରେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଅର୍ଥ, ସ୍ଥଗିତ କାମର ପୁନରୁଦ୍ଧାର କରିବା ପାଇଁ ଚେଷ୍ଟା କରିବେ।

**ମିଥୁନ**
ଧନିଷ୍ଠା ନକ୍ଷତ୍ରସ୍ଥ ବୁଧ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ସ୍ନାୟବିକ ଦୁର୍ବଳତାଜନିତ ପୀଡା କିମ୍ବା ଅସାବଧାନତା କାରଣରୁ ଆଘାତପ୍ରାପ୍ତିର ସୂଚନାକୁ ଏଡାଇ ଦିଆଯାଇ ନ ପାରେ। ସ୍ଥଗିତ ଫାଇଲ କାମ କିମ୍ବା ଦାୟିତ୍ୱରେ ଅବହେଳାଜନିତ କର୍ମ କ୍ଷେତ୍ରରେ କୈଫିୟତ ଦେବାକୁ ପଡିବ।

**କର୍କଟ**
ଶୁକ୍ରଙ୍କ ମୂଳା ନକ୍ଷତ୍ରରେ ସଂସ୍ଥିତି ଆପଣଙ୍କୁ ପାରିବାରିକ କ୍ଷେତ୍ରରେ କିମ୍ବା ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପକାଇପାରେ। କେତେକ କ୍ଷେତ୍ରରେ କ'ଣ କରିବେ କିମ୍ବା ନ କରିବେ ସ୍ଥିର ସିଦ୍ଧାନ୍ତ ନ ନେଇ ଅସୁବିଧାରେ ପଡିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ଅର୍ଥ ସମ୍ପର୍କ, ଆଲୋଚନା କିମ୍ବା ପରାମର୍ଶରୁ କେତେକାଂଶରେ ସଫଳତା ପାଇବ ଆଶା କରାଯାଇପାରେ।

**ସିଂହ**
ମଙ୍ଗଳ ନିଜ ନକ୍ଷତ୍ରସ୍ଥ ହୋଇ ବୃହସ୍ପତି କ୍ଷେତ୍ରରେ ରହିଥିବାରୁ ଘରର ବାକିଆ କାମ,ବନ୍ଧୁଙ୍କ ପରାମର୍ଶରେ ହାସଲ କରିପାରିବେ। ଜମିଜମା କିମ୍ବା ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ଚୁକ୍ତିନାମା, ବିବାଦର ସମାଧାନ କ୍ଷେତ୍ରରେ ଆଉ ମାତ୍ର ପାଦେ ଆଗକୁ ବଢିପାରନ୍ତି। କିନ୍ତୁ ମଘା ନକ୍ଷତ୍ର ପ୍ରତ୍ୟେକ କଥା ଓ କାମରେ ଅଯଥା ଭୟ ଓ ଆଶଙ୍କାଗ୍ରସ୍ତ ହୋଇପାରନ୍ତି।

**କନ୍ୟା**
ଜ୍ୟେଷ୍ଠା ନକ୍ଷତ୍ରରେ ଦେବଗୁରୁ କାର୍ଯ୍ୟ ହାସଲ ସକାଶେ ଅନୁକୂଳ ସାହାଯ୍ୟ, ସହଯୋଗ ଆତ୍ମୀୟ ସ୍ୱଜନଙ୍କ ମାଧ୍ୟମରେ ଯୋଗାଇ ଦେଇପାରନ୍ତି। କେବଳ ମନରେ ଚିନ୍ତା ନ କରି ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ। ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନରେ ସଫଳତା ପାଇପାରିବେ।

**ତୁଳା**
ରାଶି ପ୍ରତି ଯୋଗକାରକ ଶନିଶ୍ଚର ପୂର୍ବାଷାଢା ନକ୍ଷତ୍ରରେ ଅବସ୍ଥାନ କରି କୌଣସି ମହିଳାବନ୍ଧୁଙ୍କ ସହାୟତାରେ ଲକ୍ଷ୍ୟପୂରଣ କରିପାରନ୍ତି । ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତି ପାଇଁ ଦିନଟି ଅନୁକୂଳ ରହିବ । କୌଣସି ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି।

**ବିଛା**
ଆତ୍ମୀୟଙ୍କ ସମ୍ପର୍କହାନି କିମ୍ବା ପର ଉପରେ ଅଭିମାନ କରି ବର୍ତ୍ତମାନର ସୁଯୋଗର ସଦ୍ ବ୍ୟବହାରକୁ ହରେଇପାରନ୍ତି। ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟ,ପରିବହନ,ବନ୍ଧୁ ସମ୍ପର୍କରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ। ସ୍ୱାସ୍ଥ୍ୟ ସମସ୍ୟା, ସ୍ଥଗିତ କାମ ଓ ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ଉନ୍ନତି ଘଟିବ।

**ଧନୁ**
ଚନ୍ଦ୍ର ଓ ମଙ୍ଗଳଙ୍କ ପାରସ୍ପରିକ ଦୃଷ୍ଟିର ଅଭାବ ଯୋଗୁ ଆପଣଙ୍କ ସମସ୍ୟା ଆଗକୁ ବଢି ନ ପାରେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ସଂକୁଚିତ ଅର୍ଥନୀତି, କାର୍ଯ୍ୟ ସାଧନରେ ଶିଥିଳତା ଓ ସାହାଯ୍ୟ, ସହଯୋଗର ଅଭାବ ମନସ୍ତାପର କାରଣ ହୋଇପାରେ।

**ମକର**
ରାଶିରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ଅନେକ କାମର ଯୋଜନା ,ଏକାଧିକ ଚିନ୍ତାରେ ନିମଗ୍ନ କରାଇପାରେ। ଫଳତଃ ମାନସିକ ଅସ୍ଥିରତା କାରଣରୁ ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ସମ୍ପର୍କହାନି,ଅର୍ଥାଭାବ ସାଙ୍ଗକୁ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହି ନ ପାରେ।

**କୁମ୍ଭ**
ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି,ବନ୍ଧୁଙ୍କ ପ୍ରତାରଣା ଓ ଅର୍ଥପ୍ରାପ୍ତିର ଅବରୁଦ୍ଧତା ଆଜିର ମୁଖ୍ୟ ଚିନ୍ତାରୂପେ ଉଭା ହୋଇପାରେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସାଙ୍ଗକୁ କାର୍ଯ୍ୟସାଧନ ଦିଗରେ ବନ୍ଧୁଙ୍କ ସହ ବିଚାରବିମର୍ଶ ଚଳାଇପାରନ୍ତି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**
ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ କର୍ମ ପରିସରକୁ ବୃଦ୍ଧି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ବ୍ୟବସାୟ, ଯାତ୍ରା ପାଇଁ ଦିନଟି ମଧ୍ୟମ ପ୍ରକାରର ରହିବ। କଳା, ସାହିତ୍ୟ, ରାଜନୀତି, ସଭାସମିତି, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ମାଘ ଶୁକ୍ଳ ପ୍ରତିପଦା ମଙ୍ଗଳବାର, ଫେବୃୟାରୀ ୫ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଶରଣଂ, ଦିବା ଘ୯।୧୨ମି. ଗତେ ଘ୧୦।୩୬ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୪ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୩୫ମି. ଗତେ, ଘ୧୨।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୨।୪୮ମି. ଗତେ ଘ୪।୧୩ମି. ମଧ୍ୟେ ରାହୁକାଳ।



ଆମେରିକୀୟ ଦମ୍ପତି ଜେରି ଏବଂ ମାର୍ଗେ ସେଲ୍‌ବି ଲଟେରି ଗେମ୍‌ରେ ୨୦୦ କୋଟି ଟଙ୍କା ଜିତି ପାରିଛନ୍ତି। ଏଥିପାଇଁ ସେମାନେ ଗଣିତକୁ ଗୁରୁତ୍ୱ ଦେଇଛନ୍ତି। ଜେରି ମ୍ୟାଥମେଟିକ୍ସରେ ଜଣେ ଅଣ୍ଡରଗ୍ରାଜୁଏଟ୍ ଡିଗ୍ରୀ।






## ଲାଞ୍ଚ: ଅବକାରୀ ଏସ୍‌ଆଇ ଗିରଫ

**କଟକ ଅଫିସ, ୪।୨:** ୩ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଗତ୍‌ସିଂହପୁର ଅବକାରୀ ସବ୍‌ଇନ୍ସପେକ୍ଟର ରଞ୍ଜିତ କୁମାର ମହାନ୍ତି। ସେ ଏହି ଲାଞ୍ଚ ଟଙ୍କା ତିର୍ତ୍ତୋଲ ଥାନା ଦରବା ଗ୍ରାମର ଲକ୍ଷ୍ମୀଧର ମହାରଣାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ୨୦୧୮ ଅକ୍ଟୋବର ୨୯ରେ ଲକ୍ଷ୍ମୀଧରଙ୍କ ଏକ ଇଣ୍ଡିଗୋ କାର୍‌କୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲା। କାରଣ ଏହି କାର୍‌ରେ ମଦ ରହିଥିଲା। ହେଲେ କାର୍‌ରେ ଥିବା ଏକ ଏଲ୍‌ସିଡିକୁ ଅବକାରୀ ବିଭାଗ ପକ୍ଷରୁ ଜୋରଜବରଦସ୍ତ ଖୋଲି ନିଆଯାଇଥିଲା। ମାତ୍ର ତାହାକୁ ଜବତ ତାଲିକାରେ ଦର୍ଶାଯାଇ ନ ଥିଲା। ଉକ୍ତ ଏଲ୍‌ସିଡିକୁ ଫେରସ୍ତ ଦେବା ପାଇଁ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଅନୁଯାୟୀ ସୋମବାର ଜଗତ୍‌ସିଂହପୁର ବଜାରର ଏକ ପାନ ଦୋକାନ ନିକଟରେ ସବ୍‌ଇନ୍ସପେକ୍ଟର ମହାନ୍ତି ଲକ୍ଷ୍ମୀଧରଙ୍କଠାରୁ ୩ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ମହାନ୍ତିଙ୍କ ଜଗତ୍‌ସିଂହପୁର ସହରର ଜୟବଡ଼ଠାରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ୫/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ମହାନ୍ତିଙ୍କୁ ଗିରଫ କରାଯାଇଛି।

# ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ଭାଜପା ପ୍ରସ୍ତୁତ

ଭୁବନେଶ୍ୱର, ୪।୨(ବ୍ୟୁରୋ)

ବିଧାନସଭା ବଜେଟ ଅଧିବେଶନରେ ଶାସକ ଦଳକୁ ଘେରିବା ଲାଗି ସୋମବାର ଭାଜପା ବିଧାୟକ ଦଳ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ବସିଥିବା ବୈଠକରେ ଶାସକ ଦଳକୁ ଘେରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ୨୦୧୯ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବାରୁ କମ୍ ସମୟ ମଧ୍ୟରେ ଶାସକ ଦଳକୁ ଅଡୁଆରେ ପକାଇବା ଭଳି ମୁଖ୍ୟ ପ୍ରସଙ୍ଗଗୁଡ଼ିକ ନେଇ ଭାଜପା ନିଜର ପ୍ରସ୍ତୁତି କରିଛି। ମୁଖ୍ୟତଃ ରାଜ୍ୟରେ ଦେଖାଦେଇଥିବା ଚାଷୀ ଓ ଚାଷ ସମସ୍ୟା, ମଣ୍ଡି ନ ଖୋଲିବା, କଟ୍‌ନି ଛଟ୍‌ନି ଆଳରେ କୁଇଣ୍ଟାଲ ପ୍ରତି ୫/୭ କୁଇଣ୍ଟାଲ ଧାନ କାଟିବା, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ବୃଦ୍ଧି କରିବା ପରେ ରାଜ୍ୟ ସରକାର ଚାଷୀଙ୍କଠାରୁ ସେହି ମୂଲ୍ୟରେ ଧାନ ନ କିଣିବା ଆଦି ପ୍ରସଙ୍ଗ ଉଠାଯିବ ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ବୃଦ୍ଧି ପାଇଥିବା ମହିଳା ଅତ୍ୟାଚାର, ପିସି କାରବାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଥ୍ୟା ତଥ୍ୟ ରଖିବା, ୩ଶହ କୋଟି ଟଙ୍କାର ଚିଟ୍‌ଫଣ୍ଡ କର୍ପସ ଫଣ୍ଡର ଘୋଟାଲା, ପାନୀୟ ଜଳ ସମସ୍ୟା, ଶ୍ରୀମନ୍ଦିର ପରିଚାଳନା ଅବ୍ୟବସ୍ଥା, ଡିଏମଏଫର ଠିକ୍ ବିନିଯୋଗ ନ ହେବା, ରାଜ୍ୟରେ ବେକାରି ଯୁବତୀ, ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ ସେମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ନ କରିବା ଭଳି ପ୍ରସଙ୍ଗ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଠାଇବ ବୋଲି ପ୍ରଦୀପ ସୂଚନା ଦେଇଛନ୍ତି । ଅନ୍ୟପଟେ ମୋଦି ସରକାର ଗରିବ ଲୋକଙ୍କ ପାଇଁ ଅନେକ ଜନହିତକର ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଏଠି ଶାସକ ଦଳର ଅପାରଗତା ଯୋଗୁ ଯୋଗ୍ୟ ହିତାଧିକାରୀ ସମସ୍ତ ଯୋଜନାରୁ ବଞ୍ଚିତ ରହୁଛନ୍ତି। କେନ୍ଦ୍ର ସରକାର ରାଜ୍ୟର ବିକାଶ ପାଇଁ ଗତ ୫ ବର୍ଷରେ ୫ ଲକ୍ଷ ୧୩ ହଜାର କୋଟିର ଅନୁଦାନ ଦେବାପରେ ରାଜ୍ୟ ସରକାର ସେହି ଅର୍ଥକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିପାରୁ ନାହାଁନ୍ତି। ବିଧାନସଭାରେ କେନ୍ଦ୍ରୀୟ ଅନୁଦାନର ଟିକିନିଖି ହିସାବ ମଗାଯିବା ସହ ବିଗତ ଦିନରେ ପ୍ରଚାର ସର୍ବସ୍ୱ ବିଜେଡି କରିଥିବା ସମସ୍ତ ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ କରାଯିବ ବୋଲି ପ୍ରଦୀପ କହିଛନ୍ତି।

### ବିଧାନସଭା ବଜେଟ ଅଧିବେଶନ

# ରାଜ୍ୟପାଳଙ୍କ ଅଭିଭାଷଣ ନେଇ ମିଶ୍ରିତ ପ୍ରତିକ୍ରିୟା

ଭୁବନେଶ୍ୱର,୪।୨(ବ୍ୟୁରୋ)

ବିଧାନସଭା ବଜେଟ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ପ୍ରଥମ ଦିନ ରାଜ୍ୟପାଳ ଗଣେଶୀ ଲାଲ ସରକାରଙ୍କ ପକ୍ଷରୁ ବାର୍ଷିକ ରିପୋର୍ଟ ଅଭିଭାଷଣ ପ୍ରଦାନ କରିଛନ୍ତି। ଶାସକ ଦଳର ସଦସ୍ୟ ଏହାକୁ ସ୍ୱାଗତ କରିଥିବା ବେଳେ ବିରୋଧୀ ଦଳଗୁଡିକ ବିରୋଧ କରିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ରାଜ୍ୟପାଳଙ୍କ ଅଭିଭାଷଣକୁ ପ୍ରତିବାଦ କରି କଂଗ୍ରେସ ଦଳର ସଦସ୍ୟମାନେ କକ୍ଷ ତ୍ୟାଗ କରିଛନ୍ତି। ଜଣେ ବ୍ୟକ୍ତି ଗୃହ ବାହାରେ ପ୍ରଚାରକ ଏବଂ ଗୃହ ମଧ୍ୟରେ ସ୍ଥାବକ । ସାମ୍ବିଧାନିକ ପଦପଦବୀରେ ଥାଇ କୌଣସି ଲୋକ ଦଳୀୟ ରାଜନୀତି କରିବା ଉଚିତ ନୁହେଁ। ତେଣୁ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିବା ଯଥାର୍ଥ ବୋଲି ନରସିଂହ କହିଛନ୍ତି।

ସେହିପରି ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ମଣ୍ଡିରେ ଧାନ ପଡିଛି। ଚିଟଫଣ୍ଡ ଟଙ୍କା ଫେରସ୍ତ ହେଉନାହିଁ। ରାଜ୍ୟର ଋଣଭାର ବଢି ଚାଲିଛି। ହେଲେ ସେ ସମ୍ପର୍କରେ ଅଭିଭାଷଣରେ କୌଣସି ଉଲ୍ଲେଖ ନାହିଁ। ରାଜ୍ୟପାଳ ମହୋଦୟଙ୍କ ଜରିଆରେ ରାଜ୍ୟ ସରକାର ମିଥ୍ୟାତଥ୍ୟ ପ୍ରଦାନ କରିଛନ୍ତି। ରାଜ୍ୟ ରାଜକୋଷକୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ପ୍ରଦୀପ କହିଛନ୍ତି। ଅପରପକ୍ଷରେ ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅମର କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳ ଅଭିଭାଷଣ ରଖିଛନ୍ତି। ରାଜ୍ୟ ସରକାରଙ୍କ ବିଗତ ବର୍ଷଗୁଡ଼ିକରେ ରହିଥିବା ସାମଗ୍ରିକ ବିକାଶକୁ ଆଧାର କରି ବକ୍ତବ୍ୟ ରଖାଯାଇଛି। କେନ୍ଦ୍ରରେ ମଧ୍ୟ ସମାନ ପରମ୍ପରା ଅବଲମ୍ବନ କରାଯାଇଥାଏ। ସରକାରଙ୍କ ଉପଲବ୍ଧି ସମ୍ପର୍କରେ ରାଷ୍ଟ୍ରପତି ବକ୍ତବ୍ୟ ରଖିଥାଆନ୍ତି। ତେଣୁ ଏହାକୁ ନେଇ ରାଜନୀତି ନ ହେଉ।

## ବିଧାନସଭାରେ ଶୋକ

ଭୁବନେଶ୍ୱର,୪।୨(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ଯବାନଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବିଧାନସଭାର ପୂର୍ବତନ ସଦସ୍ୟ ଚୈତନ୍ୟ ପ୍ରସାଦ ମାଝି, ନିତ୍ୟାନନ୍ଦ ଗଡ଼ତିଆ, ରାଜକିଶୋର ପ୍ରଧାନ, ପର୍ଶୁରାମ ପଣ୍ଡା, ରତ୍ନମଞ୍ଜରୀ ଦେବୀ ଏବଂ ୪୬ ରାଷ୍ଟ୍ରୀୟ ରାଇଫଲର ପୂର୍ବତନ ଲାନ୍ସ ନାଏକ ହେମନ୍ତ କୁମାର ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରି ପରଲୋକଗତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିଥିଲେ।


### ୫୦ହଜାର ଟଙ୍କା ଲାଞ୍ଚ

# ଜଳ ପରିମଳ ବିଭାଗ ଯନ୍ତ୍ରୀ ଗିରଫ

କଟକ ଅଫିସ, ୪।୨

୫୦ହଜାର ଟଙ୍କା ଲାଞ୍ଚ ନେଇ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବୌଦ୍ଧ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟ। ଯନ୍ତ୍ରୀ ସାମନ୍ତରାୟ ଏହି ଲାଞ୍ଚ ଟଙ୍କା ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ମିତ୍ରଭାନୁ ପ୍ରଧାନଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ମିତ୍ରଭାନୁ ଖୁଣ୍ଟାବନ୍ଧ ପଞ୍ଚାୟତର ଜହ୍ନପା ଗ୍ରାମରେ ଏକ ସୋଲାର ୱାଟର ସପ୍ଲାଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉକ୍ତ ପ୍ରକଳ୍ପ ବାବଦ ବିଲ୍ ପ୍ରସ୍ତୁତ ପାଇଁ ସହକାରୀ ଯନ୍ତ୍ରୀ ସାମନ୍ତରାୟ ତାଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସୋମବାର ଅପରାହ୍ନ ସାଢେ ୪ଟାରେ ଯନ୍ତ୍ରୀ ସାମନ୍ତରାୟ ନିଜ ଅଫିସରେ ବସି ଭାବଗ୍ରାହୀଙ୍କଠାରୁ ଲାଞ୍ଚ ଟଙ୍କାକୁ ଗ୍ରହଣ କରି ନିଜ ପ୍ୟାଣ୍ଟ ପକେଟରେ ରଖିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯନ୍ତ୍ରୀ ସାମନ୍ତରାୟଙ୍କ ବୌଦ୍ଧଠାରେ ଥିବା ଆବାସିକ କ୍ୱାର୍ଟର୍ସକୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ସାମନ୍ତରାୟଙ୍କୁ ଗିରଫ କରାଯାଇଛି।



ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ଧନକୁ ଦେଖି ତା'ର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ ନେବ ନାହିଁ ତା'ର ଦାରିଦ୍ର୍ୟ ଲାଗି। ରାଜାର ଶକ୍ତି ଐଶ୍ୱର୍ଯ୍ୟ ଦେଖି ତାଙ୍କ ପକ୍ଷ ବି ନେବ ନାହିଁ। ଜନଗଣଙ୍କ ଆଶା ଓ ଉତ୍ସାହ ଦେଖି ସେମାନଙ୍କ ପକ୍ଷ ବି ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ଇ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ତୁମର ସମସ୍ତ ପ୍ରାଣ ଓ ଶକ୍ତି ଦେଇ ଆନନ୍ଦରେ ତାହା ମଧ କରିବ। –ଶ୍ରୀଅରବିନ୍ଦ



# ଅସ୍ୱାଦପୂର୍ଣ୍ଣ ସିବିଆଇ

ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରବେଶକୁ ନେଇ ଦେଶର ରାଜନୀତି ସରଗରମ ହୋଇଛି। ରୋଜ୍‌ଭ୍ୟାଲି ଓ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ୩ ଫେବୃୟାରୀ ୨୦୧୯ରେ ଯାଇଥିବା ସିବିଆଇର ଏକ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ବିଶେଷକରି କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ପ୍ରଶ୍ନ ପଚାରିବା ନେଇ ଏହି ଟିମ୍ ଅଣବୃତ୍ତିଗତ ଢଙ୍ଗରେ ଯାଇଥିବା ଜଣାପଡ଼ିବା ପରେ ତାଙ୍କ ସୁରକ୍ଷାରେ ବାହାରି ପଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏପରିକି ମେଟ୍ରୋ ସିନେମା ହଲ୍ ନିକଟରେ ସେ ୩ ଫେବୃୟାରୀ ରାତିରୁ ଧାରଣାରେ ବସିରହିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ପଶ୍ଚିମବଙ୍ଗରେ ସିବିଆଇକୁ ପୂରାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସାମ୍ବିଧାନିକ ସଂସ୍ଥାକୁ ନ୍ୟୂନ ସ୍ତରକୁ ନେବାକୁ ଚାହୁଁଥିବା କହିଛନ୍ତି। ମୋଦି ଯାହା କହୁଛନ୍ତି, ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ତାହାକୁ ପାଳନ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। ମୋଦି ସରକାର ସମ୍ବିଧାନରେ ଥିବା ସଂଘୀୟ ବ୍ୟବସ୍ଥାକୁ ଜାଣିଶୁଣି ଦୁର୍ବଳ କରୁଛନ୍ତି ବୋଲି ମମତା ଯେଉଁ ଅଭିଯୋଗ କରୁଛନ୍ତି, ଏହାର ପ୍ରମାଣ ମଧ୍ୟ ଅତୀତରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ କେନ୍ଦ୍ର ମଧ୍ୟରେ ଦେଖା ଦେଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ପ୍ରମାଣ ନଷ୍ଟ ସହ ତଦନ୍ତରେ ବାଧା ସୃଷ୍ଟି କରିଥିବାରୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ନେଇ ସିବିଆଇ ୪ ଫେବୃୟାରୀ ୨୦୧୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ପୋଲିସ କମିଶନରଙ୍କୁ ପ୍ରଶ୍ନ ପଚାରିବା ନେଇ ସିବିଆଇ ଆବଶ୍ୟକ ପ୍ରମାଣ ନେଇ ଯାଇ ନ ଥିବା ଦର୍ଶାଇ ମାମଲାର ଶୁଣାଣି ୫ ଫେବୃୟାରୀରେ କରିବେ ବୋଲି କହିଛନ୍ତି। ସେପଟେ ରାଜୀବଙ୍କୁ ପଚରାଉଚୁରା ପାଇଁ ସିବିଆଇ କରିଥିବା ଉଦ୍ୟମ ସଂକ୍ରାନ୍ତରେ ତୁରନ୍ତ ଶୁଣାଣି କରିବା ଲାଗି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ କଲିକତା ହାଇକୋର୍ଟ ରାଜି ହୋଇ ନାହାନ୍ତି। ରାଜନୈତିକ ବ୍ୟକ୍ତି ଭାବେ ମମତାଙ୍କ ଧାରଣା ସ୍ଥଳରେ ପୋଲିସ କମିଶନର ରାଜୀବଙ୍କ ଉପସ୍ଥିତି ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କଲାଣି। ପଶ୍ଚିମବଙ୍ଗରେ ଦେଖାଦେଇଥିବା ଡ୍ରାମାର ପ୍ରତିଫଳନ ପାର୍ଲାମେଣ୍ଟରେ ମଧ ଦେଖିବାକୁ ମିଳିଛି। ସିବିଆଇକୁ ମୋଦି ସରକାର ହାତବାରିସି କରିଛନ୍ତି ବୋଲି ବିରୋଧୀ କହିବା ପରେ ହଟ୍ଟଗୋଳ ସୃଷ୍ଟି ହେବାରୁ ଉଭୟ ଗୃହକୁ ୪ ଫେବୃୟାରୀରେ ଦିନକ ପାଇଁ ମୁଲତବୀ କରିବାକୁ ପଡ଼ିଛି।

ସାରଦା ଚିଟ୍‌ଫଣ୍ଡରେ ରାଜନୈତିକ ବ୍ୟକ୍ତି, ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ବାରମ୍ବାର ଲୋକଲୋଚନକୁ ଆସିଛି। ପଶ୍ଚିମବଙ୍ଗରେ ଶାସକ ଦଳର ଅନେକ ବ୍ୟକ୍ତି ଏହା ସହିତ ଜଡ଼ିତ ଥିବା ଅଭିଯୋଗ ହେଉଛି। ରାଜ୍ୟ ପୋଲିସ ଏହି ମାମଲାରେ ଠିକ୍ ଅନୁସନ୍ଧାନ କରୁ ନ ଥିବା ଜାଣିବା ପରେ ସୁପ୍ରିମକୋର୍ଟ ୨୦୧୪ ମେ'ରେ ଏହାର ତଦନ୍ତ ସିବିଆଇ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏପରି କି ବର୍ତ୍ତମାନର ପୋଲିସ କମିଶନର ରାଜୀବଙ୍କ ଭୂମିକା ରହିଥିବା ବିଷୟ ସିବିଆଇ ତରଫରୁ କୁହାଯାଉଥିବା ହେତୁ ତାଙ୍କୁ ସାକ୍ଷୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି।

ରାଜ୍ୟ ଓ କେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେବା ଓ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ରାଜନୈତିକ ଦଳଗୁଡ଼ିକୁ ଏକାଠି କରି କୋଲକାତାରେ ରାଲି କରିବା ଆଦି ଘଟଣାକୁ ଦେଖିଲେ ମମତା କେନ୍ଦ୍ର ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇ ଚାଲିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟ ଅତୀତରେ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟର ବିନା ଅନୁମତିରେ ସିବିଆଇ ପ୍ରବେଶ କରିପାରିବ ନାହିଁ ବୋଲି ଘୋଷଣା କରିଥିଲେ। ଏବର ପରିସ୍ଥିତି ଦେଖିଲେ ମମତାଙ୍କ ଗତିରୋଧ କରିବା ଲାଗି କେନ୍ଦ୍ର ସାମ୍ବିଧାନିକ ବ୍ୟବସ୍ଥା ଜରିଆରେ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିଦେଇପାରନ୍ତି ବୋଲି କଥା ଉଠିଲାଣି। ହେଲେ ବର୍ତ୍ତମାନ ପରିସ୍ଥିତିରେ ମୋଦିଙ୍କ ପାଖରେ ସେଭଳି ନୈତିକ ସାହସ ଥିବା ଭଳି ମନେହେଉ ନାହିଁ। ମୋଟାମୋଟି ଦେଖିଲେ ପରିସ୍ଥିତି ମମତାଙ୍କ ସପକ୍ଷରେ ଥିବା ଭଳି ଦୃଶ୍ୟମାନ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ୪ ଫେବୃୟାରୀରେ ପାର୍ଲାମେଣ୍ଟରେ ଅଣଭାଜପା ଦଳଗୁଡ଼ିକର ସମୂହ ସମର୍ଥନ ମମତାଙ୍କୁ ଶକ୍ତିଶାଳୀ କରିପାରିଛି। ବିଶେଷକରି ବିଜୁ ଜନତା ଦଳ (ବିଜେଡି)ର ସମର୍ଥନ ଗୃହରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନୈତିକ ଦୃଷ୍ଟିରୁ ସଂଘୀୟ ବ୍ୟବସ୍ଥାକୁ ସମର୍ଥନ କରିବାକୁ ଯାଇ ବିଜେଡି ଦ୍ୱାରା ସିବିଆଇର କାର୍ଯ୍ୟାନୁଷ୍ଠାନକୁ ବିରୋଧ ସାମ୍ବିଧାନିକ ଦୃଷ୍ଟିରୁ ଉଚିତ ପଦକ୍ଷେପ ଭାବେ ପରିଲକ୍ଷିତ ହୋଇଛି।

ଏହି ପରିପ୍ରେକ୍ଷୀରେ ସିବିଆଇର ଅତୀତକୁ ଦେଖିଲେ ବିବାଦୀୟ ଚିତ୍ର ସାମ୍ନାକୁ ଆସୁଛି। ଉପା–୨ ସରକାର ଅମଳରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସିବିଆଇକୁ 'ପଞ୍ଜୁରି ଭିତର ଶୁଆ ଓ ସେ ତା' ମୁନିବ (କେନ୍ଦ୍ର) କଥାରେ ଚାଲୁଛି' ବୋଲି ମତ ଦିଆଯାଇଥିଲା। କିନ୍ତୁ ମୋଦି ସରକାରଙ୍କ ସମୟରେ ଏହା ଅଧିକ ଅଧଃପତନ ଆଡ଼କୁ ଚାଲିଯାଇଛି। କିଛି ମାସର ଘଟଣାକୁ ଦେଖିଲେ ସଂସ୍ଥାର ଶୀର୍ଷ ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ଘଟି ସ୍ଥିତି କେଉଁ ସ୍ତରକୁ ଯାଇଛି ତାହା କାହାରିକୁ ଅଛପା ନାହିଁ। ଏହାଛଡ଼ା ମୋଦି ସରକାରଙ୍କ ଶାସନ କାଳରେ ଆର୍‌ବିଆଇ, ନିର୍ବାଚନ କମିଶନ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ଅନେକ ସାମ୍ବିଧାନିକ ଓ ବୈଧାନିକ ସଂସ୍ଥାର ସ୍ୱାତନ୍ତ୍ର୍ୟ ହ୍ରାସ ପାଇବା ଦୃଷ୍ଟାନ୍ତ ରହିଛି। ରାଜନୈତିକ ଉଦ୍ଦେଶ୍ୟ ପୂରଣ ଦିଗରେ ମୋଦି–ଶାହଙ୍କ ଯୋଡ଼ି କିଛିବି କରିପାରନ୍ତି ବୋଲି ବିରୋଧୀ ବାରମ୍ବାର ଅଭିଯୋଗ କରିଚାଲିଛନ୍ତି। ତାହା ଏବେ ଦେଶବାସୀଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ ହେବାକୁ ଆରମ୍ଭ ହେଲାଣି। ବର୍ତ୍ତମାନ ପରିସ୍ଥିତିକୁ ଅନିଷା କଲେ ମମତାଙ୍କ ହାତରେ କେନ୍ଦ୍ର ସରକାରଙ୍କ ଭୁଲ ଧରାପଡ଼ିଯାଇଛି। ପୁଣି ସାଧାରଣ ନିର୍ବାଚନ ନିକଟରେ ଥିବା ବେଳେ ସିବିଆଇ ଅଚାନକ ଯେଉଁଠାରେ ଚଢ଼ାଉ କରୁଛି ତାହା ସନ୍ଦେହ ସୃଷ୍ଟି କରୁଛି। ୪ ଫେବୃୟାରୀ ୨୦୧୯ରେ ସିବିଆଇର ନୂଆ ନିର୍ଦ୍ଦେଶକ ଭାବେ ଋଷି କୁମାର ଶୁକ୍ଲା ଦାୟିତ୍ୱ ନେଇଛନ୍ତି। ୫ ଫେବୃୟାରୀରେ ସର୍ବୋଚ୍ଚ ନ୍ୟାୟାଳୟ କୋଲକାତା ଘଟଣା ଉପରେ ଶୁଣାଣି କରିବେ। ଏଭଳି ପ୍ରଚ୍ଛଦପଟରେ ଋଷିଙ୍କ ଦାୟିତ୍ୱ ଗ୍ରହଣ ଅସ୍ୱାଦପୂର୍ଣ୍ଣ ସ୍ଥିତିରୁ ଆରମ୍ଭ ହେଉଛି ବୋଲି କୁହାଯାଇପାରେ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | | | A | | | | 8 | 1 |
| | | E | | | | A | | | | | 7 | | | |
| | | 7 | 5 | | | | 4 | 8 | 3 | | | E | 2 | 6 |
| | | | E | A | | | | 6 | | | | D | 7 | |
| | | 2 | | | 7 | | | | 4 | D | | 9 | B | |
| | | 8 | 4 | B | | C | | 0 | E | A | | | | |
| 4 | | | | | C | | | B | 1 | | | | | |
| | | | | | | | | | | | D | | 1 | |
| 6 | A | | | | 9 | | E | | B | 5 | | 4 | 3 | |
| 5 | E | B | | 3 | 1 | 7 | | | | | | | | |
| | | | | | 8 | | 5 | D | 9 | C | 0 | | | |
| | | D | | 1 | E | | C | | | | 6 | | | |
| | 1 | | | 9 | | E | | 4 | | | | 2 | | |
| 8 | 2 | 5 | | | | | 6 | 7 | | | | | | 4 |
| C | | | A | 4 | 2 | | 8 | 9 | | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 9 | 2 | 4 | 6 | E | B | A | 5 | 3 | C | D | 0 | 8 |
| A | 5 | 8 | E | B | 0 | 4 | D | 2 | 6 | 9 | 7 | 1 | 3 | C |
| B | 6 | 3 | D | 7 | C | 5 | 8 | 1 | 0 | A | 4 | E | 9 | 2 |
| 0 | C | E | 1 | 8 | 5 | 3 | 9 | 7 | D | B | 2 | 4 | 6 | A |
| 4 | D | 2 | 3 | 9 | A | 0 | C | 6 | 1 | 8 | E | 7 | 5 | B |
| D | 9 | 6 | A | E | 3 | 7 | 2 | C | B | 5 | 0 | 8 | 4 | 1 |
| 8 | E | 0 | 7 | C | D | 6 | 5 | B | A | 4 | 1 | 9 | 2 | 3 |
| 7 | 1 | 4 | 9 | 5 | 2 | A | E | D | 3 | 6 | 8 | B | C | 0 |
| 3 | B | C | 6 | 1 | 4 | 9 | 0 | 8 | 7 | 2 | D | 5 | A | E |
| 5 | 2 | A | 8 | 0 | B | 1 | 3 | 4 | C | E | 9 | 6 | 7 | D |
| 2 | 3 | 7 | 4 | A | 1 | C | 6 | 9 | 8 | D | B | 0 | E | 5 |
| C | 0 | B | 5 | 6 | 8 | 2 | 1 | E | 9 | 7 | A | 3 | D | 4 |
| E | 4 | 1 | C | D | 9 | B | 7 | 5 | 2 | 0 | 3 | A | 8 | 6 |
| 6 | A | D | B | 3 | 7 | 8 | 4 | 0 | E | C | 5 | 2 | 1 | 9 |
| 9 | 8 | 5 | 0 | 2 | E | D | A | 3 | 4 | 1 | 6 | C | B | 7 |

ଗତକାଲିର ଉତ୍ତର

# ପ୍ରକୃତିର ଆହ୍ୱାନ

ବୈକୁଣ୍ଠନାଥ ମିଶ୍ର

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ବିଶ୍ୱବାସୀଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମେ ବର୍ତ୍ତମାନ ଯେଉଁ ସ୍ତରରେ ଉପନୀତ ହୋଇଛୁ, ସେଥିରୁ ଅପସୃତ ହେବାର ସମ୍ଭାବନା କ୍ଷୀଣ। ଯେଉଁ ଦ୍ରବ୍ୟ ବ୍ୟବହାରରେ ଆମେ ଅଭ୍ୟସ୍ତ, ସେଥିରୁ ନିବୃତ୍ତ ହେବା କଷ୍ଟକର। ବିକାଶ ନାମରେ ଆମେ ଯାହାସବୁ କରିଛୁ ତାହା ଆମକୁ ବିନାଶ ଆଡକୁ ଟାଣିନେଉଛି। ପ୍ରକୃତି ଉପରେ କୃତ୍ରିମତାର ରାଜ୍ ଚାଲିଛି। ପକ୍କା ଘର, ପକ୍କା ସଡ଼କ, ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ, ଆଧୁନିକ କୃଷି ପ୍ରଣାଳୀ ଓ ରୋଗପୋକ ନିୟନ୍ତ୍ରଣ ନିମିତ୍ତ ବିଷ ପ୍ରୟୋଗ ଆମ ପାଇଁ କ୍ଷତିକାରକ ଜାଣି ମଧ ଆମେ ତହିଁରୁ ନିବୃତ୍ତ ହୋଇପାରୁନାହୁଁ। ଥରେ ଗୋଟିଏ ଜିନିଷର ବ୍ୟବହାରଜନିତ ଅଭ୍ୟାସରୁ ମୁକ୍ତି ପାଇବା ଏକ ଦୁରୂହ ବ୍ୟାପାର। ଗୁଟ୍‌ଖା, ପାନ ମସଲାର କୁପରିଣାମ ଏହାର ସୃଷ୍ଟି ସମୟରେ ଜଣା ନ ଥିଲା କି? ମାତ୍ର ଏହା ଯେତେବେଳେ ବ୍ୟାପକତା ଲାଭକଲା, ଏହାର ବ୍ୟବହାରକୁ ନିଷିଦ୍ଧ କରିବା ଏକ କଠିନ ବ୍ୟାପାର। ଆରମ୍ଭରୁ ତା'ର ଉତ୍ପାଦନକୁ ନିଷିଦ୍ଧ କରିବାର ଆବଶ୍ୟକତା ଥିଲା। ମାତ୍ର ତାହା ନ କରି ଏହାର ପ୍ୟାକେଟ ଉପରେ 'ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ପରି ବୈଧାନିକ ସତର୍କତା ଲେଖିଦେଇ ଏହାର ବ୍ୟାପ୍ତିକୁ ପ୍ରୋତ୍ସାହନ ଦେବା ଧର୍ମକୁ ଆଖିଠାର ବ୍ୟତୀତ ଆଉ କ'ଣ ହୋଇପାରେ? ବର୍ତ୍ତମାନ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାରକୁ ନିଷିଦ୍ଧ କରିବା ଅନ୍ୟତମ ସମସ୍ୟା। ଏମାନଙ୍କର ବିକଳ୍ପ ଚିନ୍ତା କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ। ବିକଳ୍ପ ବ୍ୟବସ୍ଥା ହୁଏତ ପଲିଥିନକୁ ବିଦାୟ ଦେଇପାରେ।

ସରକାରୀ ପ୍ରୋତ୍ସାହନରେ ସବୁକିଛି ପ୍ରଚଳିତ ହେଉଛି। ମାତ୍ର ତା'ର ଭୟାବହ ପରିଣତିକୁ ଆକଳନ କରି ଏବଂ ପରିବେଶବିତ୍‌ଙ୍କ ଚେତାବନୀ ପାଇ ସେଥିରୁ ନିବୃତ୍ତ ହେଲାବେଳକୁ ନେଡ଼ିଗୁଡ଼ କହୁଣିରେ ପହଞ୍ଚିସାରିଛି। ବାର୍ଷିକ ପ୍ରାୟ ତିନିହଜାର କୋଟି ଟଙ୍କାର ରାଜସ୍ୱ ହାତଛଡ଼ା ହେବା ଭୟରେ ସରକାର ମଦ ନିଷିଦ୍ଧ କରୁନାହାନ୍ତି। କିନ୍ତୁ ପରୋକ୍ଷରେ ମଦ୍ୟପାନଜନିତ କ୍ଷତି ତିନିହଜାର କୋଟି ଟଙ୍କାରୁ ଅଧିକ ହେଲେ ମଧ ସରକାର ସେଥିପ୍ରତି ଧ୍ୟାନ ନ ଦେବା ପରିତାପର ବିଷୟ। ସମସ୍ତ ସାମାଜିକ ଅସନ୍ତୁଳନ, ଚାରିତ୍ରିକ ସ୍ଖଳନ, ପରପୀଡ଼ନ, ନୀତିହୀନ ଆଚରଣ ତଥା ନାରୀ ଅମର୍ଯ୍ୟାଦା ମୂଳରେ ଯେ ସେହି ମଦର ଭୂମିକା ଲୁଚିରହିଛି, ଏହା ଅନସ୍ୱୀକାର୍ଯ୍ୟ। ପଲିଥିନ ସାଧାରଣ ମଣିଷ ବ୍ୟବହାର କରେ ସତ, କିନ୍ତୁ ତାକୁ ସେ ଉଦ୍ଭାବନ କରିନାହିଁ। ପ୍ରଥମରୁ ପଲିଥିନ ସାମଗ୍ରୀ ଉତ୍ପାଦନକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ଥିଲା। ତା' ହୋଇଥିଲେ ଖୋଟଶିଳ୍ପ ପରି ଅର୍ଥକରୀ ଉଦ୍ୟୋଗ ବିଲୁପ୍ତିରୁ ମୁକ୍ତ ହୋଇଥାନ୍ତା। ଘରେ ଘରେ ଖୋଟର କୁଟୀରଶିଳ୍ପ ଆଜି ମଧ ଉଜ୍ଜୀବିତ ଥାଆନ୍ତା। କୃଷିକର୍ମରୁ ସାମୟିକ ବିରତି ଲଭୁଥିବା କୃଷକ ଆଜି ଖୋଟ ନିର୍ମିତ ବିଭିନ୍ନ ଉପାଦାନ ପ୍ରସ୍ତୁତ କରୁଥାନ୍ତା ଓ ଧାନ ପରେ ନଳିତା ଚାଷକୁ ଦ୍ୱିତୀୟ ଅର୍ଥକରୀ ଫସଲ ଭାବେ ପ୍ରାଧାନ୍ୟ ଦେଉଥାନ୍ତା। ଗ୍ରାମୀଣ ମହିଳା ଅବସର ସମୟରେ ଖୋଟ ଓ ସୂତାରୁ ପ୍ରସ୍ତୁତ ନାନା କାରୁକାର୍ଯ୍ୟଭରା ବ୍ୟାଗ୍, କାଗଜପ୍ରସ୍ତୁତ ଠୁଙ୍ଗା, ବିଲରୁ ମିଳୁଥିବା କାଇଁଚ (ଏକ ଜଳଜ ଉଦ୍ଭିଦ)ରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜର ଆବଶ୍ୟକତା ପରିପୂରଣ ସହ ପରିବାରର ଆର୍ଥିକ ପ୍ରଗତିରେ ସହାୟକ ହେଉଥାନ୍ତା। ପଲିଥିନର ବ୍ୟବହାର ଆମକୁ ଏତେ ମୋହଗ୍ରସ୍ତ କରିଛି ଯେ ତାକୁ ପରିହାର କରିବାର ଚିନ୍ତା ଆମକୁ ଉଭଟ ମନେ ହେଉଛି।

ଜଳବାୟୁ ପରିବର୍ତ୍ତନର ବିଭୀଷିକା ବିଶ୍ୱବାସୀ ଅଙ୍ଗେ ନିଭାଇବା ଆରମ୍ଭ କରିବାକୁ ଲାଗିଲେଣି। ଅନାବୃଷ୍ଟି ଓ ମରୁଡ଼ି, ଅତିବୃଷ୍ଟି ଓ ବନ୍ୟା, ଫସଲହାନି, ଅରଣ୍ୟକ୍ଷୟ, ନାନାପ୍ରକାର ବୃକ୍ଷଲତା ଓ ଜୀବଜନ୍ତୁଙ୍କ ବିଲୁପ୍ତିର ମୂଳରେ ଜଳବାୟୁ ପରିବର୍ତ୍ତନ ହିଁ ନିହିତ। ମିଳିତ ଜାତିସଂଘ ଘୋର ଉଦ୍‌ବେଗ ପ୍ରକାଶ କରି ବିଶ୍ୱ ସମୁଦାୟକୁ ଚେତାବନୀ ଦେଇଛି ଯେ ପ୍ରତ୍ୟେକ ଦେଶ ହାରାହାରି ତାପମାତ୍ରାକୁ ୧.୫ ଡିଗ୍ରୀ ହ୍ରାସ କରନ୍ତୁ ଓ ଏଥିପାଇଁ ସମସ୍ତ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆସନ୍ତା ୧୦–୧୫ ବର୍ଷ ମଧ୍ୟରେ ଘୋର ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ। ବ୍ୟାପକ ଶିଳ୍ପାୟନ, ଜଙ୍ଗଲ କ୍ଷୟ, ଦ୍ରୁତ ସହରୀକରଣ ଓ ମନୁଷ୍ୟର ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନଶୈଳୀ ମନୁଷ୍ୟ ସଭ୍ୟତାର ଧ୍ୱଂସସାଧନ ପଥରେ କ୍ଷିପ୍ର ଅଗ୍ରସର। ସରକାର, ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷ ତଥା ପୁରୋଭାଗର ଲୋକେ ଯେତେବେଳେ ଏ ନିଷ୍ଠୁର ସତ୍ୟକୁ ଅଣଦେଖା କରିଚାଲିଛନ୍ତି, ସାଧାରଣ ମଣିଷ କେବଳ ତାହାହିଁ ଅନୁକରଣ କରୁଛି। ଗାଡ଼ିମୋଟର ବ୍ୟବହାର ମଣିଷ ପାଇଁ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ, ଏହା ବ୍ୟତିରେକେ ଜୀବନଯାତ୍ରା ସତେଯେପରି ବନ୍ଦ ହୋଇଯିବ। ପ୍ରତିଦିନ ବ୍ୟାପକ ଇନ୍ଧନର ଦହନ ଯୋଗୁ ଉତ୍ପନ୍ନ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ବିଷଲେପନ ପ୍ରକ୍ରିୟାକୁ ଅଧିକ ଘନୀଭୂତ କରୁଛି ଜାଣି ମଧ ଆମେ ତହିଁରୁ ନିବୃତ୍ତ ହୋଇପାରୁ ନାହୁଁ। ସାଧାରଣ ଦୂରତାକୁ ଆମେ ସାଇକେଲ ଯୋଗେ କିମ୍ବା ପାଦରେ ଚାଲି ଅନାୟାସରେ ଅତିକ୍ରମ କରିବାର ସାମର୍ଥ୍ୟ ଥାଇ ମଧ ସ୍ୱୟଂଚାଳିତ ଯାନ ବ୍ୟବହାର କରୁଛୁ। ଏଥିରେ ଆର୍ଥିକ କ୍ଷତି ସହ ପାରିବେଶିକ ଅସନ୍ତୁଳନ ଉଗ୍ରରୂପ ଧାରଣ କରୁଛି। ସାଇକେଲ ଚାଳନା ଓ ପଦଯାତ୍ରା ଦ୍ୱାରା ଶାରୀରିକ ବ୍ୟାୟାମ ମଧ ହୋଇପାରିବ। ବୃଥା ଗରିମା ଓ ଆଡମ୍ବର ତ୍ୟାଗକରି ଗାଡ଼ିଚାଳନାକୁ ସଙ୍କୁଚିତ କରାଯିବା ଜରୁରୀ।

ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଅବିକଶିତ ଓ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଯେତିକି ଦାୟିତ୍ୱବୋଧ ରହିଛି, ବିକଶିତ ରାଷ୍ଟ୍ରଗୁଡ଼ିକର ତା'ଠାରୁ ଅଧିକ ଦାୟବଦ୍ଧତା ରହିବା କଥା। ମାତ୍ର ସେପରି ହେଉନାହିଁ। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏହାର ସଦ୍ୟତମ ଉଦାହରଣ। ଭାରତ ଭଳି ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଅନୁସନ୍ଧାନ କରି କେତେକ କ୍ଷେତ୍ରରେ ସଫଳତାପ୍ରାପ୍ତ ହେଲେଣି। ଅଣପାରମ୍ପରିକ ତଥା ଅକ୍ଷୟଶକ୍ତି ଯଥା ସୂର୍ଯ୍ୟରଶ୍ମି ଓ ପବନଶକ୍ତି କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ଆମେ ଯଥେଷ୍ଟ ଅଗ୍ରଗତି କରିଥିଲେ ମଧ ଆମେରିକା, ଚାଇନା ଓ ୟୁରୋପୀୟ ରାଷ୍ଟ୍ରସଂଘର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାର ଅଛି।

ପରିବେଶ ସାଧାରଣତଃ ତିନିପ୍ରକାର– ଯଥା ଜୈବିକ ପରିବେଶ, ଅଜୈବିକ ପରିବେଶ ଓ ସାଂସ୍କୃତିକ ପରିବେଶ। ଜୈବିକ ଓ ଅଜୈବିକ ପରିବେଶର ସୁରକ୍ଷା ଦିଗରେ ଆମେ ଯେତେ ସଚେତନ, ସାଂସ୍କୃତିକ ପରିବେଶର ସୁରକ୍ଷା ଦିଗରେ ଆମ ଭୂମିକା ଶୂନ। ମଣିଷ ବଞ୍ଚିବା ପାଇଁ ଯେଉଁ ପରିବେଶ ଦରକାର ତାହା ଜୈବ ପରିବେଶ। ସ୍ୱଚ୍ଛତା, ପରିମଳ, ଉତ୍ତମ ଜଳ ଓ ବିଶୁଦ୍ଧ ବାୟୁ ଇତ୍ୟାଦିର ସୁଲଭତା ଅଜୈବ ବା ଜଡ଼ ପରିବେଶର ଅନ୍ତର୍ଭୁକ୍ତ। କିନ୍ତୁ ସାଂସ୍କୃତିକ ପରିବେଶ ସମ୍ପୂର୍ଣ୍ଣ ଭିନ୍ନ। ମନୁଷ୍ୟର ଆଚରଣ, ମାର୍ଜିତ ଭାଷାକଥନ, ଗୁରୁଜନଙ୍କୁ ଯଥାମାନ୍ୟ ପ୍ରଦାନ, ନାରୀ ଜାତି ପ୍ରତି ସମ୍ମାନ, ମାନବିକ ମୂଲ୍ୟବୋଧ ପ୍ରତିପାଦନ ଇତ୍ୟାଦି ସମସ୍ତ ସୁସ୍ଥ ସାମାଜିକତା ସାଂସ୍କୃତିକ ପରିବେଶ ଅନ୍ତର୍ଭୁକ୍ତ, ଯେଉଁ କ୍ଷେତ୍ରରେ ବୟସ, ଲିଙ୍ଗ ନିର୍ବିଶେଷରେ ଆମର ଅବଦାନ ଅତ୍ୟନ୍ତ ଶୋଚନୀୟ।

ଏ ତିନିଟି ଯାକ ପାରିବେଶିକ ଅସନ୍ତୁଳନରେ ଆମର ଏ ଧରିତ୍ରୀ ସତତ ଜର୍ଜରିତ। ମାତୃକଷଣର ଅଭିଶାପ ଏ ଜାତିକୁ ଧ୍ୱଂସ ପଥରେ ସଞ୍ଚାଳିତ କରିବାକୁ ବେଶି ବିଳମ୍ବ ନାହିଁ। ନିଜ ମା'କୁ ତ କଷଣ ଦେଇ ଚାଲିଛୁ, ଧରିତ୍ରୀ ମାତାକୁ ମଧ ଲାଞ୍ଛନା ଦେବାରେ ଆମେ କୁଣ୍ଠାବୋଧ କରୁନାହୁଁ। ମା'ର ବକ୍ଷ ଭେଦକରି ସୁନାର ଫସଲ ଫଳାଉଥିଲୁ, ମା' ଖୁସି ଥିଲା। କିନ୍ତୁ ଯେବେଠାରୁ ତା'ର ଗିରିକାନନ, ସର, ସରିତ, ସାଗର, ନିର୍ଝରକୁ ବିପର୍ଯ୍ୟସ୍ତ କଲୁ, ମା'ର ଆଖିରୁ ଅବାରିତ ଉଷ୍ମଲହୁ ନିଗିଡ଼ିବାରେ ଲାଗିଛି, ସେ ଆଜି ଶ୍ରୀହୀନ, ଶୂନ୍ୟକୋଳ, ବସନଭୂଷଣବିହୀନା ଓ ପ୍ରାୟତଃ ବିବସନା। ପୁତ୍ରର ଏତାଦୃଶ କର୍ମ ସହ ମାତୃ ଶବ୍ଦର ଅପପ୍ରୟୋଗରେ କୁରୁଚିପୂର୍ଣ୍ଣ ଭାଷା କଥନ ତାକୁ ହତଚକିତ କରିଛି। ତା' ହୃଦୟରୁ କୋମଳତା, ଶୀତଳତା ଅପସାରିତ ହୋଇ ସେ କ୍ରମେ ପାଲଟିଛି ଅଗ୍ନିବର୍ଷୀ। ସମଗ୍ର ନାରୀଜଗତ ପ୍ରକୃତି ମା'ର ସ୍ୱରୂପା। ବନ୍ୟା, ବାତ୍ୟା, ମରୁଡ଼ି, ଭୂକମ୍ପ, ଅତିବୃଷ୍ଟି ଓ ଅନାବୃଷ୍ଟି ମାଧ୍ୟମରେ ପ୍ରକୃତି ମା' ତା'ର ବିରାଗ ପ୍ରକଟ କରିଚାଲିଛି। ତା' ସନ୍ତାନକୁ ସେ ଚେତାଇ ଦେଉଛି, ଏସବୁ ତୋର କୁକର୍ମର ପ୍ରତିଫଳନ। ବାସ୍ତବିକ ଆମ କାର୍ଯ୍ୟକଳାପ ଅଶାନ୍ତିକର, ଆମ ବ୍ୟବହାର ଅମାର୍ଜିତ, ଆମ ଭାଷା ଅଶାଳୀନ ଓ ଆମ ଆଚରଣ ଶଠତାପୂର୍ଣ୍ଣ। ଆମ ଖାଦ୍ୟରୁଚି କ୍ରମଶଃ ଉତ୍ତେଜନାପ୍ରବଣ ହୋଇପଡୁଛି। ଏ ସମସ୍ତ ପ୍ରତିକୂଳତା ଆମ ପ୍ରତି ମା'ର ରୁଷ୍ଟତାକୁ ଆମନ୍ତ୍ରଣ କରୁଛି। ପ୍ରକୃତିମାତା ଆଜି ଅବ୍ୟକ୍ତ ଯନ୍ତ୍ରଣାରେ ଜର୍ଜରିତା। ଜୈବ ଓ ଅଜୈବ ପରିବେଶ ତାକୁ କ୍ଷତାକ୍ତ କରିଥିବା ବେଳେ ସାଂସ୍କୃତିକ ପରିବେଶ ତାକୁ ଲାଞ୍ଛିତ, ଅପମାନିତ ଓ ଅତ୍ୟାଚାରଜର୍ଜରିତ କରି ପକାଇଛି। ହେ ମୂଢ଼ମାନବ! ସାଂସ୍କୃତିକ ପରିବେଶକୁ ଶୁଦ୍ଧପୂତ କରି ପ୍ରକୃତିସ୍ୱରୂପା ମାତୃଜାତିର ସମ୍ମାନ ରକ୍ଷା ସର୍ବାଦୌ ପ୍ରାଥମିକତା ବହନ କରେ। ଏହାହିଁ ମା'ର ଆହ୍ୱାନ। ଜୈବ ଓ ଅଜୈବ ପରିବେଶର ସୁରକ୍ଷା ହୁଏତ ବ୍ୟକ୍ତି ପାଇଁ କଷ୍ଟକର ହୋଇପାରେ, ମାତ୍ର ସାଂସ୍କୃତିକ ପରିବେଶର ସୁରକ୍ଷା ଆମର ଦାୟିତ୍ୱ। ମାତୃଜାତି ଓ ପ୍ରକୃତିର ସୁରକ୍ଷା ଆମ ପାଇଁ କଠୋର ସଙ୍କଳ୍ପର ଆଧାର ହେଉ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ପାଠ୍ୟକ୍ରମରେ ସଡ଼କ ସୁରକ୍ଷା

ଅଭୟ କୁମାର ଦାସ

ଦୈନନ୍ଦିନ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସଚେତନତା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ସେହି ଅନୁଯାୟୀ ୨୦୧୬–୧୭ ଶିକ୍ଷା ବର୍ଷରୁ ପାଠ୍ୟକ୍ରମରେ ଏହା ସ୍ଥାନିତ ହୋଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣାଅଜଣା ପାଠ୍ୟପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଚତୁର୍ଥ ଶ୍ରେଣୀର ଆମେ ଓ ଆମ ପରିବେଶ ପୁସ୍ତକରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ରାସ୍ତା ଦୁର୍ଘଟଣାର କାରଣ, ନିରାକରଣ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଏଥିସହ ନିୟମିତ ଭାବେ ବିଭିନ୍ନ ସଚେତନତାଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିପାଇଁ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରୟଡ଼ ରହିଛି। ଚଳିତ ବର୍ଷ ଶିକ୍ଷାବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୁସ୍ତକର କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ ହୋଇଛି। ପିଲାମାନେ ବିଦ୍ୟାଳୟ ବସ୍‌ରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ଫୁଟ୍‌ପାଥର ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି।

ସୂଚନାପ୍ରଯୁକ୍ତିର ବୈପ୍ଲବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଲିକି, ସଚେତନତା ପାଇଁ କୋଟି କୋଟି ଟଙ୍କା ଶ୍ରାଦ୍ଧ ହେବା ସତ୍ତ୍ୱେ ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନି ହେଉଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନହାନି ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ହେବା ସହ ପ୍ରାୟ ୫ଲକ୍ଷ ଲୋକ ଗୁରୁତର ଆହତ ହୋଇଛନ୍ତି।

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ଅନେକେ ବିକଳାଙ୍ଗ ହୋଇ ସାରା ଜୀବନ ଦୁଃଖକଷ୍ଟରେ ବିତାଉଛନ୍ତି। ସମଗ୍ର ପୃଥିବୀରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣାପ୍ରବଣ।

ସଡ଼କ ଦୁର୍ଘଟଣାରେ ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ରଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁଥିବାର ଦେଖାଯାଉ ନାହିଁ। ଆଇନ କମିଶନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳିପାରୁ ନାହିଁ। ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ ଏ କ୍ଷେତ୍ରରେ ଏକ ବାଧକ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି। ପୋଲିସ ଓ ଅଦାଲତରେ ହଇରାଣହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ରହନ୍ତି। ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମ୍‌କୋର୍ଟର ବିଚାରାଧୀନ ରହିଛି। ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇନାହିଁ।

ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧାହୋଇ ରହିଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁ ନ ଥିବାରୁ ରାସ୍ତା ଦବିଯିବା ବା ଫାଟ ସୃଷ୍ଟି ହେବା ବିଭିନ୍ନ ସମୟରେ ଦେଖାଯାଇଥାଏ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟରେ ବାଇକ୍ ଚାଳନା, ଚାରିଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର ନ କରିବା ଆଦି ସଚେତନାତାର ଅଭାବକୁ ପ୍ରମାଣିତ କରୁଛି। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତ ଘଟିବ ନାହିଁ। ସର୍ବୋପରି ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ନିହାତି ଜରୁରୀ।

ଗୋତରା, ମାହାଙ୍ଗା, କଟକ, ମୋ: ୯୪୩୭୧୪୨୭୧୭

## ଏଇ ଭାରତରେ

ଯୌତୁକ ପାଇଁ ଦେଶରେ ବଧୂନିର୍ଯାତନା ବଢ଼ିଚାଲିଛି। ଏଥିପାଇଁ ବ୍ୱାଇଁ ସମେତ ଶାଶୁଘର ଲୋକଙ୍କୁ ଦାୟୀ କରାଯାଏ। କେତେକ ସ୍ଥଳରେ ବ୍ୱାଇଁ ଯୌତୁକ ନେବାକୁ ପସନ୍ଦ କରି ନ ଥାନ୍ତି। ତେବେ ଏଭଳି ବ୍ୱାଇଁଙ୍କ ଉଦାହରଣ ଖୁବ୍ କମ୍ ଦେଖିବାକୁ ମିଳେ। ଜଣେ ବ୍ୱାଇଁ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ନ ନେବା ଘଟଣା ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନରେ। ବରଘର ବଗଡପୁରାରୁ ଆସି ସ୍ଥାନୀୟ ଝୁନ୍‌ଝୁନ୍ ଅଞ୍ଚଳର ଚିଟନୱାଡ ଗାଁରେ ପହଞ୍ଚିଥିଲେ। ସେହି ଗାଁର ବିକ୍ରମଜିତ କୱଁରଙ୍କ କନ୍ୟା ଜ୍ୟୋତି କଉଁରଙ୍କ ବିବାହ ଜେଠ ସିଂଙ୍କ ସହିତ ହେଉଥିଲା। ଜେଠ ସିଂ ଭାରତୀୟ ସେନାରେ ହାବିଲଦାର ଅଛନ୍ତି। ବ୍ୱାଇଁଙ୍କ ଆଗରେ ଶ୍ୱଶୁର ବିକ୍ରମଜିତ୍ ପ୍ରଚଳିତ ପ୍ରଥା ଅନୁସାରେ ସାଢ଼େ ୫ଲକ୍ଷ ଟଙ୍କା ଯୌତୁକ ସୁସଜ୍ଜିତ ସୁନାଥାଳିରେ ଧରି ଠିଆହେଲେ। ତେବେ ଅତି ଶାନ୍ତ ଏବଂ ନମ୍ର ଭାବେ ଜେଠ ସିଂ ଯୌତୁକ ନେବାକୁ ମନା କରିବା ସହିତ ପରମ୍ପରାକୁ ମାନି ନ ଥିବାରୁ ହାତଯୋଡି କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ନେଇ ଖୁବ୍ ଚର୍ଚ୍ଚା ହେବା ସହିତ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ତବ ଅପମାନ କଲେ
ମରଣ ହୁଁ ବଳି ଦେଉ ବ୍ୟଥା,
ମୂକ ହେଉ ମୋର ସବୁ କଥା।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଫେବୃୟାରୀ ୧୯୯୪

- ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର 'ଆକାଶ'ର ସଫଳ ପରୀକ୍ଷାମୂଳକ ଉତ୍କ୍ଷେପଣ।
- ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଏବଂ ଇଂରାଜୀ ସାହିତ୍ୟିକ ଆର.କେ. ନାରାୟଣଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ।

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପୂର୍ଣ୍ଣ ନିଶା ନିବାରଣ

ମହାଶୟ,

ଭାରତ ସ୍ୱାଧୀନ ହେବା ପରେ କେଉଁ କାର୍ଯ୍ୟକୁ ସେ ଅଗ୍ରାଧିକାର ଦେବେ ବୋଲି ଜାତିରଜନକ ମହାତ୍ମା ଗାନ୍ଧୀଙ୍କୁ ପ୍ରଶ୍ନ କରାଯାଇଥିଲା। ଗାନ୍ଧିଜୀଙ୍କ ଉତ୍ତର ଥିଲା, 'ମୁଁ ଚାହେଁ, ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଉ।' ମାତ୍ର ଦୁର୍ଭାଗ୍ୟର ବିଷୟ, ଦେଶ ସ୍ୱାଧୀନ ହେବାର ୭୧ ବର୍ଷ ପରେ ମଧ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇପାରିନାହିଁ। ଏପରିକି କୌଣସି ସରକାର ଓ ରାଜନୈତିକ ଦଳ ସମ୍ପୂର୍ଣ୍ଣ ନିଶା ନିବାରଣର ନାମ ମଧ ଧରୁନାହାନ୍ତି। ବିଳମ୍ବରେ ହେଲେ ମଧ ଦେଶର ପ୍ରମୁଖ ରାଜନୈତିକ ଦଳମାନେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ନିଜର ନିର୍ବାଚନ ଇସ୍ତାହାରରେ 'ନିଶାମୁକ୍ତ ଭାରତ' ଗଠନକୁ ଅଗ୍ରାଧିକାର ଦିଅନ୍ତୁ। କହିବା ନିଷ୍ପ୍ରୟୋଜନ ଯେ, ବିଭିନ୍ନ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶସାରା ଘଟୁଥିବା ସବୁପ୍ରକାର ହତ୍ୟା, ବଳାତ୍କାର, ସାମାଜିକ ଓ ପାରିବାରିକ ହିଂସା, ସଡ଼କ ଦୁର୍ଘଟଣା ଓ ରୋଗଜନିତ ଅକାଳ ମୃତ୍ୟୁର ମୁଖ୍ୟ କାରଣ ନିଶାପାନ। ସମ୍ପୂର୍ଣ୍ଣ ନିଶା ନିବାରଣ ହୋଇପାରିଲେ ଏହିସବୁ ସମସ୍ୟାର ସମାଧାନ ହୋଇ ଦେଶରୁ ଦାରିଦ୍ର୍ୟ ଓ ବେକାରି ଦୂରୀକରଣ ମଧ ସହଜ ହୋଇପାରିବ। ସବୁ ରାଜନୈତିକ ଦଳ ନିଜ ନିଜର ନିର୍ବାଚନ ଇସ୍ତାହାରରେ କେବଳ ଶସ୍ତା ଓ ଲୋଭନୀୟ ପ୍ରତିଶ୍ରୁତି ନ ଦେଇ ସମ୍ପୂର୍ଣ୍ଣ ନିଶା ନିବାରଣକୁ ଅଗ୍ରାଧିକାର ଦିଅନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସ୍ୱାସ୍ଥ୍ୟସେବା ପ୍ରଚାରସର୍ବସ୍ୱ ନ ହେଉ

ମାଗଣାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ପ୍ରଚାର ଚଳାଇଥିବା ସତ୍ତ୍ୱେ ସର୍ବତ୍ର ସକାଳ ପହରୁ ଔଷଧ ଦୋକାନ ସଂଲଗ୍ନ କ୍ଲିନିକ୍ସ ଓ ସରକାରୀ ହାସପାତାଳ ନିକଟରେ ଥିବା ଘରୋଇ ନର୍ସିଂହୋମ୍‌ରେ ବହୁ ସଂଖ୍ୟାରେ ରୋଗୀମାନଙ୍କର ଭିଡ଼ ଲାଗୁଛି। ତେଣୁ ସରକାର ବୃଥା ପ୍ରଚାରରୁ ଦୂରରେ ରହି ରୋଗୀମାନଙ୍କ ଦ୍ୱାରଦେଶରେ ପହଞ୍ଚି ରୋଗ ଚିହ୍ନଟୀକରଣ ଓ ଚିକିତ୍ସା ନିଦାନ ବ୍ୟବସ୍ଥା କରନ୍ତୁ। ଦ୍ୱାରଦେଶରେ ସେବା ହିଁ ପ୍ରକୃତ ସେବା। ଏଥିପାଇଁ ଏକ ୱେବ୍ ପୋର୍ଟାଲର ବ୍ୟବସ୍ଥା କରାଯାଇପାରେ। ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନେଇ ଚିକିତ୍ସା କରାଯାଇପାରିବ।

ଡାକ୍ତର ଦେବଦତ୍ତ ମିଶ୍ର, ରେଡକ୍ରସ୍ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋବରୀ ନଦୀରେ ବୁଡ଼ିଲା ଡଙ୍ଗା

ମହାକାଳପଡ଼ା,୪।୨(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ଖୋଲା ନଦୀରେ ଗତ ଜାନୁୟାରୀ ୨ରେ ଡଙ୍ଗା ବୁଡ଼ିଯିବାରୁ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମ ପାର୍ଶ୍ୱ ଗୋବରୀ ନଦୀରେ ସୋମବାର ଅନ୍ୟ ଏକ ଡଙ୍ଗା ବୁଡ଼ି ଯାଇଛି। ତେବେ ଡଙ୍ଗାରେ ଥିବା ୧୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୋବରୀ ନଦୀ ଫେରିଘାଟରୁ ମହାକାଳପଡାର କିଆରବାଙ୍କ ଆଡକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବାଲି ସାହି ଗ୍ରାମର କଲେଜ ଛାତ୍ରୀ ଶିଲନ ସାମନ୍ତରାୟ (୧୬) ଆହତ ହୋଇଛନ୍ତି। ତାଙ୍କୁ ବିଜୟନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୋଟିଏ ଡଙ୍ଗା ବୁଡିବା ପରେ ମଧ୍ୟ ପ୍ରଶାସନର ଚେତା ପଶି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ଗୋବରୀ ନଦୀ ଫେରିଘାଟରୁ ଅପରାହ୍ନରେ ୧୭ ଜଣ ଯାତ୍ରୀଙ୍କୁ ନେଇ ଡଙ୍ଗା ବାହାରିଥିଲା। କୂଳଠାରୁ ୩୦ ଫୁଟ ନଦୀ ଭିତରକୁ ଯିବା ପରେ ଡଙ୍ଗାଟି ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଥିଲା। କୌଣସି ଯାତ୍ରୀ ଲାଇଫ ଜ୍ୟାକେଟ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଡଙ୍ଗାରେ ଆବଶ୍ୟକଠାରୁ ଅଧିକ ଲୋକ ଥିବାବେଳେ ସେଥିରେ ୬ଟି ବାଇକ୍ ଓ ୪ଟି ସାଇକେଲ ରଖାଯାଇଥିଲା।

ଏହାଛଡା ନଦୀରେ ଅଧିକ ଦଳ ରହିଥିଲା। ଅଧିକ ଓଜନ ସହ ଦଳ କାଟି ନ ପାରି ଡଙ୍ଗାଟି ଓଲଟି ପଡିଥିବା ଆଶଙ୍କା କରାଯାଉଛି। ଡଙ୍ଗା ବୁଡ଼ିବା ଦେଖି ସ୍ଥାନୀୟ ଲୋକେ କୂଳରେ ଥିବା ଅନ୍ୟ ଏକ ଡଙ୍ଗା ନେଇ ଜାଲ, ଦଉଡ଼ି ଓ ବାଉଁଶ ସାହାଯ୍ୟରେ ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ବାବାଜୀ ରାଉତ, କରଣ ମାଝି, ପପୁ ତରାଇ, ଚନ୍ଦନ ମାଝି, ବାଇନ ତରାଇ ଓ କାଳନ୍ଦୀ ମାଝି ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ପ୍ରାୟ ୧ ଘଣ୍ଟା ପରେ ବିଡିଓ ରମେଶ ଚନ୍ଦ୍ର ସେଠୀ ଓ ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ତଦନ୍ତ ସମୟରେ ଫେରିଘାଟର ନିଲାମ ହୋଇ ନ ଥିବା ଜଣାପଡ଼ିଥିଲା। ସେଠାରେ ବେଆଇନ ଭାବେ ଡଙ୍ଗା ଚଳାଚଳ ହେଉଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ଡଙ୍ଗାବୁଡ଼ି ଘଟଣାର ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।


ପାଣିରେ ବୁଡ଼ିଯାଇଥିବା ମୋଟର ସାଇକେଲକୁ ଉଦ୍ଧାର କରାଯାଉଛି।

- ଉଦ୍ଧାର ହେଲେ ସମସ୍ତ ଯାତ୍ରୀ
- ଦଳ କାଟି ନ ପାରିବାରୁ ଭାରସାମ୍ୟ ହରାଇଲା ଡଙ୍ଗା
- ଆବଶ୍ୟକଠାରୁ ଅଧିକ ସଂଖ୍ୟାରେ ଯାଉଥିଲେ ଯାତ୍ରୀ
- ଲାଇଫ ଜ୍ୟାକେଟ ପରିଧାନ କରି ନ ଥିଲେ

# 'ଶକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି'

ଭୁବନେଶ୍ୱର, ୪।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାବେଳେ ତାଙ୍କ ସରକାର ଗରିବଙ୍କ ପାଇଁ ସମର୍ପିତ ରହିବେ ବୋଲି କହିଥିଲେ ତାହା କାମରେ କରି ଦେଖାଇଛନ୍ତି। ଶକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛନ୍ତି । ଏନରଜାଇଜିଙ୍ଗ୍ ଅଫ୍ ଇଣ୍ଡିଆ -ଫୁଏଲିଙ୍ଗ ଏ ବିଲିୟନ୍ ଲାଇଭସ୍ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏନର୍ଜି ଫରୋମ ଓ ରୁପା ପବ୍ଲିକେଶନ ଦ୍ୱାରା ମୁଦ୍ରିତ ଏହି ପୁସ୍ତକରେ ଶକ୍ତି ବିଷୟରେ ବର୍ଣ୍ଣନା କରାଯାଇଛି । ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ପାଖାପାଖି ୫ବର୍ଷରେ ଶକ୍ତି କ୍ଷେତ୍ରରେ ନେଇଥିବା ପଦକ୍ଷେପ ବିଷୟରେ ଏଥିରେ ଉଲ୍ଲେଖ କରାଯାଇଛି । ୨୦୧୪ରେ ଦେଶବାସୀ ନରେନ୍ଦ୍ର ମୋଦିଙ୍କ ଉପରେ ଭରସା କରି ତାଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେଇଥିଲେ । ମୋଦି ପ୍ରଥମେ ପାର୍ଲାମେଣ୍ଟରେ ନିଜ ଅଭିଭାଷଣରେ ଆମ ସରକାର ଗରିବ ଓ ମହିଳାଙ୍କ ପାଇଁ ସମର୍ପିତ ହେବ ବୋଲି କହିଥିଲେ । ଏହି ପୁସ୍ତକ ସହ ତାର ସମ୍ପର୍କ ରହିଛି। ଶକ୍ତି ସବୁ ଲୋକଙ୍କୁ ମିଳୁ ତା' ପରେ ଯାଇ ଶକ୍ତିର ନ୍ୟାୟ ବୋଲି କୁହାଯାଇପାରିବ । ଭାରତରେ ପ୍ରଥମ ଥର ତିନୋଟି କମ୍ପାନୀ ମିଶି ଗୋଟେ ମେଗା ରିଫାଇନେରୀ କରିବାର ଚିନ୍ତା କରୁଛନ୍ତି । ଏହି ପୁସ୍ତକରେ ଗ୍ୟାସ ବେସଡ୍ ଇକୋନୋମୀ, ଶକ୍ତି ସଂରକ୍ଷଣ ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ଉପରେ ବର୍ଣ୍ଣନା କରାଯାଇଥିବାରୁ ଲେଖକ ଓ ପ୍ରକାଶକଙ୍କୁ ସାଧୁବାଦ ଧର୍ମେନ୍ଦ୍ର ଜଣାଇଛନ୍ତି।

# ପ୍ରିୟଙ୍କାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନେଇ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୪।୨(ବ୍ୟୁରୋ)

ନୂତନ ଭାବେ ନିଯୁକ୍ତି ପାଇଥିବା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ମହାସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଟୁଇଟ୍ ମାଧ୍ୟମରେ ଅଶାଳୀନ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଏହା ବିରୋଧରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ ମହିଳା କଂଗ୍ରେସ ଅଧ୍ୟକ୍ଷା ସୁଶ୍ରୀ ସୁମିତ୍ରା ଦେବଙ୍କ ଆହ୍ୱାନ କ୍ରମେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପୋଲିସ୍ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ କଠୋର ଦଣ୍ଡ ବିଧାନ କରିବା ପାଇଁ ଦାବି କରାଯାଇଛି। ଏଭଳି ଘଟଣାର ପୁନରାବୃତ୍ତି କିପରି ନ ହେବ ସେଥିପାଇଁ ମହିଳା କଂଗ୍ରେସ ଚେତାବନୀ ଦେଇଛି। ଏହାର ପ୍ରତିବାଦରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ଯାଇ ମହିଳା କଂଗ୍ରେସ କର୍ମୀମାନେ ପ୍ରତିବାଦ ଜଣାଇଛନ୍ତି।

■ 'କାଳିଆ ଛାତ୍ରବୃତ୍ତି' ଯୋଜନା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଛାତ୍ର ବିଜେଡି

ଭୁବନେଶ୍ୱର,୪।୨(ବ୍ୟୁରୋ)

'କାଳିଆ ଛାତ୍ରବୃତ୍ତି' ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଚାଷୀଙ୍କ ଭବିଷ୍ୟତ ସହ ସେମାନଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ବହୁ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଛାତ୍ର ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ସେହିକ୍ରମରେ ସୋମବାର ନବୀନ ନିବାସରେ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଛାତ୍ର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, ମହାସଚିବ ହରିଶଙ୍କର ରାଉତ, ଉପସଭାପତି ସ୍ଥିତପ୍ରଜ୍ଞ ଦାସ, କନିଷ୍କ ଜେନା, ଅପୂର୍ବା ଅପରୂପା, ଭୁବନେଶ୍ୱର ଜିଲା ସଭାପତି କଳ୍ପତରୁ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍‌ରେ ମିଳିବ ଡ୍ରାଇଭିଂ ଲାଇସେନ୍ସ

■ ପର୍ମାନେଣ୍ଟ ଲାଇସେନ୍ସ ପାଇଁ ଦେବାକୁ ପଡିବନି ଲର୍ନିଂ ଲାଇସେନ୍ସ


କଟକ ଅଫିସ, ୪।୨

ଲାଇସେନ୍ସ ପାଇଁ ଆଉ ବାରମ୍ବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଦୌଡ଼ିବାକୁ ପଡିବନି। ଏଣିକି ଅନଲାଇନ୍‌ରେ ମିଳିବ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ, ମାଲ ପରିବହନ ପରମିଟ୍, ଗାଡି ଫିଟନେସ୍ ସାର୍ଟିଫିକେଟ୍। ଉପଭୋକ୍ତାମାନେ ଏହି ସବୁ ଲାଇସେନ୍ସର ଅସଲି କପି ସଡକ ପରିବହନ, ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବ୍‌ସାଇଟ୍ WWW.parivahan.gov.inରୁ ଡାଉନଲୋଡ କରିପାରିବେ ବୋଲି ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଯେଉଁମାନେ ଅନଲାଇନ୍ ସମ୍ପର୍କରେ ଅଜ୍ଞ ସେମାନେ ଆରଟିଓକୁ ଆସି ଅନଲାଇନ୍‌ରେ ଆବେଦନ କରିବା ସହ ସାର୍ଟିଫିକେଟ୍ ଡାଉନଲୋଡ କରି ନେଇପାରିବେ। ଏଥିପାଇଁ ଆରଟିଓରେ ଥିବା ଆମର ଭଲ୍ୟୁଣ୍ଟିୟରମାନେ ସେମାନଙ୍କୁ ସହଯୋଗ କରିବେ। ଯେଉଁମାନେ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଆଉ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦେବାକୁ ପଡିବନି। ଆରଟିଓ ଅଧିକାରୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ସହ ପରିଚୟପତ୍ର ଦେଖି ଯାଞ୍ଚ କରିବେ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ପରିବହନ ବିଭାଗ ପକ୍ଷରୁ ୨ ଲକ୍ଷ ପର୍ମାନେଣ୍ଟ ଡ୍ରାଇଭିଂ ଲାଇସେନ୍ସ ଏବଂ ୫ ଲକ୍ଷ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦିଆଯାଉଛି। ଆବେଦନକାରୀମାନେ ଉଭୟ ମୌଖିକ ଏବଂ ପ୍ରାଟିକାଲ ଟେଷ୍ଟରେ ପାସ୍ ହେବା ପରେ ଆରଟିଓ ପକ୍ଷରୁ ସେମାନଙ୍କ ଲାଇସେନ୍ସ ଡାକ ଯୋଗେ ସେମାନଙ୍କ ଠିକଣାକୁ ପଠାଯାଉଥିଲା।

# ଗରିବଙ୍କ କଲ୍ୟାଣ ହେଉଛି ଓଏନ୍‌ଜିସିର ଦାୟିତ୍ୱ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଦେଶର ୪କୋଟି ଘରେ ବିଦ୍ୟୁତ୍ ପହଞ୍ଚାଯାଇଛି। ଦେଶର ୪୦୦ଜିଲାରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଞ୍ଚାଯିବାର ବ୍ୟବସ୍ଥା କରାଯାଇଛି। ଆଗାମୀ ୫ରୁ ୭ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ ହେବ । ଆମେ ଶକ୍ତି ଦିଗରେ ଏକ ବଡ଼ ନେଟ୍‌ୱର୍କ ଛିଡା କରିପାରିଛୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ସୋମବାର ଆୟୋଜିତ ଓଏନ୍‌ଜିସିର ପ୍ରଥମ ସିଡବ୍ଲ୍ୟୁସି ବୈଠକ ୨୦୧୮-୨୦ର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ଭାରତ ଶକ୍ତି ସଂରକ୍ଷଣରେ ବିଶ୍ୱର ୩ନମ୍ବର ସ୍ଥାନରେ ରହିଛି। ଆଗାମୀ ଦିନରେ ମୁଣ୍ଡ ପିଛା ଶକ୍ତି ସଂରକ୍ଷଣ ବୃଦ୍ଧି ପାଇବ । କଳ୍ପନା ନ ଥିବା ଘରେ ଆଜି ଏଲପିଜି ପହଞ୍ଚିପାରିଛି । ସ୍ୱାଧୀନତାର ଦୀର୍ଘ ୭୦ବର୍ଷ ପରେ ୧୩କୋଟି ଘରେ ଏଲ୍‌ପିଜି ପହଞ୍ଚିଥିବାବେଳେ ମାତ୍ର ସାଢେ ଚାରିବର୍ଷରେ ତାହା ବୃଦ୍ଧି ପାଇ ୨୫କୋଟିରେ ପହଞ୍ଚିଛି । ପେଟ୍ରୋଲ ଏବଂ ଡିଜେଲର ଅଭିବୃଦ୍ଧି ୬ରୁ ୭ପ୍ରତିଶତରୁ ନିମ୍ନସ୍ତରକୁ ଯାଉନାହିଁ ବୋଲି ସେ କହିଛନ୍ତି। ବଜେଟରେ ଅର୍ଥମନ୍ତ୍ରୀ କହିଲେ ୨୦୦୯ରୁ ୨୦୧୪ ମଧ୍ୟରେ ଯେତିକି ଯାତ୍ରୀ ବିମାନ ଦ୍ୱାରା ଯାତ୍ରା କରିଛନ୍ତି, ଏହାକୁ ତୁଳନା କରାଗଲେ ୨୦୧୪-୨୦୧୯ ମଧ୍ୟରେ ଦୁଇଗୁଣା ଲୋକ ବିମାନ ଯାତ୍ରା କରିଛନ୍ତି। ଏହାର ଅର୍ଥ ହେଉଛି ବିମାନ କ୍ଷେତ୍ରରେ ଇନ୍ଧନର ବ୍ୟବହାର ବଢିବାରେ ଲାଗିଛି। ପିଆରପି(ପର୍ଫମାନ୍‌ସ ରିଲେଟେଡ୍ ପେ) କେବଳ କାଗଜରେ ନୁହଁ ବ୍ୟକ୍ତିଗତ ସ୍ତରରେ ମଧ୍ୟ ହେବା ଦରକାର । ଦେଶରେ ନିବେଶ ବଢିଲେ ରୋଜଗାର ବଢିବ, ଯୁବକମାନେ ଚାକିରି ପାଇବେ,ଦେଶର ଅର୍ଥନୀତିରେ ସୁଧାର ଆସିବ । ବିଦେଶରୁ ଆମଦାନୀ କମ ହେବ ଏବଂ ଦେଶର ଅର୍ଥନୀତି ମଜଭୁତ ହେବ। ଏବେ ଯୁଗ ବଦଳି ଟେକ୍ନୋଲୋଜିର ସମୟ ଆସିଛି । ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ଆଗାମୀ ୨୫-୩୦ବର୍ଷ ପର୍ଯ୍ୟନ୍ତ ଏହି ଟିମ୍ କାମ କରିବା ଉଚିତ । ଆମେ ଦେଶରେ ରହିଥିବା ସମ୍ବଳକୁ ଉପଯୋଗ କରି ତାର ସୁବିନିଯୋଗ କରିବା କଥା । ଅର୍ଥନୈତିକ ବ୍ୟବସ୍ଥାକୁ ବୃଦ୍ଧି କରିବା ସହ ସାମାଜିକ ବ୍ୟବସ୍ଥାକୁ ସଜାଡିବାର ଦାୟିତ୍ୱ ଦାୟିତ୍ୱ ଆପଣଙ୍କ ହାତରେ ଅଛି । ଆମେରିକା ଯଦି ନୂଆ କୌଶଳ ମାଧ୍ୟମରେ ସବୁକିଛି କରିପାରୁଛି ତେବେ ଆମେ ନିଜର ଆବଶ୍ୟକତାକୁ ପୂରଣ କରିବା ଦରକାର। ବିଶ୍ୱର ଗରିବଙ୍କ କଲ୍ୟାଣ ହେଉଛି ଓଏନଜିସିର ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି ।





ସୋମବାର ମୌନି ଅମାବାସ୍ୟାରେ ଗଙ୍ଗା, ଯମୁନା ଓ ସରସ୍ୱତୀର ସଙ୍ଗମସ୍ଥଳ ପ୍ରୟାଗରାଜ କୁମ୍ଭନଗରୀଠାରେ ଦ୍ୱିତୀୟ ସାହି ସ୍ନାନ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଭୋର ୩ଟାରେ ନଦୀରେ ବୁଡ଼ ପକାଇଛନ୍ତି। ଏହି ଅବସରରେ ପ୍ରାୟ ୧୦ ହଜାର ଉଚ୍ଚ ଶିକ୍ଷିତ ନାଗା ସାଧୁ ଦୀକ୍ଷାରେ ଦୀକ୍ଷିତ ହେବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

**କାଲିମେଲା,୪।୨(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ତୁମ୍ଭୁଗୁଡା କଲୋନୀରେ ଡେଙ୍ଗୁ ଜ୍ୱରରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସଞ୍ଜିତ ଭକ୍ତ। ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ପରେ ସେ ଆନ୍ଧ୍ର ଭଦ୍ରାଚଲମ୍‌ର ଏକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। କାଲିମେଲା ତୁମ୍ଭୁଗୁଡା ସାହିରେ ରହୁଥିବା ସଞ୍ଜିତଙ୍କୁ ଗତ ଏକ ସପ୍ତାହ ତଳେ ଜ୍ୱର ହୋଇଥିଲା। ପରିବାର ଲୋକେ ସଞ୍ଜିତଙ୍କୁ ଗତ ୩୦ରେ ଅଧିକ ଚିକିତ୍ସା ପାଇଁ ଭଦ୍ରାଚଲମ୍‌ର ଏକ ମେଡିକାଲକୁ ନେଇଥିଲେ। ଉକ୍ତ ମେଡିକାଲରେ ବିଭିନ୍ନ ପରୀକ୍ଷା କରିବା ପରେ ସଞ୍ଜିତଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନ ଉଲ୍ଲଂଘନ

# ହାଇଲେଭଲ କମିଟି କରିବ ଆକଳନ: ଏନ୍‌ଜିଟି

**କଟକ ଅଫିସ, ୪।୨**

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ କରାଯାଇଛି। ଏହାକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ସୋମବାର ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ହାଇଲେଭଲ କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ନିର୍ମାଣ କାର୍ଯ୍ୟରେ କ'ଣ ସବୁ ଆଇନର ଉଲ୍ଲଂଘନ ହୋଇଛି ତା'ର ଆକଳନ କରିବା ସହିତ ପରିବେଶ ଉପରେ ଏହାର କ'ଣ ପ୍ରଭାବ ରହିଛି ସେ ସମ୍ପର୍କିତ ତଥ୍ୟ ଦାଖଲ କରିବ। କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଆସନ୍ତା ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। କମିଟିର ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟିଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ ହୋଇଥିବା ନେଇ ଆବେଦନକାରୀ ସଚ୍ଚିଭୂଷଣ ପଟ୍ଟନାୟକ, ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀମାନେ ପିଟିଶନରେ ଦର୍ଶାଇଥିଲେ ଯେ, ପ୍ରାୟ ୫୦ ଲକ୍ଷ ଘନଫୁଟ ପରିମାଣର ମାଟି ରେଳପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀମାନେ ଜାଣିବାକୁ ପାଇଥିଲେ ଯେ, କେନ୍ଦ୍ରାପଡ଼ା ଜିଲା ଅଧୀନରେ ଥିବା ଡେରାବିଶ, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଆଦି ତହସିଲରୁ ମାଟି ଉଠାଣ ପାଇଁ କୌଣସି ଅନୁମତି ନିଆଯାଇ ନାହିଁ। ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ପ୍ରାୟ ୮୨ କିଲୋମିଟରର ଲମ୍ବ ରେଳପଥ ମଧ୍ୟରୁ ୪୨ କିଲୋମିଟରର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାରେ ଯାଉଛି। ପରିବେଶ ପ୍ରଭାବ ଆକଳନ ଆଇନ ବିଜ୍ଞପ୍ତି ୨୦୦୬ ଅନୁସାରେ ମାଟି ବା ଲଘୁ ଖଣିଜ ପଦାର୍ଥ ଖନନ ନିମନ୍ତେ ପରିବେଶ ମଞ୍ଜୁରୀ ଏବଂ ମାଇନିଂ ପ୍ଲାନ ଅନୁମୋଦନ ଆବଶ୍ୟକ। ମାତ୍ର ଏ କ୍ଷେତ୍ରରେ ଏହିସବୁ ଆଇନକୁ ଅନୁସରଣ କରାଯାଇ ନାହିଁ। ଏତଦ୍‌ଭିନ୍ନ ଉକ୍ତ ମାଟି ଉଠାଣ ଦ୍ୱାରା ବିଭିନ୍ନ ସ୍ଥାନରେ ଉତ୍ପାଦନକ୍ଷମ ମୃତ୍ତିକା ନଷ୍ଟ ହୋଇଥିବା ଦର୍ଶାଯାଇଛି। ସେହିପରି ଗଛ ମୂଳରୁ ମୃତ୍ତିକା ଖନନ ଦ୍ୱାରା ଗଛ ପ୍ରତି ବିପଦ ଦେଖାଦେଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡ଼ି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଣ ଚିହ୍ନେ ଗୁଣିଆ**
**ସୁନା ଚିହ୍ନେ ବଣିଆ ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଯାହା ପାଖରେ ଗୁଣ ଥାଏ ସେହିବ୍ୟକ୍ତି ଶ୍ରେଷ୍ଠ ବୋଲାଇଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଁଟିଥାନ୍ତି। ସେହିପରି ସୁନା ଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲଭାବେ ଜାଣି ପାରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀରେ...

ରାଜୀବଙ୍କୁ ଏହି ମାମଲାରେ ଜେରା କରିବା ପାଇଁ ସିବିଆଇର ଏକ ଟିମ୍ ରବିବାର କୋଲକାତା ଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସନ୍ଧ୍ୟାରେ ରାଜୀବଙ୍କ ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଏକ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଏହି ବିବାଦ ଥମିବା ପରିବର୍ତ୍ତେ ତେଜିବାରେ ଲାଗିଛି। କାରଣ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଏହାକୁ ପ୍ରଧାନମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ପକ୍ଷରୁ ମିଳିତ ଭାବେ ରଚାଯାଇଥିବା ଏକ ଷଡ଼ଯନ୍ତ୍ରର ରୂପ ଦେଇ 'ସମ୍ବିଧାନ ବଞ୍ଚାଅ' ନାଁରେ ରବିବାର ରାତି ୮ଟା ୩୦ରୁ ଧାରଣାରେ ବସିଛନ୍ତି। ମମତାଙ୍କ ସମର୍ଥନରେ ପ୍ରାୟ ସବୁ ବିରୋଧୀ ଦଳ ଆସି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାର ବିରୋଧୀଙ୍କୁ ପ୍ରତିହତ କରିବା ପାଇଁ ସିବିଆଇକୁ ବ୍ୟବହାର କରୁଥିବା ବିପକ୍ଷ ଅଭିଯୋଗ ଆଣିଛନ୍ତି।

ସେପଟେ ସିବିଆଇ ପକ୍ଷରୁ ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ପ୍ରମାଣଗୁଡ଼ିକୁ ରାଜୀବ କୁମାର ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏହାସହ ପଶ୍ଚିମବଙ୍ଗର ଶୀର୍ଷ ପୋଲିସ ଅଧିକାରୀମାନେ ନିଜକୁ ବଞ୍ଚାଇବା ଲାଗି ସିବିଆଇ ଅଧିକାରୀମାନଙ୍କୁ ଅଟକ ରଖିଥିଲେ। ଏହାସହ ସେମାନେ ଟିଏମ୍‌ସିର ରାଜନୈତିକ ଧାରଣାରେ ବସିଥିବା ଏଥିରେ ଦର୍ଶାଯାଇଛି। ରାଜୀବ କୁମାର ଅଦାଲତ ଅବମାନନା କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିଟିଶନରେ ଅନୁରୋଧ କରାଯାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନାକରିଦେଇଛନ୍ତି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦାଏର କରିଥିବା ଉକ୍ତ ପିଟିଶନର ଶୁଣାଣି ମଙ୍ଗଳବାର କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ସିବିଆଇ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ପଶ୍ଚିମବଙ୍ଗ ସରକାର ଏହା ବିରୋଧରେ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶିବକାନ୍ତ ପ୍ରସାଦ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜଣିକିଆ ଖଣ୍ଡପୀଠରେ ଏହି ପିଟିଶନର ବିଚାର କରାଯିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ରାଜ୍ୟର ଘଟଣାକ୍ରମକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାସହ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ରାଜନାଥ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାଜପାର ଏକ ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ଟିଏମ୍‌ସି ସରକାରଙ୍କ ବିରୋଧରେ ଫେରାଦ ହୋଇଛି। ପଶ୍ଚିମବଙ୍ଗରେ ଲୋକ ସଭା ନିର୍ବାଚନ ମୁକ୍ତ ଓ ନିରପେକ୍ଷ ଭାବେ କରାଇବାକୁ ଭାଜପା ନେତାମାନେ ଇସିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗଣତନ୍ତ୍ରରେ ଟିଏମ୍‌ସି ବିଶ୍ୱାସ କରୁ ନ ଥିବାରୁ ଅନ୍ୟ ଦଳଗୁଡ଼ିକୁ ପଶ୍ଚିମବଙ୍ଗରେ ରାଜନୈତିକ ସଭା କରାଇ ଦେଉନାହିଁ। ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଅନୁମତି ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଏହି ମର୍ମରେ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି।

### ତୃଣମୂଳ କଂଗ୍ରେସ...

ମୋଦି-ଶାହଙ୍କ ସ୍ୱେଚ୍ଛାଚାର ଶାସନର ଏହା ନମୁନା ମାତ୍ର। ପଶ୍ଚିମବଙ୍ଗରେ ଘଟୁଥିବା ଘଟଣାବଳୀ କ୍ଷମତାର ଅପବ୍ୟବହାର, ସ୍ୱାଧୀନ ସଂସ୍ଥାର ସ୍ୱାୟତ୍ତତା ନଷ୍ଟ କରୁଥିବାର ପ୍ରମାଣ। ଏହାର ବିରୋଧରେ ସମସ୍ତ ଦେଶପ୍ରେମୀ ଭାରତୀୟ ଛିଡା ହେବାର ଆବଶ୍ୟକତା ରହିଛି ବୋଲି ନିରଞ୍ଜନ କହିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତାଙ୍କ କାର୍ଯ୍ୟକଳାପକୁ ସମର୍ଥନ କରିଛନ୍ତି। ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି। ତାରା କହିଛନ୍ତି ଯେ, ବିଜେଡି-ଭାଜପା ରାଜ୍ୟରେ ବାଡିଆପିଟା , ହେଲେ ଦିଲ୍ଲୀରେ କୋଳାକୋଳି। ମମତା ଜଣେ ଦୃଢ ନେତ୍ରୀ, ତାଙ୍କ ପଦକ୍ଷେପକୁ ସ୍ୱାଗତ। ବିଜେଡିର ସମର୍ଥନରେ ମମତାଙ୍କ ପ୍ରତି ଦରଦ ନାହିଁ। ଭୟ ରହିଛି, ବିଜେଡି ନେତାମାନେ ଚିଟଫଣ୍ଡରେ ସଂପୃକ୍ତ ଥିବାରୁ ଏପରି ପ୍ରତିକ୍ରିୟା ପ୍ରକାଶ କରୁଥିବା ତାରା କହିଛନ୍ତି।

ମମତାଙ୍କ ପ୍ରତି ବିଜେଡିର ଆଭିମୁଖ୍ୟକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ତୃଣମୂଳ କଂଗ୍ରେସ ପରି ବିଜୁ ଜନତା ଦଳ ମଧ୍ୟ ଚିଟଫଣ୍ଡ ଜମାକାରୀଙ୍କ ଟଙ୍କା ଖାଇଛି। ତେଣୁ ସମଧର୍ମୀ ଭାବେ ମମତାଙ୍କ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିଜେଡି ବିରୋଧ କରିଛି। ଶାରଦା ଏବଂ ଅର୍ଥତତ୍ତ୍ୱ ଭଳି କମ୍ପାନୀର ପୃଷ୍ଠପୋଷକ ନବୀନ ବାବୁ ଏବଂ ମମତା ବାନାର୍ଜୀ ଥିଲେ। ଚିଟଫଣ୍ଡରେ ସିବିଆଇ ଜେରା କରିଥିବା ସରୋଜ ସାହୁ କିଏ। ସେ କଥାର ଉତ୍ତର ମିଳିପାରିନାହିଁ। ତେଣୁ ଡରରେ ବିଜେଡି ଏଭଳି ଆଭିମୁଖ୍ୟ ନେଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଜାରି ରହିଥିବା ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ନିକଟରେ ବିଜେଡିର ଦୁଇ ତୁଙ୍ଗ ନେତା ଅରୁଣ ସାହୁ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ହାଜର ହେବା ପାଇଁ ସମନ୍ କରିଥିଲା।

### ଜିଲାପାଳ, ଡିଏଫ୍‌ଓଙ୍କୁ...

ଉପରେ ନଷ୍ଟ ହୋଇଥିବା ସବୁଜିମା ଖର୍ଚ୍ଚ ସମ୍ପୃକ୍ତ ସଂସ୍ଥା ବହନ କରିବ। ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପରେ ଜିଲାପାଳ ଓ ଡିଏଫ୍‌ଓ ଫେବୃୟାରୀ ୪ ସୁଦ୍ଧା ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ ବୋଲି ଆଦେଶ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲାପାଳ ଓ ଡିଏଫ୍‌ଓ ରିପୋର୍ଟ ଦାଖଲ କରିବାରେ ଅସମର୍ଥ ହେବାରୁ ଏନ୍‌ଜିଟି ଉଭୟଙ୍କ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏ ନେଇ ଡିଏଫ୍‌ଓ ସନ୍ତୋଷ କୁମାର ଯୋଶୀଙ୍କୁ ପଚାରିବାରୁ ଏଭଳି ଜରିମାନା ବିଷୟରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି। ଜିଲାପାଳ ଆଶିଷ ଠାକରେଙ୍କୁ ପଚାରିବାରୁ ସମସ୍ତ ତଥ୍ୟ ଦିଆଯାଇଛି। ଏନ୍‌ଜିଟିରୁ ଜରିମାନା ସମ୍ପର୍କିତ ନୋଟିସ ଆସି ନ ଥିବା କହିଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମଣ୍ଟେକାର୍ଲୋ କମ୍ପାନୀ ବାୟାପଣ୍ଡାଧର ଗ୍ରାମରେ ମୋଟ ୧୮.୬୨ ହେକ୍ଟର ଜମି ଦଖଲ କରିଥିଲା। ଉକ୍ତ ଜମିରେ କମ୍ପାନୀ ବେଆଇନ ଭାବେ ଗଛକାଟି ଜଙ୍ଗଲ ସଂରକ୍ଷଣ ଆଇନର ଧାରା ୨ର ଉଲ୍ଲଂଘନ କରିଥିଲା। ଏପରି କି କମ୍ପାନୀ ସେଠାରେ କ୍ୟାମ୍ପ୍ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ସହ କଂକ୍ରିଟ୍ ମିକ୍ସ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର୍ ଇତ୍ୟାଦି ସ୍ଥାପନ କରିଥିଲା। ସେହିପରି ସେଠାରେ ଥିବା ଜୁଆଙ୍ଗ ଆଦିବାସୀଙ୍କ ବ୍ୟକ୍ତିଗତ ଜଙ୍ଗଲ ଜମିକୁ ମଧ୍ୟ ମାଡ଼ି ବସିଥିଲା। ନିୟମାନୁଯାୟୀ, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବନବାସୀଙ୍କୁ ମିଳିଥିବା ଜମିକୁ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ। କିନ୍ତୁ ଏ କ୍ଷେତ୍ରରେ, ଉକ୍ତ ଜମିଗୁଡିକ ଚଞ୍ଚକତାପୂର୍ବକ ପାୱାର ଅଫ୍ ଆର୍ଟର୍ନି ଦ୍ୱାରା ହଡ଼ପ କରାଯାଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ମାର୍ଚ୍ଚ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

## ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ପରଲୋକ

**ଭୁବନେଶ୍ୱର,(ବ୍ୟୁରୋ)/ନୟାଗଡ଼ ଅଫିସ/ଗଣିଆ(ଡି.ଏନ୍.ଏ.), ୪।୨**



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିହର କରଣଙ୍କ ସୋମବାର ଭୋର ୫ଟା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲା ବିଶେଷ କରି ଜନ୍ମମାଟି ଗଣିଆ ବ୍ଲକ କରଡ଼ାପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ହରିହର ଦଶପଲ୍ଲା ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ୧୯୪୭ ମେ' ୫ ତାରିଖରେ କରଡାପଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଛାତ୍ରଜୀବନରୁ ସେ ରାଜନୀତିରେ ପାଦ ଥାପିଥିଲେ । ସେ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ ରେ ସେ ପ୍ରଥମଥର ପାଇଁ ଦଶପଲ୍ଲା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଘୋଡା ଚିହ୍ନରେ ବିଜୟୀ ହୋଇଥିଲେ । ସେ ସମୟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱତନ୍ତ୍ର ପାର୍ଟିର ପଦ୍ମଚରଣ ମିଶ୍ରଙ୍କୁ ମାତ୍ର ୭୩ ଖଣ୍ଡ ଭୋଟରେ ହରାଇଥିଲେ। ୧୯୮୦ରେ ସେ କଂଗ୍ରେସ ଦଳ ଟିକେଟରୁ ପୁଣିଥରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ସେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । ୨୦୧୩ରେ ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ଦାୟିତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିବା ବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବହୁ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଳବନ୍ଧ ନିର୍ମାଣ କରିବାରେ ତାଙ୍କର ଅବଦାନ ଅତୁଳନୀୟ। କରଣଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବିଧାୟକ ଅରୁଣ ସାହୁ, ଅନୁଭବ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ କରଣଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଶୋକପ୍ରକାଶ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ନୂଆଦିଲ୍ଲୀରେ ଶନିବାର ସର୍ଚ୍ଚ ଅପରେଶନ୍ ଦାୟିତ୍ୱରେ ଥିବା ସିବିଆଇର ଜଣେ ହେଡକନଷ୍ଟେବଲ ୬ଲକ୍ଷ ଟଙ୍କା ଲୁଟି ନେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ସିବିଆଇ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାମ ସୁଦେଶ ଯାଦବ। ନୂଆଦିଲ୍ଲୀରେ ୱିଙ୍ଗ କମାଣ୍ଡର ୱାଇ. ଏସ୍. ତୋମାର(ଅବସରପ୍ରାପ୍ତ)ଙ୍କ ଏକ ଫାର୍ମ ହାଉସ୍ ଜଗାରଖା ପାଇଁ ସୁଦେଶ ମୁତୟନ ଥିଲେ ।



## ସଂକ୍ଷେପରେ

### ପୁଣି ଝାରସୁଗୁଡ଼ା ଆସୁଛନ୍ତି ମୋଦି

**ଝାରସୁଗୁଡ଼ା ଅଫିସ,୪।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃୟାରୀ ୮ରେ ପୁଣିଥରେ ଝାରସୁଗୁଡ଼ା ଆସିବେ। ଏଥର କିନ୍ତୁ ଝାରସୁଗୁଡ଼ାରେ ତାଙ୍କର କୌଣସି କାର୍ଯ୍ୟକ୍ରମ ନାହିଁ। ଛତିଶଗଡ଼ ଲରାସ୍ଥିତ ଏନ୍‌ଟିପିସିର ଉଦ୍‌ଘାଟନୀ ଉତ୍ସବରେ ସେ ଯୋଗଦେବେ। ନିର୍ଦ୍ଧାରିତ ହୋଇଥିବା ଗସ୍ତସୂଚୀ ଅନୁସାରେ, ୮ ତାରିଖ ସକାଳ ୯.୩୫ରେ ସେ ନୂଆଦିଲ୍ଲୀରୁ ବିମାନରେ ଆସି ୧୧.୧୫ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବେ। ପୂର୍ବରୁ ପ୍ରସ୍ତୁତ ଥିବା ବାୟୁସେନାର ହେଲିକପ୍ଟର ଯୋଗେ ଝାରସୁଗୁଡ଼ାରୁ ଛତିଶଗଡ଼ର ରାୟଗଡ଼ ଯାତ୍ରା କରିବେ। ସେଠାରେ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣିଥରେ ଦିନ ୧.୩୦ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧.୩୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପଶ୍ଚିମବଙ୍ଗର ବଡଡୋଗ୍ରା ଯିବା ପାଇଁ ଗସ୍ତସୂଚୀ ଧାର୍ଯ୍ୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲା ପୋଲିସକୁ ମୌଖିକ ନିର୍ଦ୍ଦେଶ ମିଳିଥିବା ଜଣାଯାଇଛି।

## ଏନ୍‌ଜିଟିର ୨୫ କୋଟି କ୍ଷତିପୂରଣ ଡିମାଣ୍ଡ ମାମଲା

# ପକ୍ଷ ରଖିବେ ରାଜ୍ୟ ସରକାର

**ଯାଜପୁର ଅଫିସ,୪।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାର ହରଡ଼ଘଣାରେ ପଡିଛନ୍ତି। ରାଜ୍ୟ ସରକାର ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ନିର୍ଦ୍ଦେଶ ଉପରେ ସୋମବାର ଏକ ଭିଡିଓ କନ୍‌ଫରେନ୍ସି ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜିଲା ପ୍ରଶାସନର ସମ୍ପୃକ୍ତ ଅଧିକାରୀଙ୍କୁ କଡା ତାଗିଦ୍ କରିଥିବା ସୂଚନା ମିଳିଛି । ଏହାସହ ପୂର୍ବରୁ କୌଣସି ନୋଟିସ କିମ୍ବା ସୂଚନା ନ ଦେଇ ୨୫କୋଟି ଟଙ୍କା ଡିମାଣ୍ଡ କରିଥିବାରୁ ଏନ୍‌ଜିଟି ସମ୍ମୁଖରେ ରାଜ୍ୟ ସରକାର ପକ୍ଷ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

ଏନ୍‌ଜିଟିରେ ଗତ ୪।୧।୨୦୧୯ରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋୟଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଡଙ୍କାରୀରେ ବେଆଇନ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ।



**ଡଙ୍କାରୀରେ ବେଆଇନ ଖନନ**

**■ ଜିଲା ପ୍ରଶାସନକୁ କଡ଼ା ତାଗିଦ କଲେ ମୁଖ୍ୟ ଶାସନ ସଚିବ**

ରାୟରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଇଥିଲେ। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ତେଣୁ ଏଥିପାଇଁ ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୧ ମାସ ମଧ୍ୟରେ ୨୫ କୋଟି ଟଙ୍କା ଜମା କରିବାକୁ ରାୟରେ କହିଥିଲେ। ଏଥିପାଇଁ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କ ଠାରୁ ଉପରୋକ୍ତ ଅର୍ଥ ଆଦାୟ କରାଯାଇ ପାରିବ । ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ । ବେଆଇନ ଖାଦାନ ଯୋଗୁ ରୋଗଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି (ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ଏନ୍‌ଜିଟି ରାୟରେ ପ୍ରକାଶ କରିଥିଲା। ଏ ସଂକ୍ରାନ୍ତରେ ଗତ ମାସ ୨୬ ତାରିଖରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଛାନିଆ ହୋଇଯାଇଥିଲା। ଏନ୍‌ଜିଟି ରାୟରୁ କିଭଳି ମୁକୁଳାଯାଇ ପାରିବ ସେ ନେଇ ତର୍ଜମା କରିବା ସହିତ ଭିଡିଓ କନ୍‌ଫରେନ୍ସରେ ପକ୍ଷ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଲିଜଧାରୀ ଶ୍ରୀବାସ ଜେନା ଏନ୍‌ଜିଟିର ୩।୧୮।୨୦୧୮ ତାରିଖ ରାୟ ଉପରେ ସୁପ୍ରିମକୋର୍ଟରେ ଆଣିଥିବା ସ୍ଥଗିତାଦେଶ ଉପରେ ମଧ ଆଲୋଚନା ହୋଇଥିଲା। ଏହାସହ ରାଜ୍ୟ ସରକାରଙ୍କୁ ପୂର୍ବରୁ କୌଣସି ସୂଚନା ନ ଦେଇ ୨୫ କୋଟି ଟଙ୍କା କ୍ଷତିପୂରଣ ବାବଦ ଅର୍ଥ ଦାଖଲ କରିବା ସମୀଚିନ ନୁହେଁ ବୋଲି କନ୍‌ଫରେନ୍ସରେ ମତପ୍ରକାଶ ପାଇଥିବା ଜଣାପଡିଛି। ତେଣୁ ଜିଲାପାଳ ଏହି ମର୍ମରେ ଏନ୍‌ଜିଟିରେ ପକ୍ଷ ରଖିବେ ବୋଲି ଶେଷରେ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷେ ବେଆଇନ ଉତ୍ତୋଳନ ଉପରେ ଜିଲା ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ତାଗିଦ କରିଛନ୍ତି। ଏପଟେ ଡଙ୍କାରୀ ପାଦଦେଶରେ ଥିବା ଏଆର୍‌ଏସ୍‌ଏସ୍ ମେଗା କ୍ରଶରରେ ପ୍ରତ୍ୟହ ଶତାଧିକ ଟ୍ରିପ କଳାପଥର କାରବାର ଚାଲିଛି । ଏ ପର୍ଯ୍ୟନ୍ତ ଗୋଟିଏ ବି କଳାପଥର ଖାଦାନ ଉପରେ ପରିବେଶ ମଞ୍ଜୁରୀ ମିଳିନାହିଁ । ତଥାପି କେଉଁଠୁ କୋଟି କୋଟି ଟଙ୍କାର କଳାପଥର ଏଆରଏସଏସକୁ ଯୋଗାଇ ଦିଆଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, ୨୫କୋଟି ଟଙ୍କା ଜମା କରିବା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କସ୍ତରରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ନାରୀ ନିର୍ଯାତନା ପ୍ରସଙ୍ଗରେ ମହିଳା ମୋର୍ଚ୍ଚାର ଭିଡିଓ ଜାରି

# ୧୪୭ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବ ଭାଜପା

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ଓଡ଼ିଶାରେ ମହିଳା ଏବଂ ନାବାଳିକାମାନେ ଲଜ୍ଜିତ, ଅପମାନିତ ଏବଂ ଅସୁରକ୍ଷିତ। ରାଜନୈତିକ ପୃଷ୍ଠପୋଷକତା ପାଇଁ ବଳାତ୍କାର ଭଳି ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ଖସିଯାଉଛନ୍ତି। ରାଜ୍ୟ ପୋଲିସ ଓ କ୍ରାଇମବ୍ରାଞ୍ଚ ଶାସକ ଦଳ ନେତା ଏବଂ ଅପରାଧୀଙ୍କ ହାତବାରିସି ସାଜିଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି। ଭାଜପା ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶାରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗରେ ସରକାରଙ୍କୁ ଜବାବ ମାଗିବା ଅଭିଯାନରେ ଏକ ଭିଡିଓ ରିଲିଜ୍ କରିଛି । ଭିଡିଓରେ ପିପିଲି ପୀଡିତା ଦୁଃଖ ଏବଂ ତାର ଅନ୍ତରାତ୍ମାର କାହାଣୀକୁ ନେଇ ଚିତ୍ରାଳାପ କରାଯାଇଛି। ବଳାତ୍କାର ପରେ ମୃତ୍ୟୁବରଣ କରିଥିବା ପିପିଲି ପୀଡିତା ଆତ୍ମା ବର୍ତ୍ତମାନ ନ୍ୟାୟ ମାଗୁଥିବା ଦର୍ଶାଯାଇଛି। ଏହି ଭିଡିଓ ଜରିଆରେ ମହିଳା ମୋର୍ଚ୍ଚା ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀକୁ ଯିବ ବୋଲି ପ୍ରଭାତି ସୂଚନା ଦେଇଛନ୍ତି।

ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବୁଲୁଥିବା 'ଜବାବ ମାଗୁଛି ଓଡ଼ିଶା' ଗାଡିରେ ଏହି ଭିଡିଓ ସମସ୍ତ ଗ୍ରାମରେ ପ୍ରଦର୍ଶିତ କରାଯିବ। ରାଜ୍ୟର ଆପରାଧିକ ମାମଲାର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ଅପରାଧୀଙ୍କୁ କିପରି ଖସାଇ ଦିଆଯାଇପାରିବ ସେହି ଦିଗରେ କାମ କରୁଛି ବୋଲି ପ୍ରଭାତି କହିଛନ୍ତି।

### ପୂର୍ବ ତଟ ରେଳପଥ

**ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼ ଠାରେ ବୃତ୍ତିଗତ ସେବା ଯୋଗାଇବା ନିମନ୍ତେ ଅବୈତନୀକ (HONORARY) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ (HVS) ନିଯୁକ୍ତି ନିମନ୍ତେ ଆବେଦନ**

ନିଯୁକ୍ତି ସୂଚନା ସଂ. CMS/KUR/MED/HVS/2019/154 ତା. 25.01.2019ରିଖ

| କ୍ର. ସଂ. | ବିଶେଷଜ୍ଞତା | ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା | ପାରିଶ୍ରମିକ ଦର | ପଦ ସଂଖ୍ୟା |
|---|---|---|---|---|
| 1. | ଅପ୍‌ଥାଲୋମୋଲୋଜି (Ophthalmology) | ସର୍ବନିମ୍ନ ଯୋଗ୍ୟତା : ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡ୍ରିଗ୍ରୀ, ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଅପ୍‌ଥାଲୋମୋଲୋଜି କ୍ଷେତ୍ରରେ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା । | ଟ.48,000/- | 01 |
| 2. | କାନ, ନାକ, ଗଳା (ENT) | ସର୍ବନିମ୍ନ ଯୋଗ୍ୟତା : ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡ୍ରିଗ୍ରୀ, ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ENT (କାନ,ନାକ,ଗଳା) କ୍ଷେତ୍ରରେ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା । | ଟ.48,000/- | 01 |

ଦ୍ରଷ୍ଟବ୍ୟ : ସ୍ନାତକୋତ୍ତର ଡିଗ୍ରୀ ସହିତ କୌଣସି ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନହେବା ସ୍ଥଳେ ସ୍ନାତକୋତ୍ତର ଡିପ୍ଲୋମା ପ୍ରାପ୍ତ କରିବା ପରେ ସଂପୃକ୍ତ ବିଶେଷଜ୍ଞତାରେ ବୃତ୍ତିଗତ କାର୍ଯ୍ୟରେ 05 ବର୍ଷର ଅଭିଜ୍ଞତାଥିବା ସ୍ନାତକୋତ୍ତର ଡିପ୍ଲୋମାଧାରୀ ।

| କ୍ର. ସଂ. | ସ୍ପେସିଆଲିଟି | ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା | ପାରିଶ୍ରମିକ ଦର | ପଦ ସଂଖ୍ୟା |
|---|---|---|---|---|
| 3. | କାର୍ଡିଓଲୋଜି (Cardiology) | ସର୍ବନିମ୍ନ ଯୋଗ୍ୟତା : ପୋଷ୍ଟ ଡକ୍ଟରାଲ ଯୋଗ୍ୟତା DM/MCH କିମ୍ବା ସମତୁଲ୍ୟ । | ଟ.60,000/- | 01 |
| 4. | ନ୍ୟୁରୋଲୋଜି (Neurology) | ସର୍ବନିମ୍ନ ଯୋଗ୍ୟତା : ପୋଷ୍ଟ ଡକ୍ଟରାଲ ଯୋଗ୍ୟତା DM/MCH କିମ୍ବା ସମତୁଲ୍ୟ । | ଟ.60,000/- | 01 |

**ବୟସ ସୀମା :** 30 ବର୍ଷରୁ 64 ବର୍ଷ (ସମସ୍ତ କ୍ରମ ସଂ. ପାଇଁ), **ସମୟସୂଚୀ :** (ପରିଦର୍ଶନ ସଂଖ୍ୟା / ଘଣ୍ଟା ସଂଖ୍ୟା): ଦୈନିକ 4 ଘଣ୍ଟା ହିସାବରେ ସପ୍ତାହରେ 4 ଦିନ (ସମସ୍ତ କ୍ରମ ସଂ. ପାଇଁ)

ଏହି ନିଯୁକ୍ତି ଏକ ବର୍ଷ ପାଇଁ ସଂପୂର୍ଣ୍ଣ ଚୁକ୍ତିଭିତ୍ତିକ ଅଟେ (ସର୍ତ୍ତାବଳୀ ଅନୁଯାୟୀ ନବୀକରଣୀୟ ଅଟେ) ।

**ଆବେଦନ କିପରି କରିବେ :** ଅବୈତନୀକ ଭିଜିଟିଙ୍ଗ୍ ସ୍ପେସିଆଲିଟି ଭାବେ ନିଯୁକ୍ତି ନିମନ୍ତେ ଆବେଦନକାରୀଙ୍କୁ ସମ୍ବନ୍ଧିତ ପ୍ରମାଣପତ୍ରଗୁଡ଼ିକର ସତ୍ୟାପିତ ନକଲ ସହିତ ନିର୍ଦ୍ଧାରିତ ଫର୍ମାଟ୍‌ରେ **ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳବାଇ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼**ଙ୍କ ଠିକଣାରେ ପଠାଇ ପାରିବେ, ଯାହାକି ତା.06.03.2019ରିଖ ସୁଦ୍ଧା କିମ୍ବା ତା'ପୂର୍ବରୁ ସେଠାରେ ପହଞ୍ଚିଥିବା ଆବଶ୍ୟକ । ଚୟନ ପ୍ରକ୍ରିୟା ସ୍କ୍ରିନିଙ୍ଗ୍ ପେପର (ସମ୍ବନ୍ଧିତ ପ୍ରମାଣପତ୍ର) ଭିତ୍ତିରେ ସମ୍ପାଦନ କରାଯିବ । ଚୟନ ସମୟରେ ଅବୈତନୀକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟଙ୍କୁ ଶାରିରୀକ ଭାବରେ ଉପସ୍ଥିତ ହେବା ପାଇଁ କୁହାଯିବ ନାହିଁ । ଦରଖାସ୍ତ କରିବା ସମୟରେ ପ୍ରାର୍ଥୀଙ୍କୁ ନିର୍ଦ୍ଧାରିତ ଫର୍ମାଟ୍ ସହିତ ନିମ୍ନବର୍ଣ୍ଣିତ ପ୍ରମାଣପତ୍ରଗୁଡ଼ିକୁ ସଂଲଗ୍ନ କରିବାକୁ ହେବ ।

କ) ବୟସ ପ୍ରମାଣ, ଖ) ପୋଷ୍ଟ ଡକ୍ଟରାଲ (DM/MCH କିମ୍ବା ସମତୁଲ୍ୟ)ରେ ଉତ୍ତୀର୍ଣ୍ଣ ହୋଇଥିବାର ପ୍ରମାଣ, ସ୍ୱୀକୃତିପ୍ରାପ୍ତ ସଂସ୍ଥା/ବିଶ୍ୱବିଦ୍ୟାଳୟ ତରଫରୁ ଜାରି କରାଯାଇଥିବା ସ୍ନାତକୋତ୍ତର ଡିଗ୍ରୀ / ଡିପ୍ଲୋମା ଏବଂ ଅନ୍ୟ ଶିକ୍ଷାଗତ ପ୍ରମାଣପତ୍ର, ଗ) ଇଣ୍ଡିଆନ୍ ମେଡ଼ିକାଲ କାଉନସିଲ/ରାଜ୍ୟ ମେଡ଼ିକାଲ କାଉନସିଲରେ ପଞ୍ଜିକରଣ ପ୍ରମାଣ, ଘ) ପ୍ରାସଙ୍ଗିକ ଯୋଗ୍ୟତାର ମାର୍କ ସିଟ୍ ।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମ, ନିୟମ ଏବଂ ସର୍ତ୍ତାବଳୀ ପାଇଁ ଆମର ୱେବ୍‌ସାଇଟ୍ www.eastcoastrail.indianrailways.com କୁ ଅବଲୋକନ କରନ୍ତୁ ।

PR - 449/J/18-19 — ମୁଖ୍ୟ ଚିକିତ୍ସା ଅଧୀକ୍ଷକ /ଖୋର୍ଦ୍ଧା ରୋଡ଼

## ଖୋର୍ଦ୍ଧାରେ ବେଆଇନ ମାଙ୍କଡ଼ାପଥର ଖନନ

# ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ପାଇଁ ଏନ୍‌ଜିଟିଙ୍କ ଆଦେଶ

**କଟକ ଅଫିସ, ୪।୨**

ଖୋର୍ଦ୍ଧା ଜିଲା ଟାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି କରି ଏନ୍‌ଜିଟି ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ଙ୍କ ସଦସ୍ୟ ସଚିବ, ଖୋର୍ଦ୍ଧା ଜିଲାପାଳ ପ୍ରମୁଖ ସଦସ୍ୟ ରହିବେ। ଉକ୍ତ କମିଟି ଘଟଣାର ଆକଳନ କରି ଏନ୍‌ଜିଟିରେ ସବିଶେଷ ତଥ୍ୟ ଦାଖଲ କରିବେ। ଏପ୍ରିଲ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଏହି ତାରିଖ ସୁଦ୍ଧା ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଥାଉକି, ଟାପଙ୍ଗ ଅଞ୍ଚଳରେ ବେଆଇନ ମାଙ୍କଡ଼ାପଥର ଖନନକୁ ନେଇ ଗତ ଡିସେମ୍ବର ୧୯ରେ ଖୋର୍ଦ୍ଧା ଅଞ୍ଚଳର ବିଦ୍ୟୁଭୂଷଣ ହରିଚନ୍ଦନ ଓ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ ଯେ, ଟାପଙ୍ଗ ପଞ୍ଚାୟତ ଅଧୀନରେ ପ୍ରାୟ ୪୦ଟି ସ୍ଥାନ ଯଥା ଅଣ୍ଡା, ଝିଙ୍କିଝାରି ଓ ନିଜିଗଡ଼ ଟାପଙ୍ଗ ମୌଜାରେ ପାଖାପାଖି ୫୦୦ ଏକର ପରିମିତ ଅଞ୍ଚଳରେ ଏହି ବେଆଇନ ମାଙ୍କଡା ପଥର ଖନନ କରାଯାଉଛି। ଉକ୍ତ ଜମିର କିସମ କେଉଁଠି ଗ୍ରାମ୍ୟ ଜଙ୍ଗଲ ତ କେଉଁଠି ଗୋଚର ଆଉ କେଉଁଠି କାଜୁ ଜଙ୍ଗଲ। ଉକ୍ତ ଜାଗାକୁ ଚାରଣ ଭୂମି ଭାବେ ବ୍ୟବହାର କରାଯାଉଥିଲା। ମାତ୍ର ପଥର ମାଫିଆମାନେ ବେଆଇନ ଭାବେ ଏହି ଜାଗାରୁ ମାଙ୍କଡା ଖନନ କରୁଛନ୍ତି। ଖନନ ହେଉଥିବା ଅଧିକାଂଶ ଜମି ପୁରୀ ଶ୍ରୀଜଗନ୍ନାଥଙ୍କ ନାମରେ ରହିଛି। ପଥର ଖନନ କରିସାରିବା ପରେ ମାଫିଆମାନେ ଉକ୍ତ ସ୍ଥାନକୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ପଳାଉଛନ୍ତି। ଫଳରେ ସେଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି, ଯାହା ମଣିଷ ଏବଂ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଏହାବ୍ୟତୀତ ପଥର ମାଫିଆମାନେ ପଥର ଖନନ ନିଶାରେ ଉକ୍ତ ଜମିରେ ଥିବା ଗଛଗୁଡ଼ିକୁ କାଟି ପକାଉଛନ୍ତି। ଏହି ବେଆଇନ କାର୍ଯ୍ୟରେ ଜିଲା ପ୍ରଶାସନର କେତେଜଣ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ଆବେଦନକାରୀମାନେ ପିଟିଶନରେ ଏନ୍‌ଜିଟିଙ୍କୁ ଅବଗତ କରାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

### ଏସ୍.ଇ. ରେଳପଥ ଟେଣ୍ଡର

**ଭ୍ରମ ସଂଶୋଧନ**

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ (ଟିଆର୍‌ଏସ୍)ଙ୍କ ଦ୍ୱାରା ପୂର୍ବରୁ ପ୍ରକାଶିତ ଇ–ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୫-୨୦୧୮-୧୯ , ଖୋଲାଯିବାର ଧାର୍ଯ୍ୟ ତାରିଖ: ୧୧।୦୨।୨୦୧୯ ଏବଂ ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୮-୨୦୧୮-୧୯, ଖୋଲାଯିବାର ଧାର୍ଯ୍ୟ ତାରିଖ: ୧୮।୦୨।୨୦୧୯କୁ ପ୍ରଶାସନିକ କାରଣବଶତଃ ବାତିଲ କରାଯାଇଛି। (PR-1101/C)

CLASSIFIED DISPLAY



HAEMANGIOMA
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,
FOR ALL YOUR QUERIES : 9238008828

SPOKEN ENGLISH
veta
Experts in spoken English
ଆସନ୍ତୁ ଭଲ ଇଂଲିସ୍ କହିବା

Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

ଯଦି ସମାଧାନ ଅଛି, ତେବେ ଚିନ୍ତା କାହିଁକି ? | ଜୟ ସାଇ ରାମ | ସମସ୍ୟା ଆପଣଙ୍କ ହେବ, ସମାଧାନ ଆମେ କରିବୁ....
ତାନ୍ତ୍ରିକ ଜ୍ୟୋତିଷ ବାରମ୍ବାର ବାବା ଜାହିର ଖାନ୍ କେବଳ ଗୋଟିଏ ଥର


କଳା ଓ ଖରାପ ଆତ୍ମାର ବେତାଜ ବାଦ୍‌ଶାହ
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଘରେବସି ଗୋଟିଏ କଲ୍‌ରେ ହିଁ ସମାଧାନ
ବଶୀକରଣ, ପ୍ରେମବିବାହ, ସଉତୁଣୀ ଓ ଶତ୍ରୁଠାରୁ ମୁକ୍ତି , ପୋତା ଧନ, ବ୍ୟବସାୟରେ ବାଧା, ଶୁଭ ଯାତ୍ରା, ଗୃହକ୍ଳେଶ, କଳା ଯାଦୁ, କରି କରାଉଥିବା, ପିଲା ନହେବା, ବନ୍ଧ୍ୟା ଦୋଷ
ଫିସ୍ ନୁହ ପୁରସ୍କାର ନେବି । ସମସ୍ୟା ନୁହଁ ସମାଧାନ ଦେବି
ସାକ୍ଷାତ କରନ୍ତୁ କିମ୍ବା ଫୋନ୍ କରନ୍ତୁ | ବଶୀକରଣ ସ୍ପେ. ମୁଠୀକରଣୀ
ବାବା ଜାହିର ଖାନ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ନୋଟ୍ - ପ୍ରେମରେ ଧୋକା ଖାଇଥିବା ପୁଅ ଓ ଝିଅ ନିହାତି ଫୋନ୍ କରନ୍ତୁ
7557475200 7065574718

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ

୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଳେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟର୍‌ରେ ସଫଳତା।


ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେଶନ ନିକଟ
9654724520 9990987786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ

ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

### ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ

**ରାଜଗାଙ୍ଗପୁର ଶାଖା, ଲିପଲୋଇ, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭**

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ଅର୍ଥ ରାଶି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତଗୁଡ଼ିକ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ଡ଼ିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ଦଖଲ ନୋଟିସ୍ ଅନୁଯାୟୀ ମୋଟ ବକେୟା |
|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭଗବତୀ ଟ୍ରାନ୍ସପୋର୍ଟ, ସ୍ୱତ୍ୱାଧିକାରୀ: ବୃଷବ ସନ୍ୟାସୀ,** ପିତା: ଲଳିତ ରାମ ସନ୍ୟାସୀ, **ଠିକଣା-୧:** ସା.: କୁମାରକେଲା, ଲକ୍ଷ୍ମୀପଡା, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭, **ଠିକଣା-୨:** ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପ୍ରୀୟଦର୍ଶିନୀ ଭୋଇ,** ସ୍ୱାମୀ: ବୃଷବ ସନ୍ୟାସୀ, ସା.: କୁମାରକେଲା, ୱାର୍ଡ ନଂ.: ୧୫, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବୃଷବ ସନ୍ୟାସୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୮୫/୩୬୬୨ ଏବଂ ପ୍ଲଟ୍ ନଂ.: ୨୮୮୫/୪୦୦୩, ଖାତା ନଂ.: ୪୦୮/୧୯୭୧, ସମୁଦାୟ କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, ମୌଜା: କୁମାରକେଲା, ତହସିଲ: ରାଜଗାଙ୍ଗପୁର, ପୋ/ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୧୭, ଏହାର ଚଉହଦ୍ଦିରେ ଉତ୍ତର: ବିଶ୍ରାମ ବଡାଇକଙ୍କ ବାସଗୃହ, ଦକ୍ଷିଣ: ଧନସିଂ ସନ୍ୟାସୀଙ୍କ ବାସଗୃହ, ପୂର୍ବ: ବୁଧୁ କିସାନଙ୍କ ବାସଗୃହ, ପଶ୍ଚିମ: ରାସ୍ତା / **୦୧.୧୨.୨୦୧୮ / ୦୧.୦୨.୨୦୧୯** | ୩୦.୧୧.୨୦୧୮ ସୁଦ୍ଧା ଟ.୨୫,୫୯,୭୭୧/- + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ରାଜ କୁମାର ସାହୁ,** ପିତା: ୰ ସୁନ୍ଦର ସାହୁ, **୨) ଶ୍ରୀ ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁ, ଉଭୟଙ୍କ ଠିକଣା ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସାହୁ,** ପିତା: ରାଜ କୁମାର ସାହୁ, ସା.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୧୭ | **ବସନ୍ତ କୁମାର ସାହୁ,** ପିତା: ରାଜ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୪୩/୨୯୯୬, ଖାତା ନଂ.: ୨୩୭/୨୯୨, କ୍ଷେତ୍ର: ଏକର୦.୧୦୦ଡିସିମିଲି, କିସମ: ଘରବାରୀ, ମୌଜା: ଝାରବେଡା, ତହସିଲ: କୁତ୍ରା, ପୋ.: ଝାରବେଡା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୧୭, ଏହାର ଚଉହଦ୍ଦିରେ ଉତ୍ତର: ଗଣେଶ ସାହୁଙ୍କ ଖୋଲା ପ୍ଲଟ୍ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ଶାରଦା ଦେବୀଙ୍କ ବାସଗୃହ ବିଲ୍ଡିଂ, ପଶ୍ଚିମ: ପ୍ରଶାନ୍ତ ଦାସଙ୍କ ବାସଗୃହ / **୦୧.୧୧.୨୦୧୮ ଏବଂ ୦୧.୧୨.୨୦୧୮ / ୦୧.୦୨.୨୦୧୯** | ୩୦.୧୧.୨୦୧୮ ସୁଦ୍ଧା ଟ.୨୭,୦୪,୯୮୦.୬୦ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ |

**ସ୍ଥାନ: ରାଜଗାଙ୍ଗପୁର, ତାରିଖ : ୦୪.୦୨.୨୦୧୯** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ**

### ବ୍ରଜନଗର ଶାଖା,

ଅଲ୍ ଇଣ୍ଡିଆ ରେଡିଓ ନିକଟ, ଲୋଚାପଡା ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୧, ଓଡ଼ିଶା, ଫୋନ୍ ନଂ.: ୦୬୮୦-୨୨୨୨୩୨୧

बैंक ऑफ़ बड़ौदा Bank of Baroda

**ଡ଼ିମାଣ୍ଡ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)


ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଆକାଉଣ୍ଟର ନାମ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ / ନୋଟିସ୍ ଫେରସ୍ତ ହେବାର କାରଣ | ଋଣ ପରିମାଣ | ସୁଧ ହାର | ୩୧.୧୨.୨୦୧୮ସୁଦ୍ଧା ବକେୟା ପରିମାଣ (୩୧.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |
|---|---|---|---|---|---|
| ଶ୍ରୀ ମନୋଜ କୁମାର ଜେନା | **ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ଜେନା,** ପିତା: ଶ୍ରୀ ସୋମନାଥ ଜେନା, ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ମାଧବୀ ଲତା ପାତ୍ର,** ସ୍ୱାମୀ: ଶ୍ରୀ ଭାସ୍କର ଚନ୍ଦ୍ର ପାତ୍ର, **୨) ଶ୍ରୀମତୀ ବିଜୟିନୀ ପାତ୍ର,** ସ୍ୱାମୀ: ଶ୍ରୀ ମନୋଜ କୁମାର ଜେନା, ଉଭୟଙ୍କ ଠିକଣା- ସା.: ସୁରଜ ବିହାର, ୪ର୍ଥ ଲାଇନ୍, ଲୋଚାପଡା ବ୍ୟାଙ୍କ କଲୋନୀ ନିକଟ (୭ମ ଲାଇନ), ଗେଟ ବଜାର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୪୦୦୦୦୪୮୭୪ (ଓଡିବିଟିଏଲ୍)** | ୨୬.୧୨.୨୦୧୮ / ଅନୁପସ୍ଥିତ / ଜଣା ନାହିଁ | ଟ.୧୫,୦୦,୦୦୦/- | MCLR+ SP(୦.୨୫) + ୨.୫୦ (Spread) | ଟ.୧୩,୨୯,୩୬୧/- ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ ମାଧବୀ ଲତା ପାତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୩୦/୨୫୨୨, ପ୍ଲଟ୍ ନଂ.: ୨୮୨/୫୦୦୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ମୌଜା: ରାଜେନ୍ଦ୍ରପୁର, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |
| ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ ୨) ଶ୍ରୀମତୀ କ୍ରିଷ୍ଣା ଦାସ | **ଋଣଗ୍ରହୀତାମାନେ: ୧) ମେସର୍ସ ଅକ୍ଷୀତା ହୋମିଓ ଆଣ୍ଡ୍ ହର୍ବାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ କ୍ରିଷ୍ଣା ଦାସ,** ବିଡିଏ ମାର୍କେଟ କମ୍ପ୍ଲେକ୍ସ, ରୁମ୍ ନଂ.: ୨୮, ନୂଆ ବସଷ୍ଟାଣ୍ଡ, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀମତୀ କ୍ରିଷ୍ଣା ଦାସ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଦାସ, ସ୍କେକ୍ଟ୍ରମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଜ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା/ **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ଦାସ,** ପିତା: ଶ୍ରୀ ମଦନମୋହନ ଦାସ, ସ୍କେକ୍ଟ୍ରମ୍ ଏକଜୋଟିକା, ଫ୍ଲାଟ୍ ନଂ.: ୪୦୫, ହୋଣ୍ଡା ସୋରୁମ୍ ପଛପାର୍ଶ୍ୱ (ଟାଟା ବେଞ୍ଜ୍ ସ୍କୋୟାର), ନଟବର ନଗର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ୨୫୦୩୦୫୦୦୦୦୪୮୨୪ (ସିସି)** | ୩୧.୧୨.୨୦୧୮ / ଗ୍ରହଣ କରିବାକୁ ନାହିଁ କଲେ | ଟ.୧୮,୦୦,୦୦୦/- | MCLR+ SP(୦.୨୫) + ୧.୭୫ (Spread) | ଟ.୧୮,୪୮,୩୧୪/- ଯୁକ୍ତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀମତୀ କ୍ରିଷ୍ଣା ଦାସଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୭୪୨, ପ୍ଲଟ୍ ନଂ.: ୯୫୯, ୯୮୦, ୯୮୧, ସପ୍ ନଂ.: ୨୮, ମୌଜା: ଗୋଇଲୁଣ୍ଡି, ତହସିଲ: ବ୍ରହ୍ମପୁର, ଏସ୍‌ଆର୍‌ଓ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା | | | | | |

ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସଂପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ : ବ୍ରଜନଗର
ତାରିଖ : ୦୪.୦୨.୨୦୧୯

ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



"ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ, ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।" - ସକ୍ରେଟିସ୍

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ର ଶୋଭାଯାତ୍ରା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ହିବିସ୍‌କସ୍ ଆର୍ଟ ଗ୍ରୁପ୍ ପକ୍ଷରୁ ପେଣ୍ଟିଂ, ପ୍ରିଣ୍ଟ୍ ଓ ସେରାମିକ୍ସ ପ୍ରଦର୍ଶନୀ 'ଶାନ୍-ଇ-ଭୋପାଲ'ର ଉଦ୍‌ଯାପନୀ ଦିବସ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା ୩୦।
- ଇଣ୍ଡିଆନ ଆରୋଜ- ମିନର୍ଭା ପଞ୍ଜାବ ଆଇ-ଲିଗ୍ ଫୁଟବଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୨ଟା।
- 'ଆଦିବାସୀ ମେଳା-୨୦୧୯', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- ଶତାବ୍ଦୀର କଳାକାର ପକ୍ଷରୁ ୨୧ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

### କଟକ

- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା, କଟକ ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଡ୍ରାମାଟିକ ସମାରୋହ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ରେଭେନ୍‌ସା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବ, ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ୩୦।

### ସାକ୍ଷୀଗୋପାଳ

- ଡା. ଅଭୟ ମିଶ୍ର ସ୍ମାରକୀ ଆସୋସିଏଶନର ୫ମ ବାର୍ଷିକୋତ୍ସବ ଓ ଭଲିବଲ ଟୁର୍ନାମେଣ୍ଟ, ପୁରୁଣା ବୁଢ଼ାକେରା, ଅପରାହ୍ନ ୪ଟା।
- ଶ୍ରୀ ସୋମନାଥ ଦେବଙ୍କ ଶକ୍ତି ଓ ଲିଙ୍ଗ ପୁନଃ ପ୍ରତିଷ୍ଠା ମହାଯଜ୍ଞ ଅଙ୍କୁରାରୋପଣ, ନୂଆଗାଁ, ସାକ୍ଷୀଗୋପାଳ, ରାତି ୮ ଟା।

### ବାଲକାଟୀ

- ପଞ୍ଚକୁଣ୍ଡୀୟ ବଗଳା ମହାଯଜ୍ଞ, ଚଉଷଠି ଯୋଗିନୀ ପୀଠ, ହୀରାପୁର, ସକାଳ ୮ଟାରୁ ଆରମ୍ଭ।

## ଦାଶ ବେନହୁରଙ୍କୁ 'ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୪।୨(ବ୍ୟୁରୋ): ଶିଶୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ତଥା ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ବରିଷ୍ଠ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କୁ ଚଳିତବର୍ଷର 'ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ଫେବୃୟାରୀ ୧୭ରେ ନନ୍ଦନକାନନ ସ୍କୁଲ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏକାମ୍ର ଶିଶୁ ସାହିତ୍ୟ ସଂସଦର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହାସହ ଉତ୍ସବରେ ଗଗନ ବିହାରୀ ରାଉତଙ୍କୁ 'ଫୁଲ-ନରହରି ସ୍ମୃତି ସମ୍ମାନ', ବୃନ୍ଦାବନ କୁମ୍ଭାରଙ୍କୁ 'ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ', ବଳରାମ ପାତ୍ରଙ୍କୁ 'ଶଶୀ-ଶ୍ରୀଭୁଜ ସ୍ମୃତି ସମ୍ମାନ' ଓ ରେଣୁକା ଆଚାର୍ଯ୍ୟଙ୍କୁ 'ଅନାମ-ଭୂତି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବ। ସେହିଭଳି ଶିକ୍ଷାବିତ୍ ସତ୍ୟଭାମା ଆଚାର୍ଯ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବ ବୋଲି ଏକାମ୍ର ଶିଶୁ ସାହିତ୍ୟ ସଂସଦ ସଭାପତି ଡ. ଶରତ କୁମାର ବିଶ୍ୱାଳ କହିଛନ୍ତି।

## ଗବେଷକ ଦେବେନ୍ଦ୍ର ଦାଶ ପାଇବେ 'ଜଗବନ୍ଧୁ ସିଂ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୪।୨(ବ୍ୟୁରୋ): ବରିଷ୍ଠ ସାହିତ୍ୟିକ ତଥା ଗବେଷକ ଦେବେନ୍ଦ୍ର ଦାଶଙ୍କୁ ଚଳିତବର୍ଷ ପାଇଁ ସମ୍ମାନଜନକ 'ଜଗବନ୍ଧୁ ସିଂ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଜଗବନ୍ଧୁ ସିଂଙ୍କ ଜୟନ୍ତୀ ଉତ୍ସବରେ ଦେବେନ୍ଦ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗବନ୍ଧୁ ସିଂ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖରେ ପୁରୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯିବ। ପୁରସ୍କାର ରାଶିସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କା, ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଦୀର୍ଘ ୪ ଦଶନ୍ଧି ଧରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଥିବା ଦେବେନ୍ଦ୍ର 'ମଧୁସୂଦନ ଗ୍ରନ୍ଥାବଳୀ', 'ରାଧାନାଥ ଗ୍ରନ୍ଥାବଳୀ', 'ଗୋପବନ୍ଧୁ ଗ୍ରନ୍ଥାବଳୀ', 'ଫକୀରମୋହନ ଗ୍ରନ୍ଥାବଳୀ' ସହ ବହୁ ଗବେଷଣାମୂଳକ ରଚନା ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଅଧ୍ୟାପକ ବିଶ୍ୱରଞ୍ଜନ, ସାହିତ୍ୟିକ କେଦାର ମିଶ୍ର ପ୍ରମୁଖ ଯୋଗଦେବେ ବୋଲି ଜଗବନ୍ଧୁ ସିଂ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷା ସୁଜାତା ସିଂ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ

# ପ୍ରତି ଗାଡ଼ିରେ ଲାଗିବ ସ୍ପିଡ୍ ଗଭର୍ନର

ଭୁବନେଶ୍ୱର,୪।୨(ବ୍ୟୁରୋ)

- ରାଜ୍ୟର ସମସ୍ତ ଥାନାକୁ ଦିଆଯିବ ବ୍ରେଥ୍ ଆନାଲାଇଜର୍
- ୩ ଥରରୁ ଅଧିକ ଲାଇସେନ୍ସ ବାତିଲ ହେଲେ ମିଳିବନି ଲାଇସେନ୍ସ

ଦୁର୍ଘଟଣା ରୋକିବାକୁ ଆଗାମୀଦିନରେ ନିୟମକୁ କଡ଼ାକଡ଼ି କରାଯିବ। ପ୍ରତି ଗାଡ଼ିରେ ସ୍ପିଡ୍ ଗଭର୍ନର ଲଗାଇବା ଦିଗରେ ପଦକ୍ଷେପ ନିଆଯିବ। ଯେଉଁ ଚାଳକ ଅଧିକ ବେଗରେ ଗାଡ଼ି ଚଳାଉଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଫାଇନ୍ ଆଦାୟ କରାଯିବ। ଏହାଦ୍ୱାରା ଦୁର୍ଘଟଣାକୁ କିଛିମାତ୍ରାରେ ରୋକା ଯାଇପାରିବ। ବେନିୟମ ଭାବେ ଗାଡି ଚଳାଉଥିବା ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଉଥିବା ବେଳେ ଏହାକୁ ଆହୁରି କଡାକଡି କରାଯିବ। ୩ରୁ ଅଧିକ ଥର ଲାଇସେନ୍ସ ବାତିଲ ହେବା ପରେ ଆଉ ଲାଇସେନ୍ସ ଦିଆଯିବନାହିଁ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ କହିଛନ୍ତି।

ସୋମବାର ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରି ମନ୍ତ୍ରୀ ସାହୁ ଏକ ଦୁର୍ଘଟଣାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଦୁର୍ଘଟଣା ରୋକିବାକୁ ଶିକ୍ଷା ଓ ସଚେତନତାକୁ ବ୍ୟାପକ କରିବା ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବହନ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇ କହିଥିଲେ, ଅଧିକ ଜୋର, ମଦ୍ୟପାନ ଓ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଦ୍ୱାରା ଦୁର୍ଘଟଣା ବଢୁଛି। ମଦ୍ୟପଙ୍କ ଉପରେ ରୋକ ଲଗାଇବା ସହ ଯାଞ୍ଚ ବ୍ୟବସ୍ଥା କଡାକଡି କରିବାକୁ କମିଶନରେଟ୍ ପୋଲିସ ଅଧୀନରେ ଥିବା ସମସ୍ତ ଥାନାକୁ ବ୍ରେଥ୍ ଆନାଲାଇଜର୍ ଦିଆଯାଇଛି। ଆସନ୍ତାବର୍ଷ ରାଜ୍ୟର ସମସ୍ତ ଥାନାକୁ ଏହା ଯୋଗାଇ ଦିଆଯିବ ବୋଲି କମିଶନର ପଣ୍ଡା ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା କିଟ୍ କ୍ୟାମ୍ପସ୍‌ରୁ ବାହାରି ଚନ୍ଦ୍ରଶେଖରପୁରର ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌କୁ ଯାଇଥିଲା। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସନ, ପରିବହନ କମିଶନର ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅତିରିକ୍ତ ପରିବହନ କମିଶନର ଶ୍ରୀନିବାସ ବେହେରା, ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା କଳିଙ୍ଗ ଫାଉଣ୍ଡେଶନର କର୍ମକର୍ତ୍ତା ଦେବବ୍ରତ ନାୟକ, ଡେପୁଟି କମିଶନର ମନୋରଞ୍ଜନ ଲୋଧା, ଯୁଗ୍ମ କମିଶନର ଚିତ୍ତରଞ୍ଜନ ରାୟଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସେମାନେ ସଡ଼କ ସୁରକ୍ଷା ପଦଯାତ୍ରାରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଟ୍ରକ୍, ବସ୍, ମିନିଟ୍ରକ୍, ଟ୍ୟାକ୍ସି, ଅଟୋ ସଂଘର ସଭାପତି ଏବଂ ସମ୍ପାଦକ, କିନ୍ନର ସଂଘ, ଡ୍ରାଇଭିଂ ଟ୍ରେନିଂ ସ୍କୁଲର କର୍ମକର୍ତ୍ତା, କ୍ରୀଡାବିତ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧିଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ୧ ଓ ୨ର ସମସ୍ତ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ଲାଗି ସଚେତନତା ନିମନ୍ତେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଆୟୋଜିତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ରାଜ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପରିବହନ ବିଭାଗ ପକ୍ଷରୁ ପ୍ରାୟୋଜିତ ଏକ ସଡ଼କ ସୁରକ୍ଷା ରଥ ସହ ସାଇକେଲ ରାଲି ମଧ୍ୟ ରାଜ୍ୟର ବିଭିନ୍ନ ସହର ସବୁ ପରିକ୍ରମା କରିବ।




ଭୁବନେଶ୍ୱର ସୂଚନା ଭବନଠାରେ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

# ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଓଡ଼ିଶାରେ ନବଜାଗରଣର ଅଭ୍ୟୁଦୟ ପାଇଁ ଉତ୍ସର୍ଗୀକୃତ ଥିଲା। ଓଡ଼ିଶାରେ ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରିର ଅଭିବୃଦ୍ଧି, ଭାଷା ଆନ୍ଦୋଳନ, ନାରୀ ଜାଗରଣ ଓ ସଶକ୍ତୀକରଣ ଏବଂ ସ୍ୱତନ୍ତ୍ର ଓଡ଼ିଶା ଗଠନର ପ୍ରମୁଖ ମହାରଥୀ ଭାବରେ ମଧୁବାବୁ ଚିରସ୍ମରଣୀୟ ହୋଇ ରହିବେ ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୋମବାର ସୂଚନା ଭବନଠାରେ ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା ଏହା କହିଛନ୍ତି। ମଧୁବାବୁ ଓଡ଼ିଶାର ରାଜନୈତିକ ଇତିହାସରେ ଅନ୍ୟତମ ପ୍ରମୁଖ ବିନ୍ଧାଣୀ। ସେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ। ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାକୁ ପ୍ରତିଷ୍ଠିତ ତଥା ପରିବର୍ଦ୍ଧିତ କରିବାକୁ ପ୍ରତିଟି ଓଡ଼ିଆ ଯେତେବେଳେ ଉଦ୍ୟମ କରିବେ, ସେତେବେଳେ ମଧୁବାବୁଙ୍କୁ ପ୍ରେରଣାର ଆଲୋକ ଭାବରେ ପାଉଥିବେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଜନ୍ମମାଟିର ଝିଅ ଓ ବୋହୂ ହୋଇଥିବାରୁ ନିଜକୁ କୃତଜ୍ଞ ବୋଲି କହିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିବା ସହ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୁବନେଶ୍ୱରସ୍ଥିତ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମଧୁବାବୁ ଏକ ପ୍ରଭାବଶାଳୀ ଅନୁଷ୍ଠାନ ଥିଲେ। ଜୀବନର ବହୁ କ୍ଷେତ୍ରରେ ପ୍ରଥମ ହୋଇଥିବା ମଧୁବାବୁ ପିଢ଼ି ପରେ ପିଢ଼ିଙ୍କୁ ଅନୁପ୍ରାଣୀତ କରିଆସିଛନ୍ତି। ତାଙ୍କ ଜୀବନର ଘଟଣାବହୁଳ ଅଧ୍ୟାୟଗୁଡ଼ିକ ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିବା ବେଳେ ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭା ଶେଷରେ 'ସ୍ୱର ବିତାନ' ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀମାନେ ବୃନ୍ଦ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

## ନଗର କଂଗ୍ରେସ ସଭାପତିଙ୍କ ବିରୋଧରେ ଫେରାଦ

କଟକ ଅଫିସ, ୪।୨

କଟକ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟିର ନେତା ସୟଦ ମୁନ୍ତାକିମ୍ ବକ୍ସ ସୋମବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ମୋକିମଙ୍କ ବିରୋଧରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ବେଳେ ୨୦୧୪ରେ ମୋକିମ ତାଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏ ନେଇ ସେ ଦରଘାବଜାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତେଣୁ ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁନ୍ତାକିମ ଦାବି କରିଛନ୍ତି। ଏପରିକି ଆସନ୍ତା ୬ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ମୋକିମଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ରାହୁଲ ସ୍ପଷ୍ଟ କରିବାକୁ ମୁନ୍ତାକିମ ଦାବି କରିଛନ୍ତି। ତେବେ ମୁନ୍ତାକିମଙ୍କ ଅଭିଯୋଗ ସମ୍ପର୍କରେ ମୋକିମ ପ୍ରତିକ୍ରିୟା ଦେଇ ଏହାକୁ ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି। ୨୦୧୪ରେ ଯଦି ସେ ଏତଲା ଦେଇଥିଲେ ୫ ବର୍ଷ ପରେ କ'ଣ ତାଙ୍କର ମନେ ପଡୁଛି। ନିର୍ବାଚନ ଆସିଲେ ଏଭଳି ଅଭିଯୋଗ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ମୋକିମ କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ମାମଲା

## ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ

କଟକ ଅଫିସ, ୪।୨

ବାଲିପାଟଣା ଥାନା ଅଧୀନ ନୂଆପଡ଼ା ଗ୍ରାମରେ ଗତ ଡିସେମ୍ବର ୧୨ ତାରିଖରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ନୂଆପଡ଼ା ଗ୍ରାମର ଭୀମ ରାଉତରାୟ। ଭୀମଙ୍କ ମୃତ୍ୟୁ ସମ୍ପର୍କିତ ଖବର ଡିସେମ୍ବର ୧୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଧରିତ୍ରୀ ଖବରକୁ ଭିତ୍ତିକରି ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦାସ ମୃତକ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ବିଦ୍ୟୁତ୍ ବିଭାଗର କେତେକ ଦାୟିତ୍ୱହୀନତାକୁ ଦର୍ଶାଇଥିଲେ। ଯଥା ବିଭିନ୍ନ ସମୟରେ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିବା, ପୁରୁଣା ତାର ଯୋଗେ ବିଦ୍ୟୁତ୍ ସରବରାହ ଆଦି ଘଟଣାକୁ ସେ କମିଶନଙ୍କ ନଜରକୁ ଆଣିଥିଲେ। ଉକ୍ତ ଆବେଦନର ଶୁଣାଣି କରି କମିଶନଙ୍କ ପକ୍ଷରୁ ସୋମବାର ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରାଯାଇଛି। ୪ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ଆଦେଶ ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସରକାର ରିପୋର୍ଟ ଦାଖଲରେ ଅସମର୍ଥ ହୁଅନ୍ତି ତେବେ ଶକ୍ତି ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କୁ କମିଶନରେ ବ୍ୟକ୍ତିଗତ ହାଜର ପାଇଁ ନୋଟିସ ଦିଆଯିବ ବୋଲି ଆଦେଶରେ ଉଲ୍ଲେଖ ରହିଛି। ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

### ଗସ୍ତ ସାରି ଫେରିଗଲେ ଅମିତ୍ ଶାହ

# ରାତିରେ କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଲେ ବିଜୟ ମନ୍ତ୍ର

ପୁରୀ ଅଫିସ,୪।୨

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପୁରୀ ଗସ୍ତ ଶେଷ କରି ଫେରିଯାଇଛନ୍ତି। ସୋମବାର ପୂର୍ବାହ୍ନରେ ତାଳବଣିଆ ହେଲିପ୍ୟାଡ୍‌ରେ ତାଙ୍କୁ ଦଳର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ ପ୍ରମୁଖ ବିଦାୟ ଜଣାଇଥିଲେ। ଯିବା ପୂର୍ବରୁ ରବିବାର ରାତିରେ ସେ ଦଳର କାର୍ଯ୍ୟକର୍ତ୍ତାଙ୍କ କାନରେ ଫୁଙ୍କିଛନ୍ତି ବିଜୟର ମନ୍ତ୍ର। ଅନ୍ୟପକ୍ଷରେ ଶାହ ପୁଣି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୧୫ରେ ପଶ୍ଚିମ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ ସମାବେଶରେ ସେ ଯୋଗଦେଇପାରନ୍ତି ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଶାହଙ୍କ ଗସ୍ତ ସମ୍ପର୍କିତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଯିବ ବୋଲି ପଣ୍ଡା କହିଛନ୍ତି।

ରବିବାର ପୁରୀରେ ଅନୁଷ୍ଠିତ ଆଦିବାସୀ ଅଧିକାର ରାଲିରେ ଯୋଗଦେଇଥିଲେ ଶାହ। ସଭା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିରରୁ ଫେରି ହୋଟେଲ ମେ ଫେୟାରରେ ରାତ୍ରିଯାପନ କରିଥିଲେ। ୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା କ୍ଷମତାକୁ ଆସିବା ଦରକାର। ଏଥିପାଇଁ ଆମକୁ ଜନସାଧାରଣଙ୍କ ପାଖରେ ପହଞ୍ଚିବାକୁ ହେବ। ଆଗଧାଡ଼ିର ନେତୃବୃନ୍ଦଙ୍କଠାରୁ ତୃଣମୂଳସ୍ତରର କର୍ମୀ ସମସ୍ତେ ଏବେଠାରୁ ଏକ ଲକ୍ଷ୍ୟରେ ଆଗେଇବା ଦରକାର। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପଡିବ। ଏଥିସହ ବିଜେଡି ସରକାର କିପରି ୧୯ ବର୍ଷ କ୍ଷମତାରେ ରହି ରାଜ୍ୟବାସୀଙ୍କୁ ଭକୁଆ ବନାଉଛି ତାହା ମଧ୍ୟ ଜଣାଇବା ଲାଗି ଶାହ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଇଥିଲେ। ଏଥିରେ ରାଜ୍ୟ କର୍ମକର୍ତ୍ତା, ପ୍ରତ୍ୟେକ ଜିଲା ଏବଂ ନିର୍ବାଚନମଣ୍ଡଳୀର ପ୍ରଭାରୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।



ଅମିତ ଶାହଙ୍କୁ ଭାଜପା ବରିଷ୍ଠ ନେତାମାନେ ବିଦାୟ ଜଣାଉଛନ୍ତି।

**୧୫ରେ ପୁଣି ଓଡ଼ିଶା ଆସିପାରନ୍ତି**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦେବର୍ପିତା



ଶିବାନୀ



କେଦାରେଶ୍ୱର



ମୃତ୍ୟୁଞ୍ଜୟ



ମନୀଷା




ଆଶୁତୋଷ



ଅନ୍ତର୍ଯ୍ୟାମୀ



ପ୍ରତାପ



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍

### ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା
# ଆଇନରେ ବ୍ୟବସ୍ଥା ନ ଥିବା କହିଲେ ସରକାର

**କଟକ ଅଫିସ, ୪।୨**

ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ନିମନ୍ତେ ଆଇନରେ କୌଣସି ବ୍ୟବସ୍ଥା ନାହିଁ। ଅନେକାଂଶରେ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଡିଗ୍ରୀଧାରୀମାନେ ମଧ୍ୟ ଆଇନ ପେସାରେ ସମ୍ପୃକ୍ତ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ଏହା ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ଅର୍ଥ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ ବିଶ୍ୱାଳ ସତ୍ୟପାଠ ଆକାରରେ ଜବାବ ରଖିଛନ୍ତି। ତେବେ ଏନେଇ ଆବେଦନକାରୀଙ୍କୁ ପ୍ରତି ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ସୂଚନାଥାଉକି, ରାଜ୍ୟରେ କାର୍ଯ୍ୟରତ ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରିବା ନିମନ୍ତେ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ଏକ ମାମଲା ରୁଜୁ କରିଥିଲେ। ଆବେଦନକାରୀ ମହାପାତ୍ର ଦର୍ଶାଇଥିଲେ ଯେ, ଦେଶର ଅନେକ ରାଜ୍ୟରେ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିଥିବାରୁ ଓଡ଼ିଶାରେ ତାହା କାର୍ଯ୍ୟକାରୀ କରାଯାଉ। ହାଇକୋର୍ଟ ଏ ସମ୍ପର୍କରେ ସରକାରଙ୍କଠାରୁ ଜବାବ ତଲବ କରିଥିଲେ।

### ଓସିଏ ସମ୍ବିଧାନର ମନମୁଖି ସଂଶୋଧନ
# ବିସିସିଆଇ, ଓସିଏକୁ ହାଇକୋର୍ଟ ନୋଟିସ

**କଟକ ଅଫିସ, ୪।୨**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନରେ ପାତରଅନ୍ତର କରାଯାଇଛି। ଯେଉଁଥିପାଇଁ ଓସିଏରେ ସାମିଲ ଥିବା ଅନେକ କ୍ଲବକୁ ମତଦାନ ଅଧିକାରରୁ ବାଦ୍ ଦିଆଯାଇଛି। ଏଭଳି ମନମୁଖି କାର୍ଯ୍ୟକୁ ଚ୍ୟାଲେଞ୍ଜ କରି ସନ୍‌ରାଇଜ କ୍ଲବ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିସିସିଆଇ ଓ ଓସିଏକୁ ନୋଟିସ ଜାରି କରିଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରୁଛି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

ସନ୍‌ରାଇଜ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ୧୯୫୯ରେ ଓସିଏ ଗଠନ କରାଯାଇଥିଲା। ଓସିଏ ଗଠନ ଦିନଠାରୁ ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୀତ ହୋଇଥିଲା। ସମ୍ବିଧାନ ଅନୁଯାୟୀ କଟକର ବିଭିନ୍ନ କ୍ରିକେଟ କ୍ଲବକୁ ଅନୁବନ୍ଧିତ ୟୁନିଟ୍ ଭାବେ ରଖାଯାଇଥିଲା। ମାତ୍ର ଗତ କିଛି ମାସ ତଳେ ଓସିଏ ପକ୍ଷରୁ ବିସିସିଆଇର ସିଓଏ (କମିଟି ଅଫ୍ ଆଡମିନିଷ୍ଟ୍ରେଶନ) ନିକଟରେ ଦାଖଲ ହୋଇଥିବା ସମ୍ବିଧାନ ସଂଶୋଧନ ରିପୋର୍ଟରେ ଉକ୍ତ କ୍ଲବଗୁଡ଼ିକୁ ବାଦ ଦିଆଯାଇଥିଲା। ଫଳରେ କ୍ଲବଗୁଡ଼ିକ ବିସିସିଆଇର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ସମ୍ବିଧାନ ସଂଶୋଧନ ରିପୋର୍ଟରେ ଅନୁବନ୍ଧିତ ରହିଥିବା ସ୍କୁଲ, କଲେଜ ୟୁନିଟ୍‌ଗୁଡ଼ିକୁ ମଧ୍ୟ ଓସିଏ ବାଦ ଦେଇଥିଲା। ଫଳରେ ଏମାନେ ମତଦାନ ଅଧିକାରରୁ ବଞ୍ଚିତ ହୋଇଥିଲେ। ତେଣୁ ଓସିଏର ଏଭଳି ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଆବେଦନକାରୀ ହାଇକୋର୍ଟରେ ନିବେଦନ କରିଛନ୍ତି।

# ଝୋଡ଼ିଆ ସମ୍ପ୍ରଦାୟକୁ ମିଳୁନି ଆଦିବାସୀ ମାନ୍ୟତା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

### ବାରମ୍ବାର ଦାବି ସତ୍ତ୍ୱେ ଶୁଣୁନି କେନ୍ଦ୍ର

୨୦୧୪ରୁ କେନ୍ଦ୍ର ସରକାର ଆସାମ, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟକୁ ଆଦିବାସୀ ତାଲିକାଭୁକ୍ତ କରିଛନ୍ତି। ହେଲେ ଓଡ଼ିଶାରୁ ଜୁଏଲ ଓରାମ କେନ୍ଦ୍ରରେ ଆଦିବାସୀ ମନ୍ତ୍ରୀ ଥାଇ ବି ରାଜ୍ୟର ଝୋଡ଼ିଆ ସମେତ କୋରାପୁଟ, ମାଲକାନଗିରି ଜିଲାର ଅନ୍ୟ ୪ ସମ୍ପ୍ରଦାୟକୁ ଆଦିବାସୀ ତାଲିକାଭୁକ୍ତ କରାଯାଉନାହିଁ। ଏପରି କି ରାଜ୍ୟ ସରକାରଙ୍କ ପକ୍ଷରୁ ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯାଇଛି। ମାତ୍ର କେନ୍ଦ୍ରରେ ମୋଦି ସରକାର ଆସିବା ପରେ ଭାଜପା ଶାସିତ ରାଜ୍ୟଗୁଡ଼ିକର ତାଲିକାକୁ ଗ୍ରହଣ କରାଯାଇଥିବା ବେଳେ ଓଡ଼ିଶା ପ୍ରତି ଅବହେଳା କରାଯାଇଥିବା ଅଭିଯୋଗ ଆଣିଛି ଲୋକଶକ୍ତି ଅଭିଯାନ।

ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ଓଡ଼ିଶାର ଆଦିବାସୀ ନେତ୍ରୀ ସୁମନି ଝୋଡ଼ିଆ, ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳର ଝୋଡ଼ିଆ ସମାଜର ମକରନ୍ଦ ମୁଦୁଲି, ଘାସିନି ଝୋଡ଼ିଆ, କାଶୀପୁର ପ୍ରାକୃତିକ ସମ୍ପଦ ସୁରକ୍ଷା ପରିଷଦ ଶିବରାମ ନାୟକ ପ୍ରମୁଖ ଏ ନେଇ ଦାବି ଉଠାଇଛନ୍ତି। ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ କହିଛନ୍ତି, ବାରମ୍ବାର ଦାବି କରାଯିବା ସତ୍ତ୍ୱେ କେନ୍ଦ୍ର ସରକାର ଶୁଣୁନାହାନ୍ତି। ୧୯୯୭ ପୂର୍ବରୁ ଝୋଡ଼ିଆ ସମାଜ ଆଦିବାସୀ ସମ୍ପ୍ରଦାୟଭୁକ୍ତ ଥିଲା। ଏହାର ସଦସ୍ୟମାନେ ସଂରକ୍ଷଣ ଆସନରୁ ପ୍ରତିନିଧି ରୂପେ ନିର୍ବାଚିତ ହେଉଥିଲେ। କିନ୍ତୁ ୧୯୯୭ରେ ପ୍ରଶାସନିକ ଭୁଲ ଯୋଗୁ ତାଲିକାରୁ ବାଦ୍ ଦିଆଯିବା ପରେ ସେମାନେ ଆଦିବାସୀ ମାନ୍ୟତା ହରାଇଥିଲେ। ଝୋଡ଼ିଆ ସମ୍ପ୍ରଦାୟକୁ ତାଲିକାରୁ ହଟାଇବା ଏକ ଷଡ଼ଯନ୍ତ୍ର ଥିଲା ବୋଲି ସୁମନୀ ଝୋଡ଼ିଆ କହିଛନ୍ତି। ରାଜ୍ୟର ୫ ଜିଲାରେ ପ୍ରାୟ ୧ ଲକ୍ଷ ଝୋଡ଼ିଆ ପରଜା ସମ୍ପ୍ରଦାୟ ଜନଜାତି ବସବାସ କରୁଛନ୍ତି। ଏହାମଧ୍ୟରୁ କେବଳ କାଶୀପୁର ଅଞ୍ଚଳରେ ୬୦ ହଜାରରୁ ଅଧିକ ରହିଛନ୍ତି। ତେଣୁ ଏତେସଂଖ୍ୟକ ଆଦିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାବି ଗ୍ରହଣ କରିବାକୁ ଦାବି କରାଯାଇଛି।

# ଲୁଟେରାଙ୍କୁ କାବୁ କଲେ ଲୋକେ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଲୁଟେରାଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତି ଅଞ୍ଚଳର ବିଶ୍ୱନାଥ ସାହୁ(୩୧)। ସୂଚନାଯୋଗ୍ୟ, ବଡ଼ଗଡ ଥାନା ବ୍ରିଟ କଲୋନୀ ଅଞ୍ଚଳର ପ୍ରଦୀପ କୁମାର ଦାସ ରବିବାର ଅପରାହ୍ଣରେ ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଏକ ଜୁଏଲେରି ଶୋ’ ରୁମକୁ ଅସିଥିଲେ। ସେଠାରେ ରୁପା ଗଣେଶ ମୂର୍ତ୍ତି ଏବଂ ଅନ୍ୟାନ୍ୟ ଅଳଙ୍କାର କିଣିଥିଲେ। ଶୋ’ ରୁମରୁ ବାହାରିବା ପରେ ଅଭିଯୁକ୍ତ ବିଶ୍ୱନାଥ ତାଙ୍କ ହାତରୁ ଅଳଙ୍କାର ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପ୍ରଦୀପ ପାଟି କରିବାରୁ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ନଂ ୩୮/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।

# ପୁରୀରେ ପହଞ୍ଚିଲା ପ୍ରଥମ ରଥକାଠ




ପୁରୀଠାରେ ପହଞ୍ଚିଥିବା ରଥକାଠ।

**ପୁରୀ ଅଫିସ,୪।୨**


ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଦଶପଲ୍ଲା ବନାଞ୍ଚଳରୁ ପୁରୀକୁ ୫୭ ଖଣ୍ଡ ରଥକାଠ ଆସିଛି। ଦୁଇଟି ଟ୍ରକ୍‌ରେ ଆସିଥିବା କାଠ ମଧ୍ୟରେ ୨୦ ଫୁଟିଆ ଅସନ ୧୧ ଖଣ୍ଡ, ୧୨ ଫୁଟିଆ ଅସନ ୨୦ ଖଣ୍ଡ, ୨୦ ଫୁଟିଆ ଧଉରା ୪ ଖଣ୍ଡ ଏବଂ ୧୨ ଫୁଟିଆ ଧଉରା ୨୨ ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି। ସେହିଭଳି ୩୩ ଖଣ୍ଡ ରଥକାଠ କଟକ ଖପୁରିଆସ୍ଥିତ ସ’ ମିଲ୍‌କୁ ପଠାଯାଇଛି। ୩ ଟ୍ରକ୍‌ରେ ମୋଟ ୯୦ ଖଣ୍ଡ କାଠ ଦଶପଲ୍ଲା ବନାଞ୍ଚଳରୁ ସଂଗ୍ରହ କରାଯାଇଥିଲା। ସୋମବାର ସକାଳେ ଦଶପଲ୍ଲାସ୍ଥିତ ମହାବୀର ମନ୍ଦିରଠାରେ ରଥକାଠ ପୂଜା କରାଯାଇ ଟ୍ରକରେ ଲୋଡ କରାଯାଇଥିଲା। ପରେ ସେଠାରୁ ୩ ଟ୍ରକ୍ ବାହାରି ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଥିଲେ। ସେଠାରେ କାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ଦୁଇଟି ଟ୍ରକ୍ ପୁରୀ ଅଭିମୁଖେ ଯାଇଥିବାବେଳେ ଗୋଟିଏ ଟ୍ରକ୍ ଖପୁରିଆ ସ’ ମିଲ୍‌କୁ ଯାଇଥିଲା। ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସମୟରେ ଡିଏଫଓ ଗୋଦାବରୀଶ ପଣ୍ଡା ଓ ସହକାରୀ ବନସଂରକ୍ଷକ (ଏସିଏଫ) ଅରବିନ୍ଦ ମହାନ୍ତିଙ୍କ ସମେତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ।

### ବହି ବସ୍ତାନି ବୋଝ: ଗାଇଡ୍‌ଲାଇନ କାର୍ଯ୍ୟକାରୀ ପାଇଁ ମିସ୍‌କେସ୍
# ରାଜ୍ୟ ସରକାରଙ୍କୁ ଜବାବ ତଲବ

**କଟକ ଅଫିସ, ୪।୨**

ଛୋଟ ପିଲାଙ୍କ କାନ୍ଧରେ ବହି ବସ୍ତାନି ବୋଝ ହେଉଛି। ଫଳରେ ଅଳ୍ପ ବୟସର ପିଲାମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏହାକୁ ନେଇ ଆଡଭୋକେଟ କହ୍ନେୟାଲାଲ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ଚାଲିଥିବା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବରରେ ଶ୍ରେଣୀ ଅନୁଯାୟୀ ବହିର ଓଜନ ସମ୍ପର୍କରେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଗାଇଡ୍‌ଲାଇନକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଆଡଭୋକେଟ ଶର୍ମା ହାଇକୋର୍ଟରେ ଆଉ ଏକ ମିସ୍‌କେସ୍ ଦାଏର କରିଥିଲେ। ଉକ୍ତ ମିସ୍ କେସ୍‌ର ଶୁଣାଣି ହାଇକୋର୍ଟ ମୁଖ୍ୟ ଖଣ୍ଡପୀଠରେ ହୋଇଛି। ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ର ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ଆବେଦନକାରୀ ଆଡଭୋକେଟ ଶର୍ମା ପିଟିଶନରେ ଦର୍ଶାଇଥିଲେ ଯେ, ଆଇସିଏସ୍‌ଇ ଓ ସିବିଏସ୍‌ଇ ଢାଞ୍ଚାରେ ପାଠ ପଢୁଥିବା ପିଲାଙ୍କ ନିମନ୍ତେ ବସ୍ତାନି ବୋଝ ପାଲଟିଛି। ନିୟମାନୁଯାୟୀ ସ୍କୁଲ ବ୍ୟାଗ ଓଜନ ଜଣେ ପିଲାର ଓଜନର ୧୦%ରୁ କମ୍ ହେବା ଦରକାର। କିନ୍ତୁ ଏହାକୁ ଆଦୌ ଅନୁପାଳନ କରାଯାଉ ନାହିଁ। ଫଳସ୍ୱରୂପ ଅଧିକାଂଶ ପିଲା ପିଠି ଯନ୍ତ୍ରଣା ସହିତ ମେରୁଦଣ୍ଡଜନିତ ରୋଗର ଶିକାର ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ନଭେମ୍ବର ୨୦ରେ ପ୍ରସ୍ତୁତ କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ପାଇଁ କୌଣସି ହୋମୱାର୍କ ଧାର୍ଯ୍ୟ କରାଯିବ ନାହିଁ। ଏହି ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ କେଜି ବିଶିଷ୍ଟ ରହିବାକୁ ଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ବ୍ୟାଗର ଓଜନ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ବ୍ୟାଗ୍ ଓଜନ ସାଢେ ୪ କେଜି ଓ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କେଜି ମଧ୍ୟରେ ରଖିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଛନ୍ତି।





ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



ଓଡ଼ିଶା ଏମ୍ଏସ୍ଏମ୍ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ୪.୫ କୋଟି ଟଙ୍କାର କାରବାର

ଭୁବନେଶ୍ୱର,୪।୨(ବ୍ୟୁରୋ)

ଜାନୁୟାରୀ ୨୮ରୁ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଓଡ଼ିଶା ଏମ୍ଏସ୍ଏମ୍ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସାମଲ କହିଥିଲେ, ରାଜ୍ୟର ମୋଟ ଘରୋଇ ଉତ୍ପାଦ ଓ ରପ୍ତାନିରେ ଏମ୍ଏସ୍ଏମ୍ଇଗୁଡ଼ିକର ବୃହତ୍ ଯୋଗଦାନ ରହିଛି। ରାଜ୍ୟର ଅର୍ଥନୀତି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେବା ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରୁଛନ୍ତି। ଏମ୍ଏସ୍ଏମ୍ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ଭିଏତ୍‌ନାମ ରାଷ୍ଟ୍ରଦୂତ ମି. ଫାନ୍ ସାନ୍ସ ଚାଉଙ୍କ ସହିତ ଶିଳ୍ପ ସଂଘଗୁଡ଼ିକର ଆଲୋଚନା ସମ୍ପର୍କରେ ଆଲୋକପାତ କରିଥିଲେ। ପର୍ଯ୍ୟଟନ, ଔଷଧ, ସ୍ୱାସ୍ଥ୍ୟସେବା ଓ ସାମୁଦ୍ରିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଉପରେ ମୁଖ୍ୟତଃ ଏହି ଆଲୋଚନା ହୋଇଥିଲା। ଏହି ଅବସରରେ ଇରାନ୍‌ର ଖଜାର ଇଲେକ୍ଟ୍ରିକ୍ କମ୍ପାନୀ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ୧୦୦ରୁ ଅଧିକ ଷ୍ଟାର୍ଟଅପ୍‌ମାନଙ୍କୁ ନେଇ ୪ଟି ସେକ୍ଟୋରାଲ ମେଣ୍ଟରିଂ ଅଧିବେଶନ ଆୟୋଜିତ ହେବା ସହ ଗତ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରାର ୧୪ ସଫଳ ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍‌କୁ ୫୦ ହଜାର ଟଙ୍କା ଲେଖାଏ ସିଡ୍ ମନି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଏହି ବାଣିଜ୍ୟ ମେଳାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ପ୍ରାୟ ୪.୫ କୋଟି ଟଙ୍କାର କାରବାର ହୋଇଥିଲା ବୋଲି ଗୁପ୍ତା ସୂଚନା ଦେଇଥିଲେ।



■ ୧୪ ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍‌କୁ ମିଳିଲା ସିଡ୍ ମନି
■ ଇରାନ୍‌ର ଖଜାର ଇଲେକ୍ଟ୍ରିକ୍ କମ୍ପାନୀ ସହ ଚୁକ୍ତି

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିଅନ୍ତା,୪।୨(ଡି.ଏନ୍.ଏ.):** ପାହାଳ ଫାଣ୍ଡି ଅଧୀନ ନଖରାଗଡ଼ା ଗ୍ରାମରେ ସୋମବାର ରାତିରେ ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମହିଳା ଜଣକ ଘରେ ଲୁଗାରେ ବାନ୍ଧି ହୋଇ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଗ୍ରାମବାସୀ ଦେଖିଥିଲେ। ଏହାପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ମୃତ ମହିଳାଙ୍କ ବାପଘର ଫୁଲବାଣୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, KESINGA**
E-mail : eerwkesinga@yahoo.com

**E-PROCUREMENT NOTICE**
**Cancel to Identification No. EERWKSNG-online-03/2018-19**
No. 238/dated : 30.01.19

No. 1540-O: The bid Identification No : EERWKSNG-online : 03/2018-19 is here by cancelled due to unavoidable circumstances.

**Sd./- Executive Engineer,**
25153/11/0006/1819 **Rural Works Division, Kesinga**

**BHUBANESWAR MUNICIPAL CORPORATION**
**Notice No : 4566** **Dt.04.02.2019**

**NOTICE INVITING EXPRESSION OF INTEREST (EOI)**

Sealed Proposal are invited for **"EOI FOR EMPAMNELMENT OF AGENCIES/INDIVIDUAL UNDER BHUBANESWAR MUNICIPAL CORPORATION FOR DE-SILTING OF DRAIN/OTHER WORKS THROUGH EXCAVATORS"** in conformity with the Terms & Conditions of the EOI document in from intending applicants. Please refer to Website www.bmc.gov.in for complete details and downloading the Document. The Last date & time of submission of proposal is **25.02.2019 till 3:30 PM.**

For any queries please contact bmcpmu@bmc.gov.in

By Order,
Sd/-
Executive Engineer (Drainage)
Bhubaneswar Municipal Corporation

**Progress Through Partnership for a Better Bhubaneswar**

**GOVERNMENT OF ODISHA**
**ELECTRONICS & INFORMATION TECHNOLOGY DEPARTMENT**

**Letter No. 307 / EIT** **Dated 01.02.19**
**EIT-OE-ESTT-0008-2016** **Bhubaneswar**

**No.09-U:-** Sealed Quotations/Tenders are invited within 7 days from the publication of the notice from interested reputed Travel Agencies/Tour Operators or Private individuals for supply of one A/c Swift Dzire (Petrol/Diesel) vehicle and one Non A/c Indica or equivalent Diesel Car on hiring basis for one year for use of officers of E & IT Department. The details of notice alongwith the terms and condition of hiring may be seen in the website of Government of Odisha in E&IT Department.

**Sd./-**
28001/11/0017/1819 **Deputy Secretary to Government**

**DISTRICT PROJECT OFFICE**
**SARVA SHIKSHA ABHIYAN**
**(R.T.E.-S.S.A)**
**SHIKSHA SADAN, KORAPUT - 764020**
**Ph : (06852) - 252421 (Off), 252857 (MIS)**
**E-mail : dpckoraputssa.opepa@nic.in, financekoraput@gmail.com**

ଶିକ୍ଷା ଅଧିକାର

**Letter No. : 312/CW/19** **III-CW-236/18** **Date : 02.02.2019**

**NOTICE**

No. 76-n: In view of Mass Strike by the Staffs of District Project Office, Koraput the Opening Date of Tender Documents notified in Letter No : 173/ CW/2019, dtd. 22/01/2019 which is schedule to be held on 05.02.2019 is hereby postponed until further orders. The revised date will be intimated by a fresh notice later on.

**Sd./- District Project Coordinator,**
27035/11/0026/1819 **RTE-SSA, Koraput**

**OFFICE OF THE MUNICIPAL COUNCIL : KHORDHA**
**No. 423/** **Dtd.02.02.2019**
No.-458-C

**e-Procurement Notice**
**Bid Identification No.KM-06/2018-19**

1. Name of the work for which tender invited - Privatization of sanitation work including collection of solid Waste from door to door in 20 Nos. (Twenty) of Wards of Khordha Municipality area i.e. from ward No. 03 to 22.
2. Estimated cost of work - **Rs.2,68,60,368.00**
3. Eligible Class of Contractor- Intending firms / Service Providers/N.G.Os those are experienced in similar nature of work at least three year and other criteria given in the D.T.C.N.
4. The Bid documents will be available in the website as mentioned below from **05.02.2019 on 11.00 A.M. to 18.02.2019 up to 5.00 P.M.** for online bidding
5. Bid Identification No. KM-06/2018-19.
6. Last date & time of receipt of Bid through online, date **18.02.2019.**
7. Date of receipt of Bid cost & Bid security by **20.02.2019 up to 5.00** P.M.
8. Opening of Bid documents Date **21.02.2019 at 11.30 A.M.**
9. The pre-bid meeting will be held on 11.02.2019 at 11.30 A.M. in the office of the undersigned.
10. The bidder has to participate in online bidding only. Further details can be seen from the e-procurement portal **http://www.tendersorissa.gov.in**

**Sd./- Executive**
13082/11/0006/1819 **Officer, Khordha Municipality**

**GOVERNMENT OF ODISHA,**
**"e"- PROCUREMENT NOTICE**
**Bid Identification No. E.E. GTN(R&B)-10/2018-19**
**No.1215-B:- E-mail address: eeghatagaon2015@gmail.com**
**Letter No. 253** **dt. 30.01.2019**

| | | | |
|---|---|---|---|
| 1. | Name of the work | : | Civil Work |
| 2. | Numbers of work | : | 01 (One) |
| 3. | Estimated cost | : | Rs24.96 Lakhs |
| 4. | Period of completion | : | 6 (Six) Months |
| 5. | Date & Time of availability of bid document in the portal | : | From 11.45 A.M of dt 08.02.2019 to 04.00 P.M of dt 16.02.2019 |
| 6. | Last Date/ Time for receipt of bids in the portal | : | 04.00 P.M of dt 16.02.2019 |
| 7. | Date of opening of Bid | : | 11.30 A.M of dt 18.02.2019 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./-**
**A.K. Giri dt.30.01.2019**
**Executive Engineer,**
34140/11/0013/1819 **Ghatagaon(R&B)Division**

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School**
**Near Income Tax Office, Berhampur-760011)**
**E-Mail:- serwbpr2004@yahoo.com**
**Tel/FAX:- 0680-2404287**
**E-Mail / E-Despatch**
**No. E-Tender // 556 // RWC// BAM // Dated. 01.02.2019**

**Corrigendum to Bid identification No. Online Tender/34-2018-19/BPR**

No. 1580-O: Due to un-avoidable circumstances, the last date of availability of tender, seeking tender clarification, Opening of Technical Bid & Opening of Financial Bid for Sl No. 01 to 05 of NIT of Annexure in the Bid Identification No. Online Tender/34-2018-19/BPR may be read as follows.

| | | | |
|---|---|---|---|
| 1 | Last date of availability of tender | | 11.02.2019 upto 3.00 PM instead of 05.02.2019 upto 3.00 PM |
| 2 | Last date of seeking tender clarification | | 08.02.2019 upto 2.00 PM instead of 02.02.2019 upto 2.00 PM |
| 3 | Date of opening of Technical Bid. | | 12.02.2019 at 3.00 PM instead of 06.02.2019 at 3.00 PM |
| 4 | Date of opening of Financial Bid | | 18.02.2019 at 11.00 AM instead of 14.02.2019 at 11.00 AM |

All other contents will remain unchanged.

**Sd/- Superintending Engineer**
25071/11/0060/1819 **R.W.Circle, Berhampur**

**MAHILA VIKAS SAMABAYA NIGAM**
**(Govt. of Odisha Undertaking)**
**A-1 Block, Ground Floor, ToshaliBhawan, Satya Nagar, Bhubaneswar- 751007, Ph.No.2573023, Tele Fax- 2573024, E-mail-mvsn_bbsr@yahoo.com**
**Ref. /MVSN Dt.**

**TENDER CALL NOTICE**

**No.CAD-1370:-** Sealed Tenders are invited from interested Chartered Accountant Firms empanelled under C&AG and having experience in conducting audit of expenses, to conduct audit of Nutrition Operation Plan (NOP) at district (30) level. The Tender completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block, and Ground floor, Satya Nagar, Bhubaneswar-751007 on or before Dt.11.03.2019 by 4 P.M. through Registered Post / Speed Post only. The application form of the Tender containing General Bid information and terms & conditions can be downloaded from the website- www.wcdodisha.gov.in from 05.02.2019 to 11.03.2019. A Tender Fee of Rs.2,000 /-(Rupees two thousand)only and EMD of Rs.25,000/- (Rupees Twenty five thousand) only are to be deposited in shape of Demand Draft as indicated in the Tender Schedule along with the Tender Application for each category at the time of submission of the application. The authority reserves the right to modify/cancel the Tender at any point of time.

**Sd./- MANAGING DIRECTOR**
**33003/11/0012/1819** **MAHILA VIKAS SAMABAYA NIGAM**

**GOVERNMENT OF ODISHA** **1582-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**INVITATION OF BID THROUGH e-TENDERING**
**Bid Identification No. 19/EE/RWSS/2018-19/Bpt, Dated 31.01.2019**

1. Name of the work : As per

**ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 19/EE/RWSS/ 2018-19/ Bpt Dated 31.01.2019 | 04.02.2019 | 26.02.2019 | 27.02.2019 at 11.30AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0035/1819 ***Sd./- Executive Engineer, Kalahandi RWS&S Division, Bhawanipatna***

**GOVERNMENT OF ODISHA** **1583-O**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA**
Email: eerwsskld@nic.in, eerwsskld@gmail.com, Phone No.: 06670-230784

**CANCELLATION OF BID THROUGH e-TENDERING**
**Bid Identification No. 16/EE/RWSS/2018-19/Bpt, Dated 15.01.2019**

1. Name of the work :

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 16/EE/RWSS/ 2018-19/ Bpt Dated 15.01.2019 | 22.01.2019 | 07.02.2019 | 08.02.2019 at 11.30AM onwards |

The Bid Identification No.- 16/EE/RWSS/2018-19/Bpt, Dated 15.01.2019 is hereby cancelled due to Technical error during publishing the tender.

25005/11/0036/1819 ***Sd./- Executive Engineer, Kalahandi RWS&S Division, Bhawanipatna***

**ODISHA HYDRO POWER CORPORATION LIMITED**
OHPC
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006, PHONE: 06854-242001, FAX: 06854242038, E-mail: sgmel_ukhep@ohpcltd.com, CIN: U40101OR1995SGC003963**

**e-PROCUREMENT NOTICE NO.-UKHEP/ET- 14/2018-19, Dated 31.01.2019**

**No.: CAD-1364:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (In Rs.) (online) | Cost of bid document (online) | Class of Contractor | Availabiliy of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Bottom Soil Treatment and Metal spreading at 33KV & 220KV switchyard of UKHEP, Bariniput | 22,28,821/- | 22,300/- (online) | 7080/- (Rs. 7000/- + 18% GST) (online) | "B" & "C" Class having Electrical Licence issued by ELBO. | From 10.00 hrs of 11.02.2019 to 17.00 hrs of 25.02.2019 | At 11.30 hrs. of 28.02.2019 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

**04002/11/0092/1819** **Sd./- Unit Head, UKHEP, Bariniput**

**OFFICE OF THE MUNICIPAL COUNCIL, SUNDARGARH**
**No. 560** **Dt. 04.02.2019**

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-21/2018-19/Dt. 04.02.2019**

On behalf of the Sundargarh Municipality on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validity registered empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited : 15 Nos.
2. Place of Execution : Different areas of Sundargarh Municipality.
3. Estimated Cost of Works : Rs. 4,24,710/- to 16,38,700/-.
4. Eligible Class of Contractors : Registered Contractos of Class-'D' to Class-'C' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 AM on 06.02.2019 to 5 PM on 15.02.2019 for online bidding.
7. Bids received online will be opened at 11 AM on 19.02.2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 15 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer**
**Sundargarh, Municipality**

**PANCHAYAT SAMITI, NUAPADA,DIST : NUAPADA**
**BID IDENTIFICATION NO. : PS, NPD / 03/2018-19**
**No. 877 / Dev/ Dtd. 04.02.2019**

The Block Development Officer, Nuapada on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government / MES/ Railways to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Work | Approximate value of work (Rs in Lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Stage with 2 Nos of Green Rooms and other infrastructure for stage Programme at National High School, Nuapada | 12, 23,444.00 | 4 Months | C & D | 12234.00 | 6000.00 |
| 2 | Improvement of road from Moharadihi to Gastidihi with three Nos of culvert | 10,64,730.00 | 4 months | C & D | 10647.00 | 6000.00 |

1. The sale of the Bid document shall start from Dt. 05.02.2019 and close on Dt. 14.02.2019 at 4.00 P.M. in the office of the undersigned. Bids shall be received by this office up to 5.00 PM on date 14.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the district website http://nuapada.nic.in from 05.02.2019 to 14.02.2019.
3. Bid documents consisting of plans, specification the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender papers.
4. The Bid will be opened on Dt. 15.02.2019 at 11.30 AM in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer, Nuapada**

**୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯**
**(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)**
**"ସଡ଼କ ସୁରକ୍ଷା - ଜୀବନ ରକ୍ଷା"**

**ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ - ଆର୍ଥିକ ପୁରସ୍କାର ପାଆନ୍ତୁ**

ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ପିଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରୁଥିବା ପରୋପକାରୀ ଭଦ୍ର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ **"Good Samaritan Policy"** ପ୍ରକାଶିତ କରିଛନ୍ତି। ଏହି ପଲିସି ର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା।

★ କୌଣସି ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବ୍ୟକ୍ତିଙ୍କୁ ନିଜର ପରିଚୟ କିମ୍ବା ଠିକଣା ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତି ଇଚ୍ଛା କଲେ ସଙ୍ଗେ ସଙ୍ଗେ ଡାକ୍ତରଖାନା ଛାଡ଼ି ଯାଇପାରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ପିଡ଼ିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବାଧ କରିପାରିବେ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୁଲିସ୍ କୌଣସି ମାମଲା ଦାୟର କରି ପାରିବେ ନାହିଁ କିମ୍ବା ତାଙ୍କୁ ପୁଲିସରେ ଏଫ୍.ଆଇ.ଆର୍. ଦେବା ପାଇଁ ବାଧ କରାଯିବ ନାହିଁ।
★ ସମ୍ପୃକ୍ତ ବ୍ୟକ୍ତି ଯଦି ସାକ୍ଷୀ ହେବା ପାଇଁ ଇଚ୍ଛା କରନ୍ତି ତେବେ ଗୋଟିଏ ଥରରେ ପୁଲିସ୍ ତାଙ୍କ ଠାରୁ ଜମାନବନ୍ଦି ନେବେ।
★ ସମ୍ପୃକ୍ତ ପରୋପକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ପ୍ରଦାନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ବାଧ କଲେ ସେହି କର୍ମଚାରୀଙ୍କ ବିରୁଦ୍ଧରେ ସରକାର ବିଭାଗୀୟ ତଦନ୍ତ କରିବେ।
★ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ **2000/-** ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଏବଂ ଯଦି ସେ କୌଣସି ଭଡ଼ା ଗାଡ଼ିରେ ଦୁର୍ଘଟଣା ପିଡ଼ିତଙ୍କୁ ସ୍ଥାନାନ୍ତର କରିଥାନ୍ତି ତେବେ ଭଡ଼ା ବାବଦକୁ ଦେୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏତ୍‌ଦବ୍ୟତିତ ସମ୍ପୃକ୍ତ ଭଦ୍ର ବ୍ୟକ୍ତିଙ୍କୁ ଜିଲ୍ଲାସ୍ତରୀୟ / ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।

**ଜନସାଧାରଣ ନିର୍ଭୟର ସହିତ ଦୁର୍ଘଟଣା ପିଡ଼ିତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ।**

**ପରିବହନ କମିଶନର, ଓଡ଼ିଶା**

**ସୌଜନ୍ୟ :- ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି**



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଓଡ଼ିଆ ଜାତିର ଭୀଷ୍ମ ପିତାମହ ମଧୁବାବୁ

**ଭୁବନେଶ୍ୱର,୪।୨(ବ୍ୟୁରୋ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୫ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ଥାନୀୟ ରାଜଭବନ ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅଶୋକ ନଗରସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ସ୍ମୃତିଚାରଣ ସଭା ଉପସଭାପତି ଡ. ଗୌରାଙ୍ଗ ଚରଣ ବେହେରାଙ୍କ ସଭାପତିତ୍ୱ ଓ ଡା. ରାଧାନାଥ ପ୍ରହରାଜ, ସାଧାରଣ ସମ୍ପାଦକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ମଧୁବାବୁ ସମ୍ମିଳନୀ ମାଧମରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପାଇଁ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପର ଅବତାରଣା କରି ତାଙ୍କୁ ଓଡ଼ିଆ ଜାତିର ଭୀଷ୍ମ ପିତାମହ ଭାବରେ ଚିତ୍ରିତ କରିଥିଲେ। ଏପରି ଜଣେ ଯୋଗଜନ୍ମା ମହାପୁରୁଷଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ଏବଂ ଓଡିଆ ଜାତିକୁ ଧନ୍ୟ କରିଛନ୍ତି ବୋଲି ଏଠାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତାପସ ରଞ୍ଜନ ମିଶ୍ର, ପ୍ରଫେସର ଡା. କାଶୀନାଥ ରଥ, ଡା. ବାନାମ୍ବର ପରିଡା, ଗିରିଜାଶଙ୍କର ମହାପାତ୍ର, ଭରତ କୁମାର ଜେନା, ଶିବ ପ୍ରସାଦ ମିଶ୍ର, ସାରଦା କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ନୟାଗଡ ଜିଲା ରଣପୁର ଅଞ୍ଚଳର କେରଣ୍ଡାଟାଙ୍ଗୀ ପଞ୍ଚାୟତର ନିର୍ମାଣ ଶ୍ରମିକମାନେ ବିଜେଡି ନେତ୍ରୀ ପ୍ରତିଭାରାଣୀ ମହାନ୍ତିଙ୍କ ନେତୃତ୍ୱରେ ସୋମବାର ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂହଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନେ ରଣପୁର ଅଞ୍ଚଳର ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ଦାବିଗୁଡିକର ବିଚାର କରିବାକୁ ପ୍ରତିନିଧିମାନେ ନିବେଦନ କରିଥିବା ବେଳେ ଅଧକ୍ଷ ସିଂହ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ସଚେତନ ନାଗରିକ ଫୋରମ୍‌ର ସମ୍ପାଦକ ଦିଲୀପ ହାଲି, ସାମାଜିକ କର୍ମୀ ଲୁଟୁ ମହାନ୍ତି, ରବୀନ୍ଦ୍ର ପ୍ରଧାନ, କାହ୍ନୁଚରଣ ପଲେଇ, ସୁଧୀର ମହାନ୍ତି ଓ ଅଖିଳ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀଦିନରେ ସ୍ଥାନୀୟ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିବାକୁ ସୁବାସ ସିଂହ ପ୍ରତିଭାରାଣୀ ମହାନ୍ତିଙ୍କୁ ପରାମର୍ଶ ଦେଇଥିଲେ।

### ଉତ୍କଳଗୌରବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀ

**କଟକ ଅଫିସ,୪।୨:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନବ ଉତ୍କଳ ନିର୍ମାଣରେ ମଧୁବାବୁଙ୍କ ଭୂମିକା ଏବଂ ନିଃସ୍ୱାର୍ଥ ଦେଶସେବାର ଉଦାହରଣ ଦେଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ମଧୁସ୍ମୃତି କମିଟିର ମୁଖ୍ୟ ସଂଯୋଜିକା ସ୍ନେହଲତା ପତି ଅତିଥି ପରିଚୟ ପ୍ରଦାନ, ଡ. ନିରଞ୍ଜନ ପତି ବେଦ ପାଠ ଓ ଡ. ନର୍ମଦା କୁମାରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ଡ. ମଞ୍ଜୁ ମୋଦି, ସୁନାମଣି ରାଉତ, ଜୀବନ ବଲ୍ଲଭ ଜେନା ଓ ଡ. ଚିନ୍ମୟୀ ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରୀମାନେ ଗୋରାକବର ଠାରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମଧୁସଙ୍ଗୀତ ଗାନ କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଲିଅନ୍ତା,୪।୨(ଡି.ଏନ୍.ଏ.):** ପାଣ୍ଡରା ଗ୍ରାମର ମା’ ସୁନେଶ୍ୱରୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୨ୟ ବାର୍ଷିକ ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ସାଇ ୱାରିୟର୍ସ ଟିମକୁ ୧୨୮ରନରେ ପରାସ୍ତ କରି ସତ୍ୟବିହାର ଦଳ ଚାମ୍ପିୟନ ହୋଇଛି। ବିଜୟୀ ଦଳର ଅଭିଜିତ ୬୨ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡିର ଯୁବନେତା ସୁବାସ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ଜିଜ୍ଞାଶିଷ ମହାପାତ୍ର ଓ ଭଗବାନ ସୁବୁଦ୍ଧି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଗଦାଧର ସୁବୁଦ୍ଧି, ଏକାଦଶୀ ବେହେରା, ଶିବ ପ୍ରସାଦ ମହାରଣା, ଗଗନ ବେହେରା, ଉଦିତ ପଣ୍ଡା ଓ ଅଲେଖ ବେହେରା ସମେତ ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

■ ଜମି ମାଡ଼ି ବସିଛନ୍ତି ଦଲାଲ, ପୋଲିସ ନେଉନି ପଦକ୍ଷେପ

# ଥାନାରେ ଲୁହ ଗଡ଼ାଉଛନ୍ତି ବରିଷ୍ଠ ନାଗରିକ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

■ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳିପାରିଲାନି ନ୍ୟାୟ
■ ଗୁଣ୍ଡା ଲଗାଇ ଗଛ କାଟିଲେ, ଘର ତିଆରି କଲେ
■ ୨୯ ତାରିଖରୁ ଥାନାଧିକାରୀଙ୍କୁ ଭେଟି ନ ପାରି ଫେରୁଛନ୍ତି

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଅଞ୍ଚଳର ବରିଷ୍ଠ ନାଗରିକ ନିଧି ସାହୁଙ୍କ ଜମିକୁ କେତେଜଣ ଜମି ମାଫିଆ କବ୍‌ଜା କରିଛନ୍ତି। ଜମିରେ ଥିବା ଗଛକୁ ଗୁଣ୍ଡା ଲଗାଇ କାଟିଦେବା ସହ ସେଠାରେ ନିର୍ମାଣ ଜାରି ରଖିଛନ୍ତି। ତାଙ୍କ ଜୀବନ ପ୍ରତି ଭୟ ଥିବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ମାଫିଆଙ୍କ କବଳରୁ ଜମିକୁ ମୁକୁଳାଇବା ପାଇଁ ନିଧି ଗତ ସାତଦିନ ଧରି ଥାନାକୁ ଦୌଡୁଛନ୍ତି।

ସୋମବାର ୭୨ବର୍ଷୀୟ ନିଧି ଥାନାରେ ବସି ଲୁହ ଗଡ଼ାଉଥିବାବେଳେ ଆମ ପ୍ରତିନିଧିଙ୍କ ନଜରକୁ ଆସିଥିଲେ। ତାଙ୍କୁ ପଚାରିବାରୁ ସମସ୍ତ ଘଟଣା ବଖାଣିଥିଲେ। ତାଙ୍କ କହିବାନୁସାରେ, ୧୦ବର୍ଷ ତଳେ ୨୦୦୯ରେ ତାଙ୍କର ଅନ୍ୟ ଜମିକୁ ଜମି ଦଲାଲମାନେ କବ୍‌ଜା କରିଥିଲେ। ଥାନାର କେତେଜଣ ପୋଲିସ ସହ ସମ୍ପୃକ୍ତ ଜମି ମାଫିଆଙ୍କ ସମ୍ପର୍କ ଥିବାରୁ ସେତେବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏପରିକି କୋର୍ଟ କମିଶନରଙ୍କ ନିର୍ଦ୍ଦେଶକୁ ଫୁ କରିଦେଇଥିଲା।



ଧରିତ୍ରୀର ୨୦୦୯ରେ ପ୍ରକାଶ ପାଇଥିବା ଖବରକୁ ନିଧି ସାହୁ ଦେଖାଉଛନ୍ତି।

ଘଟଣା ସଂକ୍ରାନ୍ତରେ ୨୮ ଜୁନ ୨୦୦୯ରେ ‘ଧରିତ୍ରୀ’ରେ ‘ରାଜଧାନୀରେ ଜମି ମାଫିଆଙ୍କ ରାଜ, କମିଶନରଙ୍କ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା’ ଶୀର୍ଷକରେ ଖବର ପ୍ରକାଶ ହୋଇଥିଲା। ଏନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ତତ୍‌କାଳୀନ ପୋଲିସ କମିଶନର ହସ୍ତକ୍ଷେପ କରିବାକୁ ବାଧ ହୋଇଥିଲେ। କମିଶନର ୭ଟି ପିସିଆର ଧରି ଘଟଣା ସ୍ଥଳରେ ପହଁଚି ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥାନାକୁ ଉଠାଇ ନେଇଥିଲେ। ଏଥିସହ ପରବର୍ତ୍ତୀ ସମୟରେ ନିଧି ତାଙ୍କର ଜମି ଫେରି ପାଇଥିଲେ। ହେଲେ ଏହାପରଠାରୁ ଜମି ମାଫିଆମାନେ ନାନା ଭାବେ ତାଙ୍କୁ ହଇରାଣ କରି ଆସୁଛନ୍ତି। କିନ୍ତୁ ଏବେ ତାଙ୍କର ପ୍ଲଟ ନଂ ୫୩ ଖାତା ନମ୍ବର ୬୮୨ରେ ଥିବା ଅନ୍ୟ ୧୨ଗୁଣ୍ଠ ଜମିକୁ ଜବରଦସ୍ତ ଜବର ଦଖଲ କରାଯାଉଛି। ଉକ୍ତ ଅଞ୍ଚଳରେ ଗଛ କାଟିବା ସହ ଘର ତିଆରି ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ଗତ ୨୯ ତାରିଖରୁ ଅଭିଯୋଗ କରିବାକୁ ଥାନାକୁ ଆସୁଥିଲେ ମଧ୍ୟ ଥାନା ଅଧିକାରୀଙ୍କୁ ଭେଟିବାକୁ ଦିଆଯାଉ ନାହିଁ। ଥାନା ଅଧିକାରୀ ଆସିଲେ ଅଭିଯୋଗ କରିବ ବୋଲି କର୍ମଚାରୀମାନେ କହି ସନ୍ଧ୍ୟା ପର୍ଯ୍ୟନ୍ତ ବସାଇ ବିଦା କରୁଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜମି ମାଫିଆମାନେ ଘର ତିଆରି କରିସାରିଲେଣି। ଏପରିକି ଉକ୍ତ ଜମିରେ ନିର୍ମାଣ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଦଲାଲମାନେ ମାନୁ ନାହାନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କେ.ପି. ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏକ ଜରୁରୀ ମିଟିଂରେ ବାହାରେ ଥିଲି। ମୁଁ ଘଟଣା ନେଇ ଅବଗତ ନାହିଁ। ଘଟଣାର ଅନୁଧ୍ୟାନ କରି ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନେବି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସର୍ବଦା ଚେଷ୍ଟା କରାଯାଉଛି। ନିଧି ସାହୁଙ୍କ ଅଭିଯୋଗର ତଦନ୍ତ କରାଯିବ। କୌଣସି ପୋଲିସ କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବା ଜଣାପଡିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାନ୍ତି କହିଛନ୍ତି।




ଆଇଆର୍‌ସି ଭିଲେଜ୍‌ସ୍ଥିତ ମହର୍ଷି ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଲୁଟ୍‌କୁ ନେଇ ଥାନାରେ ଉତ୍ତେଜନା ମାମଲା

## ନାବାଳକ ସମେତ ଦୁଇ ଅଟକ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ଶହୀଦନଗର ଥାନାରେ ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗିରହିଥିଲା। ଏକ ଲୁଟ୍ ଘଟଣାକୁ ନେଇ ପୋଲିସ ଅଡୁଆ ପରିସ୍ଥିତିରେ ପଡିଥିବାବେଳେ ପକ୍ଷପାତିତା ଓ ଅବହେଳା ଅଭିଯୋଗ ଆଣି ଦୁଇ ରାଜନୈତିକ ଗୋଷ୍ଠୀ ହୋ ହଲ୍ଲା କରିଥିଲେ। ରବିବାର ଅଟକ ଥିବା ଯୁବକଙ୍କୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ଲୁଟରେ ଉକ୍ତ ଯୁବକଙ୍କର କୌଣସି ସମ୍ପୃକ୍ତି ନ ଥିବା ପୋଲିସ ତଦନ୍ତରୁ ଜାଣିବା ପରେ ତାଙ୍କୁ ଛାଡିଦେଇଛି। ଅପରପକ୍ଷରେ ଲୁଟରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ନାବାଳକ ଓ ଆଉ ଜଣେ ଯୁବକଙ୍କୁ ଅଟକ ରଖି ମାମଲାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ପ୍ରାୟ ଅପରାହ୍ନ ୩ଟାରେ ଶହୀଦନଗର ଲେଭଲକ୍ରସିଂ ଦେଇ କାର୍‌ରେ ଘରକୁ ଫେରୁଥିଲେ ଭୁବନେଶ୍ୱର ସଂଗଠନ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ପୁଅ ବୈଭବ। ଲେଭଲକ୍ରସିଂ ଫାଟକ ପଡ଼ିଥିବାରୁ ସେ କାର୍‌ରେ ବସିଥିବା ବେଳେ ହଠାତ୍ ଦୁଇଜଣ ଯୁବକ ତାଙ୍କ ଗାଡ଼ି ଉପରକୁ ଅଖା ପକାଇଥିଲେ। ଏହାଦେଖି ବୈଭବ କାର୍ ଡୋର୍ ଖୋଲି ବାହାରକୁ ଆସି ଅଖା ବାହାର କରୁଥିବାବେଳେ ଅନ୍ୟ ଦୁଇଜଣ ଯୁବକ ତାଙ୍କ ବେକରୁ ସୁନାଚେନ୍ ଓ ହାତରୁ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ।

■ ସୁନା ଲୁଟ୍ ମାମଲା

## ବାପା ସରକାରୀ ଚାକିରିଆ, ଝିଅ ଲୁଟେରା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

କ୍ୟାପିଟାଲ ଥାନା ରାଜମହଲ ଓଭରବ୍ରିଜ୍ ନିକଟରେ ଥିବା ଶୁଭଲକ୍ଷ୍ମୀ ଜୁଏଲେରିରୁ ଗତ ୨୯ ତାରିଖ ଅପରାହ୍ନରେ ଜଣେ ଯୁବତୀ ସୁନା ଅଳଙ୍କାର ଲୁଟ୍ କରିଥିଲା। ଲୁଟ୍ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୋଲାପୀ ଡ୍ରେସ୍ ପିନ୍ଧି ଲୁଟ୍ କରିଥିବା ଯୁବତୀଜଣକୁ ସୋମବାର ଚିହ୍ନଟ କରାଯାଇଛି। ନବରଙ୍ଗପୁର ଅଞ୍ଚଳର ଉକ୍ତ ଯୁବତୀ ନୟାପଲ୍ଲୀ ଇସ୍କନ ମନ୍ଦିର ନିକଟରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ପାଠ ପଢୁଥିବା ବେଳେ ନିକଟରେ ଥିବା ଏକ ହଷ୍ଟେଲରେ ରହୁଛନ୍ତି। ସବୁଠୁ ବଡ଼ ଆଶ୍ଚର୍ଯ୍ୟକର କଥା ହେଲା ଯୁବତୀଙ୍କ ବାପା ଜଣେ ସରକାରୀ ଚାକିରିଆ, କନ୍ତୁ ଝିଅର ନିଶା ଚୋରି କରିବା।

ଯୁବତୀ ରହୁଥିବା ହଷ୍ଟେଲର ଅନ୍ୟ ଛାତ୍ରୀମାନେ କହିଛନ୍ତି, ସେ ନିୟମିତଭାବେ ଚୋରି କରନ୍ତି। ଏପରି କି ହଷ୍ଟେଲର ରହୁଥିବା ବିଭନ୍ନ ଯୁବତୀଙ୍କ ରୁମ୍‌ରୁ ମଧ୍ୟ ଚୋରି କରିଛନ୍ତି। ସେ ତାଙ୍କ ରୁମ୍‌କୁ କାହାରିକୁ ପୂରାଇ ଦିଅନ୍ତି ନାହିଁ। ରୁମ୍‌ରେ ଅନେକ ଚୋରି ସାମଗ୍ରୀ ରଖିଥିବା ସାଙ୍ଗମାନେ କହିଛନ୍ତି। ସେ ଯେଉଁ ମଲ୍ କିମ୍ବା ଦୋକାନକୁ ଯାଆନ୍ତି ଲୁଟ୍ କରି କିଛି ନା କିଛି ସାମଗ୍ରୀ ଆଣିଥାନ୍ତି ବୋଲି ସେମାନେ କହିଛନ୍ତି। ଉକ୍ତ ଯୁବତୀଙ୍କ ସହ କେତେଜଣ ଯୁବକ ଅଛନ୍ତି। ସେମାନେ ତାଙ୍କୁ ବିଭିନ୍ନ ସମୟରେ ଅପରାଧ କାର୍ଯ୍ୟ କରିବାରେ ସହଯୋଗ କରନ୍ତି। ପୋଲିସ ଯଦି ଉକ୍ତ ଘରେ ଚଢାଉ କରନ୍ତା ତେବେ ବିଭନ୍ନ ସାମଗ୍ରୀ ଜବତ ହେବା ସହ ବହୁ ଚୋରିର ରୁମର ଫିଟନ୍ତା ବୋଲି ସେମାନେ କହିଛନ୍ତି।

ଯୁବତୀ ଜଣକ ଲୁଟ୍ କରିବା ବେଳର ଫଟୋ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିଲା। ଯୁବତୀଙ୍କ ସହ ଉକ୍ତ ହଷ୍ଟେଲରେ ରହୁଥିବା ଅନେକ ଯୁବତୀ ଫଟୋ ଦେଖି ତାଙ୍କୁ ଚିହ୍ନଟ କରିଥିଲେ। ଏନେଇ ସେମାନେ ଜୁଏଲେରି ମାଲିକ ମନୋରଞ୍ଜନ ସ୍ୱାଇଁଙ୍କୁ ଖବର ଦେଇଥିଲେ। ମନୋରଞ୍ଜନ ପୋଲିସକୁ ଖବର ଦେଇଥିଲେ। କ୍ୟାପିଟାଲ ଥାନା ପୋଲିସ ସାଦା ପୋଷାକରେ ଉକ୍ତ ହଷ୍ଟେଲକୁ ଯାଇଥିଲା। ମାତ୍ର ଯୁବତୀଜଣକ ହଷ୍ଟେଲରେ ନ ଥିଲେ। ପୋଲିସ ତାଙ୍କ ମୋବାଇଲକୁ ଫୋନ କରିବାରୁ ତାହା ବନ୍ଦ ଥିଲା। ଶେଷରେ ତାଙ୍କ ବାପାଙ୍କୁ ପଚାରିବାରୁ ସେ ମାମୁଘର ଯାଇଥିବା କହିଥିଲେ। ତାଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇ ଚଢାଉ କରାଯିବ ବୋଲି ପୋଲିସ କହିଛି।

## ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ




ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଭୁବନେଶ୍ୱର, ୪।୨ (ବ୍ୟୁରୋ)**

ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ଦ୍ୱାରା ପଞ୍ଜୀକୃତ ନୂତନ ସରକାରୀ ବାସଗୃହ ଯୋଗ ସାଧନାକେନ୍ଦ୍ର ଓ ମହିଳା ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ ନ୍ୟୁ ଗଭର୍ନମେଣ୍ଟ କଲୋନୀଠାରେ ବୁଧବାର ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷକ ତଥା ସୁନାମଧନ୍ୟ ପ୍ରବଚକ ଡ. ବାଳକୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ, ପ୍ରାଣାୟାମ ମାଧ୍ୟମରେ ମଣିଷ କିପରି ସୁନ୍ଦର ତଥା ସୁସ୍ଥ ଜୀବନଯାପନ କରିପାରିବ ତାହା ଉପରେ ଆଲୋକପାତ କରିଥିଲେ। ମଞ୍ଚେଶ୍ୱର ଯୋଗ ଜିଲା ମନ୍ତ୍ରୀ ଭଗବାନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ପ୍ରାନ୍ତ ମନ୍ତ୍ରୀ ପ୍ରାଣବନ୍ଧୁ ବେହେରା, ଜିଲା ପ୍ରଭାରୀ ରଘୁନାଥ ରେଙ୍ଗୀ ଓ ମଞ୍ଚେଶ୍ୱର ଜିଲା ପ୍ରଧାନ ପ୍ରତାପ ଜେନା ଯୋଗଦେଇଥିଲେ। ଡ. ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା, କେନ୍ଦ୍ର ପ୍ରମୁଖ କେଶିରାମ ହୋ ଓ ମନୋରମାଜୀ ବାର୍ଷିକ ବିବରଣୀ ପାଠ କରିଥିଲେ।

■ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

## ଲୋକେ ସଚେତନ ହେଲେ ଦୁର୍ଘଟଣା କମିବ: କମିଶନର

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ସୋମବାରଠାରୁ ଆରମ୍ଭ ହୋଇଛି ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ। ଭୁବନେଶ୍ୱର ଏଜି ଛକସ୍ଥିତ ଟ୍ରାଫିକ ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଯୋଗଦେଇ କହିଲେ, ଭାରତରେ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁହାର ଉଦ୍‌ବେଗଜନକ ସ୍ଥିତିରେ ରହିଛି। ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହାର ହ୍ରାସ ପାଇଁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଲୋକେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ। ରାସ୍ତାରେ ଯାତ୍ରା କରିବାବେଳେ ସତର୍କ ଓ ସଚେତନ ହେବା ଦରକାର। ଏଥିପାଇଁ ଆମେ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛୁ। କଟକ ଓ ଭୁବନେଶ୍ୱରରେ ଥିବା ସ୍କୁଲ କଲେଜଗୁଡିକରେ ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ଅନ୍ୟାନ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସଡ଼କ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ରାସ୍ତା ବ୍ୟବହାରକାରୀଙ୍କୁ ସଚେତନ କରାଯିବ। ଡ୍ରାଇଭର ଓ ଅଟୋ ଏବଂ ଟ୍ୟାକ୍ସି ଆସୋସିଏଶନ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ କମିଶନର ମହାନ୍ତି ୧୦ ସଚେତନତା ବାଇକ୍‌ର ଶୁଭାରମ୍ଭ କରିଥିଲେ। ସଚେତନତା ବାଇକ୍ ସହ ଥିବା ପୋଲିସ ବାଇକ୍ ଚଳାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, କାର୍ ଚାଳକ ସିଟ୍‌ବେଲ୍ଟ ବାନ୍ଧିବା, ଡ୍ରାଇଭିଂ ସମୟରେ ଫୋନ୍‌ରେ କଥା ନ ହେବା ଓ ନିଶା ସେବନ ନ କରିବା ଆଦି ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ,ଭୁବନେଶ୍ୱର ଡିସିପି ଅନୁପ ସାହୁ ଓ ଟ୍ରାଫିକ ଥାନା ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଜେଏନ୍‌ୟୁରେ ପ୍ରଫେସର ଅରୁଣ କୁମାର ମହାନ୍ତିଙ୍କ ସ୍ମାରକୀ ସଭା



**ଭୁବନେଶ୍ୱର,୪।୨**

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ(ଜେଏନ୍‌ୟୁ) ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ସଂସ୍ଥାନରେ ପ୍ରଫେସର ଅରୁଣ କୁମାର ମହାନ୍ତିଙ୍କ ପ୍ରଥମ ସ୍ମାରକୀ ସଭା ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଜୟ ପଟ୍ଟନାୟକ ସଭାପତିତ୍ୱ କରି ପ୍ରଫେସର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଦେଶ ସଚିବ ପଦ୍ମଶ୍ରୀ କନୱଲ ଶିବଲ ‘ଏକବିଂଶ ଶତାବ୍ଦୀରେ ଭାରତ-ରୁଷ ଦ୍ୱିପାକ୍ଷିକ ସମ୍ପର୍କ’ ଉପରେ ଆଲୋଚନା କରିଥିଲେ। ପ୍ରଫେସର ମହାନ୍ତିଙ୍କ ସ୍ତ୍ରୀ ନମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ସଭାରେ ଭାରତରେ ଅବସ୍ଥାପିତ ରୁଷ, ଜାମ୍ବିଆ, ସ୍ୱିଡେନ, ଚେକୋସ୍ଲୋଭାକିଆ ଦୂତାବାସରୁ ପ୍ରତିନିଧି,ଛାତ୍ରୀଛାତ୍ରୀ ଏବଂ ପ୍ରଫେସର ମହାନ୍ତିଙ୍କ ବନ୍ଧୁ ଯୋଗଦେଇଥିଲେ।

## ଆମ୍ରି କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବିଶ୍ୱ କର୍କଟ ରୋଗ ଦିବସ




**ଭୁବନେଶ୍ୱର,୪।୨**

ଆମ୍ରି ଏସିଆନ କ୍ୟାନସର ଇନଷ୍ଟିଚ୍ୟୁଟ ପକ୍ଷରୁ ବିଶ୍ୱ କର୍କଟ ରୋଗ ଦିବସ ୨୦୧୯ ପାଳିତ ହୋଇଯାଇଛି। ଲୋକଙ୍କ ମଧ୍ୟରେ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏଭଳି କାର୍ଯ୍ୟକ୍ରମ ହସ୍ପିଟାଲ ପକ୍ଷରୁ ଗ୍ରହଣ କରାଯାଇଛି। ଏଥିରେ ବଲିଉଡ ଅଭିନେତା ଡିନୋ ମୋରିଆ, ସମାଜସେବୀ ସୁଭଶ୍ରୀ ଦାସ, ଆମ୍ରିର ମେଡିକାଲ ପ୍ରଶାସନ ଏଭିପି ଡ. ଚିରନ୍ତନ ବୋଷ, ୟୁନିଟ୍ ମୁଖ୍ୟ ତଥା ଭିପି ସିଏଲ୍‌ଏନ୍ ରେଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅଭିଯାନ ‘ଉର୍ଜା’ ଆମ୍ରି କ୍ୟାନସର ସପୋର୍ଟ ଗ୍ରୁପ ଉନ୍ମୋଚନ କରାଯାଇଛି। ସ୍ପେଶିଆଲିଟି କ୍ଲିନିକ ଜରିଆରେ ସ୍ୱତନ୍ତ୍ର ଚିକିତ୍ସା ସେବା, ଆଗୁଆ ରୋଗ ନିରୂପଣ ପାଇଁ ଆକର୍ଷଣୀୟ କର୍କଟ ରୋଗ ଚିହ୍ନଟ ପ୍ୟାକେଜ ବ୍ୟବସ୍ଥା ହସ୍ପିଟାଲ ପକ୍ଷରୁ ଗ୍ରହଣ କରାଯାଇଛି। କର୍କଟ ରୋଗ ପ୍ରତିଷେଧକ ସଚେତନତା ଉପରେ ଏଥିରେ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଧୈର୍ଯ୍ୟଶୀଳ ସାବନ୍ତ ଗୁରୁତ୍ୱାରୋପ କରିଥିଲେ। କର୍କଟରୋଗ ସଚେତନତା ଲାଗି ଉର୍ଜା ଏକ ଉଲ୍ଲେଖନୀୟ ଅଭିଯାନ ବୋଲି ସୁଭଶ୍ରୀ ଦାସ କହିଛନ୍ତି। କ୍ୟାନସର ଚିକିତ୍ସାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ଏସିଆଇ ମୁମ୍ବାଇର ନିର୍ଦ୍ଦେଶକ ସଞ୍ଜୟ ଶର୍ମା ସୂଚନା ଦେଇଛନ୍ତି। ହସ୍ପିଟାଲ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ କନସଲଣ୍ଟାଣ୍ଟ ସଞ୍ଜୟ ସିଂ ରାଏ ଏଥିରେ ଗୁରୁତ୍ୱାରୋପ କରିଥିଲେ।

## ଭାଜପାର ବୁଥ୍ ପ୍ରଶିକ୍ଷଣ ଶିବିର

**କଟକ ରୋଡ,୪।୨(ଡି.ଏନ୍.ଏ)**

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଭାଜପାର ବୁଥ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଉପସଭାପତି ପରାମର୍ଶ ଦେଇଥିଲେ।

■ କ୍ୟାପିଟାଲ ହସ୍ପିଟାଲ

## ମିଳିବ ଅତ୍ୟାଧୁନିକ ରେଟିନା ଚିକିତ୍ସା

**ଭୁବନେଶ୍ୱର,୪।୨(ବ୍ୟୁରୋ)**

■ ‘ସୁନେତ୍ର’ ଯୋଜନାରେ ସମ୍ପୂର୍ଣ୍ଣ ମାଗଣା ସେବା

କ୍ୟାପିଟାଲ ହସ୍ପିଟାଲ ଚକ୍ଷୁ ବିଭାଗରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ରେଟିନା ଚିକିତ୍ସା। ମାସକ ମଧ୍ୟରେ ରୋଗୀଙ୍କୁ ଯୋଗାଇ ଦିଆଯିବାକୁ ଥିବା ଏହି ଚିକିତ୍ସା ସେବା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ହେବ। ରେଟିନା ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ବେଳେ ରୋଗୀମାନେ ଘରୋଇ ହସ୍ପିଟାଲରେ ଏଥିପାଇଁ ୪୦ରୁ ୫୦ହଜାର ଟଙ୍କା ବ୍ୟୟ କରିଥାଆନ୍ତି। କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ରାଜ୍ୟ ସରକାରଙ୍କ ‘ସୁନେତ୍ର’ ଯୋଜନାରେ ଏଣିକି ରୋଗୀମାନେ ମାଗଣା ସେବା ପାଇପାରିବେ।

ଏହାସହିତ ଶିଶୁମାନଙ୍କୁ ମଧ୍ୟ ଏଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରାଯିବ। ହସ୍ପିଟାଲ ଚକ୍ଷୁ ବିଭାଗରେ ବର୍ତ୍ତମାନ ଅତ୍ୟାଧୁନିକ ଅପରେଶନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମାସକ ମଧ୍ୟରେ ଏଠାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହି ନୂତନ ଅପରେଶନ ଗୃହରେ ୪ ଅତ୍ୟାଧୁନିକ ମାକ୍ରୋସ୍କୋପିକ୍ ବ୍ୟବସ୍ଥା ସହ ଉଭୟ ମୋତିଆ ବିନ୍ଦୁ ଓ ରେଟିନା ରୋଗୀଙ୍କ ପାଇଁ ପୃଥକ୍ ଅପରେଶନ ସୁବିଧା ରହିବ ବୋଲି ଚକ୍ଷୁ ବିଶେଷଜ୍ଞ ଡା. ଅଶ୍ୱିନୀ ମେହେର୍ଦ୍ଦା ସୂଚନା ଦେଇଛନ୍ତି। ଡା. ମେହେର୍ଦ୍ଦା କହିଛନ୍ତି, ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ମଧୁମେହରେ ଆକ୍ରାନ୍ତ ଚକ୍ଷୁରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏଥିପାଇଁ ଆବଶ୍ୟକ ପଡୁଥିବା ବ୍ୟୟବହୁଳ ଇଞ୍ଜେକ୍‌ସନ, ଯାହାର କି ବଜାର ଦର ୨୦ରୁ ୨୫ହଜାର ଟଙ୍କା ତାହା ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ପ୍ରଦାନ କରାଯାଉଛି। ଏହି ଇଞ୍ଜେକ୍‌ସନ ନେଲା ପରେ ମଧୁମେହ ଆକ୍ରାନ୍ତ ଚକ୍ଷୁରୋଗୀ, ଯେଉଁମାନଙ୍କର ଗ୍ଲୁକୋମାଜନିତ ସମସ୍ୟା ରହିଛି, ସେମାନେ ତୁରନ୍ତ ଦେଖିପାରୁଛନ୍ତି।

ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲ ଚକ୍ଷୁ ବିଭାଗରେ ୫ଟି ଓଟି ଥିବାବେଳେ ପ୍ରତିମାସରେ ଶହେରୁ ଅଧିକ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରୁଛି। ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେଉଥିବା ଅତ୍ୟାଧୁନିକ ଓଟିରେ ଅଧିକରୁ ଅଧିକ ସଂଖ୍ୟକ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରିବ। ଏଠାରେ ଅତ୍ୟାଧୁନିକ ଗ୍ରୀନ୍‌ଲେଜର ମାଧ୍ୟମରେ ମଧ୍ୟ ଚକ୍ଷୁ ଚିକିତ୍ସା କରାଯାଉଛି। ‘ସୁନେତ୍ର’ ଯୋଜନାରେ ରାଜ୍ୟ ସରକାର ଚକ୍ଷୁରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସେବା ସହିତ ଚଷମା ଯୋଗାଇ ଦେଉଥିବା ବେଳେ ଏଥିପାଇଁ ୫୦ଟି ଦୃଷ୍ଟିକେନ୍ଦ୍ର ସ୍ଥାପନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୦ ଜିଲାରେ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ଆରମ୍ଭ ହେବ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷାକୁ ବ୍ୟାପକ କରାଯିବା ସହିତ ସାର୍ବଜନୀନ ଚକ୍ଷୁ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଡିଜିଟାଲାଇଜ୍ କରିବାର ବ୍ୟବସ୍ଥା ହେଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।



"ପଶ୍ଚିମବଙ୍ଗର ବାଘୁଣୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ମୋଦି ସରକାର ନିଆଁ ସହ ଖେଳୁଛନ୍ତି।
- ଶତ୍ରୁଘ୍ନ ସିହ୍ନା, ବରିଷ୍ଠ ଭାଜପା ନେତା

## ■ ମମତାଙ୍କୁ ସମର୍ଥନ, କେନ୍ଦ୍ରକୁ ଟାର୍ଗେଟ

# ଏବେ ବଳ କଷାକଷି

**ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ଥିବାରୁ ପ୍ରସ୍ତୁତ ହେଉଛନ୍ତି ସବୁ ଦଳ। ଏନ୍‌ଡିଏ ପୁନର୍ବାର କ୍ଷମତାସୀନ ହେବା ପାଇଁ କଳ, ବଳ, କୌଶଳ ଲଗାଇ ଦେଇଥିବାବେଳେ ମୋଦି-ଶାହ ଯୋଡ଼ିର ବିଜୟ ରଥ ରୋକିବା ଲାଗି ମେଳି ବାନ୍ଧୁଛନ୍ତି ବିରୋଧୀ। ଏଭଳି ସମୟରେ ସିବିଆଇ ମମତାଙ୍କ ଗଡ଼ରେ ପାଦଥାପି ରାଜ୍ୟ ପୋଲିସକୁ ଦେଇଛି ଚ୍ୟାଲେଞ୍ଜ। ଆଉ ଏହାର ଜବାବରେ ହୁଙ୍କାର ଦେଇଛନ୍ତି ଟିଏମ୍‌ସି ସୁପ୍ରିମୋ। କେନ୍ଦ୍ରରୁ ଭାଜପାକୁ ହଟାଇବାକୁ ଚାହୁଁଥିବା ବିରୋଧୀ ଦଳଗୁଡ଼ିକ ଧାଡ଼ିରେ ପଛକୁ ପଛ ଠିଆ ହେଲେଣି। ତମାମ ଘଟଣାକ୍ରମ କୋଲକାତାକୁ ଭାଜପା ଏବଂ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର କ୍ଷେତ୍ରରେ ପରିଣତ କରିଥିବାବେଳେ ପଶ୍ଚିମବଙ୍ଗ ପାଲଟିଯାଇଛି ପରିବର୍ତ୍ତନଶୀଳ ରାଜନୀତିର ଆଉ ଏକ ପ୍ରୟୋଗଶାଳା। ଏହି ନାଟକର ଯବନିକା କେବେ ପଡ଼ିବ କହି ହେଉନାହିଁ। କାରଣ ଶାସକ-ବିରୋଧୀଙ୍କ ମଧ୍ୟରେ ବେଶ୍ କିଛି ଦିନ ଧରି ଚାଲିବାକୁ ଯାଉଛି ବଳ କଷାକଷି।**

### ଭୋଟ ପାଇଁ ନାଟ

- ଦେଶକୁ ବଞ୍ଚାଇବା ଯାଏ ସତ୍ୟାଗ୍ରହ: ମମତା
- ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ମମତା: ଜାଭଡେକର
- ରାଷ୍ଟ୍ରପତି ଶାସନ ଦାବି କଲେ ସୁପ୍ରିୟୋ

**କୋଲକାତା/ନୂଆଦିଲ୍ଲୀ,୪।୨**

ରାଜ୍ୟ ପୋଲିସ ଓ ସିବିଆଇ ବିବାଦ ନିଜ ମୁଣ୍ଡକୁ ନେଇ ଧାରଣାରେ ବସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ 'ସତ୍ୟାଗ୍ରହ' ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବାମପନ୍ଥୀଙ୍କ ବ୍ୟତୀତ ପ୍ରାୟ ସବୁ ବିରୋଧୀ ଦଳ ମମତାଙ୍କୁ ସମର୍ଥନ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଫଳରେ ମୂଳ ପ୍ରସଙ୍ଗ (ଚିଟ୍‌ଫଣ୍ଡ ଦୁର୍ନୀତି) ଏକପ୍ରକାର ଗୌଣ ହୋଇଯାଇଥିବାବେଳେ କୋଲକାତାର ମେଟ୍ରୋ ଚ୍ୟାନେଲ୍ ଏକ ରାଜନୈତିକ ଆଖଡ଼ାରେ ପରିଣତ ହୋଇଛି। ମମତା ଗଣତନ୍ତ୍ରକୁ ନୁହେଁ, ବରଂ ନିଜକୁ ବଞ୍ଚାଇବା ପାଇଁ ଏଭଳି ନାଟକ କରୁଥିବା ଅଭିଯୋଗ ଆଣି ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଛି ଭାଜପା।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର ଓହ୍ଲାଇ ନ ଦେଇ ଉଭୟଙ୍କୁ ପଶ୍ଚିମବଙ୍ଗକୁ ମମତା ଏକପ୍ରକାର ବାରଣ କରିବା ପରେ କୁହୁଳିଥିବା ଧୂଆଁ ଶେଷରେ ନିଆଁର ରୂପ ନେଇଛି। ସିବିଆଇ ଅଧିକାରୀମାନେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବା ପାଇଁ କୋଲକାତା ଯାଇଥିବାବେଳେ ରାଜ୍ୟ ପୋଲିସ ସେମାନଙ୍କୁ ଧରି ପକାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସିବିଆଇକୁ ବ୍ୟବହାର କରୁଥିବା ଦର୍ଶାଇ କ୍ରମାଗତ ଦ୍ୱିତୀୟ ଦିନ ଧରି ଧାରଣାରେ ବସିଥିବା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଏହାର ପ୍ରତିବାଦରେ ଗର୍ଜନ କରୁଛନ୍ତି। ମମତା କହିଛନ୍ତି, ଦେଶ ଓ ସମ୍ବିଧାନକୁ ସୁରକ୍ଷିତ କରିବା ପର୍ଯ୍ୟନ୍ତ 'ସତ୍ୟାଗ୍ରହ' ଜାରି ରହିବ। ଇତିମଧ୍ୟରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଓ ଗୁଜରାଟର ଦଳିତ ନେତା ତଥା ବିଧାୟକ ଜିଗ୍ନେଶ ମେବାନୀ ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଛନ୍ତି। ଆଉ କେତେଜଣ ବିରୋଧୀ ନେତା ମମତାଙ୍କୁ ଭେଟି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମମତାଙ୍କୁ ବିରୋଧୀଙ୍କ ସମର୍ଥନର ସୁଅ ଛୁଟୁଥିବା ଦେଖି ଭାଜପା କହିଛି, ମମତାଙ୍କୁ ସମର୍ଥନ କରିବାକୁ ଭ୍ରଷ୍ଟାଚାରୀମାନେ ଏବେ ଏକାଠି ହୋଇଛନ୍ତି। କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ନିକଟରେ 'ସିକ୍ରେଟ୍' ଥିବାରୁ ସେ ସୁରକ୍ଷା ଚାହୁଁଛନ୍ତି। ଏଥିପାଇଁ ତାଙ୍କ ସମର୍ଥନରେ ମମତା ବାହାରିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ଆସାନସୋଲ ଏମ୍‌ପି ବାବୁଲ ସୁପ୍ରିୟୋ କହିଛନ୍ତି, ଅଚଳାବସ୍ଥା ଦୂର କରିବା ପାଇଁ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ। ମମତା ନିଜକୁ ବଞ୍ଚାଇବା ପାଇଁ ଧାରଣାରେ ବସିଥିବା ବରିଷ୍ଠ ଭାଜପା ନେତା ପ୍ରକାଶ ଜାଭଡେକର କୋଲକାତାରେ ସମାଲୋଚନା କରିଛନ୍ତି।



ସିବିଆଇ-କୋଲକାତା ପୋଲିସ ବିବାଦକୁ ନେଇ ଦକ୍ଷିଣ ଦିନାଜପୁର ଜିଲାରେ ସୋମବାର ଟିଏମ୍‌ସି କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରି ସ୍ଲୋଗାନ ଦେଉଛନ୍ତି।



"ସିବିଆଇ ପ୍ରସଙ୍ଗରେ ବିରୋଧୀ ଦଳ ନେତାମାନଙ୍କ ସହ ଆଲୋଚନା କରି ଦେଶବ୍ୟାପୀ ଏକ ବଡ଼ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରାଯିବ।
- **ଏନ୍. ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଭାଜପା କୌଣସି ପ୍ରକାରେ କ୍ଷମତାରେ ରହିବାକୁ ଚାହୁଁଛି। ଏଥିପାଇଁ ଏହି ଦଳ ନିର୍ବାଚନ ଜିତିବା ଲାଗି ସିବିଆଇକୁ ରାଜନୈତିକ ଏଜେଣ୍ଟ ଭାବେ ବ୍ୟବହାର କରୁଛି। ଏହା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ।
- **ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**



"ଏନ୍‌ଡିଏ ସରକାର ସିବିଆଇ ଭଳି ସଂଘୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି। ଏହାର ଜବାବରେ ମମତା ସମାନ ଭାବେ ଅଗଣତାନ୍ତ୍ରିକ ଉପାୟ ଆପଣାଉଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିକୁ ଉଭୟେ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି।
- **ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ**

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ଋଷି କୁମାର ଶୁକ୍ଳା



**ନୂଆଦିଲ୍ଲୀ,୪।୨**-ସିବିଆଇ ନିର୍ଦ୍ଦେଶକ ଭାବେ ୧୯୮୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ମଧ୍ୟପ୍ରଦେଶର ପୂର୍ବତନ ଡିଜିପି ଋଷି କୁମାର ଶୁକ୍ଳା (୫୮) ସୋମବାର ଦାୟିତ୍ୱ ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ତାଙ୍କୁ ସିବିଆଇର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ କରିଥିବାବେଳେ କୋଲକାତା ପୋଲିସ ଓ ସିବିଆଇ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣା ତାଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ୍ ହୋଇଛି।

### ହାଜାରେଙ୍କୁ ରାଜ ଠାକ୍‌ରେଙ୍କ ପରାମର୍ଶ
### ପ୍ରଧାନମନ୍ତ୍ରୀଙ୍କ ମାୟାରୁ ଦୂରେଇ ରୁହ



**ଅହମ୍ମଦାବାଦ,୪।୨**- କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିରେ ମହାରାଷ୍ଟ୍ରର ରାଲେଗାଁ ସିଦ୍ଧିଠାରେ ସାମାଜିକ କର୍ମୀ ଆନ୍ନା ହାଜାରେ ଗତ ୩୦ରୁ ଅନଶନରେ ବସିଛନ୍ତି। ଏହା ସୋମବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଏମ୍‌ଏନ୍‌ଏସ୍ ସୁପ୍ରିମୋ ରାଜ୍ ଠାକ୍‌ରେ ତାଙ୍କୁ ଭେଟିଛନ୍ତି। ସ୍ଥାନୀୟ ଯାଦବ ବାବା ମନ୍ଦିରରେ ଉଭୟଙ୍କ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଣସି ମିଥ୍ୟା ପ୍ରତିଶ୍ରୁତିକୁ ବିଶ୍ୱାସ ନ କରିବାକୁ ଠାକ୍‌ରେ ତାଙ୍କୁ ପରାମର୍ଶ ଦେଇଛନ୍ତି।

### ସୁନନ୍ଦା ମୃତ୍ୟୁ ମାମଲା
### ସେସନ୍ସ କୋର୍ଟରେ ୨୧ରୁ ଶୁଣାଣି

**ନୂଆଦିଲ୍ଲୀ,୪।୨**-ସୁନନ୍ଦା ପୁଷ୍କର ମୃତ୍ୟୁ ମାମଲାର ଶୁଣାଣି ସ୍ଥାନୀୟ ସେସନ୍ସ କୋର୍ଟରେ ଆସନ୍ତା ୨୧ରୁ ହେବ। କଂଗ୍ରେସ ନେତା ଶଶୀ ଥରୁରଙ୍କ ବିରୋଧରେ ସ୍ତ୍ରୀ ସୁନନ୍ଦାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗ ଥିବାରୁ ସେସନ୍ସ କୋର୍ଟରେ ଏହାର ବିଚାର କରାଯିବ ବୋଲି ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମର ବିଶାଲ କହିଛନ୍ତି। ୨୦୧୪ ଜାନୁୟାରୀ ୧୭ ରାତିରେ ଦିଲ୍ଲୀର ଏକ ହୋଟେଲରୁ ପୁଷ୍କରଙ୍କ ମୃତଦେହ ମିଳିଥିଲା।

## ■ ସିବିଆଇ-କୋଲକାତା ପୋଲିସ ବିବାଦ
# ପାର୍ଲାମେଣ୍ଟରେ ଝଡ଼



ଲୋକ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ।

**ନୂଆଦିଲ୍ଲୀ,୪।୨(ପି.ଟି.)**

ସିବିଆଇ-କୋଲକାତା ପୋଲିସ ବିବାଦକୁ ନେଇ ସୋମବାର ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାର କାର୍ଯ୍ୟ ବାରମ୍ବାର ବ୍ୟାହତ ହେବା ପରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଛି।

ଲୋକ ସଭାରେ କଂଗ୍ରେସ, ଟିଏମ୍‌ସି, ବିଜେଡି, ଏନ୍‌ସିପି, ଏସ୍‌ପି ଏବଂ ଆର୍‌ଜେଡି ସଦସ୍ୟମାନେ ପଶ୍ଚିମବଙ୍ଗର ଘଟଣାକ୍ରମ ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସରକାର ସିବିଆଇର ଅପବ୍ୟବହାର କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଟିଏମ୍‌ସି ସଦସ୍ୟ ସୁଗତ ରୟ କହିଥିଲେ, କେନ୍ଦ୍ର ରାଜନୈତିକ ଫାଇଦା ପାଇଁ ସିବିଆଇକୁ ବ୍ୟବହାର କରୁଥିବାବେଳେ ପଶ୍ଚିମବଙ୍ଗ ସରକାର ଏହାକୁ ସବୁ ଦିଗରୁ ବିରୋଧ କରୁଛନ୍ତି। ସେହିପରି ସିବିଆଇ କ୍ରମଶଃ ରାଜନୈତିକ ଅସ୍ତ୍ର ପାଲଟୁଥିବା ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ଅଭିଯୋଗ ଆଣି ଏହାର ନିଷ୍ଠା ଉପରେ ପ୍ରଶ୍ନ ଉଠାଇଥିଲେ। ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଅନୁରୂପ ଅଭିଯୋଗ ଆଣି କେନ୍ଦ୍ରକୁ ସମାଲୋଚନା କରିଥିଲେ। ହଟ୍ଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବକ୍ତବ୍ୟ ରଖି କହିଥିଲେ, ସିବିଆଇ ନିଜ କର୍ତ୍ତବ୍ୟ ପାଳନ ପାଇଁ କୋଲକାତା ପୋଲିସ ମୁଖ୍ୟ ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିଲା। ହେଲେ ସ୍ଥାନୀୟ ପୋଲିସ ବେଆଇନ ଭାବେ ସେମାନଙ୍କୁ ଅଟକାଇଥିଲା। ଏହା ଏକ ଅପ୍ରତ୍ୟାଶିତ ଘଟଣା। ପଶ୍ଚିମବଙ୍ଗରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ଅରାଜକତା ସୃଷ୍ଟି ହୋଇପାରେ। ରାଜ୍ୟ ସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଟିଏମ୍‌ସି ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଅଚଳାବସ୍ଥା ସୃଷ୍ଟି କରିଥିଲେ।

# ପୋପ୍‌ଙ୍କ ଐତିହାସିକ ୟୁଏଇ ଗସ୍ତ


**ଆବୁଧାବି,୪।୨**



ଧର୍ମୀୟ ସଦ୍‌ଭାବ ଓ ସହିଷ୍ଣୁତାର ବାର୍ତ୍ତା ନେଇ ପୋପ୍ ଫ୍ରାନ୍ସିସ୍ ପ୍ରଥମଥର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିଛନ୍ତି। ରବିବାର ସେ ରୋମରୁ ବିମାନରେ ଆବୁଧାବି ପହଞ୍ଚିଥିବାବେଳେ ସେଠାରେ ତାଙ୍କୁ ଆବୁଧାବିର ରାଜା ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ ସ୍ୱାଗତ କରିଛନ୍ତି। ରାଜଭବନରେ ତାଙ୍କର ଅତିଥି ଚର୍ଚ୍ଚା କରାଯାଇଛି। ପୋପ୍ 'ବୁକ୍ ଅଫ୍ ଅନର'ରେ ସ୍ୱାକ୍ଷର କରିଛନ୍ତି। ଇସ୍‌ଲାମ୍ ଓ ଖ୍ରୀଷ୍ଟିୟାନ ଧର୍ମ ମଧ୍ୟରେ ୧୨୧୯ରେ ସେଣ୍ଟ୍ ଫ୍ରାନ୍ସିସ୍ ଏବଂ ସୁଲତାନ ମାଲେକ୍ ଅଲ୍ କାମେଲଙ୍କ ମଧ୍ୟରେ ହୋଇଥିବା ଐତିହାସିକ ସାକ୍ଷାତ୍‌ର ସ୍ମୃତି ବହନକାରୀ ପଦକ ସେ ଶେଖ୍ ମହମ୍ମଦଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଇସ୍‌ଲାମ୍ ଧର୍ମଗୁରୁ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ପୋପ୍ ଭେଟି ଆଲୋଚନା କରିଛନ୍ତି।

# ଅଯୋଧ୍ୟା ଜମି ଫେରାଇବା ବିରୋଧରେ ପିଟିଶନ

**ନୂଆଦିଲ୍ଲୀ,୪।୨(ପି.ଟି.)**



ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ପରିସରସ୍ଥିତ ୬୭.୭୦୩ ଏକର ନିର୍ବିବାଦୀୟ ଭୂମି ମୂଳ ମାଲିକଙ୍କୁ ଫେରାଇବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପଟିଶନ ଦାଏର କରିବାର ସପ୍ତାହେ ନ ପୂରୁଣୁ ଏହାକୁ ଚ୍ୟାଲେଞ୍ଜ କରାଯାଇଛି। ଯେଉଁ କେନ୍ଦ୍ରୀୟ ଆଇନ ବଳରେ ଏହି ଜମି ଅଧିଗ୍ରହଣ କରାଯାଇଥିଲା ତା'ର ସାମ୍ବିଧାନିକ ବୈଧତାକୁ ନେଇ ପ୍ରଶ୍ନ ଉଠାଯାଇ ସୋମବାର ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର କରାଯାଇଛି। ୭ ରାମଲାଲା ଭକ୍ତ ଏହି ଆବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ କରିବା ପାଇଁ ଆଇନ ପ୍ରଣୟନ ଅଧିକାର ପାର୍ଲାମେଣ୍ଟର ନାହିଁ। ଉତ୍ତରପ୍ରଦେଶ ଭିତରେ ଆସୁଥିବା ସମସ୍ତ ଧାର୍ମିକ ଅନୁଷ୍ଠାନ ପରିଚାଳନା ସମ୍ପର୍କିତ ଆଇନ ପ୍ରଣୟନର କ୍ଷମତା କେବଳ ରାଜ୍ୟ ବିଧାନସଭାର ରହିଛି। ଆକ୍ୱିଜିଶନ୍ ଅଫ୍ ସାର୍ଟେନ ଏରିଆଜ୍ ଅଫ୍ ଅଯୋଧ୍ୟା ଆକ୍ଟ, ୧୯୯୩ ଅବୈଧ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀମାନେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଅଯୋଧ୍ୟା ପ୍ରସଙ୍ଗରେ ଚାପର ସମ୍ମୁଖୀନ ହେଉଥିବା କେନ୍ଦ୍ର ସରକାର ୬୭.୭୦୩ ଏକର ଜମି ମୂଳ ମାଲିକଙ୍କୁ ଫେରାଇବା ପାଇଁ ଗତ ୨୯ରେ ଶୀର୍ଷ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ।

## ଶିଶୁ ବଳାତ୍କାରୀଙ୍କୁ ପ୍ରଥମ ମୃତ୍ୟୁଦଣ୍ଡାଦେଶ

**ଭୋପାଳ,୪।୨**

ଜଣେ ୪ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିଥିବା ସ୍କୁଲ ଶିକ୍ଷକ ମହେନ୍ଦ୍ର ସିଂ ଗୋଣ୍ଡଙ୍କୁ ମଧ୍ୟପ୍ରଦେଶ ଜିଲା କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜବଲପୁର ଜେଲରେ ତାଙ୍କୁ ଫାଶୀ ଦିଆଯିବାକୁ ଆଦେଶ ହୋଇଛି। ଶିଶୁ ବଳାତ୍କାର ଆଇନ ଅଧୀନ ପ୍ରଥମଥର ଜଣେ ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଶିକ୍ଷକ ଗୋଣ୍ଡଙ୍କ ବିରୋଧରେ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ ହୋଇଥିଲା। ୨୦୧୮ ଜୁନ ୩୦ରେ ଗୋଣ୍ଡ ଛାତ୍ରୀଙ୍କୁ ଏକ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ।

## ■ ଇଭିଏମ୍‌ରେ ଯେଉଁ ବଟନ ଦବାଇଲେ ଭାଜପାକୁ ଭୋଟ
# ଇସିଙ୍କୁ ଭେଟିଲେ ୨୩ ବିରୋଧୀ ଦଳ




**ନୂଆଦିଲ୍ଲୀ,୪।୨(ପି.ଟି.)**- ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍) ଜାଲିଆତି ବିବାଦ ପୁଣିଥରେ ମୁଣ୍ଡ ଟେକିଛି। ୨୩ଟି ବିରୋଧୀ ଦଳର ନେତା ସୋମବାର ନିର୍ବାଚନ କମିଶନଙ୍କୁ ଭେଟି ଇଭିଏମ୍ ପ୍ରସଙ୍ଗ ଉଠାଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ପୂର୍ବରୁ ୫୦% ଇଭିଏମ୍ ଫଳକୁ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ସହ ଯାଞ୍ଚ କରି ମେଳ କରାଯାଉ ବୋଲି ସେମାନେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କ ନିକଟରେ ଦାବି ଜଣାଇଛନ୍ତି। ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ଦେଶର ଜନସାଧାରଣଙ୍କ ମନରେ ସନ୍ଦେହ ରହିଛି। ତେଣୁ ଏହି ସମସ୍ୟାର ସମାଧାନ କରାଯାଉ ବୋଲି ପ୍ରତିନିଧି ଦଳ ଇସିଙ୍କୁ ଦେଇଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି। ନିର୍ବାଚନ କମିଶନ ଏନେଇ ଅନୁଧ୍ୟାନ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ମଲ୍ଲିକାର୍ଜୁନ ଖାର୍ଗେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଏନ୍‌ସିପି ମୁଖ୍ୟ ଶରଦ ଯାଦବ, ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ, ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରିଏନ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ବିରୋଧୀ ଦଳଗୁଡ଼ିକ ଇଭିଏମ୍ ପରିବର୍ତ୍ତେ ବାଲଟ୍ ପେପରରେ ମତଦାନ କରାଯାଉ ବୋଲି ଦାବି କରିଆସୁଛନ୍ତି।

## ଇତିହାସର ଆଇନାରେ
### ଫେବୃୟାରୀ ୫ର ପ୍ରମୁଖ ଘଟଣା

୧୯୭୧ ଫେବୃୟାରୀ ୫ରେ ମହାକାଶଚାରୀ ଆପୋଲୋ ୧୪ ଯାନରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ। ଆପୋଲୋ ୧୪ ମହାକାଶଯାନ ହେଉଛି ଆମେରିକୀୟ ଆପୋଲୋ ପ୍ରୋଗ୍ରାମ୍‌ର ଅଷ୍ଟମ ମାନବଯୁକ୍ତ ଯାନ ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ତୃତୀୟ। କମାଣ୍ଡର ଆଲାନ୍ ଶେପାର୍ଡ, କମାଣ୍ଡ ମୋଡ୍ୟୁଲ ପାଇଲଟ୍ ଷ୍ଟୁଆର୍ଟ ରୁଷା ଏବଂ ଲୁନାର ମୋଡ୍ୟୁଲ ପାଇଲଟ୍ ଏଡ୍‌ଗାର ମିଚେଲ୍ ଚନ୍ଦ୍ର ଅଭିଯାନ ଆରମ୍ଭ କରିଥିଲେ।

୨୦୦୮ ଫେବୃୟାରୀ ୫ରେ ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌ରେ ଏକ ବଡ ଧରଣର ଘୂର୍ଣ୍ଣିଝଡ଼ ଯୋଗୁ ୫୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ୟୁନାଇଟେଡ୍ ଷ୍ଟେଟ୍‌କୁ ଆମେରିକାନ୍ ସାଉଥ୍ ବୋଲି ମଧ କୁହାଯାଏ। ଏହା ଯୁକ୍ତରାଷ୍ଟ୍ର ଆମେରିକାର ଏକ ଅଞ୍ଚଳ। ଆଟ୍‌ଲାଣ୍ଟିକ୍ ମହାସାଗର ଏବଂ ୱେଷ୍ଟର୍ନ ୟୁନାଇଟେଡ୍ ଷ୍ଟେଟ୍‌ସ ମଧ୍ୟରେ ଏହା ଅବସ୍ଥିତ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୧୨.୯ |
| ଚାନ୍ଦବାଲି | ୩୧.୫ | ୧୪.୫ |
| କଟକ | ୩୧.୮ | ୧୩.୦ |
| ପାରାଦ୍ୱୀପ | ୨୯.୩ | ୧୫.୮ |
| ଭୁବନେଶ୍ୱର | ୩୩.୦ | ୧୩.୩ |
| ଗୋପାଳପୁର | ୩୧.୬ | ୧୫.୫ |
| ପୁରୀ | ୨୯.୬ | ୧୭.୦ |
| ଅନୁଗୋଳ | ୩୧.୧ | ୧୦.୦ |
| ବାରିପଦା | ୨୯.୫ | ୧୩.୮ |
| ଝାରସୁଗୁଡ଼ା | ୩୧.୨ | ୧୩.୦ |
| କେନ୍ଦୁଝର | ୨୮.୦ | ୧୧.୯ |
| ସମ୍ବଲପୁର | ୩୧.୦ | ୧୨.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୩୦.୬ | ୧୪.୧ |
| ତାଳଚେର | ୩୩.୪ | ୧୨.୬ |
| ଭବାନୀପାଟଣା | ୨୯.୫ | ୧୩.୦ |
| ବଲାଙ୍ଗୀର | ୩୧.୦ | ୧୨.୧ |
| କୋରାପୁଟ | ୨୯.୭ | ୯.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୪ | ୧୨.୦ |
| ସୋନପୁର | ୩୧.୬ | ୧୦.୪ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଦୀପିକାଙ୍କୁ ପ୍ରଶଂସା ଅଜାଡ଼ିଲେ ରଣବୀର

**ମୁମ୍ବାଇ:** ଅଭିନେତା ରଣବୀର ସିଂ ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଦୀପିକା ଅତି ଚମତ୍କାର ବ୍ୟକ୍ତିତ୍ୱ ଏବଂ ବିଶ୍ୱର ଅତି ନିପୁଣ କଳାକାରଙ୍କ ମଧ୍ୟରୁ ଜଣେ ବୋଲି ସେ ପ୍ରକାଶ କରିଛନ୍ତି। ଦୀପିକାଙ୍କଠାରେ ଭଲ ପାଇବା, କରୁଣା, ଦକ୍ଷତା, ଏବଂ ଦୟାଶୀଳ ଗୁଣ ଭରିରହିଛି। ଏହିସବୁ ଗୁଣ ତାଙ୍କୁ ଜଣେ ବାସ୍ତବ ଏବଂ ପ୍ରକୃତ କଳାକାର ଭାବେ ଗଢ଼ି ତୋଳିଛି ବୋଲି ରଣବୀର କହିଛନ୍ତି। ତାଙ୍କ ଅନ୍ତର୍ନିହିତ ଦୃଢ଼ତାକୁ ପ୍ରଶଂସା କରି ରଣବୀର କହିଲେ, 'ତାଙ୍କର ଶୃଙ୍ଖଳା ଜ୍ଞାନ ଓ ଅଙ୍ଗୀକାରବଦ୍ଧତା ଅତୁଳନୀୟ। ଦୀପିକା ଏତେ ନ୍ୟାୟସଙ୍ଗତ ଓ ବାସ୍ତବବାଦୀ ଯେ, ଏଥିପାଇଁ ସେ ସମ୍ମାନାସ୍ପଦ ସ୍ଥାନ ବଜାୟ ରଖନ୍ତି। ଯଥା ସମ୍ଭବ ଭଲ ମଣିଷ ହେବାକୁ ସେ ମୋତେ ପ୍ରେରଣା ଦିଅନ୍ତି। ତାଙ୍କ ପାଇଁ ମୋ ଜୀବନ ଧନ୍ୟ। ସେ ମୋ ଜୀବନର ବାସ୍ତବ ଆଲୋକ।'

ଏହି ସଫଳ ଯୋଡି 'ପଦ୍ମାବତ', 'ଗୋଲିୟୋଁ କି ରାସଲୀଲା ରାମ-ଲୀଲା' ଏବଂ 'ବାଜିରାଓ ମସ୍ତାନି'ରେ ଏକତ୍ର ଅଭିନୟ କରିଛନ୍ତି। ୨୦୧୮ ନଭେମ୍ବରରେ ଇଟାଲୀରେ ହୋଇଥିବା ଉକ୍ତ ପ୍ରେମୀ ଯୁଗଳଙ୍କ ବିବାହ ବେଶ୍ ଚର୍ଚ୍ଚାରେ ଥିଲା।



ଧରିତ୍ରୀ Exam Mate
Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 11

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***The question paper comprises two sections, A and B. You are to attempt both the section.***

*ii.* ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

*iii.* ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

*iv.* ***Question numbers 3 to 5 in Section A are two marks questions. These are to be answered in about 30 words each.***

*v.* ***Question numbers 6 to 15 in Section A are three marks questions. These are to be answered in about 50 words each.***

*vi.* ***Questions number 16 to 21 in Section A are five marks questions. These are to be answered in about 70 words***

*vii.* ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** Which by-product of chlor-alkali process is used for manufacturing bleaching powder ?

**2.** How ethanoic acid got its name as glacial acetic acid ?

**3.** What are three R's in saving the environment ?

**4.** What is the role of decomposers in ecosystem ?

**5.** How is the amount of light entering the eye controlled ?

**6.** a. Mention any two uses of solar cell.

b. List the energy transformations that take place in a hydropower plant.

**7.** a. One half of a convex lens is covered with black paper. Show the formation of image of a object placed at 2F, of such covered lens with the help of ray diagram. Mention the position and nature of the image.

b. Draw the ray diagram for same object at same position in front of the same lens, but now uncovered.

Will there be any difference in image obtained in these two cases ? Give reasons for your answers.

**8.** a. Define the potential difference between two points.

b. Calculate the current drawn by an electric lamp from a 220 volts supply if the resistance of the lamp while glowing is 220 $\Omega$

**OR**

A coil of insulated wire is connected to a galvanometer. Explain what happens if a bar magnet with it pole towards one face of the coil.

i. moved quickly towards the coil.

ii. kept stationary inside the coil and

iii. moved quickly away from the coil.

**9.** a. What is the frequency of A.C. in India ?

b. What is overloading ?

c. Why do two magnetic field lines not intersect ?

**10.** a. Why we store silver chloride in dark coloured bottles ?

b. Write a chemical equation of double displacement reaction ?

c. What happens when quick lime is added to water ?

**11.** What is pH scale ? What is pH value of salt formed by a:

a. Weak acid and strong base ?

b. Strong acid and strong base ?

**OR**

Explain the process of electrolytic refining for copper with the help of labelled diagram.

**12.** Na, Mg and Al are the elements of the elements of the 3rd period of the Modern Periodic. Table having group number 1, 2 and 13 respectively. Which one of these elements has the:

a. highest valency

b. largest atomic radius and

c. maximum chemical reactivity ? Justify your answer stating the reason for each.

**13.** i. Name the blood vessel that brings deoxygenated blood to the human heart.

ii. Which chamber of human heart receives deoxygenated blood ?

iii. Describe how deoxygenated blood from this chamber is sent to lungs for oxygenation.

**14.** A young boy met an accident while riding a bike. Patrolling police found the boy and brought him to a hospital for treatment. After the accident, the boy lost his memory completely. Left side of his body also suffered from paralysis.

a. What values was shown by police persons ?

b. Which injured body part can cause paralysis?

c. What precaution should one take while riding a two-wheeler ?

**15.** What is the importance of DNA copying in reproduction ? Why do off springs formed by asexual reproduction are genetically similar to their parents ?

**16.** a. What type of lens is used to correct (i) Hypermetropia, (ii) Myopia ?

b. Name the defect of vision in which the eye-lens loses its power of accommodation due to old age.

c. What is the far point of a person suffering from myopia ?

d. What is the other name of old age hypermetropia ?

e. Your friend can read a book perfectly well but cannot read the writing on black-board unless she sits on the front row in class. Is she short sighted or long-sighted ?

**OR**

i. Rohit claims to have obtained an image twice the size of object with a concave lens. Is he correct ? Give reason for your answer.

ii. Where should an object be placed in case of a convex lens to form an image of same size as of the object ? Show with the help of ray diagram the position and the nature of the image formed.

iii. With the help of ray diagram, illustrate the change in position, nature and size of the image formed if the convex lens in case of (ii) is replaced by concave lens of same focal length.

Draw a ray diagram to justify your answer. If the numerical value of the power of this lens is 10 D. What is its focal length in the Cartesian system ?

**17.** a. A current 'I' is flowing through a resistance 'R' having potential difference V across its ends and in time t change Q flows. Derive an expression for the heat produced.

b. What will happens to the heat produced if the current passing through an electric heater has been halved.

**18.** a. Give reasons for the following observations:

i. Ionic compounds in general have high melting and boiling points.

ii. Highly reactive metals cannot be obtained from their oxides by heating them with carbon.

iii. Copper vessels get a green coat when left exposed to air in the rainy season.

b. Choose the metal (from the list given below) which can displace zinc from zinc sulphate solution-Lead, Copper, Magnesium, Silver. Write the equation of the chemical reaction involved.

**19.** a. Answer the following questions in one sentence or one word.

i. What type of organic compounds shows substitution reaction ?

ii. How will you convert ethanol into unsaturated hydrocarbon ?

iii. How is carboxylic acid different from mineral acids ?

**20.** a. Name the following:

i. Part in which starch digestion starts.

ii. Part in which bile is stored.

iii. Part in which nutrients are absorbed.

iv. Part in which water is absorbed.

b. Mention the role of hydrochloric acid in the stomach.

c. What function is served by the following.

i. lower esophageal sphincter

ii. Anal sphincter

**21.** Give two reasons for avoiding frequent pregnancies of women. Explain the following methods of contraception giving one example of each:

i. Barrier method

ii. Chemical method

iii. Surgical method

### SECTION-B

**22.** Draw circuit diagram for Ohms law experiment.

**23.** Why are incident and emergent rays parallel to each other in case of rectangular glass slab.

**24.** On adding a few drops of universal indicator to three unknown colourless solutions (P), (Q) and (R) taken separately in three test tubes shown in the following diagrams, a student observed the changes in colour as green in (P), red in (Q) and violet in (R). Identify the nature of P, Q and R.

**25.** During commercial preparation of soap, fillers are added to it. Explain.

**26.** Draw the labelled diagram to show that germinating seeds give out carbon dioxide during respiration.

**27.** Mention about the four events that occur during binary fission in amoeba.

For Answers visit: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)
Vidyamandir Classes
GURUKUL FOR IITJEE AND MEDICAL PREPARATION
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
SCHOOL INTEGRATED PROGRAM ($X^{th}$ Going to $XI^{th}$ Student), Ph. No. 0674 - 2421400, 2421800, 85990 87100 / 85990 87200
VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ମହିଳା କର୍କଟ ରୋଗ ଓ ନିରାକରଣ



ଡା. ସରୋଜିନୀ ଷଡ଼ଙ୍ଗୀ

**କର୍କଟ ଆଉ ଭୟଙ୍କର ରୋଗ ହୋଇ ରହିନାହିଁ। କାରଣ ଅଧିକାଂଶ କର୍କଟ ରୋଗର ନିରାକରଣ ଓ ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରିଲେ ଏହା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରୁଛି...**







ସାରା ବିଶ୍ୱରେ ପ୍ରତିବର୍ଷ ୧୨.୭ ମିଲିୟନ୍ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ୭ ମିଲିୟନ୍ ଲୋକ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏଭଳି ଦୁରାରୋଗ୍ୟ ବ୍ୟାଧିକୁ ହଟାଇବା, ପ୍ରତିଷେଧକ ବ୍ୟବସ୍ଥା ତଥା ପ୍ରାଥମିକ ପର୍ଯ୍ୟାୟରୁ ଏହାର ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା ପାଇଁ ସଚେତନତାର ବାର୍ତ୍ତା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପହଞ୍ଚାଇବା ଖୁବ୍ ଜରୁରୀ। ଯେଉଁଥିଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଠାରୁ ଆରମ୍ଭ କରି ୟୁନାଇଟେଡ୍ ସ୍ୱାସ୍ଥ୍ୟ ଓ ୟୁଏନ୍ ଏଜେନ୍ସିଗୁଡ଼ିକ ମିଳିତ ଭାବେ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ପୃଥିବୀରେ ଫେବ୍ରୁୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଇ ସମସ୍ତଙ୍କୁ ସଚେତନ କରାଯାଉଛି। ତେବେ ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି "ମୁଁ ନିଶ୍ଚିତ ଭାବରେ କର୍କଟ ବିରୋଧରେ ଲଢ଼ିବି ଏବଂ ବିଜୟୀ ହେବି।"

ଆମ ଦେଶରେ ମହିଳାମାନଙ୍କ କର୍କଟ ରୋଗକୁ ବିଚାରକୁ ନେଲେ ଜାଣିବା ଯେ, ଜରାୟୁ ମୁଖ କର୍କଟ, ସ୍ତନ କର୍କଟ ବେଶି ଦେଖାଦେଇଥାଏ। ପରେ ପରେ ଡିମ୍ବକୋଷର କର୍କଟ, ଜନନେନ୍ଦ୍ରିୟ କର୍କଟ ଏବଂ ଶରୀରର ଅନ୍ୟାନ୍ୟ କର୍କଟ ରୋଗ ଦେଖାଦେଇଥାଏ।

ଆମ ଦେଶରେ ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ଏହି ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କ ଜରାୟୁ ଗ୍ରୀବା କର୍କଟ ହିଁ ହୋଇଥାଏ। ଯେଉଁ ରୋଗୀମାନେ ସାଧାରଣତଃ ଚିକିତ୍ସା ପାଇଁ ଆସିଥାନ୍ତି ତନ୍ମଧ୍ୟରୁ ଶତକଡ଼ା ୯୦ ଭାଗ ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍)ରେ ପହଞ୍ଚିଥାନ୍ତି। ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେନାହିଁ ଏବଂ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟର ଚିହ୍ନଟ ଏବଂ ଚିକିତ୍ସା ହୋଇପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି।

**ଜରାୟୁ କର୍କଟର କାରଣ ବା କେଉଁମାନେ ହାଇରିସ୍କ ମହିଳା :**

୧. ଅଳ୍ପ ବୟସରେ ବିଶେଷକରି ୧୬ ବର୍ଷରୁ କମ୍ ବୟସରେ ବିବାହ, ଯୌନ ଜୀବନର ଆରମ୍ଭ, ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ବେଶି। ସେହିପରି ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ'କୁ ଏକ୍ସପୋଜର୍, ଅନେକ ପୁରୁଷଙ୍କ ସହ ଯୌନସଂଗମ, ଯେଉଁ ମହିଳାଙ୍କ ସ୍ୱାମୀଙ୍କର ପୂର୍ବ ପତ୍ନୀ ଜରାୟୁ ଗ୍ରୀବା କର୍କଟରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍‌ଆଇଭି ପଜିଟିଭ୍ ମହିଳା, ଗର୍ଭନିରୋଧକ ବଟିକା ସେବନ କିମ୍ବା ଧୂମପାନ କରୁଥିବା ମହିଳାଙ୍କଠାରେ ଏହାର ଆଶଙ୍କା ଅଧିକ।

ଏହି ରୋଗ ହେବାର ବହୁପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ସହ ମାସ୍ ସ୍କ୍ରିନିଂ ଓ ପାପ୍‌ସ୍ମିଅର କରିପାରିଲେ ଏହାକୁ ସମ୍ପୂର୍ଣ୍ଣଭାବେ ପ୍ରତିରୋଧ କରିହେବ। ତେଣୁ ପ୍ରତ୍ୟେକ ମହିଳା ବର୍ଷକୁ ଅନ୍ତତଃ ଥରେ ପାପ୍‌ସ୍ମିଅର ଟେଷ୍ଟ କରାଇନେବା ଆବଶ୍ୟକ।

**ସ୍ତନ କର୍କଟ ଓ ତା'ର ନିରାକରଣ:**

ସ୍ତନରେ ଅନିୟମିତ କୋଷ ବୃଦ୍ଧି ହେଲେ ତାକୁ 'ସ୍ତନ କର୍କଟ' କୁହାଯାଏ। ସମ୍ପୂର୍ଣ୍ଣ ଜୀବନକାଳ ମଧ୍ୟରେ ୮ ମହିଳାଙ୍କ ମଧ୍ୟରୁ ଅନ୍ତତଃ ଜଣେ ସ୍ତନ କର୍କଟରେ ପୀଡ଼ିତ ହେବାର ଆଶଙ୍କା ଥାଏ। ସମଗ୍ର ବିଶ୍ୱରେ ପ୍ରତି ୧୩ ମିନିଟ୍‌ରେ ଜଣେ ମହିଳା ଏହି ରୋଗରେ ମୃତ୍ୟୁ ମୁଖରେ ପଡିଥାନ୍ତି। ତେଣୁ ସ୍ତନ କର୍କଟର ପ୍ରାଥମିକ ଲକ୍ଷଣ ସବୁ ଜାଣିପାରିଲେ କିମ୍ବା ନିଜେ ନିଜର ସ୍ତନ ପରୀକ୍ଷା କରି (ବ୍ରେଷ୍ଟ ସେଲ୍ଫ ପାଲ୍‌ପ୍ରେସନ୍) ଅର୍ବୁଦ ଥିବା ଜାଣିଲେ, ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

**ହାଇରିସ୍କ ମହିଳା:** ବୟସ ବଢ଼ିବା ସଙ୍ଗେସଙ୍ଗେ ଅର୍ଥାତ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା, ଯେଉଁ ମାନଙ୍କର ପ୍ରଥମ ଋତୁସ୍ରାବ (ଏଜ୍ ଏଟ୍ ମେନାର୍କି) ୧୨ ବର୍ଷ ଆଗରୁ ହୋଇଥାଏ, ଯେଉଁ ମହିଳାଙ୍କର ପ୍ରଥମ ସନ୍ତାନ ଜନ୍ମ ଡେରିରେ ବା ୩୦ ବର୍ଷ ପରେ ହୋଇଥାଏ, ଯେଉଁ ମହିଳାଙ୍କର ଆଦୌ ସନ୍ତାନସନ୍ତତି ନ ଥାଏ, ଯେଉଁ ମହିଳାଙ୍କ ମା' ବା ଭଉଣୀଙ୍କର ସ୍ତନ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଋତୁସ୍ରାବର ବିରତି (ମେନୋପଜ୍) ବେଶି ବୟସରେ ହୋଇଥାଏ, ଯେଉଁ ମହିଳାଙ୍କର ଡିମ୍ବକୋଷରେ କର୍କଟ ହୋଇଥାଏ, ଯେଉଁ ମହିଳାଙ୍କ ଶରୀରର ବାରମ୍ବାର ଏକ୍ସରେ କରାହୋଇଥାଏ, ଅତ୍ୟଧିକ ମେଦବହୁଳ ମହିଳା, ଅତ୍ୟଧିକ ଚର୍ବିମିଶ୍ରିତ ଖାଦ୍ୟ ଖାଉଥିବା ମହିଳାଙ୍କଠାରେ ଏହି ରୋଗର ଆଶଙ୍କା ବେଶି।

**ଲକ୍ଷଣ**

– ସ୍ତନ କର୍କଟର ମୁଖ୍ୟ ଲକ୍ଷଣ ହେଉଛି ସ୍ତନରେ ଅର୍ବୁଦ। ଏଥିରେ ଆଦୌ ବ୍ୟଥା ବା ଦରଜ ହୁଏନାହିଁ।

– ସ୍ତନ ବା କାଖରେ ଏକ ନୂତନ ବା ଅସ୍ୱାଭାବିକ ଅର୍ବୁଦ କିମ୍ବା ଲିମ୍ଫନୋଡ୍ ଏନ୍‌ଲାର୍ଜମେଣ୍ଟ ବା କାଖ ଗୁଳି ବଢ଼ିଯିବା।

– ସ୍ତନର ଆକାର ବା ଆକୃତିରେ ଅସ୍ୱାଭାବିକ ପରିବର୍ତ୍ତନ।

– ସ୍ତନର ଉପର ଭାଗ ଚର୍ମରେ ଗାତ ସୃଷ୍ଟି ହୋଇଯିବା ବା ନାଳି ହୋଇଯିବା ପିଉଡି 'ଅରେଞ୍ଜ୍ ଆପିଅରାନ୍ସ।'

– ସ୍ତନର ନିପଲ୍ ବା ଭୁଣ୍ଡିରୁ ପାଣି କିମ୍ବା ରକ୍ତ ବାହାରିବା।

– ସ୍ତନ ଭୁଣ୍ଡି ଭିତର ପଟକୁ ମୋଡ଼ି ହୋଇଯିବା ବା ପଶିଯିବା "ରିଟ୍ରାକ୍ଟେଡ୍ ନିପଲ୍"।

– ସ୍ତନରେ କଷ୍ଟ ହେବା।

**ସ୍ତନ କର୍କଟର ଚିହ୍ନଟ :**

ଯେକୌଣସି କର୍କଟ ଭଳି ସ୍ତନ କର୍କଟର ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇପାରିଲେ, ଏହି ମାରାତ୍ମକ ରୋଗ ଦୂରେଇ ହେବ। ମହିଳାମାନେ ତାଙ୍କ ହାତରେ ନିଜ ସ୍ତନର ପରୀକ୍ଷା କରିବା ଦ୍ୱାରା ଏହି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବେ। ଏହାଛଡ଼ା ଡାକ୍ତରଙ୍କ ଦ୍ୱାରା ସ୍ତନ ପରୀକ୍ଷା, ଫାଇନ୍‌ନିଡଲ୍ ଆସ୍‌ପିରେସନ୍ ସାଇଟୋଲୋଜି, ସ୍ତନର ଅଲ୍‌ଟ୍ରାସାଉଣ୍ଡ ଓ ମାମୋଗ୍ରାଫି ଦ୍ୱାରା ସ୍କ୍ରିନିଂ କଲେ ଏହି ରୋଗ ଚିହ୍ନଟ ହୋଇପାରିବ। ଯେଉଁ ରୋଗୀ 'ହାଇରିସ୍କ କେସ୍' ହୋଇଥିବେ ସେମାନେ ନିଜେ ନିଜର ସ୍ତନ ପରୀକ୍ଷା କରିବା ପଦ୍ଧତି ଜାଣିବା ଜରୁରୀ।

ଉପରୋକ୍ତ ପରୀକ୍ଷାଗୁଡ଼ିକ କଲେ କର୍କଟ ରୋଗର ପ୍ରତିହତ କରିହେବ। ତେଣୁ ଆସନ୍ତୁ ନିଜେ ନିଜ ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା, ଏହାକୁ ପ୍ରତିହତ କରିବା ଓ କର୍କଟ ରୋଗ ବିରୋଧରେ ଲଢ଼େଇ କରି ବିଜୟୀ ହେବା।

– ଲିଙ୍କରୋଡ୍, କଟକ–୧୨
ମୋ– ୯୪୩୭୦୫୫୦୦୭



# ଘରେ ଅଫିସ୍ କାମ କରୁଥିଲେ

ୱାର୍କ ଫ୍ରମ୍ ହୋମ୍‌ର କନସେପ୍ଟ ଏବେ ବଢ଼ିବାରେ ଲାଗିଛି। ଖାସ୍‌କରି ମହିଳାମାନେ ଏହାର ବିଶେଷ ଲାଭ ଉଠାଉଛନ୍ତି। ଏମାନେ ଘରେ ରହି ଉଭୟ ଘର ଓ ଅଫିସ୍ କାମ କରୁଛନ୍ତି। ଅଫିସ୍‌ରେ ନୀତି ନିୟମ ଥିବାବେଳେ ଘରେ ରହି କାମ କରିବାରେ କର୍ମଚାରୀଙ୍କ ପାଇଁ କୌଣସି ନିୟମ ନ ଥାଏ। ତେଣୁ ଅଧିକାଂଶ ସମୟରେ କୌଣସି କାମ ଠିକ୍ ଭାବେ ହୋଇପାରି ନ ଥାଏ। ଜାଣନ୍ତୁ କିଛି ଟିପ୍ସ ଯାହାଦ୍ୱାରା ଉଭୟ କାମ ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିବ।

❖ପ୍ରତ୍ୟେକ କାମ କରିବା ପୂର୍ବରୁ ୱାର୍କ ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଯାହାଦ୍ୱାରା ଆପଣ ଜାଣିପାରିବେ କେଉଁ କାମ କେତେବେଳେ ଆରମ୍ଭ କରିବେ ଓ କେତେବେଳେ ଶେଷ କରିବେ। ଏହାଦ୍ୱାରା କମ୍ ସମୟରେ ଅଧିକ କାମ କରିପାରିବେ।

❖ଯେତେବେଳେ ଇଚ୍ଛା ସେତେବେଳେ କାମ କରିବାକୁ ବସି ପଡ଼ନ୍ତୁ ନାହିଁ। ଏପରି କଲେ କାମ ସହ ସ୍ୱାସ୍ଥ୍ୟ ବିଗିଡ଼ିଯିବାର ସମ୍ଭାବନା ଥାଏ। କାମ ସହ ନିଜକୁ ଫିଟ୍ ରଖିବା ପାଇଁ ସମୟ ନିର୍ଘଣ୍ଟ କରନ୍ତୁ। ଏହାଦ୍ୱାରା କାମ ଠିକ୍‌ରେ ହେବ ଏବଂ ଆପଣ ଟେନ୍‌ସନ୍ ଫ୍ରି ରହିବେ।

❖କାମ କଲାବେଳେ ମୋବାଇଲ୍‌ରେ ଚାଟିଂ ବା ଗପ କରନ୍ତୁ ନାହିଁ। ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ କୁହନ୍ତୁ ଯେ ଆପଣ ଫ୍ରି ଥିବା ସମୟରେ ସେମାନଙ୍କ ସହ କଥା ହେବେ।

❖ଘରେ ରହି କାମ କରୁଥିଲେ ଅଫିସ୍ ଯିବାକୁ ପଡ଼ିବନି। କିନ୍ତୁ ଏହାର ମାନେ ନୁହେଁ ଯେ ଆପଣ ଲୋକମାନଙ୍କ ସହ ମିଳାମିଶା ଓ କଥାବାର୍ତ୍ତା କରିବେ ନାହିଁ। ବରଂ ଫିଲ୍ଡ ୱାର୍କ କରୁଥିବା ଲୋକଙ୍କ ସହ ସମ୍ପର୍କ ରଖନ୍ତୁ। ଏହାଦ୍ୱାରା ନୂଆ ନୂଆ କଥା ଜାଣିବାକୁ ପାଇବେ।

❖ଲକ୍ଷ୍ୟ ନିର୍ଦ୍ଧାରିତ କରନ୍ତୁ ଯେ ଆପଣଙ୍କୁ ନୂଆ କଥା ଶିଖିବାର ଅଛି। ଫଳରେ ଆପଣଙ୍କ ମଧ୍ୟରେ କାମକୁ ନେଇ ଜୋସ୍ ବଜାୟ ରହିବ। ଇମେଲ୍ ମ୍ୟାନର୍ସର ବି ଧ୍ୟାନ ରଖନ୍ତୁ। କେବଳ ଓକେ, ଥ୍ୟାଙ୍କ୍ ୟୁ କହି ରିପ୍ଲାୟ ଦିଅନ୍ତୁ ନାହିଁ। କାମ କରିବାର ପ୍ରେସର ପରିବାର ଲୋକଙ୍କ ଉପରେ ଦିଅନ୍ତୁ ନାହିଁ।

# ଗୃହିଣୀଙ୍କ ପାଇଁ



■ତେଜପତ୍ରର ମିଠା ବାସ୍ନାରେ ମୂଷାମାନେ ଖୁବ୍‌ଶୀଘ୍ର ଏହାକୁ ଖାଇବା ପାଇଁ ଆସିଥାନ୍ତି, ଯାହା ମୂଷା ପାଇଁ ବିଷାକ୍ତ ହୋଇଥାଏ।

■ମୂଷା ଉପଦ୍ରବରୁ ରକ୍ଷା ପାଇଁ ମୂଷା ଆସୁଥିବା ରାସ୍ତାରେ ଗୋବର ରଖିପାରିବେ।

■ପିଆଜ ଗନ୍ଧ ଖୁବ୍ କଡ଼ା ଥାଏ। ମୂଷାମାନେ ଏହି ଗନ୍ଧକୁ ସହିପାରନ୍ତି ନାହିଁ। ମୂଷା ଆସୁଥିବା ରାସ୍ତାରେ ପିଆଜ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଦେଖିବେ ମୂଷା ଘର ଛାଡି ପଳାଇବେ।

■ପେଚାର ପରକୁ ମୂଷାମାନେ ଡରନ୍ତି। ମୂଷା ଆସୁଥିବା ସ୍ଥାନରେ ଏହି ପରକୁ ରଖନ୍ତୁ। ଘରେ ମୂଷା ଦେଖାଯିବେ ନାହିଁ।

■ପୋଦିନା ତେଲରେ ତୁଳା ଭିଜାଇ ମୂଷା ଆସୁଥିବା ସ୍ଥାନରେ ରଖନ୍ତୁ। ପୋଦିନା ଗନ୍ଧରେ ମୂଷା ଆସିବେ ନାହିଁ।

■ଗୋଲମରିଚକୁ ପାଣିରେ ଭିଜାଇ ମୂଷା ଆସୁଥିବା ବାଟରେ ରଖିଦିଅନ୍ତୁ। ଏହାର ଗନ୍ଧରେ ମୂଷା ଘରେ ପଶିବେ ନାହିଁ।

■ଫିଟିକିରି ଗୁଣ୍ଡକୁ ମୂଷା ଆସୁଥିବା ରାସ୍ତାରେ ବିଞ୍ଛିଦେଲେ ଏହାର ଗନ୍ଧରେ ମୂଷା ଘରକୁ ଆସିବେ ନାହିଁ।

ଖାଦ୍ୟରୁଚି

# ଦୋସା ସ୍ୟାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ**

୨ କପ୍ ଚାଉଳ ଓ ଅଧା କପ୍ ବିରି ଡାଲି, ବ୍ରେଡ୍ – ୪ଖଣ୍ଡ, ଆବଶ୍ୟକ ଅନୁସାରେ ଲୁଣ, ଅଧା ଇଞ୍ଚ ଅଦାର ପେଷ୍ଟ, କଟା ଧନିଆପତ୍ର– ୨ ଚାମଚ, ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା, ତେଲ– ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚାଉଳ ଓ ବିରି ଡାଲିକୁ ମିଶାଇ ଗ୍ରାଇଣ୍ଡିଂ କରି ପିଠଉ ପ୍ରସ୍ତୁତ କରନ୍ତୁ। ଏଥିରେ ଅଦା ପେଷ୍ଟ ଓ ଧନିଆପତ୍ରକୁ ଭଲଭାବେ ମିଶାନ୍ତୁ। ତାୱା ଗରମ କରି ତେଲ ପକାନ୍ତୁ। ବ୍ରେଡ୍‌କୁ ପିଠଉରେ ଗୋଳାଇ ତାୱାରେ ପକାନ୍ତୁ। ଏବେ ସ୍ୟାଣ୍ଡଉଇଚ୍ ଉପରେ ଏକ ଚାମଚ ତେଲ ପକାନ୍ତୁ। ସ୍ୟାଣ୍ଡଉଇଚ୍‌ର ଉଭୟ ପାର୍ଶ୍ୱ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଏହାକୁ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଦୋସା ସ୍ୟାଣ୍ଡ୍‌ଉଇଚ୍। ଗରମ ଗରମ ଏହାକୁ ଧନିଆ ଚଟଣି କିମ୍ବା ଟମାଟୋ ସସ୍ ସହ ପରଷନ୍ତୁ।



ସୌନ୍ଦର୍ଯ୍ୟ

# ଶୁଷ୍କ ତ୍ୱଚାର ଉପଚାର

**ଶୀତଦିନେ ତ୍ୱଚା ଶୁଷ୍କ ହେବା ବା ଫାଟିବା ଏକ ସାଧାରଣ ସମସ୍ୟା। ଏଥିପାଇଁ କୋଲ୍ଡ କ୍ରିମ୍ ବା ମଇଶ୍ଚରାଇଜର ଜରୁରୀ। କିଛି ଘରୋଇ ଟିପ୍ସ ଆପଣାଇ ଆପଣ ଏଥିରୁ ରକ୍ଷା ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...**

**ନଡ଼ିଆ ତେଲ:** ଶୁଷ୍କ ତ୍ୱଚାର ଉପଶମ ପାଇଁ ନଡ଼ିଆ ତେଲ ବେଶ୍ ଉପକାରୀ। ଏହି ତେଲକୁ ହାଲ୍‌କା ଉଷୁମ କରି ଗାଧୋଇବା ପୂର୍ବରୁ ତ୍ୱଚାରେ ଲଗାଇ ଧୀରେ ଧୀରେ ମାଲିସ୍ କରନ୍ତୁ। ଯାହାଦ୍ୱାରା ଏହା ତ୍ୱଚା ମଧ୍ୟରେ ଭଲଭାବେ ଭେଦିପାରିବ। ୧୦ ମିନିଟ୍ ପରେ ଗାଧୋଇ ପଡ଼ନ୍ତୁ। ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ଏହି ତେଲରେ ଥିବା ଫ୍ୟାଟି ଏସିଡ୍, ପ୍ରୋଟିନ୍ ଏବଂ ଭିଟାମିନ୍ ଇ' ତ୍ୱଚାକୁ ନମନୀୟ ରଖିଥାଏ।

**ମହୁ:** ପ୍ରାକୃତିକ ମଇଶ୍ଚରାଇଜର ଏବଂ ଆଣ୍ଟି ଅକ୍ସିଡାଣ୍ଟର କାମ କରିଥାଏ ମହୁ। ଗ୍ଲିସେରିନ୍ ଏବଂ ମହୁକୁ ସମାନ ମାତ୍ରାରେ ମିଶାଇ ତ୍ୱଚାରେ ଲଗାନ୍ତୁ। ୧୦ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଅଲିଭ୍ ଅଏଲ୍:** ଏଥିରେ ଥିବା ଭିଟାମିନ୍ ଇ' ତ୍ୱଚାର ଶୁଷ୍କତା ଦୂର କରିଥାଏ। ଏକ ଚାମଚ ବ୍ରାଉନ୍ ସୁଗାର ଓ ସାମାନ୍ୟ ଅଲିଭ୍ ଅଏଲର ମିଶ୍ରଣକୁ ତ୍ୱଚାରେ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ।

**ମଲାଇ:** ମଲାଇରେ ଥିବା ଲାକ୍ଟିକ୍ ଏସିଡ୍ ଶୁଷ୍କ ତ୍ୱଚା ପାଇଁ ଉତ୍ତମ ମଇଶ୍ଚରାଇଜରର କାମ କରିଥାଏ। ୨ରୁ ୩ ଚାମଚ ମଲାଇ ଓ ୨ ଚାମଚ ବେସନର ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଏଲୋଭେରା:** ତ୍ୱଚାର ଶୁଷ୍କତା ଦୂର କରିବା ପାଇଁ ଏହା ଉତ୍ତମ ମଇଶ୍ଚରାଇଜରର କାମ କରିବା ସହ ସ୍କିନ୍ ଟୋନ୍‌ରେ ସୁନ୍ଦରତା ବଜାୟ ରଖିଥାଏ। ଏଲୋଭେରା ପତ୍ରରୁ ଜେଲ୍ ବାହାର କରି ତ୍ୱଚାରେ କିଛି ସମୟ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ।





ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ପକ୍ଷରୁ ଦେଶରେ ୧୫,୫୦୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍‌ଗୁଡ଼ିକୁ ଚିହ୍ନଟ କରାଯାଇଛି।
– ସି.ଆର୍. ଚୌଧରୀ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ



ଦେଶର ସର୍ଭିସ କ୍ଷେତ୍ର ଏବଂ ୟୁରୋପୀୟ ଦେଶ ମୋନାକୋ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



## ସଂକ୍ଷେପରେ

### 'ଚୋକ୍‌ସୀଙ୍କୁ ଭାରତ ପ୍ରତ୍ୟର୍ପଣ ଉଦ୍ୟମ ଚାଲିଛି'

ଜର୍ଜଟାଉନ,୪-୨: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ମେହୁଲ ଚୋକ୍‌ସୀଙ୍କୁ ଆଣ୍ଟିଗୁଆରୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ଉଦ୍ୟମ ଚାଲିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଗୁଏନାର ହାଇ କମିଶନର ତଥା ଆଣ୍ଟିଗୁଆ ଏବଂ ବାର୍ବୁଡା, ସେଣ୍ଟ କିଟ୍ସ ଓ ନେଭିସ୍‌ର ଅଣ ଆବାସିକ ହାଇ କମିଶନର ଭେଙ୍କଟଚଲମ ମହାଲିଙ୍ଗମ ଏକ ସାକ୍ଷାତକାର ବେଳେ କହିଛନ୍ତି ଯେ, ଚୋକ୍‌ସୀଙ୍କ ନିକଟରେ ଆଣ୍ଟିଗୁଆର ପାସପୋର୍ଟ ରହିଥିଲେ ମଧ ତାଙ୍କୁ ଏବେ ମଧ ଭାରତୀୟ ବୋଲି ଧରାଯାଉଛି। ଚୋକ୍‌ସୀ ନିଜକୁ ଆଣ୍ଟିଗୁଆ ଅଧିବାସୀ କହିଲେ ହେଁ ଭାରତ ତାହା ମାନିବାକୁ ରାଜି ନୁହେଁ। ସେ ନିଜର ଭାରତୀୟତା ପ୍ରତ୍ୟାଖାନ କରିନାହାନ୍ତି। ଭାରତ ସରକାର କେବଳ ତାଙ୍କର ପାସପୋର୍ଟକୁ ପ୍ରତ୍ୟାହାର କରିଛି। ଏହାର ଅର୍ଥ ନୁହେଁ ଯେ, ଭାରତ ସରକାର ତାଙ୍କର ନାଗରିକତା ରଦ୍ଦ କରିଛନ୍ତି। ନିଜ ଦେଶରେ ଅପରାଧ କରି ଅନ୍ୟ ଦେଶର ନାଗରିକ ହୋଇଯିବ, ଏହାକୁ ଭାରତ ସରକାର ମାନିବେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

### ସାର୍ବଜନୀନ ହେବନି କଳାଧନ ରିପୋର୍ଟ

ନୂଆଦିଲ୍ଲୀ,୪-୨: କେନ୍ଦ୍ର ସରକାର ଦେଶ ଭିତରେ ଅଥବା ବିଦେଶରେ କଳାଧନ ରଖିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ପ୍ରସ୍ତୁତ ୩ଟି ରିପୋର୍ଟକୁ ସାର୍ବଜନୀନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏକ ସଂସଦୀୟ କମିଟି ଏହାର ତର୍ଜମା କରୁଥିବାରୁ ରିପୋର୍ଟକୁ ବାହାରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। କାରଣ ଏହାଦ୍ୱାରା ସ୍ୱାଧିକାର ଭଙ୍ଗ ହୋଇପାରେ। ସୂଚନାଥାଉ କି, କଳାଧନ ସମ୍ପର୍କରେ ଉପା ସରକାର ୨୦୧୧ରେ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଲୋକ ବିତ୍ତ ଏବଂ ନୀତି ସଂସ୍ଥା(ଏନ୍‌ଆଇପିଏଫ୍‌ପି), ରାଷ୍ଟ୍ରୀୟ ବ୍ୟବହାରିକ ଆର୍ଥିକ ଅନୁସନ୍ଧାନ ପରିଷଦ(ଏନ୍‌ସିଏଇଆର୍) ଏବଂ ଫରିଦାବାଦସ୍ଥିତ ରାଷ୍ଟ୍ରୀୟ ବିତ୍ତ ପରିଚାଳନା ସଂସ୍ଥା(ଏନ୍‌ଆଇଏଫ୍‌ଏମ୍)କୁ ୩ଟି ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ବିତ୍ତୀୟ ନିଅଣ୍ଟ ୧୧୨.୪%କୁ ବୃଦ୍ଧି

ନୂଆଦିଲ୍ଲୀ,୪-୨: କେନ୍ଦ୍ର ସରକାରଙ୍କ ଖର୍ଚ୍ଚ ବଢ଼ିଚାଲିଥିବା ବେଳେ ରାଜସ୍ୱ ଆଦାୟ କମିବାରେ ଲାଗିଛି। ସୋମବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ୧୧୨.୪%କୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଏହା ୭.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି।

### ଭୂଷଣ ଷ୍ଟିଲ୍‌ର ଋଣ ଶୁଝିବାକୁ ପ୍ରମୋଟର ରାଜି

ନୂଆଦିଲ୍ଲୀ,୪-୨: ଭୂଷଣ ପାୱାର ଆଣ୍ଡ ଷ୍ଟିଲକୁ ନିଲାମୀରୁ ରକ୍ଷା କରିବା ଲାଗି ଏହାର ପ୍ରମୋଟର ସଞ୍ଜୟ ସିଂଘଲ ଶେଷ ପ୍ରୟାସ ସ୍ୱରୂପ ନୂଆ ପ୍ରସ୍ତାବ ଦେଇଛନ୍ତି। ସେ ୪୭,୧୫୧ କୋଟି ଟଙ୍କାର ବକେୟା ଋଣ ପରିଶୋଧ କରିବାକୁ ରାଜି ଥିବା ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଦର୍ଶାଇଛନ୍ତି। ଦେବାଳିଆ ଋଣ ସମାଧାନ ପ୍ରକ୍ରିୟାର ଶେଷ ମୁହୂର୍ତ୍ତରେ ସେ ଏହି ପ୍ରସ୍ତାବ ଦେଇଛନ୍ତି। ଏହି କମ୍ପାନୀର ଦେବାଳିଆ ସମାଧାନ ପ୍ରକ୍ରିୟା ୧୮ ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଟାଟା ଷ୍ଟିଲ୍, ବ୍ରିଟେନର ଲିବର୍ଟି ହାଉସ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଏହାକୁ କିଣିବା ଲାଗି ଆଗ୍ରହ ଦେଖାଇଛନ୍ତି। ପ୍ରକ୍ରିୟା ଆରମ୍ଭ ବେଳେ କମ୍ପାନୀକୁ କିଣିବା ଲାଗି ବିଶେଷ ଆଗ୍ରହ ପ୍ରକାଶ ପାଇ ନଥିଲା।

### ଇପିଏଫ୍‌ଓ ସଦସ୍ୟଙ୍କ ପେନ୍‌ସନ୍ ୩୦୦୦କୁ ବଢ଼ିପାରେ

ନୂଆଦିଲ୍ଲୀ,୪-୨: କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀ/ଶ୍ରମିକଙ୍କ ଲାଗି ପେନସନ ବ୍ୟବସ୍ଥା ଘୋଷଣା କରିଛନ୍ତି। ଏବେ ଇପିଏଫ୍‌ଓ ସଦସ୍ୟଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଖୁବଶୀଘ୍ର ଇପିଏଫ୍‌ଓ ସଦସ୍ୟଙ୍କ ସର୍ବନିମ୍ନ ପେନସନ ୩ ହଜାର ଟଙ୍କାକୁ ବୃଦ୍ଧି ପାଇବାକୁ ଯାଉଛି। ଏ ସଂକ୍ରାନ୍ତରେ ସରକାର ଖୁବଶୀଘ୍ର ଘୋଷଣା କରିବେ। ବର୍ତ୍ତମାନ ଇପିଏଫ୍‌ଓ ସଦସ୍ୟଙ୍କୁ ସର୍ବନିମ୍ନ ୧୦୦୦ ଟଙ୍କା ପେନସନ ଦିଆଯାଉଛି। ଅନ୍ତରୀଣ ବଜେଟରେ ଅଣସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ଲାଗି ସର୍ବନିମ୍ନ ୩୦୦୦ ଟଙ୍କାର ବେତନ ଘୋଷଣା କରାଯାଇଛି। ଏଣୁ ସଂଗଠିତ କ୍ଷେତ୍ର ଲାଗି ଏହାକୁ ଆଧାର ଭାବେ ଗ୍ରହଣ କରାଯାଇପାରେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସରକାର ଏ ସମ୍ପର୍କରେ ଘୋଷଣା କରିବାକୁ ଯାଉଛନ୍ତି।

# ପାରାଦୀପ ଲାଗି ୧୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ

ଭୁବନେଶ୍ୱର,୪-୨(ବ୍ୟୁରୋ)




**ବୁଧବାର ଉଦ୍‌ଘାଟିତ ହେବ ପାରାଦୀପର ପଲିପ୍ରୋପିଲିନ ୟୁନିଟ**
- କାର୍ଯ୍ୟକ୍ରମରେ ଯୋଗଦେବେ ୩ କେନ୍ଦ୍ର ମନ୍ତ୍ରୀ
- ପାରାଦୀପ ବନ୍ଦରରେ ବହୁମୁଖୀ ବର୍ଥ
- ୫,୬୫୪ କୋଟି ବ୍ୟୟରେ ସ୍ଥାପନ ହେବ ଏମ୍‌ଇଜି ୟୁନିଟ
- ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ, ଏୟାରଷ୍ଟ୍ରିପ ସମେତ ଅନ୍ୟାନ୍ୟ ପ୍ରକଳ୍ପ ସାମିଲ
- ସୃଷ୍ଟି ହେବ ୨,୫୦୦ ପ୍ରତ୍ୟକ୍ଷ ନିଯୁକ୍ତି

ବୁଧବାର ପାରାଦୀପଠାରେ ୧୧ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଯାଉଛି। ସ୍ଥାପନ ହୋଇଥିବା ପଲିପ୍ରୋପିଲିନ ୟୁନିଟ ଉଦଘାଟିତ ହେବ। ସେହିଭଳି କ୍ଲିନ କାର୍ଗୋ ପରିବହନ ଲାଗି ପାରାଦୀପ ବନ୍ଦରରେ ମଲ୍ଟିପରପସ ବର୍ଥର ଏହି ଦିନ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଜାହାଜ ଚଳାଚଳ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରି, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉକ୍ତ ପ୍ରକଳ୍ପଗୁଡ଼ିକୁ ଲୋକାର୍ପଣ କରିବେ। ଏହାବାଦ ପାରାଦୀପ ରିଫାଇନେରିରେ ମନୋଏଥିଲିନ ଗ୍ଲାଇକଲ(ଏମ୍‌ଇଜି)ୟୁନିଟର ଭିତ୍ତିପ୍ରସ୍ତର, ପାରାଦୀପ ପୋର୍ଟର ଇକ୍ୱେ-୧,୨ ଏବଂ ୩ ବର୍ଥର ମେକାନାଇଜେଶନ,ଏଲ୍‌ପିଜି ଇମ୍ପୋର୍ଟ ଟର୍ମିନାଲ ଭଳି ଅନ୍ୟ କିଛି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ।

ଏଠାରେ ସୋମବାର ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଆଇଓସିଏଲ୍, ପାରାଦୀପ ରିଫାଇନେରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟିଭିଏସ୍ ଗୋପାଳକ୍ରିଷ୍ଣ କହିଛନ୍ତି, ପାରାଦୀପର ୬୮୦ କେଟିଏ କ୍ଷମତା ବିଶିଷ୍ଟ ବିଶ୍ୱସ୍ତରୀୟ ପଲିପ୍ରୋପିଲିନ ପ୍ଲାଣ୍ଟ ୩୧୫୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ସ୍ଥାପନ ହୋଇଛି। ଏହାବାଦ ପ୍ରାୟ ୫୬୫୪ କୋଟି ଟଙ୍କା ପୁଞ୍ଜିରେ ନିର୍ମାଣ ହେବାକୁ ଥିବା ଏମ୍‌ଇଜି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ୨୦୨୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ପ୍ରାୟ ୩୭୦୦ କୋଟି ଟଙ୍କା ପ୍ରକଳ୍ପର ଉଦଘାଟନ, ଲୋକାର୍ପଣ ଏବଂ ଅନ୍ୟ କିଛି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେଉଥିବା ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ପ୍ରାୟ ୨,୫୦୦ ପ୍ରତ୍ୟକ୍ଷ ଏବଂ ୧୦,୦୦୦ରୁ ଉର୍ଦ୍ଧ୍ୱ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ପାରାଦୀପରେ ଏୟାରଷ୍ଟ୍ରିପ ନିର୍ମାଣ ଲାଗି ପାରାଦୀପ ପୋର୍ଟ ଟ୍ରଷ୍ଟ, ଆଇଓସିଏଲ୍ ମଧ୍ୟରେ ବୁଝାମଣାପତ୍ର ଏହି ଦିନ ସ୍ୱାକ୍ଷର କରାଯିବ ବୋଲି ରଏ କହିଛନ୍ତି। ସେହିଭଳି ଆଗାମୀ ଦିନରେ ଆସିବାକୁ ଥିବା ପ୍ରକଳ୍ପ ମଧ୍ୟରେ ୨୫୦ କୋଟି ଟଙ୍କା ବ୍ୟୟରେ ବନ୍ଦର ଭିତ୍ତିକ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ, ୬୨୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୦.୬ ମେଟ୍ରିକ ମିଲିୟନ ଟନ୍ (ଏମ୍‌ଏମ୍‌ଟି) ଏଲପିଜି ଇମ୍ପୋର୍ଟ ଟର୍ମିନାଲ, ୨୨ ଏକର ପରିମିତ ସ୍ଥାନରେ ବହୁମୁଖୀ କଣ୍ଟେନର ବର୍ଥ, ପାରାଦୀପ ରେଳ ଷ୍ଟେଶନର ନୂଆ ଭବନ, ଅଠରବାଙ୍କି ଆର୍‌ଆର୍‌ଆଇ, ଧୂଳିକଣା ନିୟନ୍ତ୍ରଣ ବ୍ୟବସ୍ଥା, ଛାତ ଉପର ସୌର ଶକ୍ତି ପ୍ଲାଣ୍ଟ ସହ ଅନ୍ୟ କେତେକ ପ୍ରକଳ୍ପ ସାମିଲ ରହିଛି। କାର୍ଯ୍ୟକ୍ରମ ଅବସରରେ ଏସ୍‌ଏଲ୍‌ସି ଇଡି(ଡି), ଡବ୍ଲ୍ୟୁବିଏସ୍‌ଓ ପ୍ରିତିଶ ଭରତ, ଆଇଓସିଏଲ୍‌ର ପେଟ୍ରୋକେମିକାଲ ମାର୍କେଟିଂ ସିଜିଏମ୍ ସୁଜୟ ଚୌଧୁରୀ, ଏସ୍‌ଆଇଆରପିଏଲ ସିଜିଏମ୍ (ଏଚ୍‌ଆର) ଏସ୍.ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଆସିଲା ନୂଆ ଟାଟା ହାରିୟର

ଭୁବନେଶ୍ୱର,୪-୨

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଓଡ଼ିଶା ବଜାରରେ ବହୁ ପ୍ରତୀକ୍ଷିତ ମଡେଲ 'ହାରିୟର' ପ୍ରବେଶ କରିଛି। ସ୍ଥାନୀୟ ଗୁଗନାନୀ ମୋଟର୍ସଠାରେ ଏହି ମଡେଲଟିକୁ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ରାଜ ଭଟ୍ଟ, ଡିଲର ପ୍ରିନ୍ସପାଲ ରାଜନ ଗୁଗନାନୀ ଉନ୍ମୋଚନ କରାଇଥିଲେ। ଏହି ଅବସରରେ ସିଦ୍ଧାର୍ଥ ଶର୍ମା, ୟଶନିତ ଗୁଗନାନୀ, ସାଧଭୀ ଗୁଗନାନୀ, ସମନୀତ ଗୁଗନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ଏସ୍‌ୟୁଭି ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ମଡେଲ ଆଣିଛି। ସେହିଭଳି ଗ୍ରାହକଙ୍କୁ ଭାଲ୍ୟୁ ଫର ମନି ପ୍ରସଙ୍ଗକୁ ନଜରରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ୟାଲିଷ୍ଟୋ କପର, ଅର୍କସ ହ୍ୱାଇଟ, ଟେଲେଷ୍ଟୋ ଗ୍ରେ, ଏରିଏଲ ସିଲଭର, ଥର୍ମିଷ୍ଟୋ ଗ୍ଲୋଡ ଭଳି ରଙ୍ଗରେ ଉପଲବ୍ଧ।

ଏହାର ଏକ୍ସଶୋ'ରୁମ ଆରମ୍ଭ ମୂଲ୍ୟ ୧୨.୬୯ ଲକ୍ଷ ଟଙ୍କା ରହିଛି। ଏହା କ୍ରିଟୋଟେକ ୨.୦ ଲିଟର ଟର୍ବୋ ଚାର୍ଜଡ ଇଞ୍ଜିନ, ଡିଜେଲ ବିଏସ୍-୪, ୧୯୫୬ ସିସି ଇଞ୍ଜିନ, ଇନଲାଇନ ୪ ସିଲିଣ୍ଡର, ୬ସ୍ପିଡ ମାନୁଆଲ ଟ୍ରାନ୍ସମିଶନ, ୫୦ ଲିଟରର ଫୁଏଲ ଟ୍ୟାଙ୍କ, ୪୨୫ ଲିଟରର ବୁଟ ସ୍ପେଶ, ୫ ସିଟର କ୍ଷମତା ସହ ଆସୁଛି। ସେହିଭଳି କମ୍ପାନୀ ଏଥିରେ ଇମ୍ପାକ୍ଟ ଡିଜାଇନ ୨.୦ ପ୍ରଦାନ କରିଛି। ଏଥିରେ ଇଏସ୍‌ପି ଭିତ୍ତିକ ଟେରେନ ରେସପନ୍ସ ମୋଡ୍ ରହିଛି। ଲକ୍ଜୁରି ଏବଂ ସ୍ପେଶକୁ ଦୃଷ୍ଟିରେ ରଖି ଏହାର ଇଣ୍ଟେରିୟରକୁ ପ୍ରସ୍ତୁତ କରାଯାଇଛି। ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି ଏବଂ ଏକ୍ସଜେଡ୍ ଭଳି ଭାରିଆଣ୍ଟରେ ଉପଲବ୍ଧ।

**ଅନ୍ୟାନ୍ୟ ଆକର୍ଷଣୀୟ ଫିଚର**
- ଜେଏଲ୍‌ଆର୍ ଇନସ୍ପିରେଶନରେ ପ୍ରସ୍ତୁତ
- ୮.୮ ଇଞ୍ଚର ଫ୍ଲୋଟିଂ ଟଚ୍ ସ୍କ୍ରିନ ଇନଫୋଟେନମେଣ୍ଟ
- କ୍ଲାଇମେଟ କଣ୍ଟ୍ରୋଲ
- ଇଲେକଟ୍ରିକ ଆଉଟସାଇଡ ରିୟରଭିୟୁ ମିରର
- କୋଲ୍‌ଡ ଷ୍ଟୋରେଜ ବକ୍ସ
- ଅମ୍ବ୍ରେଲା ହୋଲ୍ଡର ସହ ଅନ୍ୟାନ୍ୟ ଷ୍ଟୋରେଜ ଏରିଆ

## ଡାକଘରେ ପଡ଼ିରହିଛି ଦାବିହୀନ ୯ହଜାର କୋଟି


ନୂଆଦିଲ୍ଲୀ,୪-୨

ଦେଶର ଡାକଘରେ ପ୍ରାୟ ୯ହଜାର କୋଟି ଟଙ୍କା ପଡ଼ିରହିଛି। ଏହାର କେହି ଦାବିଦାର ନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୬ଟି କ୍ଷୁଦ୍ର ସଞ୍ଚୟ ଯୋଜନା ଯଥା- କିଷାନ ବିକାଶ ପତ୍ର(୨,୪୨୯କୋଟି ଟଙ୍କା), ମାସିକ ଆୟ ଯୋଜନା(୨,୦୫୭ କୋଟି ଟଙ୍କା), ଜାତୀୟ ସଞ୍ଚୟ ସାର୍ଟିଫିକେଟ(୧,୮୮୮ କୋଟି ଟଙ୍କା), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(୨୮୯ କୋଟି ଟଙ୍କା), ରେକରିଂ ଡିପୋଜିଟ(୭୯୬ କୋଟି ଟଙ୍କା) ଏବଂ ଟାଇମ ଡିପୋଜିଟ୍(୧,୯୩୫ କୋଟି ଟଙ୍କା)ରେ ମୋଟ ୯,୩୯୫ କୋଟି ଟଙ୍କା ପଡ଼ିରହିଛି। ପୋଷ୍ଟ ଅଫିସ୍ ଅଧିକାରୀଙ୍କ କହିବାନୁଯାୟୀ, ପଡ଼ିରହିଥିବା ଟଙ୍କାକୁ ବ୍ୟାଙ୍କ ଅଣଦାବି ଆକାଉଣ୍ଟରେ ପଠାଇ ଦେଇଥାଏ ଅଥବା ଡିପୋଜିଟ ଆୱାରନେସ୍ ଆଣ୍ଡ ଏଜୁକେଶନ ଫଣ୍ଡ(ଡିଇଏଏଫ୍)ରେ ରଖିଦିଅନ୍ତି। ଏହି ପାଣ୍ଠି ବ୍ୟବହାର କରି ଜମାକାରୀଙ୍କୁ ସଚେତନ କରାଯାଉଥିବା କାର୍ଯ୍ୟକ୍ରମ ହାତକୁ ନିଆଯାଏ।

## ଅର୍ଥନୀତିରେ ନାହିଁ ଜନସଂଖ୍ୟାର ଅଧେଙ୍କ ଯୋଗଦାନ

ନୂଆଦିଲ୍ଲୀ,୪-୨

**ଏନ୍‌ଏସ୍‌ଏସ୍‌ଓ ରିପୋର୍ଟ**



ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ(ଏନ୍‌ଏସ୍‌ଏସ୍‌ଓ)ର ସଦ୍ୟତମ ନିଯୁକ୍ତି ସର୍ଭେ ରିପୋର୍ଟ ନିକଟରେ ପ୍ରକାଶ ପାଇଛି। ଏହି ଅସମର୍ଥିତ ରିପୋର୍ଟରେ ଚକିତ କଲା ଭଳି ତଥ୍ୟ ପଦାକୁ ଆସିଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ କାର୍ଯ୍ୟକରିବାର ବୟସରେ ଥିବା ବ୍ୟକ୍ତିବିଶେଷ(୧୫ ବର୍ଷରୁ ଉର୍ଦ୍ଧ୍ୱ ୬୪ ବର୍ଷ ତଳେ)ଅର୍ଥାତ୍ ଜନସଂଖ୍ୟାର ଅର୍ଦ୍ଧେକଙ୍କର ଦେଶର ଅର୍ଥନୀତିରେ କୌଣସି ଯୋଗଦାନ ନଥିଲା। ପ୍ରକାଶ ପାଇଥିବା ଉକ୍ତ ରିପୋର୍ଟ ଅନୁଯାୟୀ ୨୦୧୭-୧୮ରେ ଲେବର ଫୋର୍ସ ପାର୍ଟିସିପେଶନ ରେଟ୍(ଏଲ୍‌ଏଫ୍‌ପିଆର୍) ୨୦୧୧-୧୨ର ୫୫.୯% ତୁଳନାରେ ହ୍ରାସ ପାଇ ୪୯.୮ ପ୍ରତିଶତରେ ପହଞ୍ଚିଛି। ପାଠ ପଢୁଥିବା, ଗୃହିଣୀ ଏବଂ ୬୪ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଲେବର ଫୋର୍ସ ଭାବେ ଧରାଯାଏ ନାହିଁ। ଇଣ୍ଡିଆନ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକୋନୋମିକ ରିଲେସନ୍ସର ବରିଷ୍ଠ ଫେଲୋ ରାଧିକ କପୁରଙ୍କ ମତରେ ଏହା ଅତ୍ୟନ୍ତ ଚିନ୍ତାର ବିଷୟ। କାରଣ ଦେଶରେ ୬୫% ବ୍ୟକ୍ତିବିଶେଷ କାମ କରିବାକୁ ସକ୍ଷମ ଥିବା ବେଳେ ଭାରତର ଭୌଗଳିକ ସ୍ଥିତିର ଫାଇଦା ଉଠାଇବାରେ ସରକାର ବିଫଳ ହୋଇଛନ୍ତି। ରିପୋର୍ଟରୁ ଜଣାପଡିଛି ଯେ, ମହିଳାଙ୍କ କ୍ଷେତ୍ରରେ ୨୦୧୧-୧୨ ଏବଂ ୨୦୧୭-୧୮ ମଧ୍ୟରେ ସକ୍ରିୟ ଶ୍ରମ ବଳ ଦୁଇଗୁଣା ହ୍ରାସ ପାଇଛି। ୨୦୧୭-୧୮ରେ ମହିଳାଙ୍କ ଏଲ୍‌ଏଫ୍‌ପିଆର୍ ୨୩.୩ ପ୍ରତିଶତକୁ କମିଛି।

## କାନାରା ବ୍ୟାଙ୍କ ପକ୍ଷରୁ ମେଗା ରିଟେଲ ଏକ୍ସପୋ



ଭୁବନେଶ୍ୱର ,୪-୨

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମେଗା ରିଟେଲ ଏକ୍ସପୋ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କର ମହାପ୍ରବନ୍ଧକ ତଥା ବ୍ୟାଙ୍କର ଓଡ଼ିଶା ରାଜ୍ୟ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରମୁଖ ବିଲ୍ଡର ଏବଂ ଗାଡି ଡିଲରମାନେ ନିଜ ନିଜ ଉତ୍ପାଦକୁ ପ୍ରଦର୍ଶନ କରିଥିଲେ। ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ସୁଧହାରରେ ଯୋଗାଇ ଦିଆଯାଉଥିବା ଗୃହ ଋଣ ଓ ଗାଡି ଋଣ, ପ୍ରୋସେସିଂ ଦେୟ ଛାଡ, ପ୍ରଧାନମନ୍ତ୍ରୀ ଯୋଜନା ଅନୁଯାୟୀ ୨.୬୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ସୁବିଧା ନେବାକୁ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟାଙ୍କ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଗୃହ ଋଣ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଏଜିଏମ୍ ବି.କେ ରଥ, ଡିଏମ୍ ପି.କେ. ଜେନା, ଡିଏମ୍ ଏମ୍.ପି. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣିମ ବେଭରେଜ୍ ଆଣିଲା ନୂଆ ଗ୍ଲୁକୋରିଚ୍




ଭୁବନେଶ୍ୱର,୪-୨

ସ୍ୱର୍ଣ୍ଣିମ ଅର୍ଗାନିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ନୂଆ ପ୍ରଡକ୍ଟ ଗ୍ଲୁକୋରିଚ୍ ବଜାରକୁ ଆସିଛି। ଏହା ଏକ ଏନର୍ଜି ବୋଷ୍ଟର ଭାବେ ବଜାରରେ ପ୍ରବେଶ କରିଛି। ଅନଲିମିଟେଡ ଲିଚି, କଚା ଆମ୍ ଏବଂ ଜୁସି ଅରେଞ୍ଜ ଭଳି ୩ ସ୍ୱାଦରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡିଶା ବଜାରରେ ଏହି ବର୍ଗରେ ପ୍ରଡକ୍ଟ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇ ପାରିବ ବୋଲି କମ୍ପାନୀ କହିଛି। ନିକଟରେ ଶେଷ ହୋଇଥିବା ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଟ୍ରେଡ ଫେୟାର ଅବସରରେ କମ୍ପାନୀ ଭାଗ ନେବା ସହ ଏହାର ପ୍ରଡକ୍ଟ ପ୍ରଦର୍ଶନ କରାଇଥିଲା। ଗ୍ରାହକଙ୍କ ନିକଟରୁ ଏହାକୁ ନେଇ ଭଲ ରେସପନ୍ସ ମିଳିଥିବା କମ୍ପାନୀ ପ୍ରକାଶ କରିଛି। ଲୋକମାନେ ଷ୍ଟଲରେ ପ୍ରଡକ୍ଟକୁ ମାଗଣାରେ ଟେଷ୍ଟ କରିବା ସହ ନିଜ ପ୍ରତିକ୍ରିୟା ରଖିଥିଲେ। ଏକ ଏମର୍ଜିଂ ଷ୍ଟାର୍ଟଅପ ଭାବେ ବେଷ୍ଟ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ପୁରସ୍କାର ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

**ବିଜ୍ଞାପନ**

ବାଲେଶ୍ୱର ଜିଲ୍ଲାରେ ପରିଚାଳିତ ସ୍ୱୀକୃତିପ୍ରାପ୍ତ ଛଅ (୬) ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକ/ଅଣଶିକ୍ଷକ ନିଯୁକ୍ତି ନିମନ୍ତେ ପ୍ରସ୍ତୁତ ତାଲିକା ବାଲେଶ୍ୱର ଜିଲ୍ଲା website www.baleswar.nic.in ରେ ଉପଲବ୍ଧ।

ଏହି ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଯଦି କାହାରି କୌଣସି ଅଭିଯୋଗ ଥାଏ, ସେମାନେ ଆସନ୍ତା ତା୦୬।୦୨।୨୦୧୯ ରିଖ ସନ୍ଧ୍ୟା ୫ ଘଟିକା ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଲିଖିତ ଭାବେ ଦାଖଲ କରିପାରିବେ।

ଧାର୍ଯ୍ୟ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

Sd./- District Social Security Officer, Balasore

**Corrigendum to Tender call Notice No. 178 / Dated.17.01.2019 of Panchayat Samiti, Raikia**

Due to typological error in tender schedule, the date line of tender process is modified and is rescheduled as follows:
1. Date of selling of tender Paper : From 06.02.2019 to 16.02.2019 within office hour.
2. Last date of selling of tender Paper : 16.02.2019 within office hour.
3. Date of opening of tender Paper : 18.02.2019 at 11.00 A.M.

And all other terms & condition of the previous tender remain unchanged.

Sd./- Block Development Officer, Raikia

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
OPTCL
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE GM (ELECT.) E.H.T. (O&M) CIRCLE, JAJPUR ROAD
AT: QTR NO. 4R/1, TTS COLONY, PO: SOBRA, DIST: JAJPUR, PIN: 755019 (ODISH),
PHONE/FAX NO: 06726-220965 (off), E-mail: ehtm.cle.jjp@optcl.co.in
CIN: U40102OR2004SGC007553

No. Tech/CR-41/OT-09(18-19) 147 Dated: 04.02.2019

**TENDER CALL NOTICE NO.- 09/18-19**

Sealed tenders are invited from the Civil Contractors having valid "C" & "D" Class Civil Contractor license issued by Govt. of Odisha/ Military/Railways & having valid IT PAN Card/GST registration/up to date GST return certificate/experience certificate for "Protecton of tower from rapid and massive soil erosion by filling of sand bag packing with bullah supporting at location No. 272(OC+6) of 132 KV Kuchai-Jaleswar DC line near the river bank of SUBARNAREKHA at village Ektali" under EHT(O&M) Division, Balasore. Cost of Tender Paper Rs. 4,480/- (Including GST), EMD= Rs. 8,500/-, Sale of tender documents from dt: 05.02.2019 to 14.02.2019. Last Date of submission of tender: 15.02.2019 upto 1.00 PM. Date of opening of tender is 15.02.2019 at 3.00 PM. For details visit our website: **www.optcl.co.in**.
Corrigendum/ addendum if any will be published in the OPTCL website only.

Sd./- General Manager (Elect.), EHT (O&M) Circle, Jajpur Road

**OFFICE OF THE PRINCIPAL**
**NAYAGARH AUTONOMOUS COLLEGE, NAYAGARH**
**QUOTATION CALL NOTICE**

No.- Date-

Sealed quotations are invited from the registered firms/Authorized Dealers having valid GST, PAN & IT clearance for procurement of Water Purifiers with cooler, Desktop Computer, First Aid Box and Dustbin from assistance for non civil expenses under OHEPEE scheme, Govt. of Odisha.
The Sealed quotations should reach the office of the undersigned on or before 15.02.2019 through registered Post/speed Post.
Interested authorized dealers/ suppliers/ registered firms are requested to receive the detailed list of items with specifications and related papers from the undersigned during office hour on working days. The authority reserves the right to reject or cancel any or all quotation without assigning any reason thereof.

*Thanking you.*

Principal
Nayagarh Autonomous College, Nayagarh

**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. H.O./Civ/T&E/E/3897/01/2019/2064 Dated :- 01.02.2019

**QUOTATION CALL NOTICE**

Sealed Quotations are invited from the original Furniture Manufacture/Registered Supplier/Firms/Authorized Dealers of **Godrej Furniture** for "**Supply of Optimizer of "Godrej" make to DTET Office Building at Cuttack**". The last date of submission of the quotation is 21.02.2019 by 5.00 P.M and the quotation will be opened on 22.02.2019 at 11.00 A.M.

For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender & Quotation)

Sd/-
Chief General Manager (Civil) I/C
IDCO, Bhubaneswar

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
MANJORE GATE WORKS PROJECT, CENTRAL WORKSHOP, RASULGARH, BHUBANESWAR-751010

**CORRIGENDUM TO BID CALL NOTICE IDENTIFICATION**
No.OCC/MGWP/02/2018-19 Date. 18.01.2019

For the work **"Expression of interest for cutting, dismantling, removing, shifting etc. & disposal of existing old & damaged barrage bay radial gates No. 15 & 16 of Samal Barrage, Samal, Dist-Angul with all labours, consumables, tools & tackles, industrial gases, machinery, equipments etc. required to complete the work on as is where is basis as per direction of Engineer-in-charge"**
For details, please visit our website : **www.odishaconstruction.com** or Govt. of Odisha website : **www.odishagov.nic.in.** The last date & time of sale, receipt & opening of bid documents are extended up to **20.02.2019 at 1.00 P.M., 3.00 P.M. & 4.00 P.M.** respectively.

Sd/- SENIOR MANAGER (MECH.)

**ତହସିଲ କାର୍ଯ୍ୟାଳୟ, ଲେଫ୍ରିପଡ଼ା**
**ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: 232 ତାରିଖ: 02.02.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଲେଫ୍ରିପଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା 14.02.2019 ଅପରାହ୍ନ ଘ 3.00 ଣ୍ଟା ସୁଦ୍ଧା ସିଲଡ୍ କଭରରେ ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ। ଉକ୍ତ ଦିନ ଘ 4.15 ମି ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ। ଯେଉଁ ଉତ୍ସଗୁଡ଼ିକ ସେହିଦିନ ପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବ ସେଗୁଡ଼ିକ ଦ୍ୱିତୀୟ ଥର ପାଇଁ ତା 22.02.2019 ଓ ତୃତୀୟ ଥର ପାଇଁ ତା 01.03.2019 ସମୟ 3 ଘଟିକାରେ ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ଜନସାଧାରଣ ଏ ସଂକ୍ରାନ୍ତୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି ଲେଫ୍ରିପଡ଼ା, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଲେଫ୍ରିପଡ଼ା ତଥା ଉପଜିଲ୍ଲାପାଳ ସଦର ସୁନ୍ଦରଗଡ଼, ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ ଓ ଜିଲ୍ଲାପାଳ ୱେବସାଇଟ www.sundargarh.nic.in ରୁ ପାଇପାରିବେ।

ସ୍ୱା./- ତହସିଲଦାର, ଲେଫ୍ରିପଡ଼ା

> ବର୍ତ୍ତମାନ ବାସନ୍ଦ ଦଣ୍ଡ ଭୋଗୁଥିବା ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଚଳିତବର୍ଷ ଇଂଲଣ୍ଡ ବିପକ୍ଷ ଆସେସ ସିରିଜରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ।
> —ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



> ଭାରତର ଦୁଇ ପ୍ରତିଭାସମ୍ପନ୍ନ ସ୍ପିନର ପୁନମ ଯାଦବ ଓ ଏକତା ବିସ୍ତଙ୍କୁ ମୁକାବିଲା କରିବାକୁ ହେଲେ ଆକ୍ରମଣାତ୍ମକ ବ୍ୟାଟିଂ ଆବଶ୍ୟକ ।
> —ସୁଜି ବେଟ୍ସ, ନ୍ୟୁଜିଲାଣ୍ଡ ମହିଳା କ୍ରିକେଟର



## ସଂକ୍ଷେପରେ

### ୧୯ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷିତ

**କଟକ ଅଫିସ,୪।୨:** ଗୋଆଠାରେ ଆସନ୍ତା ୧୦ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏ ନେଇ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ଦଳର ଅଧିନାୟିକା ରହିଛନ୍ତି ଇନ୍ଦ୍ରାଣୀ ଛତ୍ରିଆ। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୧୦ ତାରିଖରେ ପ୍ରଥମ ମ୍ୟାଚରେ ବିଦର୍ଭକୁ ଭେଟିବ । **ଓଡ଼ିଶା ଦଳ:** ଇନ୍ଦ୍ରାଣୀ ଛତ୍ରିଆ(ଅଧିନାୟିକା), କାଜଲ ଜେନା, ପୁନମ ନାୟିକା (ଉପ ଅଧିନାୟିକା), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରଶ୍ମିତା ଚିନ୍ନାରା (ଉଇକେଟ କିପର), ସ୍ୱିଟି ବେଉରା, ସୋନାଲୀ ହେମ୍ବ୍ରମ, ବିଏଲ୍ଏସ୍ ବୈଷ୍ଣବୀ, ତରଣୀ ପ୍ରଧାନ, ତନ୍ମୟୀ ବେହେରା, କଳ୍ପନା ନାୟକ, ରାଣୀ ପ୍ରସାଦ, ସୁଚିତ୍ରା ରାୟ, ରାଜେଶ୍ୱରୀ ଜେନା(ଉଇକେଟ କିପର), ଭବାନୀ ଧଡ଼ା । ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତପ୍ରଭା ଦାସ-ଫିଜିଓ, ଟିକିଲତା ପ୍ରଧାନ-ଟ୍ରେନର, ସୁଧାଂଶୁବାଳା ସାହୁ-ମ୍ୟାନେଜର ।

### ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା

**ୱେଲିଂଟନ,୪।୨(ପିଟି):** ଦିନିକିଆ ସିରିଜ୍‌ରେ ଭାରତୀୟ ଦଳଠାରୁ ଶୋଚନୀୟ ପରାଜୟ ପରେ ଟି୨୦ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳକୁ ଶକ୍ତ ଧକ୍କା ଲାଗିଛି। ଘରୋଇ ଓପ୍‌ନର ମାର୍ଟିନ ଗୁପ୍‌ଟିଲ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତେବେ ଆହତ ସମସ୍ୟା ଯୋଗୁ ଗୁପ୍‌ଟିଲଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। ଅନ୍ତିମ ଦିନିକିଆ ପୂର୍ବରୁ ଅଭ୍ୟାସ କରୁଥିବାବେଳେ ତାଙ୍କ ତଳ ପିଠିରେ ଆଘାତ ଲାଗିଥିଲା। ଏହି କାରଣରୁ ସେ ଭାରତ ବିପକ୍ଷ ୫ମ ଦିନିକିଆ ମ୍ୟାଚ୍‌ରେ ଖେଳିପାରି ନ ଥିଲେ। ସୋମବାର ତାଙ୍କର ଫିଟ୍‌ନେସ୍ ଟେଷ୍ଟ ନିଆଯାଇଥିଲା। ଏଥିରେ ସେ ବିଫଳ ହୋଇଛନ୍ତି। ଏ ସମ୍ପର୍କରେ କୋଚ୍ ଗ୍ୟାରି ଷ୍ଟିଡ ସୂଚନା ଦେଇଛନ୍ତି। ଦୁର୍ଭାଗ୍ୟବଶତଃ ଗୁପ୍‌ଟିଲ ଟି୨୦ ସିରିଜ୍‌ରେ ଖେଳିପାରିବେ ନାହିଁ। ଏହା ନ୍ୟୁଜିଲାଣ୍ଡ ଦଳ ପାଇଁ ଏକ ଶକ୍ତ ଝଟକା ସଦୃଶ। ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍ ବେଳକୁ ସେ ଫିଟ୍ ହେବା ନେଇ ଆଶା କରାଯାଉଛି ବୋଲି କୋଚ୍ ଷ୍ଟିଡ କହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜ୍ ଲାଗି ଗୁପ୍‌ଟିଲଙ୍କ ବଦଳ ଖେଳାଳି ଭାବେ ଜିମ୍ମି ନିଶାମଙ୍କୁ ଦଳରେ ସାମିଲ କରାଯାଇଛି। **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମ୍‌ସନ (ଅଧିନାୟକ), ଡଗ୍ ବ୍ରାସ୍‌ୱେଲ, କଲିନ ଡି. ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ସ୍କଟ୍ କୁଗେଲେନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ଜିମ୍ମି ନିଶାମ, ମିଚେଲ ସାଣ୍ଟନର, ଟିମ୍ ସେଫର୍ଟ, ଇଶ ସୋଧି, ଟିମ୍ ସୌଦି ଓ ରସ୍ ଟେଲର।

### ଫୁଟ୍‌ବଲର ସାଲାଙ୍କ ମରଶରୀର ଠାବ



**ଲଣ୍ଡନ, ୪।୨ (ଏଏଫ୍‌ପି):** ବ୍ରିଟିଶ ତଦନ୍ତକାରୀମାନେ ଶେଷରେ ଆର୍ଜେଣ୍ଟିନା ଫୁଟ୍‌ବଲର ଏମିଲିଆନୋ ସାଲାଙ୍କ ମରଶରୀରକୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷରୁ ଠାବ କରିବାରେ ସମର୍ଥ ହୋଇଛନ୍ତି। ୨୮ବର୍ଷୀୟ ସାଲା ଜାନୁୟାରୀ ୨୧ରେ ତାଙ୍କ ନୂଆ ପ୍ରିମିୟର ଲିଗ୍ ଦଳ କାର୍ଡିଫ ସିଟିରେ ଯୋଗଦେବା ଲାଗି ଫ୍ରାନ୍ସରୁ ଏକ କ୍ଷୁଦ୍ର ବିମାନରେ ଯାତ୍ରା କରୁଥିଲେ। ତାଙ୍କ ସହିତ ବିମାନ ପାଇଲଟ ଥିଲେ। ବିମାନଟି ଇଂଲିଶ ଚ୍ୟାନେଲ ଅନ୍ତର୍ଗତ ଗର୍ନସେ ଦ୍ୱୀପର ଉତ୍ତରଭାଗରେ କୌଣସି କାରଣରୁ ନିଖୋଜ ହୋଇଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟିର ଭଗ୍ନାବଶେଷ ରବିବାର ସମୁଦ୍ର ଶଯ୍ୟାରେ ଦେଖିବାକୁ ମିଳିଥିଲା। ତଦନ୍ତକାରୀମାନେ ରିମୋଟଲି ଅପରେଟେଡ୍ ଭେଇକିଲ (ଆରଓଭି) ସହାୟତାରେ ତା' ନିକଟକୁ ଯାଇ ଭିଡ଼ିଓ ଫୁଟେଜ୍ ନେଇଥିଲେ। ବିମାନ ମଧ୍ୟରେ ଏକ ମରଶରୀର ଥିବା ଏଥିରୁ ଜଣାପଡ଼ିଥିଲା ବୋଲି ବ୍ରିଟିଶ ସରକାରଙ୍କ ବିମାନ ଦୁର୍ଘଟଣା ତଦନ୍ତ ଶାଖା (ଏଏଆଇବି) ପ୍ରକାଶ କରିଛି। ପରବର୍ତ୍ତୀ- ପଦକ୍ଷେପ ସ୍ୱରୂପ ଏଏଆଇବି ବର୍ତ୍ତମାନ ପାଇଲଟ, ଯାତ୍ରୀଙ୍କ ପରିବାରବର୍ଗ ଏବଂ ପୋଲିସର ପରାମର୍ଶ ନେବ। ସୂଚନାଯୋଗ୍ୟ, ସାଲା ରେକର୍ଡ ୧୭ନିୟୁତ ୟୁରୋ (୧୯.୩ନିୟୁତ ପାଉଣ୍ଡ) ବିନିମୟରେ ଫ୍ରେଞ୍ଚ୍ ଟିମ୍ ନାନ୍‌ଟିସରୁ ୱେଲ୍ସ ଟିମ୍ କାର୍ଡିଫ୍‌ରେ ଯୋଗଦେବାକୁ ଯାଉଥିଲେ।

# ଆଜି କଳିଙ୍ଗରେ ଆରୋଜ୍–ପଞ୍ଜାବ

**ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)**




ଇଣ୍ଡିଆନ୍ ଆରୋଜ ଓ ମିନର୍ଭା ପଞ୍ଜାବ ଆଇ–ଲିଗ୍ ମ୍ୟାଚ୍ ପୂର୍ବରୁ ସୋମବାର ଉଭୟ ଦଳର କୋଚ୍ ଓ ଖେଳାଳିମାନେ।

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଆରୋଜ ଓ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ମଧ୍ୟରେ ଆଇ- ଲିଗ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଇଣ୍ଡିଆନ ଆରୋଜ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବାରୁ ମିନର୍ଭାକୁ କଡ଼ା ଚ୍ୟାଲେଞ୍ଜ ଦେବା ସମ୍ଭାବନା ରହିଛି। ଯଦି ଆସନ୍ତା ମ୍ୟାଚ ସହ ଆରୋଜ ଚଳିତ ଆଇ–ଲିଗ୍‌ରେ ୫ମ ବିଜୟ ହାସଲ କରେ ତେବେ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇ ପାରିବ। ମ୍ୟାଚ

**ଆଇ-ଲିଗ୍ ଫୁଟବଲ**

ଅପରାହ୍ନ ୨ଟାରେ ଆରମ୍ଭ ହେବ।

ଦୁଇ ମାସ ପୂର୍ବରୁ ଘରୋଇ ପରିବେଶରେ ମିନର୍ଭା ପଞ୍ଜାବ ୧-୦ ଗୋଲରେ ଆରୋଜକୁ ପରାସ୍ତ କରିଥିଲା। ମାତ୍ର ପ୍ରଥମ ଚରଣର ଏହି ମ୍ୟାଚ ପରେ ଫ୍ଲୟଡ ପିଣ୍ଟୋଙ୍କ ଯୁବ ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଆରୋଜ ୧୫ଟି ମ୍ୟାଚ ଖେଳି ୧୩ ପଏଣ୍ଟ ପାଇଛି। ଏହା ମଧ୍ୟରେ ୪ ବିଜୟ, ୧ ଡ୍ର ଏବଂ ୧୦ ପରାଜୟ ସାମିଲ। ଅନ୍ୟପକ୍ଷରେ ପଞ୍ଜାବ ୧୫ ମ୍ୟାଚ ଖେଳି ୩ ବିଜୟ, ୫ ଡ୍ର ଏବଂ ୭ ପରାଜୟ ସହ ୧୪ ପଏଣ୍ଟ ପାଇଛି। ଅନ୍ୟତମ ଦଳ ଆଇଜଲ ଏଫସି ମଧ୍ୟ ୧୪ ପଏଣ୍ଟ ପାଇଛି। ଏବେ ଆଇଜଲ ୭, ପଞ୍ଜାବ ୮ ଓ ଆରୋଜ ୯ମ ସ୍ଥାନରେ ରହିଛି। ତେଣୁ ଯଦି ଆଗାମୀ ମ୍ୟାଚରେ ଆରୋଜ ବିଜୟୀ ହୁଏ ତେବେ ଆଇଜଲ୍ ଓ ପଞ୍ଜାବକୁ ପଛରେ ପକାଇ ଦେଇପାରିବ। ଚଳିତ ସିଜନରେ ମିନର୍ଭା ଦକ୍ଷତା ଅନୁସାରେ ଖେଳି ପାରିନାହିଁ। ଗତ ୨ ମାସ ମଧ୍ୟରେ ଦଳ ୮ଟି ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ପୂର୍ବ ୨ଟି ମ୍ୟାଚରେ ଦଳ ଆଇଜଲ ଏଫସି ଏବଂ ପଏଣ୍ଟ ଟେବୁଲର ନିମ୍ନରେ ଥିବା ଶିଲଂ ଲାଜଂଠାରୁ ପରାଜିତ ହୋଇଥିଲା।

"ଗତ ମ୍ୟାଚ ଗୁଡ଼ିକରେ କ'ଣ ହୋଇଛି ତାହା ଚିନ୍ତା ନ କରି ଆମେ ଆଗାମୀ ମ୍ୟାଚକୁ ସକାରାତ୍ମକ ମନୋଭାବରେ ଖେଳିବୁ। ପିଲାମାନେ ଭଲ ଟ୍ରେନିଂ କରିଛନ୍ତି। ମାନସିକଭାବେ ମଧ୍ୟ ଦୃଢ଼ ଅଛନ୍ତି। ତେଣୁ ଆମେ ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ" ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଞ୍ଜାବ ଟିମ୍‌ର ଆଇରିସ୍ କୋଚ୍ ପଲ୍ ମୁନଷ୍ଟର ପ୍ରକାଶ କରିଛନ୍ତି। ଏହି ମ୍ୟାଚ ଆମପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏବେ ବାହାର ପରିବେଶରେ ମ୍ୟାଚ ଜିତିବାର ସୁଯୋଗ ଆସିଛି। ଏହି ମ୍ୟାଚ ପରେ ଆମେ ଏଏଫସି କପ୍‌ରେ ଖେଳିବାକୁ ଯିବୁ। ତେଣୁ ଆରୋଜ ବିପକ୍ଷ ମ୍ୟାଚରୁ ଆମେ ୩ ପଏଣ୍ଟ ପାଇ ପାରିଲେ ପିଲାମାନଙ୍କ ମନୋବଳ ଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି। ଇଣ୍ଡିଆନ ଆରୋଜ ଏକ ଯୁବ ଦଳ। ଦଳର ଖେଳାଳିମାନେ ପ୍ରତିଶ୍ରୁତିବଦ୍ଧ ଏବଂ ଉତ୍ସାହରେ ଭରପୂର ବୋଲି ଆମେ ଜାଣିଛୁ। ଏବେ ଏହାର ଖେଳାଳିମାନେ କିଛିଟା ଅଭିଜ୍ଞ ମଧ୍ୟ ହୋଇ ଗଲେଣି। ତେବେ ଆମେ ବିଜୟ ହାସଲ ପାଇଁ ଦୃଢ଼ ଆଶାୟୀ ବୋଲି ମୁନଷ୍ଟର କହିଛନ୍ତି। ଅନ୍ୟ ପକ୍ଷରେ ଫ୍ଲୟଡ ପିଣ୍ଟୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଆରୋଜ ଶିଲଂ ଲାଜଂକୁ ୩–୦ ଗୋଲରେ ହରାଇବାପରେ ଇଷ୍ଟବେଙ୍ଗଲ, ଚର୍ଚ୍ଚିଲ ବ୍ରଦର୍ସ ଓ ନେରୋକା ଏଫସି ପରି ଦଳଠାରୁ ପରାଜିତ ହୋଇଛି। ଏହି ତିନୋଟି ଯାକ ଦଳ ବର୍ତ୍ତମାନ ପରିସ୍ଥିତିରେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛନ୍ତି। ଶେଷ ୪ଟି ଗେମ୍‌ରେ ଆରୋଜ ଖେଳାଳିମାନେ ୬ଟି ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ଏଥିରୁ ସେମାନଙ୍କ ସାହସିକତାର ପରିଚୟ ମିଳିଛି। ମଙ୍ଗଳବାରର ମ୍ୟାଚକୁ ନେଇ ପିଣ୍ଟୋ ବେଶ୍ ଆଶାୟୀ। "ପ୍ରତିଟି ମ୍ୟାଚ ଆମପାଇଁ ନୂଆ ଚ୍ୟାଲେଞ୍ଜ ନେଇ ଆସୁଛି। ଆମେ ସବୁବେଳେ ବିଜୟ ଆଶା ନେଇ ଖେଳୁଛୁ। ଗତ କିଛି ମ୍ୟାଚରେ ଆମେ ପରାଜିତ ହୋଇଥିଲେ ହେଁ ଖେଳାଳିଙ୍କ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ" ବୋଲି ପିଣ୍ଟୋ କହିଛନ୍ତି। ଏବେ ଆମକୁ ପଏଣ୍ଟ ସଂଗ୍ରହ ଉପରେ ଧ୍ୟାନ ଦେବାକୁ ପଡ଼ିବ। ମିନର୍ଭା ବିପକ୍ଷ ୯୦ ମିନିଟର ମ୍ୟାଚ ନିଶ୍ଚିତ କଷ୍ଟସାଧ୍ୟ ହେବ। ଏହି ଦଳ ବିପକ୍ଷରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଆମେ ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲୁ। ଆମର ଗୋଲ ସ୍କୋରିଂ ହାରରେ ଉନ୍ନତି ଆସିଛି। ଆମକୁ ହରାଇବା ପ୍ରତିପକ୍ଷ ଦଳ ପାଇଁ ସହଜ ହେବ ନାହିଁ ବୋଲି କୋଚ୍ ପ୍ରକାଶ କରିଛନ୍ତି।

### ଦିନିକିଆ ର୍‍ୟାଙ୍କିଙ୍ଗ୍: ଉପରକୁ ଉଠିଲା ଭାରତ

**ଦୁବାଇ,୪।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରଥମେ ଅଷ୍ଟ୍ରେଲିଆକୁ ୨–୧ରେ ଓ ପରେ ନ୍ୟୁଜିଲାଣ୍ଡକୁ ୪–୧ରେ ପରାସ୍ତ କରିଥିବା ଭାରତୀୟ ଦଳ ୧୨୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାତେଇଛି। ଇଂଲଣ୍ଡ ଦଳ ୧୨୬ ପଏଣ୍ଟ ସହ ପୂର୍ବଭଳି ଶୀର୍ଷରେ ରହିଛି। ନିକଟରେ ପାକିସ୍ତାନକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୩ୟ ସ୍ଥାନ ହାସଲ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ଅଛି। ତେବେ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରାଟ କୋହଲି ଓ ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ହାଟ୍ରିକ୍ ହାଫ୍ ସେଞ୍ଚୁରି ମାରିଥିବା ମହେନ୍ଦ୍ର ସିଂ ଧୋନୀ ୩ଟି ସୋପାନ ଉପରକୁ ଉଠି ୧୭ତମ ମାନ୍ୟତା ହାସଲ କରିଛନ୍ତି। ସେହିଭଳି ଭାରତୀୟ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ପୂର୍ବ ଅପେକ୍ଷା ୮ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ରହିଛନ୍ତି। ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମାନ୍ୟତାରେ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ୫ମ ଓ ପେସର ଭୁବନେଶ୍ୱର କୁମାର ୧୭ତମ ସ୍ଥାନ ଅଧିକାର କରିଛନ୍ତି। ଚହଲ ଗୋଟିଏ ସ୍ଥାନ ଓ ଭୁବନେଶ୍ୱର ୬ ପାହ୍ୟା ଉପରକୁ ଉଠିଛନ୍ତି।






ଜାତୀୟ ସିନିୟର ମହିଳା ହକି ପାଇଁ ମନୋନୀତ ଗାଙ୍ଗପୁର ଏବଂ ଓଡ଼ିଶା ଦଳ।

### ଭାରତୀୟ କ୍ରୀଡ଼ା ସମ୍ମାନ
### ବିଚାରକମଣ୍ଡଳୀରେ ବିନ୍ଦ୍ରା, ଗୋପୀଚାନ୍ଦ

**ମୁମ୍ବାଇ, ୪।୨ (ପି.ଟି.):** ଚଳିତମାସ ୧୬ ତାରିଖରେ ଦ୍ୱିତୀୟ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଗଠନ କରାଯାଇଥିବା ବିଚାରକ ମଣ୍ଡଳୀରେ ଭାରତର ପ୍ରଥମ ଏବଂ ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଏବଂ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସ୍ଥାନ ପାଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ବିଚାରକମାନେ ହେଲେ ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ଟେନିସ ଭେଟେରାନ ମହେଶ ଭୂପତି, କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଏବଂ ପୂର୍ବତନ ଶୁଟର୍ ଅଞ୍ଜଳି ଭଗବତ। ସୂଚନାଯୋଗ୍ୟ, ଆରପି ସଞ୍ଜୀବ ଗୋଏଙ୍କା ଗ୍ରୁପ୍ ଏବଂ ବିରାଟ କୋହଲି ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଚଳନ କରାଯାଇଛି।

## ଓଡ଼ିଶା, ଗାଙ୍ଗପୁର ଦଳ ଘୋଷିତ

**ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସିନିୟର ମହିଳା ହକି**

ଜାତୀୟ ସିନିୟର ମହିଳା ହକି(ଡିଭିଜ୍-ଏ)ର ୯ମ ସଂସ୍କରଣ ହରିୟାଣାର ହିସାରଠାରେ ଚଳିତମାସ ୮ରୁ ୧୭ ପର୍ଯ୍ୟନ୍ତ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ଓ ହକି ଗାଙ୍ଗପୁର ଦଳ ଘୋଷିତ ହୋଇଛି। ରୋଜାଲିନ ଡୁଙ୍ଗଡୁଙ୍ଗ ଓଡ଼ିଶା ଦଳର ଅଧିନାୟିକା ରହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା । ସୋମବାର ରାତିରେ ଦଳ ହରିୟାଣା ଅଭିମୁଖେ ଯାତ୍ରା କରିଛି । ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏଲିନ ଲାକ୍ରାଙ୍କ ନେତୃତ୍ୱରେ ହକି ଗାଙ୍ଗପୁର-ଓଡ଼ିଶା ଦଳ ଖେଳିବ। ଦଳ ମଙ୍ଗଳବାର ରାଉରକେଲାରୁ ହରିୟାଣା ଅଭିମୁଖେ ଯାତ୍ରା କରିବ ବୋଲି ହକି ଗାଙ୍ଗପୁର ସାଧାରଣ ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ**

ରୋଜାଲିନ ଡୁଙ୍ଗଡୁଙ୍ଗ(ଅଧିନାୟିକା), ରୋଜାଲିଆ ଲାକ୍ରା(ଗୋଲ କିପର), ମଞ୍ଜୁ ଲାକ୍ରା, ଖୁସବୁ କୁଜୁର, ସଙ୍ଗୀତା ରୋଜ କୁଲୁ, ଅସିମା କାଞ୍ଚନ ବାର୍ଲା, ଅସୀମା ମିଞ୍ଜ (ଗୋଲ କିପର), ପ୍ରେମିତା ବାରା, ପୁନମ ମିଞ୍ଜ, ଦୀପ୍ତି ଲାକ୍ରା, ଅସ୍ମିତା ବାର୍ଲା, ଭାରତୀ ଏକ୍କା, ତରସିଲା ବେକ, ସୁଜାତା କୁଜୁର, ଜନନୀ ସୋରେନିଆ, ରଶ୍ମିତା ମିଞ୍ଜ, ନେହା ଟପ୍ପୋ, ମନୀଷା ବେକ ।

**ହକି ଗାଙ୍ଗପୁର ଦଳ**

ମାଧୁରୀ କିଣ୍ଡୋ, ମୁକ୍ତା ଜୋଜୋ, ସମୀରା ଲାକ୍ରା, ଆଞ୍ଜେଲା ଟପ୍ପୋ, ଜ୍ୟୋତି ଛେତ୍ରୀ, ସୁଶାନ୍ତି ମିଞ୍ଜ, ସୁସ୍ମିତା କେର୍କେଟା, ଏଲିନ ଲାକ୍ରା(ଅଧିନାୟିକା), ମନୀଷା ଓରାମ, ପ୍ରେମାଞ୍ଜଳି ଟପ୍ପୋ, ଆଡେନ ଟପ୍ପୋ, ଚାନ୍ଦନୀ ନାଏକ, ରେସ୍‌ମା ଲାକ୍ରା, ନିକିତା ଟପ୍ପୋ, ମମିତା ଓରାମ, ପ୍ରତିଭା ଏକ୍କା, ଅର୍ଚ୍ଚନା ଟେଟେ, ରାଣି କୁମାରୀ। କୋଚ୍: ପାଉଲିନା ସୁରିନ, ମ୍ୟାନେଜର: ଜାଭିଏର ଲାକ୍ରା।

### ହୋଲ୍ଡର ବାସନ୍ଦ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୪।୨(ଏପି):** ଇଂଲଣ୍ଡ ବିପକ୍ଷରେ ଐତିହାସିକ ଟେଷ୍ଟ ସିରିଜ୍ ଜିତିଥିବା ୱେଷ୍ଟଇଣ୍ଡିଜ ଦଳକୁ ସିରିଜ୍‌ର ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଜାସନ ହୋଲ୍ଡରଙ୍କ ବିନା ଖେଳିବାକୁ ପଡ଼ିବ। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୨ୟ ଟେଷ୍ଟ ମ୍ୟାଚ୍‌ରେ ଧିମା ବୋଲିଂ ହାର ପାଇଁ ଘରୋଇ ଦଳର ଅଧିନାୟକ ହୋଲ୍ଡରଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଦ୍ୱିତୀୟ ଟେଷ୍ଟକୁ ୧୦ ଉଇକେଟରେ ଜିତିଥିବା ଇଣ୍ଡିଜ ଦଳ ବାର୍ବାଡସ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୩୮୧ ରନ୍‌ରେ ଜିତି ନେଇଥିଲା। ଏହି ସିରିଜ୍‌ରେ ହୋଲ୍ଡର ସର୍ବାଧିକ ରନ୍ କରିଛନ୍ତି।

### ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

**କଟକ ଅଫିସ,୪।୨**



ଅର୍ଜୁନ ନାୟକ



ଅରବିନ ଲାକ୍ରା

ଛତିଶଗଡ଼ର ଭିଲାଇରେ ସୋମବାରଠାରୁ ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହୋଇଛି। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ୨–୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅର୍ଜୁନ ନାୟକ ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଦଳକୁ ୧–୦ରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୨ତମ ମିନିଟରେ ଅରବିନ ଲାକ୍ରା ଦଳ ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୬୮ତମ ମିନିଟରେ ଝାଡ଼ଖଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ କ୍ରିଷ୍ଣାକାନ୍ତା ପ୍ରତାପ ଏକ ଗୋଲ ଦେଇଥିଲେ। ପରେ କୌଣସି ଗୋଲ ନହେବା ଯୋଗୁ ଓଡ଼ିଶା ଏହି ମ୍ୟାଚ୍ ଜିତିଥିଲା। ୬ ତାରିଖରେ ଛତିଶଗଡ଼ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

### ଜାତୀୟ ସିନିୟର ସ୍ନୁକର
## ମୁଖ୍ୟ ଡ୍ରରେ ସୁବ୍ରତ

**ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି)**



ସୁବ୍ରତ ଦାସ

ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ଡବଲ ଏଲିମିନେଶନରେ ସେ ନିଜର ଅବଶିଷ୍ଟ ୩ଟି ଯାକ ମ୍ୟାଚ ଜିତି ଏହି ସଫଳତା ପାଇଛନ୍ତି। ଏବେ ସେ ରାଉଣ୍ଡ ଅଫ୍ ଟପ୍–୬୪ରେ ଖେଳିବେ। ଅନ୍ୟପକ୍ଷରେ ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ ଯୋଗ୍ୟତା ପାଇବାରେ ବିଫଳ ହୋଇଛନ୍ତି। ସୋମବାର ଆରମ୍ଭ ହୋଇଥିବା ଟପ୍–୬୪ ରାଉଣ୍ଡ ପାଇଁ ଓଡ଼ିଶାର ଆଶୁତୋଷ ମହାପାତ୍ର ସିଧା ଏଣ୍ଟ୍ରି ପାଇଛନ୍ତି। ଏହି ପର୍ଯ୍ୟାୟରେ ସୁବ୍ରତ ନିଜର ପ୍ରଥମ ମ୍ୟାଚ ତେଲେଙ୍ଗାନାର ହିମାଂଶି ଜୈନଙ୍କଠାରୁ ୦–୪ ଏବଂ ଆଶୁତୋଷ ଦିଲ୍ଲୀର ମୋନୁ ଚୌଧାରୀଙ୍କଠାରୁ୨–୪ ଫ୍ରେମ୍‌ରେ ହାରି ଯାଇଛନ୍ତି। ସୁବ୍ରତ ୪ ଜଣିଆ ଗ୍ରୁପରେ ସ୍ଥାନ ପାଇଥିବାରୁ ଅବଶିଷ୍ଟ ୨ ମ୍ୟାଚ ଜିତିଲେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ। ଅନ୍ୟପକ୍ଷରେ ଆଶୁତୋଷ ୫ ଖେଳାଳି ବିଶିଷ୍ଟ ଗ୍ରୁପରେ ରହିଛନ୍ତି। ସହଜରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ହେଲେ ତାଙ୍କୁ ୩ଟି ମ୍ୟାଚ ଜିତିବାକୁ ହେବ।

# ଟି୨୦: କେହି ଫେଭରାଇଟ ନୁହନ୍ତି

**ମହିନ୍ଦର ଅମରନାଥ**

ନ୍ୟୁଜିଲାଣ୍ଡ ଏକ ଭଲ ଦଳ। ତେଣୁ ଏହା ବିପକ୍ଷରେ ଦିନିକିଆ ସିରିଜ ବିଜୟକୁ ନିଶ୍ଚିତ ଚମତ୍କାର ବୋଲି କହିବାକୁ ହେବ। ଅଭିଜ୍ଞ ଦଳ ହୋଇଥିବାରୁ ବ୍ଲାକ୍ କ୍ୟାପଙ୍କୁ ସେମାନଙ୍କ ଘରୋଇ ପରିବେଶରେ ୪–୧ରେ ହରାଇବା ସହଜକଥା ନ ଥିଲା। ନ୍ୟୁଜିଲାଣ୍ଡ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ବିଶେଷ କରି ବିଶ୍ୱକପ ସମୟରେ ଏହି ଦଳର ଖେଳାଳିମାନେ ଜୀବନଲଗାଇ ଖେଳିଥାନ୍ତି। ତେଣୁ ଏହାକୁ ସହଜରେ ହରାଇଥିବାରୁ ଭାରତ ନିଜ ଦକ୍ଷତାର ପ୍ରମାଣ ଦେଇଛି। ଶେଷ ୨ଟି ଦିନିକିଆ ପାଇଁ ପରିବେଶ ଅନୁକୂଳ ନ ଥିଲା। ସକାଳେ ବ୍ୟାଟିଂ କରିବା କଷ୍ଟସାଧ୍ୟ ହୋଇଥିଲା। ମାତ୍ର ଭାରତୀୟ ଖେଳାଳିମାନେ ୪ର୍ଥ ଦିନିକିଆ ପରାଜୟରୁ ଅନେକ କିଛି ଶିଖିଥିଲେ। ଅନ୍ତିମ ମ୍ୟାଚରେ ଶୀଘ୍ର ୪ଟି ଉଇକେଟ ହରାଇଥିଲେ ହେଁ ସେମାନେ ନିଜକୁ ପ୍ରୟୋଗ କରି ବଡ଼ ସ୍କୋର କରିବାରେ ସକ୍ଷମ ହେଲେ। ଅମ୍ବାତି ରାୟୁଡୁ ଚିତ୍ତାକର୍ଷକ ଇନିଂସ ଖେଳିବା ସହ ନିଜ ଅଭିଜ୍ଞତାର ଉପଯୋଗ କଲେ। ୫୦ ଓଭର ଖେଳରେ ଅନେକ ବଲ୍ ଆସିବାକୁ ବାକିଅଛି ବୋଲି ସେ ହୃଦୟଙ୍ଗମ କରି ପାରିଥିଲେ। ତେଣୁ ସେ କ୍ରିଜ୍‌ରେ ତିଷ୍ଠି ରହିବାକୁ ଚେଷ୍ଟା କରିଥିଲେ,




ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ରାୟୁଡୁଙ୍କୁ ବିଜୟ ଶଙ୍କର, କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଉପଯୁକ୍ତ ସହଯୋଗ କଲେ। ଫଳରେ ଭଲ ପାର୍ଟନରଶିପ୍ ହୋଇପାରିଲା। ଏହା ମୋତେ ୧୯୮୩ ବିଶ୍ୱକପର ଜିମ୍ବାୱେ ବିପକ୍ଷ ମ୍ୟାଚକୁ ମନେ ପକାଇ ଦେଇଥିଲା। ସେତେବେଳେ ଆମେ ସମାନ ସ୍ଥିତିରେ ଥିଲୁ। ଟପ୍ ଅର୍ଡରର ୫ ବ୍ୟାଟ୍ସମ୍ୟାନ ଶୀଘ୍ର ଆଉଟ ହୋଇ ଯାଇଥିବାବେଳେ କପିଳ ଦେବ ୧୭୫ ରନର ସୁପର ଇନିଂସ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲେ। ଶେଷରେ ଆମେ ୩୧ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲୁ। ଏପରି ପରିସ୍ଥିତିରେ କୌଣସି ଜଣେ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱର ସହ ଖେଳି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିବାକୁ ହୋଇଥାଏ। ନିଜକୁ ପ୍ରୟୋଗ କରିବାକୁ ପଡ଼ିଥାଏ। ରାୟୁଡୁ ତାହା ହିଁ ଏହି ମ୍ୟାଚରେ କରିଥିଲେ। ସ୍କୋର ବୋର୍ଡରେ ବଡ଼ ସ୍କୋର ହେଲେ ଯାଇ ବୋଲରମାନଙ୍କୁ ମ୍ୟାଚ ଜିତାଇବା ସହଜ ହୋଇ ପାରିବ ବୋଲି ଜଣେ ବ୍ୟାଟ୍ସମ୍ୟାନଭାବେ ସେ ହୃଦୟଙ୍ଗମ କରିଥିଲେ।

ଏବେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସୁଛି। ନିର୍ଦ୍ଦିଷ୍ଟ ଦିବସରେ କେଉଁ ଦଳ ଭଲ ଖେଳୁଛି ତା' ଉପରେ ସବୁକିଛି ନିର୍ଭର କରିବ। ସତ କହିବାକୁ ଗଲେ ଏହି ସିରିଜ ପାଇଁ କେହି ଫେଭରାଇଟ ନୁହନ୍ତି। ଏକଦିବସୀୟରେ ଅଧିକ ଓଭର ଖେଳିବାକୁ ଥିବାରୁ କୌଣସି ତ୍ରୁଟି ହେଲେ ଯୋଜନା ପ୍ରସ୍ତୁତ କରି ସେଥିରେ ସୁଧାର ଅଣା ଯାଇଥାଏ। ମାତ୍ର ଟି୨୦ରେ ସେଥିପାଇଁ ସମୟ ନ ଥାଏ। କହିଲେ ଭୁଲ ହେବନି ଯେ ଅନ୍ୟ ଦଳ ତୁଳନାରେ ଭାରତୀୟ ଖେଳାଳିମାନେ ଅଧିକ ଟି୨୦ ଖେଳୁଥିବାରୁ ଅଭିଜ୍ଞତାରେ ଭରପୂର। ଏହା ସେମାନଙ୍କୁ ସହାୟକ ହୋଇପାରେ। ତେବେ ଉଭୟ ଦଳ ଉନ୍ନତ ଏବଂ ଶକ୍ତିଶାଳୀ ମନେ ହେଉଥିବାରୁ ଆଗାମୀ ସିରିଜ ରୋମାଞ୍ଚକ ହେବା ଆଶା। ଏହି ଫର୍ମାଟରେ କୌଣସି ଜଣେ ଖେଳାଳି ୫–୬ ଓଭର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ପୂରା ଗେମ୍‌ର ଗତିପଥ ବଦଳାଇ ଦେଇପାରିବ।

(ଗେମ୍ ପ୍ଲାନ୍)

"ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆମେ ପରାସ୍ତ ହୋଇଥିଲେ ହେଁ ଆସନ୍ତା ଦକ୍ଷିଣ ଆଫ୍ରିକା ଟୁର୍‌ରେ ଭଲ ପ୍ରଦର୍ଶନ କରିବୁ ।
–ଦୀନେଶ ଚାଣ୍ଡିମଲ, ଶ୍ରୀଲଙ୍କା ଅଧିନାୟକ



"ଏଥର ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସାଇନା, ସିନ୍ଧୁ ଓ କିଡାମ୍ବୀଙ୍କ ମଧ୍ୟରୁ କେହି ଜଣେ ଟାଇଟଲ ଜିତିବେ ବୋଲି ମୋର ଆଶା ।
–ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍



## ସଂକ୍ଷେପରେ

### ସିରିଜ ପୋଛିଲା ଅଷ୍ଟ୍ରେଲିଆ

**କାନବେରା,୪।୨:** ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୩୬୬ ରନ୍‌ରେ ଜିତିଛି। ଏଥିସହିତ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଅଷ୍ଟ୍ରେଲିଆ ୨-୦ରେ ପୋଛି ନେଇଛି। ଶ୍ରୀଲଙ୍କା ଦଳ ଦ୍ୱିତୀୟ ଇନିଂସ୍‌ରେ ୧୪୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ ବୋଲର ମିଚେଲ ଷ୍ଟାର୍କ ମୋଟ ୧୦ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହା ଶ୍ରୀଲଙ୍କା ଦଳର କ୍ରମାଗତ ୩ୟ ଟେଷ୍ଟ ସିରିଜ ପରାଜୟ।

### ମହୀଶୂର-ଅମୃତସର ଫାଇନାଲ

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଟୁଇନ୍ ସିଟିରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଚାମ୍ପିୟନଶିପ୍ ତଥା ରୋହିଙ୍ଗଟନ୍ ବାରିଆ ଟ୍ରଫିର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହୀଶୂର ଓ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉତ୍ତରପ୍ରଦେଶର ବୀର ବାହାଦୂର ସିଂ (ଭିବିଏସ୍)ବିଶ୍ୱବିଦ୍ୟାଳୟକୁ ୨୮ ରନରେ ମହୀଶୂର ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହୀଶୂର ୪୫ ଓଭରରେ ୮ ଉଇକେଟ୍ ହରାଇ ୨୩୦ ରନ କରିଥିଲା। ଜବାବରେ ଭିବିଏସ୍ ୩୧.୫ ଓଭରରେ ୨୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସରର ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ (ଜିଏନ୍‌ଡିୟୁ) ୪ ଉଇକେଟ୍‌ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୪୦.୩ ଓଭରରେ ୨୨୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜିଏନ୍‌ଡିୟୁ ୪୩ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ପୂଜାରା ବିଫଳ, ବ୍ୟାକ୍‌ଫୁଟ୍‌ରେ ସୌରାଷ୍ଟ୍ର

**ନାଗପୁର, ୪।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ବ୍ୟାକ୍‌ଫୁଟ୍‌ରେ ରହିଛି। ବିଦର୍ଭର ପ୍ରଥମ ଇନିଂସ ସ୍କୋର ୩୧୨ ରନ ଜବାବରେ ସୌରାଷ୍ଟ ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସରେ ୫ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଛି। ଓପନର୍ ସ୍ନେଲ ପଟେଲ ୮୭ ରନ୍ (୧୬୦ ବଲ୍, ୧୪ ଚୌକା) ଓ ପ୍ରେରକ ମଙ୍କଡ ୧୬ ରନ୍ କରି ଅପରାଜିତ ରହିଛନ୍ତି। ତେବେ ନିର୍ଭରଯୋଗ୍ୟ ତଥା ଚମତ୍କାର ଫର୍ମରେ ଥିବା ଚେତେଶ୍ୱର ପୂଜାରା ସମସ୍ତଙ୍କୁ ନିରାଶ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ଟୁର୍‌ରେ ସର୍ବାଧିକ ସ୍କୋର କରିଥିବା ପୂଜାରା ମାତ୍ର ୧ ରନ୍ କରିଥିଲେ। ଘରୋଇ ବିଦର୍ଭ ଦଳର ବାମହାତୀ ସ୍ପିନର ଆଦିତ୍ୟ ସରୱାତେଙ୍କୁ ପୂଜାରାଙ୍କ ପ୍ରାଇଜ୍ ଉଇକେଟ୍ ମିଳିଥିଲା। ସୌରାଷ୍ଟ୍ର ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହାର୍ଭିକ ଦେଶାଇ ୧୦, ବିଶଭରାଜ ଜାଡେଜା ୧୮, ଅର୍ପିତ ଭସଭାଡା

**ରଣ୍‌ଜୀ ଟ୍ରଫି ଫାଇନାଲ**

୧୩, ସେଲଡନ୍ ଜ୍ୟାକସନ ୯ ରନ କରିଥିଲେ। ବିଦର୍ଭ ପକ୍ଷରୁ ଆଦିତ୍ୟ ୩ ଓ ଅକ୍ଷୟ ୱାଡେକର ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଷ୍ଟାର୍ ବୋଲର ଉମେଶ ଯାଦବ ୧୩ ଓଭର ବୋଲିଂ କରି ୧୭ ରନ୍ ବ୍ୟୟ କରିଥିଲେ ମଧ୍ୟ ଉଇକେଟ୍ ଶୂନ୍ୟ ରହିଥିଲେ। ସୌରାଷ୍ଟ୍ରର ଆହୁରି ୫ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଆଉ ୧୫୫ ରନ ଆବଶ୍ୟକ କରୁଛି।

ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୦/୭ରୁ ଖେଳ ଆରମ୍ଭ କରି ଦ୍ୱିତୀୟ ଦିବସରେ ଆଉ ୧୧୨ ରନ ଯୋଡ଼ି ବଳକା ୩ଟି ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଅକ୍ଷୟ କନୱର ସର୍ବାଧିକ ୭୩ ରନରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ୱାଡେକର ୩୪, ଉମେଶ ଯାଦବ ୧୩ ଓ ରଜନୀଶ ଗୁରବାନୀ ୬ ରନ କରିଥିଲେ। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ୩ ଏବଂ ଚେତନ ସକରିୟା ଓ କମଲେଶ ମାକଭନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ପାଞ୍ଚଦିବସୀୟ ଏହି ମ୍ୟାଚ୍‌ର ୨ୟ ଦିନ ଶେଷ ହୋଇଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୧୨ରେ ଅଲ୍‌ଆଉଟ୍, ୧୨୦.୨ ଓଭର(ଅକ୍ଷୟ କନୱର ୭୩*, ଅକ୍ଷୟ ୱାଡେକର ୪୫, ଉନାଡକଟ୍ ୩/୫୪)।
ସୌରାଷ୍ଟ୍ର ପ୍ରଥମ ଇନିଂସ: ୧୫୮/୫, ୫୯ ଓଭର (ସ୍ନେଲ ପଟେଲ ୮୭*, ପୂଜାରା ୧, ବୈଶବରାଜ ଜାଡେଜା ୧୮, ଆଦିତ୍ୟ ୩/୫୫)।

## ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ
# ପଞ୍ଜାବକୁ ହରାଇଲା ଓଡ଼ିଶା



ଓଡ଼ିଶା ଏବଂ ପଞ୍ଜାବ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସ୍ପେଶାଲ ଅଲିମ୍ପିକ ଭାରତ-ଓଡ଼ିଶା (ଏସ୍‌ଓବି-ଓଡ଼ିଶା) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କର୍ନାଟକ, ପୁଡୁଚେରୀ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମାନସିକ ଅନଗ୍ରସର ପିଲାମାନେ ଅଂଶଗ୍ରହଣ କରିଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପତାକା ଉତ୍ତୋଳନ କରି ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ୫-୦ ଗୋଲରେ ପଞ୍ଜାବକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସେହିଭଳି ପଶ୍ଚିମବଙ୍ଗ ଡବଲ ବିଜୟ ହାସଲ କରିଛି। ପଶ୍ଚିମବଙ୍ଗ ପ୍ରଥମେ ୫-୦ରେ ଆନ୍ଧ୍ରପ୍ରଦେଶକୁ ଓ ପରେ ୬-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ଏହାର ଅନ୍ୟ ଏକ ମ୍ୟାଚ୍‌ରେ ୩-୦ ଗୋଲରେ କର୍ନାଟକକୁ ହରାଇଛି। ଦୁଃସାହସିକ କ୍ରୀଡ଼ାବିତ୍ ଅର୍ପିତା ମହାପାତ୍ର, ପ୍ରାକ୍ତନ ନାଲକୋ ଫୁଟ୍‌ବଲ ଖେଳାଳି ବସନ୍ତ ପଣ୍ଡା, ବିଆର୍‌ଏମ୍‌ଏସ୍‌ଏଚ୍‌ଏ ଉପସଭାପତି ପ୍ରଦୀପ୍ତ ରଥ ବିଭିନ୍ନ ମ୍ୟାଚ୍‌ରେ ଅତିଥିଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରର ରେଫରି ତ୍ରିନାଥ ସାମଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ଏବଂ ଝସକେତନ ପ୍ରଧାନ ଓ ଝସକେତନ ସାହୁ ସହଯୋଗ କରିଥିଲେ। ଲିନେସମେନ ଓ ଦୀପକ ମହନ୍ତ ସ୍କୋରର ରହିଥିଲେ।

# ପାରାମାଉଣ୍ଟ ସେମିଫାଇନାଲରେ

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ)**


ଚଣ୍ଡିଖୋଲରେ ଚାଲିଥିବା ଫ୍ରେଣ୍ଡ୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ପାରାମାଉଣ୍ଟ ୨ ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୫ ଓଭରରେ ୧୪୬ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ୨୭ ଓ ପରେଶ ପଟେଲ ୨୪ ରନ କରିଥିଲେ। ପ୍ରତିପକ୍ଷ ଦଳର ମିନାଲ ପରିଡ଼ା ୩ ଓ ହିତେଶ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସାର୍ଥକ ଗାହାଣ ୩୪ ବଲ୍‌ରୁ ୫୩ ରନ କରି ଅପରାଜିତ ରହିଥିବାବେଳେ ମିନାଲ ପରିଡ଼ା ୪୮ ଓ ଆୟୁଷ ରାଜ ୨୮ ରନ କରି ଦଳକୁ ଜିତାଇଥିଲେ। ରାମେଶ୍ୱରର ରାକେଶ ଶର୍ମା ୪ଟି ଓ ଦେବବ୍ରତ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମିନାଲ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# ବୋର୍ଡ ସଭାପତି ଏକାଦଶ ବିଜୟୀ

**ଥିରୁଭାନନ୍ତପୁରମ, ୪।୨ (ପି.ଟି.):** ଇଂଲଣ୍ଡ ଲାୟନ୍ସ ବିପକ୍ଷ ୱାର୍ମଅପ୍ ମ୍ୟାଚରେ ବୋର୍ଡ ସଭାପତି ଏକାଦଶ ୧୫୨ରନରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ ୨୩୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ସୋମବାର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଭ୍ରମଣକାରୀ ଦଳ ୩୦ ଓଭରରେ ୨ ଉଇକେଟ ବିନିମୟରେ ୮୩ ରନ କରିପାରିଥିଲା। ମ୍ୟାଚରେ ବୋର୍ଡ ସଭାପତି ଏକାଦଶ ତରଫରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ରାଜେଶ ମହାନ୍ତି ଦ୍ୱିତୀୟ ଇନିଂସରେ ୫ଓଭର ବୋଲିଂ କରି ୧୪ରନ ଦେଇଥିଲେ। ପ୍ରଥମ ଇନିଂସରେ ମଧ୍ୟ ସେ ଉଇକେଟ ପାଇ ନ ଥିଲେ। ସଂକ୍ଷିପ୍ତ ସ୍କୋର: **ଇଂଲଣ୍ଡ ଲାୟନ୍ସ**- ୬୦ ଓଭରରେ ୧୪୫/୬ (ସାମ୍ ହେନ୍-୪୦*, ଅଙ୍କିତ ରାଜପୁତ-୪/୨୦) ଏବଂ ୩୦ ଓଭରରେ ୮୩/୨ (ସାମ୍ ବିଲିଙ୍ଗ୍ସ-୩୬*)। **ବୋର୍ଡ ସଭାପତି ଏକାଦଶ:** ୩୦ ଓଭରରେ ୧୩୪/୫ (ଈଶାନ କିଷାନ-୪୦*) ଏବଂ ୫୯.୩ ଓଭରରେ ୨୪୬/୬ (ଈଶାନ କିଷାନ-୫୫*, ରିକି ଭୁଇ-୫୧*)।

# ଲିଟିଲ୍ ଷ୍ଟାର୍ କ୍ରିକେଟ: ବିବିସିଏ ବିଜୟୀ

**ଭୁବନେଶ୍ୱର, ୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଗତି ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଲିଟିଲ୍ ଷ୍ଟାର୍ସ କ୍ରିକେଟ ଲିଗ୍‌ର ମଙ୍ଗଳବାର ମ୍ୟାଚ୍‌ରେ ବିବିସିଏ ୨ ଉଇକେଟ୍‌ରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ଟାଉନ୍ କ୍ଲବ ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ୍ ହରାଇ ୧୨୪ ରନ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ପ୍ରଧାନ ୫୮ ଓ ଅନୁରାଗ ସାମନ୍ତରାୟ ୨୪ ରନ କରିଥିଲେ। ବିବିସିଏ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ଓ ସ୍ୱସ୍ତିକ ଦାସ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବିବିସିଏ ୩୪ ଓଭରରେ ୮ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଶ୍ୱଜିତ୍ ପ୍ରଧାନ ୮୮ ରନର ଅପରାଜିତ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଟାଉନ୍ କ୍ଲବ ପକ୍ଷରୁ ଅଂଶୁମାନ ପାଣିଗ୍ରାହୀ ୩ ଓ ସାୟନ ପଣ୍ଡା ୨ଟି ଉଇକେଟ୍ ନେଇଥିଲେ।



## ସଂକ୍ଷେପରେ

### ଫ୍ଲାଟ୍ ଦେବା ଆଳରେ ୫ କୋଟି ଠକେଇ

## ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକଚର ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୪।୨(ବ୍ୟୁରୋ):** କମ୍ ମୂଲ୍ୟରେ ଫ୍ଲାଟ୍ ଓ ଜମି ଯୋଗାଇଦେବା କହି ୫ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ସୋମବାର ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ଶହୀଦନଗରର ପ୍ଲଟ୍ ନଂ.୮୮ରେ ରହୁଥିବା ଗତିକୃଷ୍ଣ ଦାସ। ପୂର୍ବରୁ ଅର୍ଥାତ୍ ଗତ ଡିସେମ୍ବର ୩ରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଶେଖର ନାୟକ ଓ ୩୦ ତାରିଖରେ ଅନ୍ୟତମ ଅଭିଯୁକ୍ତ ରିୟଲ ଭାଲ୍ୟୁ ଡେଭଲପର୍ ଆଣ୍ଡ୍ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରାମଚନ୍ଦ୍ର ପାତ୍ରଙ୍କୁ ଇଓଡବ୍ଲୁ ଗିରଫ କରିଥିଲା। ସୂଚନା ମୁତାବକ, ପୁରୀ ଜିଲା ସିପସରୁବାଲି ଅଞ୍ଚଳରେ ଶ୍ରୀକ୍ଷେତ୍ର କଳିଙ୍ଗ କୁଟିର ନାମକ ପ୍ରୋଜେକ୍ଟରେ ଫ୍ଲାଟ ଯୋଗାଇଦେବା ପାଇଁ ଶ୍ରେୟା ଇନ୍‌ଫାଷ୍ଟ୍ରକ୍‌ଚର ୨୦୧୪ ଓ ୨୦୧୫ ମସିହାରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ପ୍ରାୟ ୫କୋଟି ଟଙ୍କା ନେଇଥିଲା। ୩ବର୍ଷ ମଧ୍ୟରେ ଫ୍ଲାଟ୍ ହସ୍ତାନ୍ତର କରିବାକୁ ଚୁକ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ କମ୍ପାନୀ ଅଂଶୀଦାରଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହି ଆପାର୍ଟମେଣ୍ଟ ପ୍ରୋଜେକ୍ଟ ପାଇଁ ରିୟଲ ଭାଲ୍ୟୁ ଡେଭଲପର୍ ଆଣ୍ଡ୍ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରାମଚନ୍ଦ୍ର ପାତ୍ର ଜାଗା ଯୋଗାଇ ଦେବା ସହ ୩୫ ପ୍ରତିଶତ ଅଂଶୀଦାର ଥିଲେ। ରାମଚନ୍ଦ୍ର ବିପୁଳ ଅର୍ଥ ହାତେଇବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଏହି ପ୍ରକଳ୍ପର ଅଗ୍ରଗତି ହୋଇପାରି ନ ଥିଲା ଓ ସଂସ୍ଥା ଆଉ ଲୋକଙ୍କୁ ଫ୍ଲାଟ୍ କିମ୍ବା ଟଙ୍କା ଦେଇପାରି ନ ଥିଲା। ଠକେଇର ଶିକାର ହୋଇଥିବା ଅନ୍ୟତମ ବ୍ୟକ୍ତି ଭୁବନେଶ୍ୱରର ଦେବଦତ୍ତ ରାଉତରାୟ ଗତ ଡିସେମ୍ବର ୧୭ରେ ଇଓଡବ୍ଲୁରେ ଅଭିଯୋଗ କରିଥିଲେ। ଇଓଡବ୍ଲୁ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧, ୧୨ (ବି)ରେ ମାମଲା ନଂ.୨୮/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୧୮ ସୁଦ୍ଧା ରିପୋର୍ଟ ମାଗିଲେ ହାଇକୋର୍ଟ

### ଜେଲ୍ ସଂସ୍କାର ମାମଲା

**କଟକ ଅଫିସ, ୪।୨**

ଚୌଦ୍ୱାର ମଣ୍ଡଳ କାରାଗାର ଓ ଭୁବନେଶ୍ୱରର ଝାରପଡ଼ା ଜେଲ୍‌ରେ ଭିତ୍ତିଭୂମିର ଘୋର ଅଭାବ ରହିଛି। ଏହାବ୍ୟତୀତ କଏଦୀମାନଙ୍କୁ ସରକାର ସର୍ବନିମ୍ନ ସୁବିଧା ଯୋଗାଇଦେବାରେ ବିଫଳ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାମାଜିକ ସଂଗଠନ ମୈତ୍ରୀ ସଂସଦ ପକ୍ଷରୁ ୨୦୦୩ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ପୂର୍ବରୁ କଟକ ଓ ଖୋର୍ଦ୍ଧା ଜିଲା ଜଜ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଉଭୟ ଜିଲା ଜଜ୍ ଚୌଦ୍ୱାର ଓ ଝାରପଡ଼ା ଜେଲ୍ ପରିଦର୍ଶନ କରି ସେଠାକାର ସ୍ଥିତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇବେ। ଏହି ଅନୁଯାୟୀ ଦୁଇ ଜିଲା ଜଜ୍ ରିପୋର୍ଟ ଦାଖଲ କରିବା ସହିତ ଜେଲ୍ ସଂସ୍କାର ଓ କଏଦୀଙ୍କ ସୁବିଧା ପାଇଁ କେତେଗୁଡ଼ିଏ ପ୍ରସ୍ତାବ ଦେଇଥିଲେ। ଏହାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଉପରୋକ୍ତ ପ୍ରସ୍ତାବଗୁଡ଼ିକ କିଭଳି କାର୍ଯ୍ୟକାରୀ କରାଯାଇଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ। ଡିସେମ୍ବର ୨୧ରେ ମାମଲାର ଶୁଣାଣି ଥିଲା। ଏହି ଶୁଣାଣି ସମୟରେ ହାଇକୋର୍ଟ ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ସରକାରଙ୍କୁ ଆଦେଶ ଦେଇଥିଲେ। ଏହି ଅନୁଯାୟୀ ଗତ ଜାନୁୟାରୀ ୨୨ରେ ଉକ୍ତ ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିଲା। କିନ୍ତୁ ସରକାର ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଥିଲେ। ଫଳରେ ଆବେଦନକାରୀ ତଥା ଆଡଭୋକେଟ ଅଜୟ ମହାନ୍ତି କୋର୍ଟଙ୍କୁ ଆଉ କେତେକ ନିବେଦନ କରିଥିଲେ। ମହାନ୍ତି କହିଥିଲେ ଯେ, ସରକାର କୌଣସି ମତେ ରିପୋର୍ଟ ଦାଖଲ କରିପାରିବେ ନାହିଁ। ତେଣୁ ଜଣେ ନ୍ୟାୟିକ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉ। ନ୍ୟାୟିକ ଅଧିକାରୀ ପୁନର୍ବାର ଦୁଇଟି ଜେଲ୍ ପରିଦର୍ଶନ କରି ଜିଲା ଜଜ୍‌ମାନେ ଦେଇଥିବା ପ୍ରସ୍ତାବ ମଧ୍ୟରୁ କେତେ କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସବିଶେଷ ତଥ୍ୟ କୋର୍ଟରେ ଦାଖଲ କରିବେ। ମହାନ୍ତିଙ୍କ ପ୍ରସ୍ତାବକୁ କୋର୍ଟ ଗ୍ରହଣ କରିବା ସହିତ ଆଇନସେବା ପ୍ରାଧିକରଣଙ୍କ ସଚିବଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ଫେବୃୟାରୀ ୪ ସୁଦ୍ଧା ପ୍ରାଧିକରଣଙ୍କ ସଚିବ କ୍ଷେତ୍ର ପରିଦର୍ଶନ ସମ୍ପର୍କିତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବା ପାଇଁ କୋର୍ଟ ଧାର୍ଯ୍ୟ କରିଥିଲେ। ମାତ୍ର ସୋମବାର ଶୁଣାଣି ସମୟରେ ପ୍ରାଧିକରଣଙ୍କ ସଚିବ ଏହି ରିପୋର୍ଟ ଦେବାରେ ଅସମର୍ଥ ହୋଇଥିଲେ। ଫଳରେ ଫେବୃୟାରୀ ୧୮ ସୁଦ୍ଧା ଏ ସମ୍ପର୍କିତ ସବିଶେଷ ରିପୋର୍ଟ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସେହିପରି ମାମଲା ସମ୍ପର୍କରେ ସରକାର ପୂର୍ବରୁ ଦେଇଥିବା ସତ୍ୟପାଠକୁ କୋର୍ଟ ରେକର୍ଡରେ ସାମିଲ କରିବା ପାଇଁ ମଧ୍ୟ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି।

# ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୯ ଲକ୍ଷ ଲୁଟ୍

**ଆଠଗଡ଼,୪।୨(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟରେ ସୋମବାର ଦ୍ୱିପ୍ରହରରେ ଏକ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିର ଜଣେ ମ୍ୟାନେଜରଙ୍କଠାରୁ ବଡ଼ ଧରଣର ଲୁଟ୍ ହୋଇଛି। ୪ ଦୁର୍ବୃତ୍ତ ସମ୍ପୃକ୍ତ ମ୍ୟାନେଜରଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୯ ଲକ୍ଷ ୨୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଅନୁସାରେ ମାମଲା ନଂ–୨୨/୧୯ରୁଜୁ କରି ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ସୂଚନା ଅନୁସାରେ, ଆଠଗଡ଼ ବୀରକିଶୋରପୁରସ୍ଥିତ ଧରଣୀଧର ସାହୁଙ୍କ ୨ ପେଟ୍ରୋଲ୍ ପମ୍ପ୍ ଓ ଏକ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାର ମ୍ୟାନେଜର ନିରଞ୍ଜନ ରଣା ପୂର୍ବାହ୍ନରେ ଆଠଗଡ଼ ଷ୍ଟେଟ୍ ବ୍ୟାଙ୍କ୍‌କୁ ଟଙ୍କା ଜମା କରିବା ପାଇଁ ସାହୁଙ୍କ ବାସଭବନରୁ ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟରେ ବିପରୀତ ଦିଗରୁ ୨ କଳା ପଲସରରେ ୪ ଦୁର୍ବୃତ୍ତ ଆସି ରଣାଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡି ଯାଇଥିଲେ। ଏତିକିବେଳେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ବାଇକ ଡିକିରୁ ଟଙ୍କା ଲୁଟିନେଇ ଢେଙ୍କାନାଳ ରାସ୍ତାରେ ଚାଲିଯାଇଥିଲେ। ରଣାଙ୍କଠାରୁ ସୂଚନା ପାଇ ଆଠଗଡ଼ ପୋଲିସ ଦୁର୍ବୃତ୍ତଙ୍କ ପିଛା କରି ବିଫଳ ହୋଇଥିଲା। ଦୁର୍ବୃତ୍ତମାନେ ଢେଙ୍କାନାଳ ରାସ୍ତାରେ ଯାଉଥିଲାବେଳେ ଶଙ୍କର ପୁରଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଫେରାର ହୋଇଯାଇଥିବା ସୂଚନା ମିଳିଛି।

### ଆପୋଲୋ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣା

# ଅଗ୍ନିଶମ ଡିଜିଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଆପୋଲୋ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଅଧିକାରୀ ତଥା ଅଗ୍ନିଶମ ଅଧିକାରୀ ବି.କେ. ଘଡେଇ ତାଙ୍କ ତଦନ୍ତ ରିପୋର୍ଟ ସୋମବାର ଅଗ୍ନିଶମ ଡିଜି ବି.କେ. ଶର୍ମାଙ୍କୁ ପ୍ରଦାନ କରିଛନ୍ତି। ଏକ ବନ୍ଦ ଲଫାପାରେ ଦିଆଯାଇଥିବା ଉକ୍ତ ରିପୋର୍ଟରେ କ'ଣ ରହିଛି ସେନେଇ କିଛି ମୁହଁ ଖୋଲିବାକୁ ମନା କରି ଦେଇଛନ୍ତି ତଦନ୍ତ ଅଧିକାରୀ। ନିଆଁ କିଭଳି ଲାଗିଲା, ଆପୋଲୋରେ ଫାୟାର ସେଫ୍ଟି ବ୍ୟବସ୍ଥା, ଘଟଣା ସମୟରେ ରୋଗୀଙ୍କୁ ଠିକ୍ ଭାବେ ସ୍ଥାନାନ୍ତର କରାଯାଇଥିଲା କି ନାହିଁ, ସେ ସଂକ୍ରାନ୍ତ ତଥ୍ୟ ଉକ୍ତ ରିପୋର୍ଟରେ ରହିଥିବା ଜଣାପଡିଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟି ତଦନ୍ତ ଜାରି ରଖିଛି। ସୋମବାର ତଦନ୍ତକାରୀ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି



ବିଭିନ୍ନ ଦିଗ ଉପରେ ଯାଞ୍ଚ କରିଛନ୍ତି। ଆସନ୍ତା ୬ ତାରିଖ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦେବେ।

ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ପରେ ଆଇସିୟୁରୁ ସ୍ଥାନାନ୍ତର ଗୁରୁତର ରୋଗୀଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ହେଲେ ଏ ସଂକ୍ରାନ୍ତରେ କମିଶନରେଟ ପୋଲିସ ଖୋଳତାଡ଼ ଓ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

### ତଥାପି ଚେତୁନି ଅଗ୍ନିଶମ ବିଭାଗ

ରାଜଧାନୀରେ ଥିବା ଘରୋଇ ସଂସ୍ଥା, ମଲ୍ ଓ ହସ୍ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି। ବହୁ ଧନଜୀବନ ହାନି ହେଉଥିଲେ ମଧ୍ୟ ଅଗ୍ନିଶମ ବିଭାଗର ନିଦ ଭାଙ୍ଗୁନି। ଘଟଣା ଘଟିବାର କିଛିଦିନ ପର୍ଯ୍ୟନ୍ତ ତଦନ୍ତ ଓ ଚଢ଼ାଉ କରି ତତ୍ପରତା ଦେଖାଇବା ପରେ ପୁଣି ଶୋଇଯାଉଛି। ଏପରିକି ତଦନ୍ତ ରିପୋର୍ଟରେ କ'ଣ ରହୁଛି ଓ ଏହାପରେ କ'ଣ ପଦକ୍ଷେପ ନିଆଯାଉଛି ତାହାକୁ ମଧ୍ୟ ଗୁପ୍ତ ରଖାଯାଉଛି। ଗତ ୨ ତାରିଖ ଶନିବାର ଦିନ ପ୍ରାୟ ୧୧ଟାରେ ଆପୋଲୋ ହସ୍ପିଟାଲର ପଞ୍ଚମ ମହଲା ବ୍ୟାଟେରି ବ୍ୟାକ୍‌ଅପ୍ ରୁମ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ରୋଗୀ, ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀମାନେ ଜୀବନ ବିକଳରେ ଦୌଡିଥିଲେ। ଆଇସିୟୁରେ ଥିବା ୨୬ ଜଣ ଗୁରୁତର ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଗ୍ନିକାଣ୍ଡ ପରେ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ହସ୍ପିଟାଲ, ମଲ ଓ ଅନ୍ୟ ଘରୋଇ ସଂସ୍ଥାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ ବୋଲି କୁହାଯାଇଥିଲା। ଏହାପରେ ଦୁଇ ବିଭାଗ କ'ଣ ପାଇଁ ନୀରବ ରହିଛନ୍ତି ତାହାକୁ ନେଇ ନାନା ସନ୍ଦେହ ଉପୁଜିଛି।

### ନିକିତା ମୃତ୍ୟୁ ମାମଲା

# ଶାଶୁ, ଶ୍ୱଶୁରଙ୍କୁ ଗିରଫ କରିବ ପୋଲିସ

**କଟକ ଅଫିସ, ୪।୨**

ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କ ମୃତ୍ୟୁ ମାମଲାରେ ଚାଉଳିଆଗଞ୍ଜ ପୋଲିସ ତାଙ୍କ ଶାଶୁ, ଶ୍ୱଶୁରଙ୍କୁ ଥାନାରେ ହାଜର ହେବା ପାଇଁ ୭ ଦିନ ସମୟ ଦେଇଥିଲା। ଏହି ସମୟ ଅବଧି ଶେଷ ହୋଇଯାଇଛି। ହେଲେ ସେମାନେ ଥାନାରେ ହାଜର ହୋଇ ନ ଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିବ ବୋଲି ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ ଦାସ କହିଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚଳାଇଥିବା ସେ କହିଛନ୍ତି। ନିକିତାଙ୍କ ମୃତ୍ୟୁ ମାମଲାରେ ତଦନ୍ତ ପାଇଁ ତାଙ୍କ ଶାଶୁ କୁନ୍ତଳା ସାହୁ ଏବଂ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ଥାନାରେ ହାଜର ହେବା ଲାଗି କହିବାକୁ ପୋଲିସ ତାଙ୍କ ଘରକୁ ଯାଇଥିଲା। ସେମାନେ ଘରେ ନ ଥିବାରୁ ଗତ ଜାନୁୟାରୀ ୧୨ ତାରିଖରେ ପୋଲିସ ସେମାନଙ୍କ ବିରୋଧରେ ଲକ୍‌କା ଜାରି କରିଥିଲା। ଲକ୍‌କାର ଉତ୍ତରରେ ସେମାନେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଦେଖାଇ ପୋଲିସକୁ ଆଉ ୧୫ ଦିନ ସମୟ ମାଗିଥିଲେ। ହେଲେ ପୋଲିସ ତାଙ୍କୁ ଗତ ଜାନୁୟାରୀ ୨୨ ତାରିଖରେ ୭ ଦିନ ସମୟ ଦେଇଥିଲା। ତଥାପି ସେମାନେ ହାଜର ହୋଇ ନ ଥିଲେ। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୪ ତାରିଖରେ ଛାତରୁ ପଡି ନିକିତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଲିପନ ସାହୁ ତାଙ୍କୁ ଛାତରୁ ଠେଲି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଲିପନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

SKY AUTOMOBILES
• BHUBANESWAR: 9776645711 • CUTTACK: 9776677771, 7381873818 • DHENKANAL: 9776900005 • JAJPUR: 9776900777

NARAYANI MOTORS
• BHUBANESHWAR: 7381094890/ 0674-2588474, 0674-2588475, 0674-2588473 • PURI: 9583022035 • PARADEEP: 9583022034/ 06722-228044

ODYSSEY MOTORS
• ANGUL: 7752076136, 9776901481 • PALLAHARA: 7873565435, 9437831123

JYOTE MOTORS
• BHUBANESWAR: LEWIS ROAD-9776615020, 9776615035, 9776615032 NAYAPALLI- 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus and is valid till 28th Feb'19. Scratch and Win Offer is applicable on all models(vehicles invoiced between 4th Feb'19 to 28th Feb'19) except New Ertiga and New WagonR. Under this offer, customer can get maximum upto 10gm gold coin or MGA worth upto ₹15000. Only Gold coin can be redeemable in form of Cash discount or MGA (calculation will be based on 1gm gold coin equivalent to ₹3000). Offers as shown above may change without any prior notice.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ଫେବୃୟାରୀ, ୨୦୧୯




ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ, ଜୀବନ ସେହିପରି ଚଞ୍ଚଳ।

- ଆଦି ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ତିଗିରିଆ,୪।୨(ଡି.ଏନ.ଏ.):** ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଏହି ଶିବିର ଆୟୋଜନ କରାଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଜଗବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ଅଧାପିକା ସିପ୍ରା ମହାପାତ୍ର, ଅଧାପକ ସୁଧାକର ମୁଦୁଲି ଓ ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ୧୨ଦିନ ଧରି ଅନୁଷ୍ଠିତ ହେବ। ପ୍ରଶିକ୍ଷିକାଭାବେ ଅଲିଭା ମାଝି ପ୍ରଶିକ୍ଷଣ ଦେଉଛନ୍ତି।

### ବିଶ୍ୱ କର୍କଟ ଦିବସ

**ଆଠଗଡ଼,୪।୨(ସ୍ୱ.ପ୍ର.):** ଆଠଗଡ଼ ବ୍ଲକ ମେଘା ସେକ୍ଟର ଅନ୍ତର୍ଗତ ବେଣ୍ଟପଦା ହାଇସ୍କୁଲ୍‌ରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ କନକ ସାହୁ ଉଦ୍‌ଘାଟନ କରିଥିଲେ। ମେଘା ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ମହମଦ୍ ଅସଲମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ପବିତ୍ର କୁମାର ସାହୁ, ଆଶା, ଅଙ୍ଗନବାଡି କର୍ମୀ ଓ ଗାଁ କଲ୍ୟାଣ ସମିତି କର୍ମକର୍ତ୍ତା ଯୋଗ ଦେଇଥିଲେ। ପରେ ଗ୍ରାମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଏନଏସି ତାରିଣୀଛକସ୍ଥ ଏକ ଘରୋଇ ଅନୁଷ୍ଠାନରେ ସୋମବାର ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ପରିଚାଳନାରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏଥିରେ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାମାଜିକ କର୍ମୀ ମିଶ୍ର କର୍କଟ ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ସଚେତନ କରାଇଥିଲେ। କର୍କଟ ରୋଗର ମାତ୍ରା କମାଇବା ପାଇଁ ବ୍ୟକ୍ତିଗତସ୍ତରରେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଜନ୍ମେଜୟ ଭୋଳ, ଅମିତ କୁମାର ସାହୁ, ଦେବୀପ୍ରସାଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଆଠଗଡ଼,୪।୨(ସ୍ୱ.ପ୍ର.):** ଆଠଗଡ଼ ବିଶ୍ୱନାଥ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମରୁ ପଞ୍ଚମ ମଧ୍ୟରେ ୧୮ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପର୍ଶୁରାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଚିକିତ୍ସକ ଡ. ଭୁବନାନନ୍ଦ ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

■ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ ଆଇନଜୀବୀଙ୍କ ଆନ୍ଦୋଳନ ୫ମ ଦିନରେ

# ବନ୍ଦ ରହିଲା ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ

**ବଡ଼ମ୍ବା,୪।୨(ଡି.ଏନ.ଏ.)**



ବଡ଼ମ୍ବା ଓକିଲ ସଂଘର କର୍ମକର୍ତ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ ସ୍ଥାନୀୟ ଓକିଲ ସଂଘ ଚାଲାଇଥିବା ଆନ୍ଦୋଳନ ସୋମବାର ୫ମ ଦିନରେ ପହଞ୍ଚିଛି। ୪ ଓ ୫ ତାରିଖ ଦୁଇଦିନ ବ୍ଲକ୍ ସଦରମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ ସମୂହ ବନ୍ଦ୍ ରଖିବାକୁ ସଂଘ ପକ୍ଷରୁ ଆହ୍ୱାନ କରାଯାଇଥିଲା। ସେହି ଅନୁସାରେ ବଡ଼ମ୍ବା ଟାଉନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ସୋମବାର ବନ୍ଦ ରହିଥିଲା। ବଡ଼ମ୍ବା ବ୍ଲକ୍ କାର୍ଯ୍ୟାଳୟ ସମେତ ତହସିଲ, ସବରେଜିଷ୍ଟ୍ରାର, ରାଜସ୍ୱ ନିରୀକ୍ଷକଙ୍କ ଅଫିସ, ଜୁଡିସିଆଲ କୋର୍ଟ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗଙ୍କ କାର୍ଯ୍ୟାଳୟ ସମୂହକୁ ଆନ୍ଦୋଳନରତ ଆଇନଜୀବୀ ହରତାଳ କରି ବନ୍ଦ୍ କରିଥିଲେ। ସେହିପରି ବଡ଼ମ୍ବା ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, କାନାରା ବ୍ୟାଙ୍କ, ବାଙ୍କୀ ସମବାୟ ବ୍ୟାଙ୍କ ସମେତ ନୂଆତଇଲାସ୍ଥିତ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିଲା। ଏହାର ପ୍ରଭାବରେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଂଘ ସଭାପତି ଆଇନଜୀବୀ ଅମୀୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, ହରିହର ବଳବନ୍ତ ରାୟ, କୃଷ୍ଣାନନ୍ଦ ମିଶ୍ର, ବିଧୁଭୂଷଣ ମହାନ୍ତି, ନାରାୟଣ ଦାଶଙ୍କ ସମେତ ଯୁବ ଆଇନଜୀବୀ ପ୍ରଭାକର ରାଉତ, ଅଜିତପ୍ରସାଦ ଚୌଧୁରୀ, ମନୋଜ ପଣ୍ଡା, ବିଷ୍ଣୁଚରଣ ସାହୁ ଓ ସୁଦାମଚରଣ ନାୟକ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ସଂଘ ଆନ୍ଦୋଳନକୁ ତୀବ୍ର କରିବ ବୋଲି ମତପୋଷଣ କରିଥିଲେ। ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆଇନଜୀବୀମାନେ ପ୍ରତିକ ଧାରଣାରେ ବସିଥିଲେ। ଆସନ୍ତା ୬ରେ ସଂଘର ଏକ ପ୍ରତିନିଧିଦଳ ଜିଲା ଦୌରାଜଜ୍‌ଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ମଧ୍ୟ ଅନୁରୂପଭାବେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ୍ ରଖିବାକୁ ସଂଘ ଆହ୍ୱାନ କରିଥିବା ସମ୍ପାଦକ ପରେଶ ମହାନ୍ତି ସୂଚନା ଦେଇଛନ୍ତି।

- ■ ଆଜି ବି ବନ୍ଦ ରହିବ
- ■ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ
- ■ ୬ରେ ସଂଘ ପ୍ରତିନିଧିଦଳ ଜିଲା ଦୌରାଜଜ୍‌ଙ୍କୁ ସାକ୍ଷାତ କରିବ

■ କର୍କଟ ରୋଗରେ ଆକ୍ରାନ୍ତ ମାମୁନି

# ଚିକିତ୍ସାରେ ଅର୍ଥ ବାଧକ

**ତିଗିରିଆ,୪।୨(ଡି.ଏନ.ଏ.)**



ମାମୁନି।

ତିଗିରିଆ ବ୍ଲକ ବିନ୍ଧାଣିମା ହାଟସାହିର କୁଳମଣି ପ୍ରଧାନଙ୍କ ଝିଅ ମାମୁନି ୪ମାସ ହେଲା ପେଟ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କୁଳମଣି ସାଇକେଲ ଦୋକାନ କରି ପରିବାର ଚଳାଉଥିବାରୁ ଝିଅର ଉତ୍ତମ ଚିକିତ୍ସା କରିବା ପାଇଁ ଅର୍ଥ ସଂଗ୍ରହ କରି ପାରୁନାହାନ୍ତି। ପାଖରେ ଯାହା ପଇସା ଥିଲା ତାକୁ ଖର୍ଚ୍ଚ କରି ସାରିଲେଣି। ଏବେ ଅର୍ଥାଭାବରୁ ଝିଅର ଚିକିତ୍ସା କରି ନ ପାରି ହତାଶ ହୋଇ ଘରେ ବସିଛନ୍ତି। କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ନିରୁପଣ କେନ୍ଦ୍ରରେ ମାମୁନି ଚିକିତ୍ସିତ ହୋଇଛନ୍ତି। ତେବେ ଅଧିକ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକ ଯୋଗୁ ମା'ବାପା ଏବେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ତାଙ୍କୁ ସହାୟତାର ହାତ ବଢ଼ାଇଲେ ସେ ଝିଅର ଚିକିତ୍ସା କରିପାରନ୍ତେ ବୋଲି କହିଛନ୍ତି। ସେହିପରି ସହୃଦୟ ବ୍ୟକ୍ତି ଝିଅର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ମା'ବାପା ନିବେଦନ କରିଛନ୍ତି।

ନରସିଂହପୁରରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର

# ୧୪୨ ଅଭିଯୋଗର ତତ୍କାଳ ସମାଧାନ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

**ନରସିଂହପୁର,୪।୨ (ସ୍ୱ.ପ୍ର./ଡି.ଏନ.ଏ.)**

ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୬୮ ବ୍ୟକ୍ତିଗତ ଓ ୩ ସାମୂହିକ ମୋଟ୍ ୩୭୧ ଅଭିଯୋଗ ହୋଇଥିଲା। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ୧୪୨ ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ଅଭିଯୋଗଗୁଡ଼ିକୁ ବିଚାର କରାଯାଇ ସମାଧାନ କରାଯିବ ବୋଲି ଅଭିଯୋଗକାରୀଙ୍କୁ କୁହାଯାଇଥିଲା। ଗ୍ରାମାଞ୍ଚଳ ଏସପି ମାଧବ ଚନ୍ଦ୍ର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ସରୋଜ କୁମାର ମହାନ୍ତି, ଆଠଗଡ଼ ଉପଜିଲାପାଳ ଅମିୟ କୁମାର ସାହୁ, ଉପଖଣ୍ଡ ପୋଲିସ୍ ଅଧିକାରୀ ଆଲୋକ ରାୟ, ବିଡିଓ ପ୍ରଶାନ୍ତ ତରାଇ ଓ ତହସିଲଦାର ରାଜକିଶୋର ଜେନାଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ରବି ନାରାୟଣ ମିଶ୍ର ଓ ସରକାରୀ ଯନ୍ତ୍ରୀ ପ୍ରଣବ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସଅର ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ଘୋଷଣା ଦାବି

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଆଠଗଡ଼,୪।୨(ସ୍ୱ.ପ୍ର.)**

ରାଜ୍ୟରେ ବସବାସ କରୁଥିବା ସଅର ସମ୍ପ୍ରଦାୟ ସାଧାରଣ ବର୍ଗରେ ଗଣତି ହେଉଛନ୍ତି। ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ ଥିବାରୁ ସେମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି। ତେଣୁ ସରକାର ସେମାନଙ୍କୁ ଅନୁସୂଚିତ ଜନଜାତି ଘୋଷଣା କରିବା ପାଇଁ ଦାବି କରିଛନ୍ତି। ଆଠଗଡ଼ ଥାନା ଅନ୍ତର୍ଗତ ନୂଆବନ୍ଧ ଗ୍ରାମରେ ବସବାସ କରୁଥିବା ବହୁ ସଅର ସମ୍ପ୍ରଦାୟର ଅଧିବାସୀ ସୋମବାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରପତ୍ର ପ୍ରଦାନ କରିଛନ୍ତି। ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ସେମାନଙ୍କଠାରୁ ଏହି ସ୍ମାରକପତ୍ର ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ନିଜ ଅଧିକାର ପାଇଁ ସଅର ସମ୍ପ୍ରଦାୟ ଦୀର୍ଘଦିନ ଧରି ଭୁବନେଶ୍ୱରର ଲୋୟର ପିଏମଜିରେ ଧାରଣା ଦେଇଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଶ୍ରୀଶ୍ରୀ ନୀଳମାଧବ ଆଦିବାସୀ ସଂଘ ମହିଳା ମୋର୍ଚ୍ଚା ନିଷ୍ପତ୍ତି ଅନୁଯାୟୀ ଏହି ସମ୍ପ୍ରଦାୟ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଠଗଡ ଅଞ୍ଚଳରେ ଏହି ସମ୍ପ୍ରଦାୟର ଅନେକ ଅଧିବାସୀ ରହିଛନ୍ତି। ଶିକ୍ଷା ଓ ଆର୍ଥିକ ମାନଦଣ୍ଡରେ ଦୁର୍ବଳ ରହିଥିଲେ ହେଁ ତ୍ରୁଟିପୂର୍ଣ୍ଣଭାବେ ସରକାର ଏହି ସମ୍ପ୍ରଦାୟକୁ ସାଧାରଣ ବର୍ଗରେ ଗଣତି କରିବା ଦ୍ୱାରା ସେମାନଙ୍କ ବିକାଶରେ ବାଧକ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସଭାନେତ୍ରୀ ସଞ୍ଜୁ ବେହେରାଙ୍କ ଅଧକ୍ଷତାରେ ବହୁ ମହିଳା ସ୍ମାରକପତ୍ର ପ୍ରଦାନ କରିଥିଲେ।



ସଅର ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

## ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବାଙ୍କୀ,୪।୨(ସ୍ୱ.ପ୍ର.)**

ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଆଇନଜୀବୀ ପ୍ରଶନ୍ନ କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସିନିୟର ଡିଭିଜନ ସିଭିଲ୍‌ଜଜ୍ ମୋନାଲିସା ମହାନ୍ତି ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ. ମମତା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବାଙ୍କୀ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଶ୍ରୀନିବାସ ସ୍ୱାଇଁ, ବ୍ରଜକିଶୋର ମହାପାତ୍ର, ଗଗନ ବିହାରୀ ପଣ୍ଡା, ହରେକୃଷ୍ଣ ଦାସ, ସୁବାସ ଚନ୍ଦ୍ର ମିଶ୍ର, ସମୀର ଦାସ, ରବୀନ୍ଦ୍ର କୁମାର ପତି, ପ୍ରବୋଧ ସେଠୀ ପ୍ରମୁଖ ଆଇନୀଜୀବୀ ଉପସ୍ଥିତ ଥିଲେ।

ସ୍କୁଲରେ ଛାତ୍ରୀଛାତ୍ର କାଠ ବୋହିବା ଘଟଣା

# ୪ ଦିନ ପରେ ବି ଶିକ୍ଷା ବିଭାଗ ଚୁପ୍

**ମାହାଙ୍ଗା,୪।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ଚାହାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କେତେଜଣ ଛାତ୍ରୀଛାତ୍ର ଜାଳେଣି କାଠ ବୋହି ବାଉଁଶ ସିଡ଼ିଯୋଗେ ବିଦ୍ୟାଳୟ ଛାତ ଉପରକୁ ଉଠାଉଥିଲେ। ଏ ସମସ୍ତ ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ରବିବାର ବିଭିନ୍ନ ଗଣାମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇଥିଲା। ତେବେ ଏହି ଘଟଣାକୁ ସୋମବାର ୪ଦିନି ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ତଦନ୍ତ କରାଯାଇନାହିଁ। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ତଦନ୍ତ କରାଯାଇନାହିଁ। ଅନ୍ୟପକ୍ଷରେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରାଥମିକ ପର୍ଯ୍ୟାୟରେ ଘଟଣାର ତଦନ୍ତ ନ କରି କାହିଁକି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି ତା'କୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଏପରି ଘଟଣାର ତଦନ୍ତ କରିବାର କ୍ଷମତା ଥିଲେ ମଧ୍ୟ କାହା ଚାପରେ ସେ ଚୁପ୍ ରହିଛନ୍ତି ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ତେଣୁ ଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଭିଭାବକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ‘ଯୁବପିଢ଼ିଙ୍କୁ ସୁସଙ୍ଗଠିତ କରିବାରେ ବୁଦ୍ଧିଜୀବୀଙ୍କ ଭୂମିକା’ ଆଲୋଚନାଚକ୍ର

**ବାଙ୍କୀ,୪।୨(ସ୍ୱ.ପ୍ର.)**

ବାଙ୍କୀ ଏନଏସି ଅଧୀନ ରଣପୁର ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାନୀୟ ଚାରଣ ଗୋଷ୍ଠୀ ପକ୍ଷରୁ ‘ଯୁବପିଢିଙ୍କୁ ସୁସଙ୍ଗଠିତ କରିବାରେ ବୁଦ୍ଧିଜୀବୀଙ୍କ ଭୂମିକା’ ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନାଥ ସେଠୀ ଅଧ୍ୟକ୍ଷତା କରିଥିଲେ। ଚାରଣ ଗୋଷ୍ଠୀ ଦଳପତି ନକୁଳ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବ୍ରଜବନ୍ଧୁ ପାଲ, ଶରତ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ତ୍ରିପାଠୀ ଅତିଥିଭାବେ ଯୋଗ ଦେଇ ଆଲୋଚନା କରିଥିଲେ। ଆଲୋଚନାଚକ୍ର ପ୍ରତିମାସର ପ୍ରଥମ ରବିବାର ଅନୁଷ୍ଠିତ ହେବା ସହ ଏଥିରେ ଅଧିକରୁ ଅଧିକ ବୁଦ୍ଧିଜୀବୀଙ୍କୁ ସାମିଲ କରିବା ପାଇଁ ବଳଭଦ୍ର ପଣ୍ଡା ମତପୋଷଣ କରିଥିଲେ। କୁମାର ଅମୀୟ (ବୁଲୁବାବା) ସମୂହ ଧର୍ମ ପ୍ରାର୍ଥନା ପରିବେଷଣ କରିବା ସହିତ ସମସ୍ତେ ଏକତ୍ରିତ ହୋଇ ସୁସ୍ଥ ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଚାରଣ ଗୋଷ୍ଠୀର ବରିଷ୍ଠ ଅଞ୍ଚଳ ସଙ୍ଗଠକ ଅଶୋକ ଗିରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରେନ୍ଦ୍ର ବେହେରା, ଗାୟତ୍ରୀ ଦେଈ, ପ୍ରଭାତୀ ମଗୁଆଳ, ଅବନ୍ତୀ ରଣା, ଉଷାରାଣୀ ପ୍ରଧାନ, ତୋଫାନି ଦାସ, ଶରତ ଚନ୍ଦ୍ର ପଣ୍ଡା, ବୀରବର ଦଳେଇ, ପୂର୍ଣ୍ଣଚନ୍ଦ୍ର ମଗୁଆଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଉତ୍କଳ ଗୌରବଙ୍କ ଶ୍ରାଦ୍ଧଦିବସ

# ଛାତ୍ରୀଛାତ୍ର ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

**ବାଙ୍କୀ,୪।୨(ସ୍ୱ.ପ୍ର.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ସୋମବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ବାଙ୍କୀ ଡମପଡ଼ା ବ୍ଲକ ଅଧୀନ ଘାସିପୁଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୋନାଲିସା ସାମଲ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ର ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି କହିଥିଲେ। ଏଥିରେ ବିନୋଦ ବେହେରା ସହଯୋଗ କରିବା ସହ ଧନ୍ୟବାଦ ଦେଇଥିଲେ।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲିର ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ନିର୍ବାଣ ପକ୍ଷରୁ ମଧୁସୁଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଆୟୋଜିତ ସଭାରେ ନିର୍ବାଣର ଉପଦେଷ୍ଟା ସଚ୍ଚିଦାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ଯୋଗଦେଇ ବଧୁବାବୁଙ୍କ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ତଥା କବି ଫକୀର ଚରଣ ନାୟକ, ସମ୍ମାନିତ ଅତିଥି ପରିବେଶବିତ ପ୍ରମୋଦ ଦାଶ, ଆଇନଜୀବୀ ବ୍ୟୋମକେଶ ପରିଡା, ନୃସିଂହ ସ୍ୱାଇଁ, ଖବରଦାତା ଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଅନୁଷ୍ଠାନ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ନିରଞ୍ଜନ ବସ୍ତିଆ ଧନ୍ୟବାଦ ଦେଇଥିଲେ।




ନିଶ୍ଚିନ୍ତକୋଇଲି ନିର୍ବାଣ ସଂଗଠନ କର୍ମକର୍ତ୍ତା ମଧୁବାବୁଙ୍କ ଜୟନ୍ତୀ ପାଳନ କରୁଛନ୍ତି।

■ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ଟଙ୍କାର ଅଂଶଧନ ଦେଉନାହାନ୍ତି କେନ୍ଦ୍ର ସରକାର

# ପ୍ରତିବାଦରେ ଛାତ୍ର ବିଜେଡିର ଧାରଣା

**ବାଙ୍କୀ,୪।୨(ସ୍ୱ.ପ୍ର.)**

ରାଜ୍ୟର ପ୍ରାୟ ୨ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ଟଙ୍କାର ଅଂଶଧନ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଦେଇନାହାନ୍ତି। ଫଳରେ ଏହାର ପ୍ରତିବାଦରେ ବାଙ୍କୀ ଛାତ୍ର ବିଜେଡି ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ବୃତ୍ତି ଟଙ୍କା ନ ମିଳିବା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାପକ ଅସୁବିଧା ଦେଖାଯାଇଛି। କେନ୍ଦ୍ର ନିଜେ ଯୋଜନା କରି ନିଜ ଅଂଶଧନ ରାଜ୍ୟ ଉପରେ ଲଦିଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି। ତେଣୁ କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ ବିଚାର କରି ପଦକ୍ଷେପ ନେବାକୁ ଛାତ୍ର ବିଜେଡି କର୍ମକର୍ତ୍ତା ଦାବି କରିଛନ୍ତି। କାର୍ଯ୍ୟକ୍ରମରେ କଟକ ଜିଲା ଯୁବ ଜନତା ଦଳ ସଭାପତି ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, କଟକ ଛାତ୍ର ବିଜୁ ଜନତା ଦଳ ସଭାପତି ସ୍ମୃତିରଞ୍ଜନ ନାୟକ, କଟକ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଆସିଫ ଅମୀନ, ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟି, ଜିଲା ଯୁବ ପର୍ଯ୍ୟବେକ୍ଷକ ତଥା ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଙ୍କୀ ପର୍ଯ୍ୟବେକ୍ଷକ ସସ୍ମିତ ବେହେରା, ବାଙ୍କୀ ବ୍ଲକ ବିଜେଡି ସଭାପତି ଜ୍ୟୋତିରଞ୍ଜନ ରାଉତ, ଜିଲା ଛାତ୍ର ଜନତା ଦଳ ଉପସଭାପତି ସୁନୀଲ ଖଟୁଆ ଏବଂ ବାଙ୍କୀ ଉପଖଣ୍ଡ ବିଜୁ ଯୁବ ଜନତା ସଭାପତି ସନ୍ତୋଷ ରଣା ପ୍ରମୁଖଙ୍କ ସମେତ ଶତାଧିକ ଛାତ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହି ଅବହେଳାର ଦୃଢ଼ ପ୍ରତିବାଦ କରିଥିଲେ। ଏହାପରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ‘ମୋ ଭବିଷ୍ୟତ ସୁରକ୍ଷା’ ସ୍ୱାକ୍ଷର ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା।




ବ୍ଲକ କାର୍ଯ୍ୟାଳୟ ଆଗରେ ଛାତ୍ର ବିଜେଡି କର୍ମକର୍ତ୍ତା ଧାରଣାରେ ବସିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଯୁବକ ନିଖୋଜ ଅଭିଯୋଗ

**କଟକ ଅଫିସ, ୪।୨:** ମଙ୍ଗଳାବାଗ ଥାନା ଅଞ୍ଚଳରୁ ନବ କିଶୋର ମହାରଣା(୨୬) ନିଖୋଜ ହୋଇଯାଇଥିବା ସୋମବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ନିଜ ଘର ନିଆଳି ଅଞ୍ଚଳରେ ହୋଇଥିବା ବେଳେ ସେ ପରିବାର ଲୋକଙ୍କ ସହ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳରେ ଭଡାରେ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ନବ ଏସ୍‌ସିବି ମେଡିକାଲରେ ଏମ୍‌ବିଏସ୍ ସାରିବା ପରେ ହାଉସ ସର୍ଜନ କୋର୍ସ ଗତବର୍ଷ ଶେଷ କରିଥିଲେ। ସେ ମାନସିକ ରୋଗରେ ପୀଡିତ ଥିବା ବେଳେ ତାଙ୍କ ମୁଣ୍ଡ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ଗତ ୩୦ ତାରିଖ ରାତିରେ ସେ ଏସ୍‌ସିବି ମେଡିକାଲରେ ଥିବା ହଷ୍ଟେଲକୁ ଯାଉଛନ୍ତି କହି ଘରୁ ଆସିଥିଲେ। ପରେ ତାଙ୍କର ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

### ୪ବଖରା ଜଳିଗଲା

**ଟାଙ୍ଗୀ(କଟକ),୪।୨(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଙ୍ଗିମୁଣ୍ଡା ଗ୍ରାମର ମଳୟ ବେହେରା ଓ ଚନ୍ଦନ ବେହେରାଙ୍କ ୪ ବଖରା ଚାଳଘର ସୋମବାର ଅଗ୍ନିକାଣ୍ଡରେ ପୋଡିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ସମସ୍ତ ଆସବାବପତ୍ର ପୋଡିଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକେ କହିଛନ୍ତି।

### ପୂର୍ତ୍ତବିଭାଗ ଡାକବଙ୍ଗଳା ଉଦ୍‌ଘାଟିତ

**ଚୌଦ୍ୱାର, ୪।୨(ଡି.ଏନ୍.ଏ.):** ଚୌଦ୍ୱାର ପୂର୍ତ୍ତବିଭାଗ ପକ୍ଷରୁ ନୂତନ ଭାବେ ନିର୍ମାଣ ହୋଇଥିବା ଡାକବଙ୍ଗଳା ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ୮ନଂ. ୱାର୍ଡ ଅନ୍ତର୍ଗତ ବ୍ୟାଘ୍ରବାହିନୀ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ଉକ୍ତ ଗୃହକୁ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିସହ ମନ୍ତ୍ରୀ ମଲ୍ଲିକ ମଣ୍ଡାପଡା ରାସ୍ତାର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀଯନ୍ତ୍ରୀ ଇଂ. ତପନ କୁମାର ଗଡନାୟକ, ଇଂ. ରାକେଶ କୁମାର ରାଉତ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡା, ସବିତା ନାୟକ, ଶୁଭେନ୍ଦୁ ସାମଲ, ସୁପ୍ରଭା ବେହେରା, ଛାତ୍ର ବିଜେଡି ସଭାପତି ଭରତ ସାହୁ ଓ ଅର୍ଜୁନ ପଣ୍ଡା ଉପସ୍ଥିତ ଥିଲେ।

### ନୂତନ ଫାଣ୍ଡିଗୃହ ଉଦ୍‌ଘାଟିତ

**ଖୁଣ୍ଟୁଣୀ, ୪।୨(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଆରତି ଷ୍ଟିଲ କାରଖାନା ପରିସରରେ ଘଣ୍ଟିଖାଲ ଫାଣ୍ଡିର ନୂତନ ଗୃହ ସୋମବାର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆୟୋଜିତ ଉତ୍ସବରେ ଖୁଣ୍ଟୁଣୀ ଥାନାଧିକାରୀ ସତ୍ୟବ୍ରତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କାରଖାନାର ସଭାପତି ଏଲ.ଟି.ପି. ନାରାୟଣ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟନାରାୟଣ ଦାସ, ଶଙ୍କର୍ଷଣ ମିଶ୍ର, ଫାଣ୍ଡି ଅଧିକରୀ ଲକ୍ଷ୍ମୀଧର ନାୟକ, ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ଜିଲାପରିଷଦ ସଭ୍ୟା ଜାନକୀଲତା ନାଏକ ପ୍ରମୁଖ ଯୋଗ ଦେଇଥିଲେ।

### କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ସମ୍ବର୍ଦ୍ଧନା

**କଟକ ଅଫିସ, ୪।୨:** କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ସ୍ଥାନୀୟ ସର୍କିଟ୍ ହାଉସଠାରେ ସଭାପତି ଶୈଳେଶ କୁମାର ବର୍ମାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଏବଂ ବିଜେଡି ରାଜ୍ୟ ସଂଯୋଜକ ନନ୍ଦଲାଲ୍ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଅତିଥି ଭାବେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅରୁଣ ମିଶ୍ର, ହେମନ୍ତ ତିୱାରୀ, ରାମମୂର୍ତ୍ତି ତିୱାରୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ ଭିତରେ ହିନ୍ଦୀ ଭାଷା ପାଇଁ ସ୍ୱତନ୍ତ୍ର ସ୍ଥାନ ଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ଶର୍ମା ଓ ରାଜା ସିଂ ଉପସ୍ଥିତ ଥଲେ। ମନୋଜ କୁମାର ସିଂ ମଞ୍ଚ ପରିଚାଳନା କରିଥିବାବେଳେ ମୁକୁନ୍ଦ କୁମାର ସିହ୍ନା ଧନ୍ୟବାଦ ଦେଇଥିଲେ।

■ କ୍ୟାପିଟାଲ ହସ୍ପିଟାଲ

# ମିଳିବ ଅତ୍ୟାଧୁନିକ ରେଟିନା ଚିକିତ୍ସା

■ 'ସୁନେତ୍ର' ଯୋଜନାରେ ସମ୍ପୂର୍ଣ୍ଣ ମାଗଣା ସେବା
■ ଶିଶୁଙ୍କୁ ଯୋଗାଯିବ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସେବା

ଭୁବନେଶ୍ୱର,୪।୨(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲ ଚକ୍ଷୁ ବିଭାଗରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ରେଟିନା ଚିକିତ୍ସା। ମାସକ ମଧ୍ୟରେ ରୋଗୀଙ୍କୁ ଯୋଗାଇ ଦିଆଯିବାକୁ ଥିବା ଏହି ଚିକିତ୍ସା ସେବା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ହେବ। ରେଟିନା ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ବେଳେ ରୋଗୀମାନେ ଘରୋଇ ହସ୍ପିଟାଲରେ ଏଥିପାଇଁ ୪୦ରୁ ୫୦ହଜାର ଟଙ୍କା ବ୍ୟୟ କରିଥାଆନ୍ତି। କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ରାଜ୍ୟ ସରକାରଙ୍କ 'ସୁନେତ୍ର' ଯୋଜନାରେ ଏଣିକି ରୋଗୀମାନେ ମାଗଣା ସେବା ପାଇପାରିବେ।

ଏହାସହିତ ଶିଶୁମାନଙ୍କୁ ମଧ୍ୟ ଏଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରାଯିବ। ହସ୍ପିଟାଲ ଚକ୍ଷୁ ବିଭାଗରେ ବର୍ତ୍ତମାନ ଅତ୍ୟାଧୁନିକ ଅପରେଶନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମାସକ ମଧ୍ୟରେ ଏଠାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହି ନୂତନ ଅପରେଶନ ଗୃହରେ ୪ ଅତ୍ୟାଧୁନିକ ମାକ୍ରୋସ୍କୋପିକ୍ ବ୍ୟବସ୍ଥା ସହ ଉଭୟ ମୋତିଆ ବିନ୍ଦୁ ଓ ରେଟିନା ରୋଗୀଙ୍କ ପାଇଁ ପୃଥକ୍ ଅପରେଶନ ସୁବିଧା ରହିବ ବୋଲି ଚକ୍ଷୁ ବିଶେଷଜ୍ଞ ଡା. ଅଶ୍ୱିନୀ ମେହେର୍ଦ୍ଦା ସୂଚନା ଦେଇଛନ୍ତି। ଡା. ମେହେର୍ଦ୍ଦା କହିଛନ୍ତି, ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ମଧୁମେହରେ ଆକ୍ରାନ୍ତ ଚକ୍ଷୁରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏଥିପାଇଁ ଆବଶ୍ୟକ ପଡୁଥିବା ବ୍ୟୟବହୁଳ ଇଞ୍ଜେକ୍ସନ, ଯାହାର କି ବଜାର ଦର ୨୦ରୁ ୨୫ହଜାର ଟଙ୍କା ତାହା ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ପ୍ରଦାନ କରାଯାଉଛି। ଏହି ଇଞ୍ଜେକ୍ସନ ନେଲା ପରେ ମଧୁମେହ ଆକ୍ରାନ୍ତ ଚକ୍ଷୁରୋଗୀ, ଯେଉଁମାନଙ୍କର ଗ୍ଲୁକୋମାଜନିତ ସମସ୍ୟା ରହିଛି, ସେମାନେ ତୁରନ୍ତ ଦେଖିପାରୁଛନ୍ତି।

ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲ ଚକ୍ଷୁ ବିଭାଗରେ ୫ଟି ଓଟି ଥିବାବେଳେ ପ୍ରତିମାସରେ ଶହେରୁ ଅଧିକ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରୁଛି। ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେଉଥିବା ଅତ୍ୟାଧୁନିକ ଓଟିରେ ଅଧିକରୁ ଅଧିକ ସଂଖ୍ୟକ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରିବ। ଏଠାରେ ଅତ୍ୟାଧୁନିକ ଗ୍ରୀନ୍‌ଲେଜର ମାଧ୍ୟମରେ ମଧ୍ୟ ଚକ୍ଷୁ ଚିକିତ୍ସା କରାଯାଉଛି। 'ସୁନେତ୍ର' ଯୋଜନାରେ ରାଜ୍ୟ ସରକାର ଚକ୍ଷୁରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସେବା ସହିତ ଚଷମା ଯୋଗାଇ ଦେଉଥିବା ବେଳେ ଏଥିପାଇଁ ୫୦ଟି ଦୃଷ୍ଟିକେନ୍ଦ୍ର ସ୍ଥାପନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୦ ଜିଲାରେ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ଆରମ୍ଭ ହେବ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷାକୁ ବ୍ୟାପକ କରାଯିବା ସହିତ ସାର୍ବଜନୀନ ଚକ୍ଷୁ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଡିଜିଟାଲାଇଜ୍ କରିବାର ବ୍ୟବସ୍ଥା ହେଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।




ଅଙ୍ଗନୱାଡି କର୍ମଚାରୀଙ୍କୁ ଆକ୍ରୋଶମୂଳକ ବହିଷ୍କାର ବିରୋଧରେ ସୋମବାର ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ତ୍ରିବେଣୀ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ



ମହୋତ୍ସବରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

ଫୁଲନଖରା, ୪।୨ (ଡି.ଏନ୍.ଏ.)

ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ସୋମବାର ତ୍ରିବେଣୀ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋରରୁ ଠାକୁରଙ୍କ ବିଭିନ୍ନ ନୀତି ଶେଷ ହେବା ପରେ ପୂର୍ବାହ୍ନ ୧୦ଟାରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲନଖରା, ଯୋହଲ, ପାହାଳ, ବଙ୍ଗୁଆରୀ, ନୂଆପାଟଣା, ଅଢାଳିଆ, କାଚରାମାଳ ଆଦି ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର(ଉତ୍ତର) ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶୀ ସଂକୀର୍ତ୍ତନକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କର ଉଦ୍ୟମ ଜାରି ରହୁ। ଏଥିରେ ସମ୍ବଲପୁର ବିଧାୟିକା ରାଶେଶ୍ୱରୀ ପାଣିଗ୍ରାହୀ ମୁଖ୍ୟବକ୍ତା, ଗଣେଶ ପ୍ରସାଦ ଦାସ, ଯୁଧିଷ୍ଠିର ଖଟୁଆ ଓ ଲକ୍ଷ୍ମୀଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ୫୨ ମଣ୍ଡଳର ମହନ୍ତ ନଳୀନ କୁମାର ସ୍ୱାଇଁ, ଯୁଧିଷ୍ଠିର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

ଚୌଦ୍ୱାର, ୪।୨(ଡି.ଏନ୍.ଏ.)

ସଙ୍ଗଠନକୁ ମଜଭୁତ କରି ଦାବି ହାସଲ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଇପିଏଫ ପେନସନର୍ସ ଆସୋସିଏଶନ ନିଷ୍ପତ୍ତି ନେଇଛି। ଆସୋସିଏଶନର ସଭାପତି ରଞ୍ଜନ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ସୋମବାର ଚୌଦ୍ୱାର ବ୍ୟାଘ୍ରବାହିନୀ ମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ବନ୍ଦ ହୋଇଯାଇଥିବା ଓଟିଏମ, ବଲାରପୁର କାଗଜକଳ, ଲିବ୍ରା କାର୍ପେଟ ଆଦି କାରଖାନାରେ ପୂର୍ବରୁ କାର୍ଯ୍ୟକରି ପେନସନ ପାଉଥିବା ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ। ସମସ୍ତ ଇପିଏଫ ଉପଭୋକ୍ତାଙ୍କୁ ସର୍ବନିମ୍ନ ପେନସନ ୭୫୦୦ ଟଙ୍କା ପ୍ରଦାନ, ଉଚ୍ଚତମ ନ୍ୟାୟାଳୟର ଆଦେଶାନୁଯାୟୀ ପ୍ରକୃତ ବେତନ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିବା ସଂଘ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସୂଚନା ଦେଇଥିଲେ। ପୂର୍ବରୁ ଏହି ଦାବିପୂରଣ ପାଇଁ ଇପିଏଫ ପଦାଧିକାରୀ, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ବାରମ୍ବାର ଜଣାଯାଇଥିବା ସେ କହିଥିଲେ। ଏହି ଦାବି ସମ୍ପର୍କରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନ ନେଲେ ଆସୋସିଏଶନର କର୍ମକର୍ତ୍ତାମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ଭାଇ ଆଣିଲେ ହତ୍ୟା ଅଭିଯୋଗ

ଟାଙ୍ଗୀ(କଟକ),୪।୨(ଡି.ଏନ୍.ଏ)

ଟାଙ୍ଗୀ ଥାନା ଅଧୀନ ଟିକରା ଗ୍ରାମରେ ରବିବାର ଟିକିଲି ହାତୀ ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ହେଲେ ଟିକିଲିଙ୍କୁ ହତ୍ୟା କରାଯାଇଥିବା ସୋମବାର ତାଙ୍କ ଭାଇ ଗଣେଶ ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଟିକିଲିଙ୍କ ସ୍ୱାମୀ ତାରାକାନ୍ତ ସାହୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଥାନା ଭଙ୍ଗିମୁଣ୍ଡା ଗ୍ରାମର ତାରାକାନ୍ତଙ୍କୁ ୯ବର୍ଷ ପୂର୍ବେ ଉକ୍ତ ଗ୍ରାମର ଟିକିଲିଙ୍କୁ ପ୍ରେମ ବିବାହ କରିଥିଲେ। ତାରାକାନ୍ତ ଦୀର୍ଘଦିନ ଧରି ଟିକିଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ଗତ କିଛିଦିନ ପୂର୍ବେ ଟିକିଲି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଥାନାରେ ମାମଲାର ଆପୋସ ସମାଧାନ ହୋଇଯାଇଥିଲା। ତାରାକାନ୍ତ ପ୍ରତିଶୋଧ ପରାୟଣ ହୋଇ ଟିକିଲିଙ୍କୁ ପିଟି ପିଟି ମାରି ଦେଇଥିବା ଗଣେଶ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତିକରି ତାରାକାନ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ

କଟକ ଅଫିସ, ୪।୨

କଟକ ମହାନଦୀ ବିହାର ଅଞ୍ଚଳରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ସୋମବାର ଉଦ୍‌ଘାଟିତ ହୋଇଛି। ଏହାକୁ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଉଦ୍‌ଘାଟନ କରି କହିଲେ, ଉକ୍ତ ସବ୍‌ଷ୍ଟେଶନ ବିଦ୍ୟାଧରପୁର, ଶିଖରପୁର, ମହାନଦୀ ବିହାର, ଆଦି ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ଦୂର କରିବ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରାଙ୍କ ସମେତ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିଲେ।

■ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

## ଲୋକେ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଆବଶ୍ୟକ

କଟକ ଅଫିସ, ୪।୨

କମିଶନରେଟ୍ ପୋଲିସ ପକ୍ଷରୁ କଟକରେ ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ସୋମବାର ପାଳିତ ହୋଇଛି। ୭ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ସୋମବାର କଟକ ଟ୍ରାଫିକ୍ ଥାନା ପରିସରରେ ସଡକ ସୁରକ୍ଷା ଉପରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି ସଡକ ସୁରକ୍ଷା ଉପରେ ଏକ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ୭ ଦିନ ଧରି କଟକର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଲୋକମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିବ। ଏହି ଅବସରରେ ଯୋଗଦେଇ ଡିସିପି ଅଖିଳେଶ୍ୱର ସିଂ କହିଥିଲେ, ସିସିଟିଭି ଲାଗି ନ ଥିବା ରାସ୍ତାରେ ଅଧିକାଂଶ ଲୋକେ ହେଲମେଟ୍ ନ ପିନ୍ଧି ଗାଡି ଚଳାଉଛନ୍ତି। ତେଣୁ ଲୋକମାନେ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ସେମାନେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବା କଥା। ବିଶେଷ କରି ଯୁବପିଢି ହେଲମେଟ୍ ପିନ୍ଧୁ ନ ଥିବା ବେଳେ ଦ୍ରୁତଗତିରେ ଗାଡି ଚଳାଉଛନ୍ତି। ସେଥିପାଇଁ ଆମେ ସ୍କୁଲ ଏବଂ କଲେଜଗୁଡିକରେ ସଚେତନମୂଳକ କାର୍ଯ୍ୟକ୍ରମ କରି ପିଲାମାନଙ୍କ ସହ ସେମାନଙ୍କ ଅଭିଭାବକମାନଙ୍କୁ ସଚେତନ କରିବା ପାଇଁ ଚିନ୍ତା କରିଛୁ। ସୋମବାର ସକାଳେ ସଡକ ସୁରକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଟୋ ଚାଳକ, ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ଛାତ୍ରୀଛାତ୍ରମାନେ କମ୍ପ୍ୟୁଟରରେ କିପରି ଗାଡି ଚଳାଇବେ ଏବଂ ଟ୍ରାଫିକ୍ ନିୟମ ପାଳନ କରିବେ ତାହା ଉପରେ ଡେମୋ ଦିଆଯାଇଥିଲା। ଏହି ଅବସରରେ ମାଗଣା ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଫିକ୍ ଏସିପି ପି.କେ ଦଳାଇ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରାଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ସଡ଼କ ସୁରକ୍ଷା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଯୁବତୀଙ୍କୁ ପ୍ରତାରଣା: ଅଭିଯୁକ୍ତ ଗିରଫ

କଟକ ସଦର, ୪।୨ (ଡି.ଏନ୍.ଏ.)

କିଶୋରନଗର ଥାନା ଅଞ୍ଚଳର ତଫସିଲଭୁକ୍ତ ଜାତିର ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ବିକ୍ରମ ସ୍ୱାଇଁ(୨୫)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତାଙ୍କ ଘର ନେମାଳ ଥାନା ଅଧୀନ ବନ୍ଧୁପୁର ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୫/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବିକ୍ରମ ବିବାହର ପ୍ରଲୋଭନ ଦେଖାଇ ସମ୍ପୃକ୍ତା ଯୁବତୀଙ୍କୁ ସାଲେପୁର ନେଇଯାଇଥିଲେ। ସେଠାରେ ପରସ୍ପର ବିବାହ କରିବାକୁ ଇଚ୍ଛୁକ ବୋଲି ଜାନୁୟାରୀ ୯ ତାରିଖରେ ସତ୍ୟପାଠ କରିଥିଲେ। ପରେ ବିକ୍ରମ ଯୁବତୀଙ୍କୁ ଭୁବନେଶ୍ୱରର ଏକ ଭଡାଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ମା' ବାପାଙ୍କୁ ବୁଝାଶୁଝା କରି ଘରକୁ ନେବାକୁ ବ୍ୟବସ୍ଥା କରିବେ ବୋଲି ବିକ୍ରମ ସମ୍ପୃକ୍ତା ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇ ଜାନୁୟାରୀ ୧୯ ତାରିଖରେ ସେଠାରୁ ଚାଲି ଆସିଥିଲେ। ଏହା ପରେ ସେ ଆଉ ସେଠାକୁ ଫେରି ନ ଥିଲେ। ପରେ ଯୁବତୀ ଜଣଙ୍କ ଗାଁକୁ ଫେରି ପୋଲିସ ନିକଟରେ ଅଭିଯୋଗ କରିବାରୁ ସାଲେପୁର ଏସ୍‌ଡିପିଓ ନିରଞ୍ଜନ ପାଢୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ହୋଇଥିଲା। ଫେରାର ଥିବା ବିକ୍ରମଙ୍କୁ ପୋଲିସ ରବିବାର ଗିରଫ କରିବା ସହ କଟକ ବଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଇଥିଲା।

## ୯ରେ କଟକ ଆସିବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି

କଟକ ଅଫିସ, ୪।୨

କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ତଥା ବିଶିଷ୍ଟ ହିନ୍ଦୀ କବି ମାଧବ କୌଶିକ ଆଗାମୀ ୯ ତାରିଖରେ କଟକ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ଯୋଗଦେଇ ବକ୍ତବ୍ୟ ଦେବେ। କୌଶିକ ଏବେ ଚଣ୍ଡିଗଡ଼ ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଜଣେ ସାହିତ୍ୟ ସମାଲୋଚକ, ଶିଶୁ ସାହିତ୍ୟ ସ୍ରଷ୍ଟା, ଗୀତ୍ ଓ ଗଜଲ ଏବଂ ଅନୁବାଦକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ହରିୟାଣା ସାହିତ୍ୟ ଏକାଡେମୀ, ବିଶ୍ୱ ହିନ୍ଦୀ ସମ୍ମେଳନ ଆଦି ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ।

## ଉତ୍କଳଗୌରବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀ

କଟକ ଅଫିସ/ ଚୌଦ୍ୱାର,୪।୨ (ଡି.ଏନ.ଏ.)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନବ ଉତ୍କଳ ନିର୍ମାଣରେ ମଧୁବାବୁଙ୍କ ଭୂମିକା ଏବଂ ନିଃସ୍ୱାର୍ଥ ଦେଶସେବାର ଉଦାହରଣ ଦେଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ମଧୁସ୍ମୃତି କମିଟିର ମୁଖ୍ୟ ସଂଯୋଜିକା ସ୍ନେହଲତା ପତି ଅତିଥି ପରିଚୟ ପ୍ରଦାନ, ଡ. ନିରଞ୍ଜନ ପତି ବେଦ ପାଠ ଓ ଡ. ନର୍ମଦା କୁମାରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ଡ. ମଞ୍ଜୁ ମୋଦି, ସୁନାମଣି ରାଉତ, ଜୀବନ ବଲ୍ଲଭ ଜେନା ଓ ଡ. ଚିନ୍ମୟୀ ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରୀମାନେ ଗୋରାକବର ଠାରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମଧୁସଙ୍ଗୀତ ଗାନ କରିଥିଲେ।

ଜିଲା ପ୍ରଶାସନ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ସ୍ଥାନୀୟ ଗୋରାକବରସ୍ଥିତ ମଧୁସୂଦନଙ୍କ ସମାଧି ପୀଠ, ହରିଣ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ରୋଡ ଛକରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କ୍ୟାଣ୍ଟନମେଣ୍ଟ ରୋଡ ଛକଠାରେ ମାଲ୍ୟାର୍ପଣ ଅବସରରେ ବିଭିନ୍ନ ବିଭାଗରେ ଅନୁଷ୍ଠିତ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଶୁତୋଷ ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେ ମଧୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷା ସମୀକ୍ଷାର ସମ୍ପାଦକ ସୁକାନ୍ତ ମହାନ୍ତି, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ଡାଳିଯୋଡ଼ା ସାହିତ୍ୟ ସଂସଦ ସମ୍ପାଦକ ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ଉତ୍କଳଗୌରବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ହରିହର ରଣା ମଧୁବାବୁଙ୍କ ସମ୍ପର୍କିତ ସ୍ୱରଚିତ କବିତାପାଠ କରିଥିଲେ। ଆଇନଜୀବୀ ଚନ୍ଦ୍ରପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସାହିତ୍ୟ ସଂସଦ ପୂର୍ବତନ ସଭାପତି ସ୍ୱର୍ଗତ ବନମାଳୀ ଦାସଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।




ଶୈଳବାଳା ମହିଳା ମହାବିଦ୍ୟାଳୟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସେଭେନ୍‌ପିଲାର ଅଫ ଉଇଜଡମଠାରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ସୋମବାର ଅନୁଷ୍ଠିତ ଜାତୀୟ ଭାଷା ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।




ସିବିଆଇ ଅଫିସରଙ୍କୁ ପୋଲିସ ହଇରାଣ କରିବା ପ୍ରତିବାଦରେ ସୋମବାର କଟକ ସତୀଚଉରା ଛକରେ ଭାରତୀୟ ଜନତା ଯୁବମୋର୍ଚ୍ଚା ବାଇମୁଣ୍ଡି ମଣ୍ଡଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯାଁଳା,୪।୨(ଡି.ଏନ.ଏ.)- ପଛରୁ ଟ୍ରକ୍ ଧକ୍କା ଦେବାରୁ ବାଇକ୍ ଆରୋହୀ ହେମନ୍ତ କୁମାର ସାହୁ(୩୦)ଙ୍କ ମୃତ୍ୟୁ ଘଟିଛି। ୧୬ ନଂ. ଜାତୀୟ ରାଜପଥର ଯାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ସୋମବାର ସକାଳ ପ୍ରାୟ ସାଢେ ୮ଟାରେ ଏହି ଦୁର୍ଘଟଣା ଘଟିଛି। ପଛରେ ବଡଭାଇଙ୍କୁ ବସାଇ ବାଇକ୍ (ନଂ. ଓଡି-୦୨ ଏଏନ୍ ୩୭୫୫) ଚଳାଇ ହେମନ୍ତ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ପ୍ରଥମେ ପଛରୁ ଏକ ସ୍କର୍ପିଓ ଦ୍ରୁତଗତିରେ ଆସି ତାଙ୍କ ପାର୍ଶ୍ୱ ଦେଇ ଅତିକ୍ରମ କରିଥିଲା। ଫଳରେ ଡାହାଣପଟକୁ ହେମନ୍ତ ବାଇକ୍‌ଟିକୁ ନେଇଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଟ୍ରକ୍(ନଂ. ଓଆର ୦୯ ଏଫ ୮୧୦୪) ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ। କଣାସ ଥାନା ଅନ୍ତର୍ଗତ ଜୟପୁର ଗ୍ରାମରେ ମୃତକଙ୍କ ଘର ବୋଲି ପୋଲିସ କହିଛି। ପୋଲିସ ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

### ବାଇକ୍ ଧକ୍କାରେ ଥାନା ଡ୍ରାଇଭରଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୪।୨:** ଜଙ୍କିଆ ଥାନା ଡ୍ରାଇଭର ରାମଚନ୍ଦ୍ର ମୁଦୁଲି(୫୮)ଙ୍କର ଥାନା ସମ୍ମୁଖରେ ବାଇକ୍ ଧକ୍କାରେ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ରାମଚନ୍ଦ୍ରଙ୍କ ଘର ପୁରୀ ଜିଲା କଣାସ ଥାନା ଶାବଳଙ୍ଗ ଗାଁରେ। ପୋଲିସ ନଂ. ୧୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ରାମଚନ୍ଦ୍ରଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ହସ୍ତାନ୍ତର କରିଛି। ଥାନା ସମ୍ମୁଖରେ ଡ୍ରାଇଭର ମୁଦୁଲି ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଠିଆ ହୋଇଥିଲେ। କେତେଜଣ ଏମ୍‌ବିଏ ଛାତ୍ର ଚିଲିକାରୁ ପିକ୍‌ନିକ୍ କରି ବାଇକ୍ ଯୋଗେ ଫେରୁଥିଲେ। ଜଣେ ଏମ୍‌ବିଏ ଛାତ୍ର କେନ୍ଦ୍ରପଡା ଜିଲା ମହାକାଳପଡା ଥାନା ଅନ୍ଦୁଲି ଗାଁର ରାକେଶ ମହାରଣାଙ୍କ ବାଇକ୍ ଧକ୍କାରେ ରାମଚନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାମଚନ୍ଦ୍ର ରାତି ପ୍ରାୟ ସାଢ଼େ ୯ଟାରେ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଅନ୍ୟପକ୍ଷେ ବାଇକ୍ ଚାଳକ ଆହତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି



**ଖୋର୍ଦ୍ଧା ଅଫିସ,୪।୨:** ଖୋର୍ଦ୍ଧା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୯ ଅଭିଯୋଗରୁ ୧୩୪ ଅଭିଯୋଗ ବ୍ୟକ୍ତିଗତ ଥିଲା। ୫ଟି ଅଭିଯୋଗ ସାମୁହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ଭିତ୍ତିରେ ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ବେଶି ରହିଥିଲା। ଅନ୍ୟପକ୍ଷେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ୧୩୯ ଅଭିଯୋଗକୁ ଶିବିରରେ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ପିଡି ଡିଆରଡିଏ ସରୋଜ ମିଶ୍ର, ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆପିଲେଶନ ନ ଥିବାରୁ ଅଭିଭାବକ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୪।୨:** ଖୋର୍ଦ୍ଧା ସହରର ଡିଏଭି ପବ୍ଲିକ ସ୍କୁଲର ନବମ, ଦଶମ ଶ୍ରେଣୀ ଆପିଲେଶନ ପାଇ ନାହିଁ। ଏଣୁ ଛାତ୍ରୀଛାତ୍ର ପରୀକ୍ଷା ଦେବାରେ ହଇରାଣ ହେବେ। ନିଜ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ରବିବାର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପାର୍କରେ ଅଭିଭାବକ ସମ୍ମିଳନୀ ହୋଇଛି। ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଅଭିଭାବକମାନେ ଏ ସମ୍ପର୍କରେ ଆଲୋଚନା ପାଇଁ ସ୍କୁଲର ଅଧକ୍ଷଙ୍କୁ ସାକ୍ଷାତ କରିବାକୁ ସମୟ ମାଗିଛନ୍ତି।

## ଶିଶୁ ସୁରକ୍ଷା ପ୍ରତି ପ୍ରଶାସନ ଉଦାସୀନ

# ୬ବର୍ଷରେ ୧୨୧୨ ଶିଶୁ ଉଦ୍ଧାର କରି ଦାୟିତ୍ୱ ଶେଷ

**ଖୋର୍ଦ୍ଧା ଅଫିସ, ୪।୨**

ଶିଶୁଙ୍କ ସୁରକ୍ଷା, ଯତ୍ନ ଓ ଥଇଥାନ ଖୋର୍ଦ୍ଧା ଜିଲାରେ ବାଟବଣା। ଜିଲା ସଦର ମହକୁମାଠାରୁ ଆରମ୍ଭ କରି ସହରାଞ୍ଚଳ, ବ୍ଲକର ବିଭିନ୍ନ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜିତ ଅଛନ୍ତି। ହେଲେ ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସର୍ବ ଶିକ୍ଷା ଅଭିଯାନ, ଶ୍ରମ ବିଭାଗ, ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଓ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ର ପଦକ୍ଷେପ ନାହିଁ। ଅଧିକାରୀମାନେ ଏକାଠି ହୋଇ କୌଣସି ସକ୍ରିୟ କାର୍ଯ୍ୟପନ୍ଥା ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ପୁଣି ଜିଲା ପ୍ରଶାସନର ଉଦ୍ୟମ ମଧ୍ୟ ଉଦ୍‌ବେଗଜନକ ବୋଲି ଅଭିଯୋଗ ହୋଇଆସୁଛି। ତେବେ ୬ ବର୍ଷରେ ଖୋର୍ଦ୍ଧା ଜିଲାରେ ୧୨୧୨ ଶିଶୁ ଉଦ୍ଧାର କରି ପ୍ରଶାସନ ଦାୟିତ୍ୱ ଶେଷ କରି ଦେଇଛି। ସଂସାରରେ ଭଲମନ୍ଦ କ'ଣ ଓ ଆଇନକାନୁନ୍ ବିଷୟରେ ମଧ୍ୟ ସେମାନଙ୍କ ଧାରଣା ନାହିଁ। ହାତରେ ବହି ବସ୍ତାନୀ ଧରିବାର ବୟସରେ ଦିନତମାମ ହାଡ ଭଙ୍ଗା ଖଟଣିରେ ବ୍ୟସ୍ତ। ଦାରିଦ୍ର୍ୟର କଷାଘାତ ହେଉ ଅଥବା ଅନ୍ୟ କୌଣସି କାରଣ ଲାଗି କାମ କରି ପରିବାର ଚଳାଉଛନ୍ତି ଶିଶୁ ଶ୍ରମିକ। ଶିଶୁ ଶ୍ରମିକଙ୍କୁ କାମରେ ଲଗାଇବା ଓ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ ଦଣ୍ଡିତ କରିବାର ଆଇନ ରହିଥିଲେ ହେଁ ଜିଲାରେ ଶିଶୁ ଶ୍ରମିକ ସମସ୍ୟା ହ୍ରାସ ପାଉନାହିଁ। ଜିଲାରେ ସଂଖ୍ୟାଧିକ ଲୋକ ଗରିବ ଶ୍ରେଣୀର ହୋଇଥିବାବେଳେ ପିଲାଙ୍କୁ ପାଠ ପଢାଇବା ପରିବର୍ତ୍ତେ ଲୋକଙ୍କ ଘରେ ବାର୍ଷିକ ଚୁକ୍ତିରେ କାମ କରାଇବା ପାଇଁ ରଖାଉଛନ୍ତି। ପୁଣି ଶିଶୁ ଶ୍ରମିକଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କଲେ କମ ମଜୁରୀରେ ଅଧିକ କାମ ହୋଇ ଯାଇଥାଏ। ଏଭଳିସ୍ଥିତିରେ ଖୋର୍ଦ୍ଧା ସଦର ମହକୁମା, ଜଟଣୀ ଓ ବାଲୁଗାଁ ସହରାଞ୍ଚଳର ବିଭିନ୍ନ ହୋଟେଲ, ଢାବା, ଟାୟର ଦୋକାନ, କ୍ରସର, ରେଲୱେ ଷ୍ଟେଶନ, ପାଉରୁଟି ଫ୍ୟାକ୍ଟ୍ରିରେ ଶିଶୁମାନେ କାମ କରୁଥିବା ଦେଖିବାକୁ ମିଳୁଛି। ପ୍ରାୟ ୧୬ରୁ ଊର୍ଦ୍ଧ୍ୱ ଶିଶୁ ଖୋର୍ଦ୍ଧା ବଜାରରେ ଶନିବାର ଓ ରବିବାର, ଛୁଟିଦିନରେ ଭିକ୍ଷାବୃତ୍ତିରେ ନିଜକୁ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଜିଲାର ବେଗୁନିଆ, ବୋଲଗଡ, ବାଣପୁର, ଚିଲିକା, ଟାଙ୍ଗୀ, ଜଟଣୀ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ ମାଲ ମାଲ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସାମାନ୍ୟ କିଛି ପଇସା ଓ ମୁଠାଏ ଖାଦ୍ୟ ପାଇଁ ପର ପାଖରେ ନିଜକୁ ବନ୍ଧା ପକାଇ ଦେଉଛନ୍ତି ସେମାନେ। କେଉଁଠି କାମରେ ସାମାନ୍ୟ ଭୁଲ ହେଲେ ମାଡ ଗାଳି ସହିବାକୁ ପଡୁଛି ତ ଆଉ କେଉଁଠାରେ ନିର୍ଯାତନା ସହି ନ ପାରି ଶିଶୁ ଛାଡି ପଳାଉଛି। ଅନେକ କ୍ଷେତ୍ରରେ ମାତାପିତା ମଧ୍ୟ ସେମାନଙ୍କ ଶିଶୁଙ୍କୁ ଶ୍ରମିକ କାର୍ଯ୍ୟ କରିବାକୁ ବାଧ୍ୟ କରିଥାନ୍ତି। ଆର୍ଥିକ ସମସ୍ୟା, ପିଲାଙ୍କୁ ସ୍ୱଳ୍ପ ବୟସରୁ କାର୍ଯ୍ୟରେ କୁଶଳୀ କରିବା, ପାଠପଢ଼ି ବେକାର ରହିବା ପରି ଚିନ୍ତାଧାରା ଦ୍ୱାରା ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ କମ ବୟସରୁ କାର୍ଯ୍ୟରେ ଲଗାଇଥାନ୍ତି। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲ ଆଣି ପୁଣି ପାଠ ପଢାଇବାର ବ୍ୟବସ୍ଥା ଥିଲେ ମଧ୍ୟ ସେସବୁ ଯୋଜନା ଠିକ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସୂଚନା ଅନୁସାରେ ୨୦୧୩ରୁ ୨୦୧୮ ମଧ୍ୟରେ ୧୨୧୨ ଶିଶୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି।

## ଡ୍ରେନ ନ ଥିବାରୁ ନର୍ଦ୍ଦମା ଜଳ ରାସ୍ତା ଉପରେ

# ଜିଲାପାଳଙ୍କୁ ଫେରାଦ ହେଲେ ମହିଳା



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ନବିନାବାଗର ମହିଳାମାନେ।

**ଖୋର୍ଦ୍ଧା ଅଫିସ, ୪।୨**

ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡଠାରୁ ଠେଙ୍ଗାହାଟ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଡ୍ରେନ ପାଣି ଚାଲୁଛି। ବର୍ଷା ସମୟରେ ରାସ୍ତା ଅପରିଷ୍କାର ହୋଇପଡୁଛି। ବର୍ଷା ନ ଥାଇ ମଧ୍ୟ ଅନ୍ୟ ଦିନଗୁଡିକରେ ରାସ୍ତା ଅପରିଷ୍କାର ହୋଇ କର୍ଦ୍ଦମାକ୍ତ ହୋଇ ପଡିଲାଣି। କେତେଜଣ ଲୋକଙ୍କର ଗାଧୁଆ ଘର ଓ ରୋଷେଇ ଘର ପାଣି ଡ୍ରେନ ନ ଥିବାରୁ ରାସ୍ତା ଉପରେ ପ୍ରବାହିତ ହେଉଛି। ଏଥିଯୋଗୁ ଦୁର୍ଗନ୍ଧ ହେଉଥିବାବେଳେ ପାଣି ଜମି ରାସ୍ତା ଖାଲଖମା ହେଲାଣି। ରାସ୍ତାପାର୍ଶ୍ୱରେ ଡ୍ରେନ କରିବାକୁ ନବିନାବାଗ ଲୋକ ବିଭିନ୍ନ ସମୟରେ ଦାବି, ଅଭିଯୋଗ କଲେ ସୁଫଳ ମିଳୁନି। ସୋମବାର ଖୋର୍ଦ୍ଧା ବ୍ଲକ ପରିସରରେ ଆୟୋଜିତ ଜନଶୁଣାଣି ଶିବିରରେ ନବିନାବାଗର ମହିଳାମାନେ ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ରାସ୍ତାପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା କରାଇବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ମା'କାଳିକା ଭାଗବତ ପ୍ରତିଯୋଗିତା ଉଦ୍‌ଯାପିତ

**ବୋଲଗଡ, ୪।୨(ଡି.ଏନ.ଏ.)**





ପ୍ରତିଯୋଗିତାରେ ମଞ୍ଚସୀନ ଅତିଥିମାନେ।

ବୋଲଗଡ଼ ବ୍ଲକ ଅସରଳାଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମା'କାଳିକା ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାର ପ୍ରତିଯୋଗିତା ଭାପୁର ବ୍ଲକ ଅନ୍ତର୍ଗତ ଧଳାବନ୍ଧ ଓ ଫତେଗଡ଼ ଭାଗବତ ମଣ୍ଡଳୀ ମଧ୍ୟରେ ହୋଇଥିଲା। ଧଳାବନ୍ଧ ୪୮ ପଏଣ୍ଟ ପାଇଥିବା ବେଳେ ଫତେଗଡ଼ ୩୮ ପଏଣ୍ଟ ପାଇଥିଲା। ଫଳରେ ଧଳାବନ୍ଧ ଭାଗବତ ଦଳକୁ ଚାମ୍ପିୟନ୍ ଟ୍ରଫି ସହିତ ପୁରସ୍କାର ଏବଂ ଫତେଗଡ଼ ଦଳକୁ ମଧ୍ୟ ରନର୍ସ ଅପ୍ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖଞ୍ଜଣି ବାଦକ(ବାୟକ) ଭାବେ ଫତେଗଡ଼ ମଣ୍ଡଳୀର ଅଶୋକ କୁମାର ପରିଡ଼ା ଏବଂ ଶ୍ରେଷ୍ଠ ଗାୟକ ଭାବେ ଧଳାବନ୍ଧ ମଣ୍ଡଳୀର ତ୍ରିନାଥ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ, ଭାଜପା ନେତା ଜୟଶ୍ରୀ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଫକିର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବେ ସଚ୍ଚି ପଟ୍ଟନାୟକ, ସୁକାନ୍ତ ନନ୍ଦ ଦାୟିତ୍ୱ ଗ୍ରହଣ କରିଥିବାବେଳେ କେଦାର ନାଥ ପଟ୍ଟଯୋଶୀ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ।

### କ୍ରିକେଟ୍: ନ୍ୟୁଷ୍ଟାର୍ କ୍ଲବ୍ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୪।୨(ଡି.ଏନ.ଏ.)**

ଚିଲିକା ବ୍ଲକ ପଞ୍ଚୁପଟିଆ ଗ୍ରାମର ଜୟ ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚିନ୍ମୟ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଶିକ୍ଷକ କର୍ଣ୍ଣ ପ୍ରଧାନ, ସମାଜସେବୀ ପଠାଣୀ ତରାଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ମ୍ୟାଚ୍‌ରେ ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ (ବାଲିନାସି) ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ସମସ୍ତ ଉଇକେଟ୍ ହରାଇ ୨୦୪ ରନ୍ କରିଥିଲା। ଜବାବରେ ନ୍ୟୁଷ୍ଟାର କ୍ରିକେଟ୍ କ୍ଲବ୍ (ଉଆସପଦର) ୫ ଉଇକେଟ୍ ହରାଇ ୨୦୮ ରନ୍ କରି ବିଜୟୀ ଘୋଷିତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଉଆସପଦର ଦଳର ଗଙ୍ଗାଧର ସେଠଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୟ ଖଟାଇ, ପିଣ୍ଟୁ ତରାଇ ଖେଳ ପରିଚାଳନା କରିଥଲେ।

## ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼ ଘଟଣା

# ୬ ତାରିଖ ପର୍ଯ୍ୟନ୍ତ ଚାଲିବ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ, ୪।୨**

ଖୋର୍ଦ୍ଧା ଆଦର୍ଶ ଥାନା ଜେମାଦେଈର ସରକାରୀ ଓକିଲ ସତ୍ୟକାମ ମହାପାତ୍ରଙ୍କ ଘର ଉପରକୁ ବୋମାମାଡ ଘଟଣାରେ ଖୋର୍ଦ୍ଧାର ବାର ଆସୋସିଏଶନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ୩୧ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାର ୫ମ ଦିନରେ ପହଞ୍ଚିଛି। ଏଭଳିସ୍ଥଳେ ସୋମବାର ପୁଣି ବୈଠକ କରାଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ୬ ତାରିଖକୁ ବର୍ଦ୍ଧିତ କରାଯାଇଛି। ୬ ତାରିଖରେ ପୁଣି ବୈଠକ ବସି ନିଷ୍ପତ୍ତି ହେବାର ରହିଛି। ଜାନୁୟାରୀ ୩୦ ରାତିରେ ଜେମାଦେଈର ସରକାରୀ ଓକିଲ ମହାପାତ୍ରଙ୍କ ଘର ଉପରକୁ ଏକକାଳିନ ୫ ଟି ବୋମାମାଡ ହୋଇଥିଲା। ଏହି ଘଟଣାରେ ଜେମାଦେଈର ଜଣେ ମା' ଜେଲରେ ଥିବାବେଳେ ନାବାଳିକା ଝିଅ ବ୍ରହ୍ମପୁର ବାଳ ଅପରାଧୀ ସୁଧାର ଗୃହରେ ଅଛନ୍ତି। ଅନ୍ୟପକ୍ଷେ ତୃତୀୟ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନାବାଳକଙ୍କୁ ପୋଲିସ ଗିରଫ କରୁନି। ପୁଣି ବୋମା ପକାଇଥିବା ଅପରାଧୀଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ ବୋଲି ଅଭିଯୋଗ ରହିଛି।

# ମୃତଦେହ ଛଡାଇ ନେବା ଘଟଣାରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୪।୨**

ପୋଲିସଠାରୁ ମୃତଦେହ ଛଡାଇ ନେବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ବାଜପୁରର ରଞ୍ଜନ ସାମନ୍ତରା (୨୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୋର୍ଦ୍ଧା ଜେଲକୁ ଯିବାକୁ ପଡିଛି। ବାଜପୁର ଗାଁରେ ୨୦୧୮ ସେପ୍ଟେମ୍ବର ୨୬ରେ ଘଟିଥିବା ଶଙ୍କର ବେହେରା(୩୦)ଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବାବେଳେ ପୋଲିସର ଅଣଦେଖାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସର ତଦନ୍ତରେ ତ୍ୱରାନ୍ୱିତ ନ ହେବା, ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ମୃତକଙ୍କ ପରିବାର ଓ ଆତ୍ମୀୟ ଲୋକ ମୃତଦେହକୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ୧୬ ନଂ. ଜାତୀୟ ରାଜପଥରେ ରଖି ଅବରୋଧ କରିଥିଲେ। ନ୍ୟାୟ ନ ମିଳିବାରୁ ଉତ୍ତେଜିତ ଆନ୍ଦୋଳନକାରୀ ଟେକା ମାଡ କରି ପୋଲିସକୁ ଘଉଡାଇଥିଲେ। ରାସ୍ତାରୋକୋ ନ ହଟିବାରୁ ଜାତୀୟ ରାଜପଥ କଡରେ ଶହଶହ ଯାନବାହନ ଜମି ରହିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପୋଲିସ ମୃଦୁ ଲାଠି ଚାଳନା କରି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ପଥର ମାଡରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ, ଆଇଆଇସି ରଣଜିତ ସାହୁ, ବାରାକ ଇନ୍ସପେକ୍ଟର ଅର୍ଜୁନ ରାଉତ ଆହତ ହୋଇଥିବାବେଳେ ପୋଲିସର ଲାଠିମାଡରେ ଜଣେ ଖବରଦାତା ଓ ୧୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିଲେ। ପୋଲିସଠାରୁ ମୃତଦେହ ଛଡାଇ ନେଇ ରାସ୍ତାରେ ରଖିବା ଅଭିଯୋଗରେ ସଦର ଥାନା ପୋଲିସ ଦଫା ୧୪୩, ୨୯୪, ୫୦୬, ୩୫୩, ୧୪୯ ଆଇପିସିରେ ନଂ. ୧୩୨/୧୮ରେ ମାମଲା ରୁଜୁ କରିଥିଲା। ଏଥିରେ ୨୦ ଜଣଙ୍କ ସମେତ ଅନ୍ୟମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।

### ଆଞ୍ଚଳିକ ବଣିକ ମହାସଂଘର ବାର୍ଷିକୋତ୍ସବ

**ବୋଲଗଡ଼, ୪।୨(ଡି.ଏନ.ଏ.)**

ମା'ଭୂଇଁଆଣୀଙ୍କ ପୀଠରେ ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘର ୭ମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୬ଟି ବଜାରର ୨୩୦ ଜଣ ବ୍ୟବସାୟୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସମସ୍ତ ସଭ୍ୟ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ। ଆୟୋଜିତ ସଭାରେ ସଂଘର ସଭାପତି ଦୁର୍ଗା ଚରଣ ଦଳବେହେରା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ରତି ରଞ୍ଜନ ଷଣ୍ଢ, ଆଇଆଇସି ସେଖ୍ ଆକବର ଅଲ୍ଲୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଅରୁପ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ।

### କ୍ରିକେଟ୍: ବାଙ୍କୀ ବିଜୟୀ

**ଖୋର୍ଦ୍ଧା ଅଫିସ, ୪।୨**

ଖୋର୍ଦ୍ଧା ଜିଲାର ବଙ୍ଗିଦା ଖେଳପଡିଆରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ସହ ମା' ଭଗବତୀ ୟୁଥ୍ କ୍ଲବ ବାଙ୍କୁଆଳ ମଧ୍ୟରେ ସୋମବାର କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ୩୬ ରନରେ ବିଜୟୀ ହୋଇଛି। ସୁବ୍ରତ ଦାଶ ଓ ଛବି ନାରାୟଣ ସାହୁ ଖେଳ ପରିଚାଳନା କରିଥିଲେ।

# ବଳରାମଦେବ କପ୍ ଦିବାରାତ୍ର ଭଲିବଲ୍

**ଟାଙ୍ଗୀ(ଖୋର୍ଦ୍ଧା), ୪।୨(ଡି.ଏନ.ଏ.)**





ବିଧାୟକ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ ଖେଳପଡିଆରେ ବଳରାମଦେବ କପ୍ ଦିବାରାତ୍ର ଭଲିବଲ ଖେଳ ଆୟୋଜିତ ହୋଇଯାଇଛି। ଏଥିରେ ୪ଟି ଭଲିବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଚୂଡାନ୍ତ ପ୍ରତିଯୋଗିତାରେ ନାଗପୁର ଓ ବାଲେଶ୍ୱର କ୍ରୀଡା ଛାତ୍ରାବାସ ମଧ୍ୟରେ ସୋମବାର ଖେଳ ଅନୁଷ୍ଠିତ ହୋଇଥିଲା। ୩-୧ ସେଟ୍‌ରେ ନାଗପୁରଦଳ ବିଜୟୀ ହୋଇ ବଳରାମଦେବ କପ୍ ହାସଲ କରିଥିଲା। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ,

**ନାଗପୁର ବିଜୟୀ**

ସଭ୍ୟା ଗୀତାଞ୍ଜଳି ପାଟ୍ଟଶାଣୀ, ରୀସ୍ମା ମାନ୍ଧାତା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର, ସରପଞ୍ଚ ସୁପ୍ରଭା ମହାପାତ୍ର, ସମିତି ସଭ୍ୟ ଶାନ୍ତନୁ ପ୍ରଧାନ, ସମ୍ପାଦକ ବିଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ବଳରାମଦେବ ଫୁଟ୍‌ବଲ କପ୍ ଉଦ୍‌ଘାଟିତ

# ୟୁନାଇଟେଡ୍ କ୍ଲବ୍ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା), ୪।୨(ଡି.ଏନ.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମ୍‌ରେ ସୋମବାର ରାଜ୍ୟସ୍ତରୀୟ ବଳରାମଦେବ ଫୁଟ୍‌ବଲ୍ କପ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ କଟକ ମଙ୍ଗଳା କ୍ଲବ୍ ଓ ଭଦ୍ରକ ୟୁନାଇଟେଡ୍ କ୍ଲବ୍। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଟାଏବ୍ରେକର୍ ମାଧ୍ୟମରେ ୟୁନାଇଟେଡ୍ (ଭଦ୍ରକ) ୪-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ରବିନ୍ ଟୁଡୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପ୍ରାକ୍ତନ ଖେଳାଳି ଖଲେଶ୍ୱର ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ତନୁଜ ଶ୍ରୀଚନ୍ଦନ, ନନ୍ଦକିଶୋର ସ୍ୱାଇଁ, ବିପିନ୍ ସାମନ୍ତରାୟ ଓ ଦିଲୀପ ଦାସ। ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ପ୍ରାକ୍ତନ ଖେଳାଳି କିଶୋର ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ବିଜୟ କୁମାର ରାଉତ, ଜିଲା ବିଜେଡି ସମ୍ପାଦକ ରଘୁନାଥ ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

# ଉନ୍ନୟନ କାର୍ଯ୍ୟକୁ ଅଣଦେଖା


**ଖୋର୍ଦ୍ଧା ଅଫିସ, ୪।୨**

ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତ ଛତିପୁର ଗାଁରେ ଉନ୍ନୟନ କାର୍ଯ୍ୟ ଅଣଦେଖା ହେଉଛି। ଛତିପୁର ଗାଁର ବିକାଶ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଖୋର୍ଦ୍ଧା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ପ୍ରଶାସନିକ ତାଗିଦ୍ ପରେ କାର୍ଯ୍ୟରେ ତ୍ୱରାନ୍ୱିତ ଆସିବ ବୋଲି ଗାଁଲୋକ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଛତିପୁର ଗାଁରେ ଅଙ୍ଗନୱାଡି କେନ୍ଦ୍ର ଅସମ୍ପୂର୍ଣ୍ଣ ହୋଇରହିଛି। ଆରଡି ରୋଡରୁ ନନ୍ଦପୁର ଛକଠାରୁ ଛତିପୁର ଯିବା ରାସ୍ତାକୁ ଡିମାରକେଶନ କରି ନୂଆ ରାସ୍ତା ନିର୍ମାଣ କରିବାକୁ ଗାଁଲୋକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍କୁଲ ସମ୍ମୁଖ, ପୋଖରୀ ରାସ୍ତା ଓ ସାହିରାସ୍ତା ଜବରଦଖଲ ହୋଇରହିଛି। ଜବରଦଖଲ ହଟାଇବା ସହ ପଞ୍ଚାୟତ ଅନୁଦାନରେ ଛତିପୁର ଶ୍ମଶାନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ଅଭିଯୋଗରେ ଦର୍ଶାଇଛନ୍ତି।

### ଶହୀଦ ହେମନ୍ତ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପୁରୀ ଅଫିସ,୪।୨**

ସାଧାରଣତନ୍ତ୍ର ଦିବସରେ ଜମ୍ମୁ କଶ୍ମୀରର ବାରମୁଲାଠାରେ ଭାରତୀୟ ସେନାର ହେମନ୍ତ କୁମାର ପଣ୍ଡା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ। ସୋମବାର ତାଙ୍କ ଦଶାହ ଅବସରରେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦିଗବାରେଣୀ ମହୋଦଧି କୂଳରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମହାରାଜ ରାମାୟଣୀଙ୍କ ଅଧ୍ୟକ୍ଷତାରେ ତିଳତର୍ପଣ କରାଯାଇଥିଲା। ଏଥିରେ ପଣ୍ଡିତ ନିତ୍ୟାନନ୍ଦ କର, ନିରଞ୍ଜନ ରଥଶର୍ମା, ପୀତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧ୍ୟାହ୍ନରେ ଗୋରୁଆଳସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ସୁନ୍ଦରାକାଣ୍ଡ ଅନୁଷ୍ଠିତ ହୋଇଥିଲା।





ଦିଗବାରେଣୀ ମହୋଦଧି କୂଳରେ ଶହୀଦ ହେମନ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ବେଗୁନିଆ ବୀଣାପାଣି ପାଠାଗାର

# ୬୫ କର୍କଟ ରୋଗୀଙ୍କ ହେଲା ମାଗଣା ଚିକିତ୍ସା

**ବେଗୁନିଆ, ୪।୨ (ଡି.ଏନ.ଏ.)**



ମାଗଣା ଚିକିତ୍ସା ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ବିଶ୍ୱ କର୍କଟ ଦିବସ ଅବସରରେ ସୋମବାର ବେଗୁନିଆ ସଦର ମହକୁମାରେ ଥିବା ବୀଣାପାଣି ପାଠାଗାର ଓ କ୍ଲବ ଆନୁକୂଲ୍ୟରେ କର୍କଟ ରୋଗର ମାଗଣା ଚିକିତ୍ସା, ସେବା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ରୋଗରେ ପୀଡିତ ଥିବା ଅଞ୍ଚଳର ୬୫ ଜଣ ରୋଗୀଙ୍କୁ ମାଗଣା ଚିକିତ୍ସା କରାଯିବା ସହ ସଚେତନ କରାଯାଇଥିଲା। ଦୈନନ୍ଦିନ ଜୀବନରେ ଆମେ ଯେଉଁ ଭଳି ବିଷାକ୍ତ ଖାଦ୍ୟ ପଦାର୍ଥ ଖାଉଛେ, ଟବାକୋ ଧୂଆଁ ଏବଂ ନିକୋଟିନ ମିଶ୍ରିତ ଧୂମପାନ ମାତ୍ରାଧିକ ସେବନ କରୁଛେ। ଏଥିଯୋଗୁ ଆମ ଶରୀରରେ କର୍କଟ ରୋଗ ବସା ବାନ୍ଧି ରହୁଛି। ବିଶେଷକରି ୩୦ରୁ ୩୫ ଶତକଡା ଜନସାଧାରଣ ଏହି ରୋଗରେ ପୀଡିତ ହେଉଥିବା ଏକ ରିପୋର୍ଟରୁ ଜଣାପଡିଛି। ମାତ୍ର ଏବେ ସଚେତନ ହେବାର ବେଳ ଆସିଛି। ଅତ୍ୟଧିକ ଆମିଷ ଭକ୍ଷଣ, ଅଳସୁଆ ପଣ, ବିଷାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇବା ସହ ସୁସ୍ଥ ପରିବେଶରେ ଜୀବନଯାପନ କରିବା ନିହାତି ଜରୁରୀ ବୋଲି ଶିବିରରେ ଉପସ୍ଥିତ ଥିବା ବମ୍ବେର କର୍କଟ ରୋଗ ବିଶାରଦ ଡା. ଶିଶିର ସେଟ୍ଟୀ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ବହୁ ରୋଗରେ ପୀଡିତ ହେଉଛନ୍ତି ଗରିବ ଲୋକ। ସେମାନେ ଆର୍ଥିକ ଅନଟନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗୁ ଅନେକ ରୋଗରୁ ଉପଶମ ହେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍କଟ ରୋଗୀଙ୍କୁ ମାଗଣାରେ ସେବା ଯୋଗାଇ ଦେବା ଭଳି ଏକ ମହତ ଆଭିମୁଖ୍ୟ ରଖି ଭାଗବତାନନ୍ଦ ମହାରାଜ ପୁରୀଙ୍କ ମାର୍ଗଦର୍ଶନରେ ନୀଳାଚଳ ସତସଙ୍ଗ ମଣ୍ଡଳୀ ଏବଂ ବୀଣାପାଣି ପାଠାଗାର ଓ କ୍ଲବର ସଦସ୍ୟମାନେ ଆୟୋଜନ କରିଥିଲେ। ଜଗନ୍ନାଥ କ୍ୟାନସର ଏଡ ଫାଉଣ୍ଡେଶନ, ବମ୍ବେର ମୁଖ୍ୟ ଡା. ସେଟ୍ଟୀ, କ୍ଷେତ୍ର ନିର୍ଦ୍ଦେଶିକା କବିତା ମିଶ୍ରଙ୍କ ସହଯୋଗରେ ଅନୁଷ୍ଠିତ ଶିବିରକୁ ବରିଷ୍ଠ ଶିକ୍ଷାବିତ୍ ଅନନ୍ତ ଚରଣ ପ୍ରହରାଜ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ସୁବୁଦ୍ଧି, କ୍ଲବର ସମ୍ପାଦକ ଅଭିମନ୍ୟୁ ଦାସ ଓ ସଭାପତି ପ୍ରଭାତ କୁମାର ପ୍ରହରାଜ ଯୋଗ ଦେଇଥିଲେ। ଶେଷରେ ସଭ୍ୟ ପୁଲକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ୭ରେ ପାଚିକାଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ

**ପୁରୀ ଅଫିସ,୪।୨:** ପାଚିକାମାନେ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଆସନ୍ତା ୭ ତାରିଖରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ହାଇସ୍କୁଲରେ କାର୍ଯ୍ୟରତ ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ ପାଚିକାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ସେହି ଦିନ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଜନ ଆନ୍ଦୋଳନ କରାଯିବ ବୋଲି ସୋମବାର ଗୁଣ୍ଡିଚାମନ୍ଦିର ନିକଟ ମଙ୍ଗଳା ମଣ୍ଡପ ଠାରେ ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରାଜ୍ୟ ସରକାର ପାଚିକାମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ନେଇ ସ୍ଥିର କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ ବୋଲି ପୁରୀ ଜିଲା ପାଚିକା ସଂଘ ସଭାପତି ପୀତବାସ ବେହେରା କହିଛନ୍ତି। ସର୍ବନିମ୍ନ ମଜୁରି, ପ୍ରୋଭିଡେଣ୍ଟ ଫଣ୍ଡ,ବୀମା ଓ ପେନସନ୍, ବର୍ଷକୁ ଦୁଇହଳ ଶାଢ଼ି, ଛଟେଇ ହୋଇଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି, ଅବସର ବୟସ ୬୦ରୁ ୬୫କୁ ବୃଦ୍ଧି ଲାଗି ଦାବି ରହିଛି। ଖବରଦାତା ସମ୍ମିଳନୀରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ତରୁଲତା ମିଶ୍ର, ବିଷ୍ଣୁପ୍ରିୟା ମିଶ୍ର, ସୁଜାତା ବିଶ୍ୱାସ, ସଂଯୁକ୍ତା ସାହୁ, ସବିତା ଦାସ, ଆଦିକନ୍ଦ ମହାପାତ୍ର, ନୟନା ଜେନା, ଯମୁନା ପ୍ରଧାନ ଓ ସୁନୀତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### କୁଶଭଦ୍ରାରେ ତ୍ରିବେଣୀ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ଗୋପ, ୪।୨(ଡି.ଏନ୍.ଏ.):** ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତ ସ୍ଥିତ ତିନିତିଅର ନିକଟ କୁଶଭଦ୍ରା ନଦୀରେ ଶତାଧିକ ଶ୍ରଦ୍ଧାଳୁ ସୋମବାର ତ୍ରିବେଣୀ ବୁଡ଼ ପକାଇଥିଲେ। ବିମାନରେ ଉପସ୍ଥିତ ଥିବା ଗୋପାଳଜୀଉ ଠାକୁରଙ୍କୁ ଦର୍ଶନ କରି ପୁଣ୍ୟ ଲାଭ କରିଥିଲେ। ପ୍ରକାଶ ଯେ, କେଉଁ କାଳରୁ ତ୍ରିବେଣୀ ଅମାବାସ୍ୟା ଦିନ କୁଶଭଦ୍ରା ନଦୀର ତ୍ରିବେଣୀ ଠାରେ ବୁଡ଼ ପକାଇ ଶ୍ରଦ୍ଧାଳୁମାନେ ଗୋପାଳଜୀଉଙ୍କୁ ଦର୍ଶନ କଲେ ସାତ ଜନ୍ମର ପାପରୁ ମୁକ୍ତ ହେବେ ବୋଲି କିମ୍ବଦନ୍ତୀ ରହିଛି। ବେଦପୁର ସ୍ଥିତ ମା' ଖଡ଼ଗେଶ୍ୱରୀଙ୍କ ମନ୍ଦିରରୁ ଗୋପାଳଜୀଉଙ୍କୁ ସ୍ନାନ କରାଯାଇ ଆଳତି, ଆଡ଼ପ ଲାଗି ପରେ ଖେଚୁଡ଼ି ଭୋଗ କରାଯାଇଥିଲା। ସେଠାରୁ ଗୋପାଳଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ତିନିତିଅର ସ୍ଥିତ କୁଶଭଦ୍ରା ନଦୀ କୂଳକୁ ନିଆଯାଇ ଠାକୁରଙ୍କୁ ବୁଡ଼ ପକାଇବା ପରେ ଉପସ୍ଥିତ ଥିବା ଶହ ଶହ ଶ୍ରଦ୍ଧାଳୁ ବୁଡ଼ ପକାଇ ଗୋପାଳଜୀଉଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଗିରିଶ ଚନ୍ଦ୍ର ପାଢ଼ୀ, ଗନ୍ଧର୍ବ ପାଢ଼ୀ, ଧ୍ରୁବଚରଣ ପାଢ଼ୀ, ଚିତ୍ତରଞ୍ଜନ ପାଢ଼ୀ, ରବୀନ୍ଦ୍ର ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ତ୍ରିବେଣୀ ବୁଡ଼ଠାରେ ଏ ଅଞ୍ଚଳର ପ୍ରଥମ ମେଳନ ଅନୁଷ୍ଠିତ ହୋଇଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମେଳଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଚାଲୁ ରହିଥିଲା। ତିନିତିଅର ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରାଯାଇଥିଲା।

## ■ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ସଚେତନ ହେଲେ ଦୁର୍ଘଟଣା କମିବ

- ପୁରୀ ଜିଲାରେ ଦୁର୍ଘଟଣାରେ ବାର୍ଷିକ ୧୫୦ ମୃତ
- ଜୀବନ ମୂଲ୍ୟବାନ, ଏଥିପ୍ରତି ଯତ୍ନବାନ ହେବା
- ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ

**ପୁରୀ ଅଫିସ,୪।୨**



ଛାତ୍ରୀମାନେ ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସଡ଼କ ସୁରକ୍ଷା ସଚେତନ କରୁଛନ୍ତି।

ଜୀବନ ସବୁଠୁ ମୂଲ୍ୟବାନ। ଏଥିପ୍ରତି ଆମେ ସର୍ବଦା ଯତ୍ନବାନ ଏବଂ ସତର୍କ ରହିବା। ବର୍ଷର ସବୁଦିନ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ ହେବା। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇ ଦୁର୍ଘଟଣାକୁ ଏଡାଇବା ବୋଲି କହିଛନ୍ତି ଜିଲାପାଳ ଜ୍ୟୋତିପ୍ରକାଶ ଦାସ। ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସୋମବାର ପୁରୀ ଟ୍ରାଫିକ ଆଉଟ୍‌ପୋଷ୍ଟରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଏହା କହିଛନ୍ତି।

ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ପୁରୀ ଜିଲାରେ ପ୍ରତିବର୍ଷ ପ୍ରାୟ ୧୫୦ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ଲୋକେ ସଚେତନ ହେଲେ ଦୁର୍ଘଟଣା କମିବ ବୋଲି ସେ କହିଥିଲେ। ପୋଲିସ ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର ଗାଡ଼ି ଚଳାଇବା ସମୟରେ ସିଟ୍ ବେଲ୍ଟ ଏବଂ ହେଲ୍‌ମେଟ ପିନ୍ଧିବା ଆବଶ୍ୟକ। ଦ୍ରୁତଗତିରେ ଏବଂ ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ବେପରୁଆ ଭାବେ ଗାଡ଼ି ଚଳାଇଲେ ଜରିମାନା ଆଦାୟ କରାଯିବ ବୋଲି କହିଥିଲେ। ମୋଟରଯାନ ନିରୀକ୍ଷକ ପ୍ରତାପ କିଶୋର ପଣ୍ଡା ସ୍ୱାଗତ ଭାଷଣ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲ। ସଭାରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ଅଧିକାରୀ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଜିଲା ରେଡ୍‌କ୍ରସ ଶାଖା ସଦସ୍ୟ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲାପାଳ ଏବଂ ଏସ୍‌ପି ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ସମଗ୍ର ଜିଲା ପରିକ୍ରମା କରି ଲୋକଙ୍କୁ ସଚେତନ କରିବ।



ପୁରୀ ଜିଲାପାଳଙ୍କୁ ନୂତନ ଦଇତାପତି ନିଯୋଗ କର୍ମକର୍ତ୍ତା ସାକ୍ଷାତ କରୁଛନ୍ତି।

### ଜିଲାପାଳଙ୍କୁ ସାକ୍ଷାତ କଲେ ଦଇତାପତି ନିଯୋଗ ନୂତନ କର୍ମକର୍ତ୍ତା

**ପୁରୀ ଅଫିସ,୪।୨**

ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା ସୋମବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ମଧ୍ୟାହ୍ନରେ ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର, ଉପସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର, ସମ୍ପାଦକ ଦୁର୍ଗାପ୍ରସାଦ ଦାସମହାପାତ୍ର, ସହ ସମ୍ପାଦକ ଅମିତ ଦାସମହାପାତ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ଦାସମହାପାତ୍ର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିଲେ। ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ସମ୍ପର୍କରେ ଜିଲାପାଳ ଏବଂ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ କିଛି ସମୟ ଆଲୋଚନା ହୋଇଥିଲା। ଆଗକୁ ରଥଯାତ୍ରା ଆସୁଛି। ଏଥିରେ ଦଇତାପତି ସେବକମାନଙ୍କ ପ୍ରମୁଖ ଭୂମିକା ରହିଛି। ତେଣୁ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ସମସ୍ତେ ଉଦ୍ୟମ କରିବା ଦରକାର ବୋଲି ଜିଲାପାଳ ନିଯୋଗର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ କହିଥିଲେ।





ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦିଗବାରେଣୀ ମହୋଦଧି କୂଳରେ ଶହୀଦ ହେମନ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

### ଶହୀଦ ହେମନ୍ତ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପୁରୀ ଅଫିସ,୪।୨**

ସାଧାରଣତନ୍ତ୍ର ଦିବସରେ ଜମ୍ମୁ କଶ୍ମୀରର ବାରମୁଲାଠାରେ ଭାରତୀୟ ସେନାର ଲାନ୍ସ ନାୟକ ହେମନ୍ତ କୁମାର ପଣ୍ଡା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ। ସୋମବାର ତାଙ୍କ ଦଶାହ ଅବସରରେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦିଗବାରେଣୀ ମହୋଦଧି କୂଳରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ମହାରାଜ ରାମାୟଣୀଙ୍କ ଅଧ୍ୟକ୍ଷତାରେ ତିଳତର୍ପଣ କରାଯାଇଥିଲା। ଏଥିରେ ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ପଣ୍ଡିତ ନିତ୍ୟାନନ୍ଦ କର, ନିରଞ୍ଜନ ରଥଶର୍ମା, ଓମ୍‌ପ୍ରକାଶ ପାଢ଼ୀ, ସୀତାରାମ ମହାପାତ୍ର, ଦିବ୍ୟଜ୍ୟୋତି ମହାପାତ୍ର, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ପୀତାମ୍ବର ପଣ୍ଡା ପ୍ରମୁଖ ତିଳତର୍ପଣ କରିଥିଲେ। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧ୍ୟାହ୍ନରେ ଗୋରୁଆଳସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ବ୍ରାହ୍ମଣ ଭୋଜନ ସହ ସୁନ୍ଦରାକାଣ୍ଡ ଅନୁଷ୍ଠିତ ହୋଇଥିଲା।

### ସେବା ସମବାୟ ସମିତି କର୍ମଚାରୀଙ୍କ ବୈଠକ

**ବ୍ରହ୍ମଗିରି, ୪।୨(ଡି.ଏନ୍.ଏ.):** ପ୍ରାଥମିକ କୃଷି ସେବା ସମବାୟ ସମିତିର କର୍ମଚାରୀଙ୍କ ଦ୍ୱାରା ବ୍ରହ୍ମଗିରି ଆଖଣ୍ଡଳ ଦେବଙ୍କ ପ୍ରାଙ୍ଗଣରେ ସୋମବାର ଏକ ଜରୁରୀ ବୈଠକ ହୋଇଯାଇଅଛି। ବୈଠକରେ ପୁରୀ ଜିଲାର ସମସ୍ତ ବ୍ଲକରେ ଥିବା ସେବା ସମବାୟ ସମିତିର କର୍ମଚାରୀ ଯୋଗ ଦେଇଥିଲେ। ପ୍ରତାପ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଶାଖାରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ କର୍ମଚାରୀମାନେ ସର୍ବନିମ୍ନ ଦରମା ପାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବାର ପ୍ରସ୍ତାବ ଦିଆଯାଇଥିଲା।

### ୧୨୦ଦିନ ବିତିଲା, ପୋଲିସ ଦେଉନି ଚାର୍ଜଶିଟ୍

#### ■ ଜାମିନରେ ମୁକୁଳିବା ଆଶା ମଉଳିଲା

**ପୁରୀ ଅଫିସ,୪।୨**

ପୁରୀ ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ସିଂହଦ୍ୱାର ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ରହିଛନ୍ତି ଅନେକ ଯୁବକ। ପୋଲିସ ଠିକ୍ ସମୟରେ ଚାର୍ଜଶିଟ୍ ଦାଖଲ କରିନାହିଁ। ଫଳରେ ଅଧିକାଂଶଙ୍କ ଜେଲରୁ ଜାମିନରେ ମୁକୁଳିବା ଆଶା ମଉଳି ଯାଇଛି। ସୋମବାର ବାସେଳି ସାହି ତ୍ରିଦେବ ନଗରର ବାନାମ୍ବର ପଣ୍ଡା ଏବଂ ଭଞ୍ଜନଗର ଅଞ୍ଚଳର ଧନୁ ବେହେରା କୋର୍ଟରେ ଜାମିନ୍ ଆବେଦନ କରିଥିଲେ। ପୋଲିସ ଚାର୍ଜଶିଟ ଦାଖଲ କରି ନ ଥିବାରୁ କୋର୍ଟ ଜାମିନ ନାମଞ୍ଜୁର କରିଥିବା ପରିବାର ଲୋକେ କହିଛନ୍ତି। ନିୟମାନୁସାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାର ତିନିମାସ ମଧ୍ୟରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିବା କଥା। ଚାର୍ଜଶିଟ୍ ଦାଖଲ ହେବା ପରେ ଅଭିଯୁକ୍ତଙ୍କ ଜାମିନ ଉପରେ କୋର୍ଟରେ ବିଚାର ହୋଇପାରିବ। ଏନେଇ ସିଂହଦ୍ୱାର ଥାନା ଅଧିକାରୀ ଶ୍ରବଣ କୁମାର ମହାରଣାଙ୍କ ମତାମତ ମିଳିପାରିନାହିଁ।

ସୂଚନାଯୋଗ୍ୟ, ଅକ୍ଟୋବର ୩ରେ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହା ହିଂସାକାଣ୍ଡର ରୂପ ନେଇଥିଲା। ଆନ୍ଦୋଳନକାରୀମାନେ ବ୍ୟାପକ ଭଙ୍ଗାରୁଜା ସହ ପୋଡ଼ାଜଳା କରିଥିଲେ।

### ବିଦ୍ୟାଳୟ ନ ଥାଇ ଶିକ୍ଷକ ନିଯୁକ୍ତି: ତଦନ୍ତ ପାଇଁ ଦାବି

**ବଳଙ୍ଗା,୪।୨(ଡି.ଏନ୍.ଏ.)**

ବଳଙ୍ଗା ଥାନା ନିମାପଡା ବ୍ଲକ ତଥା ପୁରୀ ଶିକ୍ଷା ଜିଲା ଅଧୀନ ବଳଙ୍ଗାରେ ଥିବା ସରକାରୀ ଉଚ୍ଚ, ବାଳିକା ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକତ୍ର ହୋଇ ୨୦୧୮ ନଭେମ୍ବର ୫ତାରିଖରୁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବଳଙ୍ଗା ନାମରେ ନାମିତ ହୋଇ କାର୍ଯ୍ୟ ହେଉଛି। ଏହି ନୂତନ ବିଦ୍ୟାଳୟରେ ୫୦୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୨୩ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଯାହା ଆବଶ୍ୟକଠାରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। କିନ୍ତୁ ପୁରୀ ଜିଲା ଶିକ୍ଷାଧିକାରୀ ତାଙ୍କର ଆଦେଶ ନଂ–୧୨୨ ତା ୫।୦୧।୨୦୧୯ରିଖରେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବଳଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରି ଏହାର ନକଲ ସମ୍ପୃକ୍ତ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଯାହାକି ବଡ ଆଶ୍ଚର୍ଯ୍ୟର କଥା, ଦୀର୍ଘ ୩ମାସ ହେବ ବାଳିକା ଉଚ୍ଚ ବିଦ୍ୟାଳୟ ବଳଙ୍ଗାର ନିଜର ସତ୍ତା ହରାଇ ଥିବାବେଳେ ଏହା କିପରି ସମ୍ଭବ ତାହା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଏ ସମ୍ପର୍କରେ ଅବଗତ ଥିବା ନୋଡାଲ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକ୍ରମ କୁମାର ଜଗଦେବ କୁହନ୍ତି, ଏ ବିଷୟରେ ଜିଲା ଶିକ୍ଷାଧିକାରୀ ସହ କଥା ହୋଇଥିବାରୁ ଉକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ପୁରୀ ଜିଲା ଶିକ୍ଷାଧିକାରୀ ଡ. ହୃଷୀକେଶ କାଣ୍ଡିଙ୍କ ସହିତ ଯୋଗାଯୋଗ କରିବା ସମ୍ଭବପର ହୋଇପାରି ନାହିଁ। ବିଦ୍ୟାଳୟ ନ ଥାଇ ଜିଲା ଶିକ୍ଷାଧିକାରୀ କିପରି ଶିକ୍ଷକ ନିଯୁକ୍ତି କରିଛନ୍ତି ଏବଂ ଏହିଭଳି ଆଦେଶକୁ କିପରି ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗ୍ରହଣ କରିଛନ୍ତି ତାହାର ବିଧିବଦ୍ଧ ତଦନ୍ତ ପାଇଁ ଲୋକେ ଦାବି କରିଛନ୍ତି।

## ■ ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ନିମାପଡ଼ା,୪।୨(ଡି.ଏନ୍.ଏ)**



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ନିମାପଡ଼ା ଥାନା କନ୍ତିଆ କାନପୁର ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତ ଚାଷୀ ହେଲେ ପ୍ରକାଶ ପ୍ରଧାନ। ତେବେ ଗୁରୁତର ଶ୍ରମିକ ସୁଶାନ୍ତ ଭୋଇଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଚାଷୀ ପ୍ରକାଶଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ସାଇଲୋ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ପ୍ରକାଶ ଜମିରେ କାଦୁଅ କରିବା ପାଇଁ ଏକ ଟ୍ରାକ୍ଟର ନେଇ ଯାଉଥିବା ବେଳେ ରାସ୍ତା କଡ଼ ବାଉଁଶରେ ବନ୍ଧା ହୋଇଥିବା ବିଦ୍ୟୁତ୍ ତାର ହଠାତ୍ ଟ୍ରାକ୍ଟର ଉପରେ ଛିଣ୍ଡି ପଡିଥିଲା। ଫଳରେ ଟ୍ରାକ୍ଟର ଉପରେ ବସିଥିବା ପ୍ରକାଶ ଓ ସୁଶାନ୍ତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଗୁରୁତର ସୁଶାନ୍ତଙ୍କ ସମସ୍ତ ଖର୍ଚ୍ଚ ବହନ ଓ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ନିମାପଡ଼ା–ଚାରିଛକ ରାସ୍ତାର ସାଇଲୋ ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ସମସ୍ତ ଯାନବାହନ ଅଟକି ରହିଥିଲା। ପୋଲିସ ଏସ୍‌ଡିପିଓ ଶରତ ମିଶ୍ର, ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ, ବିଦ୍ୟୁତ୍ ବିଭାଗର ଫ୍ରାଞ୍ଚାଇଜ ବ୍ରାଞ୍ଚ ମ୍ୟାନେଜର ରସାନନ୍ଦ ସାସମଲ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୦ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠି ପକ୍ଷରୁ ୫ହଜାର ଟଙ୍କା ଦିଆଯିବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ୫୨ଦିନ ପରେ ଘରକୁ ଫେରିଲେ ହେମଲତା

- କାର୍ତ୍ତିକ ବ୍ରତ କରିବାକୁ ଆସି ଠିକଣା ଭୁଲିଗଲେ
- ଆଶ୍ରୟ ଦେଇଥିଲା ବରିଷ୍ଠ ନାଗରିକ କେନ୍ଦ୍ର

**ପୁରୀ ଅଫିସ, ୪।୨**



ବରିଷ୍ଠ ନାଗରିକ କେନ୍ଦ୍ରରେ କର୍ମକର୍ତ୍ତାଙ୍କ ସହ ହେମଲତା।

କାର୍ତ୍ତିକ ବ୍ରତ ପାଇଁ ପୁରୀ ଆସିଥିଲେ। ହେଲେ ଘର ଠିକଣା ଭୁଲିଗଲେ। ବଡ଼ଦାଣ୍ଡରେ ତାଙ୍କୁ ଅସହାୟ ଅବସ୍ଥାରେ ଦେଖି ଟାଉନ ଥାନା ପୋଲିସ ମେଡିକାଲରେ ଚିକିତ୍ସା କରାଇଥିଲା। ନଭେମ୍ବର ୧୮ରେ ପୋଲିସ ତାଙ୍କୁ ରେଲୱେ ଟ୍ୟୁରିଷ୍ଟ କମ୍ପ୍ଲେକ୍ସ ହବିଷିଆଳି ଆଶ୍ରୟସ୍ଥଳରେ ଛାଡିଥିଲା। ଡିସେମ୍ବର ୧୨ରେ ବ୍ରତ ସମାପ୍ତି ପରେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ନବକଳେବର ରୋଡ ସ୍ଥିତ ବରିଷ୍ଠ ନାଗରିକ କେନ୍ଦ୍ରରେ ସେ ରହିଥିଲେ। ଦୀର୍ଘ ୫୨ଦିନ ପରେ ସେ ଘରକୁ ଫେରିଛନ୍ତି। ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବୃନ୍ଦାବନ ନଗରର ହେମଲତା ପଣ୍ଡା।

ସୋମବାର ସନ୍ଧ୍ୟାରେ ପରିବାର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ହେମଲତା ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲେ। କଣାସ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ନବକଳେବର ରୋଡ ସ୍ଥିତ ବରିଷ୍ଠ ନାଗରିକ କେନ୍ଦ୍ରରେ ଗତ ଡିସେମ୍ବର ୧୨ରୁ ସେ ରହିଥିଲେ। ଏହି ସମୟରେ ଜୟନ୍ତୀ ମହାପାତ୍ର, ଲାଲା ଅନନ୍ତ ସିଂ ଏବଂ ମନୋଜ ସାହୁ ତାଙ୍କ ସହିତ ଯୋଗାଯୋଗରେ ରହିଥିଲେ। ଗତ ସପ୍ତାହରେ ସେମାନେ ହେମଲତାଙ୍କ ଘର ଠିକଣା ଏବଂ ତାଙ୍କ ଝିଅ ଜ୍ୟୋତ୍ସ୍ନା ପାଢ଼ୀଙ୍କ ଫୋନ ନମ୍ବର ପାଇ ଯୋଗାଯୋଗ କରିଥିଲେ। ସୋମବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମର୍ପଣ ଏବଂ ପୁରୀ ଜିଲା ରେଡକ୍ରସର କର୍ମକର୍ତ୍ତାଙ୍କ ସହାୟତାରେ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ଝିଅ ଜ୍ୟୋତ୍ସ୍ନା, ଗଞ୍ଜାମ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦିକା ମୀନାକ୍ଷୀ ମିଶ୍ର, ପୁରୀ ଜିଲା ରେଡକ୍ରସର କାର୍ଯ୍ୟକାରୀ ସଦସ୍ୟା ଜୟନ୍ତୀ ମହାପାତ୍ର, ମନୋଜ କୁମାର ସାହୁ, ଲାଲା ଅନନ୍ତ ସିଂ, ସଦାନନ୍ଦ ସାହୁ ଏବଂ ବରିଷ୍ଠ ନାଗରିକ କେନ୍ଦ୍ରର ତତ୍ତ୍ୱାବଧାରକ ଦୁଷ୍ମନ୍ତ ଛୋଟରାୟ, ରାଜକମଲ ମହାନ୍ତି ଉପସ୍ଥିତ ଥିଲେ।

## ■ ଭକ୍ତ କବି ବଳରାମ ଦାସଙ୍କ ମହାପ୍ରୟାଣ ତିଥି

### ଜନ୍ମସ୍ଥାନ ଏରବଙ୍ଗକୁ ଐତିହ୍ୟ ଗ୍ରାମ ଘୋଷଣା ଦାବି

**ଗୋପ, ୪।୨(ଡି.ଏନ୍.ଏ.)**





କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବରେଣ୍ୟ ଅତିଥି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଖା, ସହୋଦର ତଥା ସେବକ ଭାବରେ ଭକ୍ତକବି ବଳରାମ ଦାସ ନିଜକୁ ମହାପ୍ରଭୁଙ୍କ ପାଖରେ ପରିଚିତ କରିପାରିଥିଲେ। ଷୋଡ଼ଶ ଶତାବ୍ଦୀର ଭକ୍ତି ଆନ୍ଦୋଳନର ପୂର୍ବ ଭାଗରେ ଥିବା ପଞ୍ଚସଖାଙ୍କ ବୟୋଜ୍ୟେଷ୍ଠ ମହାପୁରୁଷ ବଳରାମ ଦାସ ଭଗବାନଙ୍କ ନିକଟରେ ଆତ୍ମୀୟତା ଓ ଆତ୍ମସମର୍ପଣ ଭାବ ପରିପ୍ରକାଶ କରିପାରିଥିଲେ ବୋଲି ସୋମବାର ସନ୍ଧ୍ୟାରେ ତାଙ୍କ ମହାପ୍ରୟାଣ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବକିଶୋର ନାୟକ ସଭାପତିତ୍ୱ କରିଥିଲେ। ବଳରାମ ଦାସ ସ୍ମୃତି ସଂସଦର ସଦସ୍ୟା ଡ. ନମିତା ଚାନ୍ଦଙ୍କ ଅବର୍ତ୍ତମାନରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ମଲ୍ଲିକ୍ ଯୋଗ ଦେଇ ଭକ୍ତ କବି ସବୁ ଧର୍ମ ଓ ସବୁ ପ୍ରକାର ସାଧାରଣ ମାର୍ଗ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ସତ୍ୟ, ଅହିଂସା, ପରୋପକାର, ସଦ୍‌ଗୁଣରେ ବିଭୂଷିତ ହୋଇ ସେ ଏକ ମହନୀୟ ଆଦର୍ଶ ବ୍ୟକ୍ତିତ୍ୱରେ ପରିଣତ ହୋଇପାରିଥିଲେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ଭକ୍ତକବିଙ୍କ ଦ୍ୱାରା ରଚିତ ଜଗମୋହନ ରାମାୟଣ, ଲକ୍ଷ୍ମୀପୁରାଣ ଆଦି ଆଲେଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଶାର ପୁରପଲ୍ଲୀରେ ତାଙ୍କର ଧାର୍ମିକ ଗ୍ରନ୍ଥ ଜନସାଧାରଣମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ସେ ଏକାଧାରାରେ ଜଣେ କବି, ସାଧକ, ଭକ୍ତ ଓ ଦାର୍ଶନିକ ଥିଲେ। ଏରବଙ୍ଗସ୍ଥିତ ତାଙ୍କ ଜନ୍ମସ୍ଥାନକୁ ଐତିହ୍ୟଗ୍ରାମ ଘୋଷଣା କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁନେଶ କୁମାର ସେନାପତି, ପ୍ରିୟପାତ୍ରର ସମ୍ପାଦକ ବିପିନ୍ ବିହାରୀ ଦଳେଇ, ବଳରାମ ଦାସ ସ୍ମୃତି ସଂସଦର ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ସ୍ମୃତି ସଂସଦ ସାହିତ୍ୟ ସମ୍ପାଦକ ଗୋପୀନାଥ ମୁଦୁଲି ପ୍ରମୁଖ ଭକ୍ତକବିଙ୍କ ଜୀବନୀ ସମ୍ପର୍କରେ ଆଲୋକ ପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ସହକାରୀ ସଞ୍ଜୟ କୁମାର ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ଗୋପ ମହାବିଦ୍ୟାଳୟ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ ମଞ୍ଚ ପରିଚାଳନା କରିଥିଲେ। ବଳରାମ ଦାସ ସ୍ମୃତି ସଂସଦ ସମ୍ପାଦକ ନରେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମପତ୍ରରେ ଥିବା ପାଣି ଯେଭଳି ଚଳଚଳ ହୁଏ, ଜୀବନ ସେହିପରି ଚଞ୍ଚଳ।
- ଆଦି ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କୋଣାର୍କରେ ବିଜୁ ଛାତ୍ର ଜନତା ଦଳର ଦସ୍ତଖତ ଅଭିଯାନ

କୋଣାର୍କ, ୪।୨(ଡି.ଏନ୍.ଏ.): କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ନୀତି ବିରୋଧରେ କୋଣାର୍କରେ ଛାତ୍ର ଯୁବ ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ସମ୍ମୁଖରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରନେତା ସୌମ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୁରୀ ଜିଲା ଛାତ୍ର ବିଜେଡିର ପୂର୍ବତନ ସଭାପତି ଭଗବାନ ପଢିଆରୀ, ଜିଲା ଛାତ୍ର ବିଜେଡି ସଭାପତି ନାରାୟଣ ସିଂ, କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ସୁଆର, ସମ୍ପାଦକ ବାଲୁଙ୍କେଶ୍ୱର ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୁବାସ ବେଉରା, ପଞ୍ଚାନନ ଲେଙ୍କା, ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟମ ପରିଚାଳନା କରିଥିଲେ।

### ବାଇକ୍ ଧକ୍କାରେ ଜଙ୍କିଆ ଥାନା ଡ୍ରାଇଭରଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୪।୨:ଜଙ୍କିଆ ଥାନା ଡ୍ରାଇଭର ରାମଚନ୍ଦ୍ର ମୁଦୁଲି(୫୮)ଙ୍କର ଥାନା ସମ୍ମୁଖରେ ବାଇକ୍ ଧକ୍କାରେ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ରାମଚନ୍ଦ୍ରଙ୍କ ଘର ପୁରୀ ଜିଲା କଣାସ ଥାନା ଶାବଳଙ୍ଗ ଗାଁରେ। ପୋଲିସ ନଂ. ୧୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ରାମଚନ୍ଦ୍ରଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁସାରେ, ଥାନା ସମ୍ମୁଖରେ ଡ୍ରାଇଭର ମୁଦୁଲି ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଠିଆ ହୋଇଥିଲେ। କେତେଜଣ ଏମ୍‌ବିଏ ଛାତ୍ର ଚିଲିକାରୁ ପିକ୍‌ନିକ୍ କରି ବାଇକ୍ ଯୋଗେ ଫେରୁଥିଲେ। ଜଣେ ଏମ୍‌ବିଏ ଛାତ୍ର କେନ୍ଦ୍ରପଡା ଜିଲା ମହାକାଳପଡା ଥାନା ଅନ୍ଧୁଲି ଗାଁର ରାକେଶ ମହାରଣାଙ୍କ ବାଇକ୍ ଧକ୍କାରେ ରାମଚନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାମଚନ୍ଦ୍ର ରାତି ପ୍ରାୟ ସାଢ଼େ ୯ଟାରେ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଅନ୍ୟପକ୍ଷେ ବାଇକ୍ ଚାଳକ ଆହତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ସାକ୍ଷୀଗୋପାଳ, ୪।୨(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକର ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଚଳିତବର୍ଷ କାୟାକଳ୍ପ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୌମିତ୍ର ମହାନ୍ତି କହିଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଷ୍କାର ପରିଛନ୍ନତା, ହର୍ବାଲ ଗାର୍ଡେନ, ଶଯ୍ୟା, ଆବର୍ଜନା ପରିଚାଳନା, ସୁରକ୍ଷା ପ୍ରାଚୀର, ଡ୍ରେନେଜ ବ୍ୟବସ୍ଥା, ଆଲୋକୀକରଣ ଓ କାନ୍ଥଚିତ୍ର ମାଧମରେ ସଚେତନତା ସଫଳତାର ସହ କରାଯାଇଥିବାରୁ ପରିଦର୍ଶନ ସମୟରେ ଅଧିକାରୀମାନେ ସନ୍ତୋଷ ହୋଇଥିଲେ। ଏହି ସଫଳତା ପାଇଁ ଡାକ୍ତର ମହାନ୍ତିଙ୍କ ସହ ବିଡିଏମ ଜ୍ୟୋତି ରଞ୍ଜନ ଶତପଥୀ, ଫାର୍ମାଶିଷ୍ଟ ପ୍ରଭାତ କୁମାର ପାଇକରାୟ, ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା କମିଟି ଓ କର୍ମଚାରୀମାନଙ୍କୁ ଜିଲାପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ କୃତଜ୍ଞତା ଜଣାଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ମିଳୁନି ଚାଉଳ ବଦଳ ଅର୍ଥ

## ଜିଲାପାଳଙ୍କୁ ଗୁହାରି ଜଣାଇଲେ

ପୁରୀ ଅଫିସ,୪।୨: ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ସରକାର। ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ବାସଗୃହ ପ୍ରଭୃତିରେ ସେମାନଙ୍କୁ କିପରି ସାହାଯ୍ୟ ସହଯୋଗ କରାଯାଇପାରିବ ସେ ବ୍ୟବସ୍ଥା କରିଛନ୍ତି। ଭିନ୍ନକ୍ଷମ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଅନେକ ଯୋଜନା ମଧ୍ୟ କରୁଛନ୍ତି। ହେଲେ ଉପଯୁକ୍ତ ତଦାରଖ ଏବଂ ଆନ୍ତରିକତାର ଅଭାବରୁ ଏହି ଯୋଜନା ପ୍ରହସନ ପାଲଟିଛି। ଅନେକ ହିତାଧିକାରୀ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସୁଫଳ ମିଳୁନାହିଁ। ଅନେକ ଦିବ୍ୟାଙ୍ଗ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସଦର ବ୍ଲକ ଅନ୍ତର୍ଗତ ବାଟଗାଁର ଲାବଣ୍ୟବତୀ ନାୟକ, ଦାମୋଦର ସେଠ, ରବି ବରାଳ, ସୁନ୍ଦରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାୟକ, ଜଳନ୍ଧର ନାୟକ, ଅନ୍ନପୂର୍ଣ୍ଣା ରାଉତ, କବିନା ରାଉତ ପ୍ରମୁଖ ଆସିଥିଲେ। ଚାଉଳ ବଦଳରେ ଦିବ୍ୟାଙ୍ଗମାନଙ୍କୁ ମାସିକ ଯେଉଁ ୨୦୦ ଟଙ୍କା ଲେଖାଏ ମିଳୁଛି ସେଥିରୁ ସେମାନେ ବଞ୍ଚିତ ରହିଛନ୍ତି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଲାବଣ୍ୟବତୀଙ୍କ ସ୍ୱାମୀ ଚନ୍ଦ୍ରଶେଖର ନାୟକ କହିଛନ୍ତି, ମୋ ସ୍ତ୍ରୀ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ସରକାରଙ୍କ ପ୍ରମାଣପତ୍ର ରହିଛି। ହେଲେ ବର୍ଷେରୁ ଅଧିକ ହେବ ବାରମ୍ବାର ବିଭିନ୍ନ ସରକାରୀ ଅଫିସ ଦୌଡୁଥିଲେ ମଧ୍ୟ ଚାଉଳ ବଦଳ ଅର୍ଥ ମିଳୁନାହିଁ। ପ୍ରଥମେ ସଦର ବିଡିଓଙ୍କ ପାଖକୁ ଯାଇଥିଲି। ସେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପାଖକୁ ପଠାଇଥିଲେ। ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେଖା କରି ଗୁହାରି ଜଣାଇଲୁ। ସେ ହୋଇଯିବ କହି ଆମକୁ ପଠାଇଦେଲେ। ହେଲେ ବର୍ଷେରୁ ଊର୍ଦ୍ଧ୍ୱ ହେବ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗପତ୍ର ଦେଇଥିଲୁ। କିନ୍ତୁ କିଛି ନ ହେବାରୁ ପୁଣି ଜିଲାପାଳଙ୍କୁ ଗୁହାରି ଜଣାଇଛୁ। ଜିଲାପାଳ ସଦର ବିଡିଓଙ୍କୁ ଜଣାଇ ଆମର ସୁବିଧା କରିବେ ବୋଲି କହିଥିବା ଚନ୍ଦ୍ରଶେଖର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୁରୀ ସଦର ବିଡିଓ ରବିନାରାୟଣ ବାରିକଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ଗତ ୧ ତାରିଖରେ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଛି। ସେମାନଙ୍କ ଅଭିଯୋଗ ସଂକ୍ରାନ୍ତରେ କିଛି ଜାଣିନାହିଁ। ମୋ ପାଖରେ ସମ୍ପୃକ୍ତ ଭିନ୍ନକ୍ଷମମାନଙ୍କର ଅଭିଯୋଗପତ୍ର ପହଞ୍ଚିଲେ ସରକାରୀ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ସୂଚନାଥାଉ କି, ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ପ୍ରତି ମାସରେ ରାଇସ୍ ଫର ଡିଜାବଲ ଯୋଜନାରେ କେଜି ୧ ଟଙ୍କାରେ ୧୦ କେଜି ଚାଉଳ ଯୋଗାଇ ଦେଉଥିଲେ। ଭାରତ ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଭିନ୍ନକ୍ଷମମାନଙ୍କୁ ରିହାତି ଚାଉଳ ଯୋଗାଇଦେବା ସମ୍ଭବ ହୋଇ ନ ଥିଲା। ତେଣୁ ରାଜ୍ୟ ସରକାର ଭିନ୍ନକ୍ଷମଙ୍କୁ ରିହାତି ଚାଉଳ ବଦଳରେ ନଗଦ ଅର୍ଥ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଭିନ୍ନକ୍ଷମଙ୍କୁ ଦିଆଯାଉଥିବା ରିହାତି ଚାଉଳ ବଦଳରେ ମାସିକ ୨୦୦ ଟଙ୍କା ଚାଉଳ ଭତ୍ତା ଭାବରେ ପ୍ରଦାନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଭିନ୍ନକ୍ଷମଙ୍କୁ ମାସିକ ପେନ୍‌ସନ ସହିତ ଏହି ଭତ୍ତା ଯୋଗାଇ ଦେଇଆସୁଛନ୍ତି।

## ଅଭିରାମ ପରମ ହଂସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ।

ବ୍ରହ୍ମଗିରି, ୪।୨(ଡି.ଏନ୍.ଏ.) କଳିଭାଗବତର ରଚୟିତା ଜଗଦ୍‌ଗୁରୁ ଅଭିରାମ ପରମହଂସଙ୍କ ୧୧୬ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ଦ୍ୱାରା ସୋମବାର ବ୍ରହ୍ମଗିରି ବ୍ଲକର ଯାଆଁଳା ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଥିଲା। ଐତିହ୍ୟ ପରିଷଦର ସଭାପତି କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ରାମଶରଣ ଦାସ ମହାରାଜ, ମୁଖ୍ୟ ଅତିଥିଭାବେ ସୁନୀଲ ମିଶ୍ର, ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ସୁଆର, ଦିଲୀପ ଶ୍ରୀଚନ୍ଦନ, ପ୍ରିୟ ପ୍ରସାଦ ମିଶ୍ର, ପର୍ଶୁରାମ ପାତ୍ର, ସତ୍ୟପ୍ରିୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ଅଭିରାମଙ୍କ ଦିବ୍ୟଲୀଳା ତଥା ଜୀବନଦର୍ଶନ ଏବଂ ତାଙ୍କର ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ। କଳି ଭାଗବତ ଲେଖି ସେ ଇଂରେଜମାନଙ୍କ ଦ୍ୱାରା ଗିରଫ ହୋଇ ବିଶାଖାପାଟଣା ଜେଲରେ ରହିଥିଲେ। ସେ ଜଣେ ଶ୍ରେଷ୍ଠ ସାହିତ୍ୟିକ ଥିଲେ। ତାଙ୍କର ୪୯ଟି ଲେଖା ପ୍ରକାଶିତ ହୋଇଥିବା ସମୟରେ ଅପ୍ରକାଶିତ ଲେଖାକୁ ପ୍ରକାଶ କରିବା ପାଇଁ ବକ୍ତାମାନେ ଦାବି କରିଥିଲେ। ପରେ ବାଲୁକା ଶିଳ୍ପୀ ବାଦଲ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସନ୍ତାନ ପ୍ରାପ୍ତି ପାଇଁ ମହିଳାମାନେ ମା'ଙ୍କ ନିକଟରେ କଳସ ସ୍ଥାପନ କରିଛନ୍ତି।

■ ଉକୁଳେଇ ଠାକୁରାଣୀଙ୍କ ଜନ୍ମୋତ୍ସବ

## ସନ୍ତାନ ପ୍ରାପ୍ତି ପାଇଁ କଳସ ସ୍ଥାପନା କଲେ ମହିଳା

କାକଟପୁର, ୪।୨(ଡି.ଏନ୍.ଏ.) ଅସ୍ତରଙ୍ଗର ପ୍ରସିଦ୍ଧ ଉକୁଳେଇ ଠାକୁରାଣୀଙ୍କ ପବିତ୍ର ଜନ୍ମୋତ୍ସବ ସୋମବାର ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରୁ ମହିଳାମାନଙ୍କ ଭିଡ଼ ଜମିଥିଲା। ମୁଖ୍ୟ ପୂଜକ ମଙ୍ଗୁଳି ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ସ୍ନାନମାର୍ଜଣା, ନବବସ୍ତ୍ର ପରିଧାନ, ଝୁଣାଧୂଆଁ ନୈବେଦ୍ୟ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପୀଠ ପୋଖରୀରେ ବୁଡ଼ ପକାଇ ଅନେକ ନିଃସନ୍ତାନ ମହିଳା ସନ୍ତାନ ପ୍ରାପ୍ତି କାମନାରେ ମାନସିକକରି, ଗୁଆ ଓ କଳସ ମା'ଙ୍କ ପାଦଦେଶରେ ସ୍ଥାପନ କରିଥିଲେ। ବାର୍ଷିକୋତ୍ସବ ପାଇଁ ମନ୍ଦିର ପୂଜକ ଓ ଅସ୍ତରଙ୍ଗ ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମା'ଙ୍କ ମାହାତ୍ମ୍ୟ ସମ୍ପର୍କରେ ଜିଉନ୍ତି ଗ୍ରାମର ଅକ୍ଷୟ ପ୍ରସାଦ ମହାନ୍ତି କୁହନ୍ତି, ବ୍ରାହ୍ମଣ ନ ହୋଇ ମଧ୍ୟ ମା'ଙ୍କ ପୂଜାନୀତିକରି ଆସୁଛନ୍ତି। ଯେ କୌଣସି ଜ୍ୱର ହୋଇଥିଲେ ମା'ଙ୍କ କୃପା ପ୍ରାପ୍ତିରେ ଜ୍ୱର ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସପ୍ତାହର ଗୁରୁବାର ମା'ଙ୍କ ନିକଟରେ କେବଳ ମହିଳା ଓ ଜ୍ୱର ରୋଗୀଙ୍କ ଭିଡ଼ ଜମିଥାଏ।

### ଅଣନିଯୁକ୍ତ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

ପୁରୀ ଅଫିସ,୪।୨: ରାଜ୍ୟରେ ସଂସ୍କୃତ ଶିକ୍ଷକମାନଙ୍କୁ ଅଣଦେଖା କରାଯାଉଛି। ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦବୀ ଖାଲିପଡିଛି। ଏହା ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଆଗାମୀ ଦିନରେ ବିଧାନସଭା ଆଗରେ ଧାରଣା ଦେବା ନେଇ ଅଣନିଯୁକ୍ତ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି। ଏନେଇ ସୋମବାର ଚକ୍ରତୀର୍ଥ ରୋଡ ସ୍ଥିତ ମଡେଲ ବିଚ୍ ଠାରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ସଦାଶିବ ପରିସର), ଲାଲବାହାଦୁର ସଂସ୍କୃତ ବିଦ୍ୟାପୀଠ, ଦିଲ୍ଲୀ ଏବଂ ତିରୁପତି ସଂସ୍କୃତ ବିଦ୍ୟାପୀଠ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଶତାଧିକ ସଂସ୍କୃତ ଛାତ୍ରୀଛାତ୍ର ବାହାରୁଛନ୍ତି। ଅନ୍ୟପଟେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ କରାଯାଉ ନାହିଁ। ଫଳରେ ବହୁ ସଂସ୍କୃତି ଶିକ୍ଷାଧାରୀ ନିଯୁକ୍ତି କ୍ଷେତ୍ରରୁ ବଞ୍ଚିତ ହେଉଛନ୍ତି ବୋଲି ସଂଘର ରାଜ୍ୟ ସଭାପତି ରାମଚନ୍ଦ୍ର ମହାରଣା କହିଛନ୍ତି।

■ ତ୍ରିବେଣୀ ଅମାବାସ୍ୟା

## ପ୍ରାଚୀ ନଦୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

କାକଟପୁର, ୪।୨(ଡି.ଏନ୍.ଏ.) ତ୍ରିବେଣୀ ଅମାବାସ୍ୟା ପାଇଁ ସୋମବାର ପ୍ରତ୍ୟୁଷରୁ ପ୍ରାଚୀନଦୀର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଛନ୍ତି। ବୁଡ଼ ପକାଇବା ପରେ ଦେବଦେବୀ ଦର୍ଶୟନ କଲେ କୁମ୍ଭ ବୁଡ଼ର ପୂଣ୍ୟପ୍ରାପ୍ତି ହୋଇଥାଏ ବୋଲି ମାହାତ୍ମ୍ୟରେ ବର୍ଣ୍ଣିତ ଅଛି। ଏହି ବିଶ୍ୱାସରେ ଶ୍ରଦ୍ଧାଳୁମାନେ ପ୍ରାଚୀ ନଦୀର ଗୋତୀର୍ଥ, ଅନ୍ଧକପିଳେଶ୍ୱର, ପ୍ରଭୁ ଅମରେଶ୍ୱର, ପ୍ରଭୁ ଅଙ୍ଗେଶ୍ୱର ଶମ୍ଭୁମାନଙ୍କୁ ଦର୍ଶନ କରିଛନ୍ତି। ଏଥିପାଇଁ ପ୍ରାଚୀ ଉପତ୍ୟକାରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ମେଳା ଲାଗିଛି। ପ୍ରଭୁ ସମେଶ୍ୱର, ସିଦ୍ଧେଶ୍ୱର, ନାଟେଶ୍ୱର, ବଳେଶ୍ୱର, ଗୁରୁଦେବ ପୀଠ, ଶୋଭନେଶ୍ୱର, ବେଲେଶ୍ୱର, ମୁକ୍ତେଶ୍ୱର ପ୍ରଭୃତି ଶୈବ ପୀଠଗୁଡ଼ିକରେ ପ୍ରାତଃରୁ ଶ୍ରଦ୍ଧାଳୁଭକ୍ତମାନଙ୍କ ଭିଡ଼ ଲାଗିଥିଲା।

■ ଡା. ଅଭୟ ମିଶ୍ର ସ୍ମାରକୀ ଆସୋସିଏଶନର ବାର୍ଷିକ ଉତ୍ସବ

## ଦୁର୍ଲଭ ଛାତ୍ର ଜୀବନର ସଦୁପଯୋଗ କର



ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସାକ୍ଷୀଗୋପାଳ, ୪।୨(ଡି.ଏନ୍.ଏ.) ସତ୍ୟବାଦୀ ବ୍ଲକର ପୁରୁଣା ବୁଢ଼ାକେରା ଠାରେ ଡା. ଅଭୟ ମିଶ୍ର ସ୍ମାରକୀ ଆସୋସିଏଶନର ୫ମ ବାର୍ଷିକ ଉତ୍ସବର ସୋମବାର ଥିଲା ଛାତ୍ର ସମ୍ମିଳନୀ। ଏହି ଅବସରରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପ୍ର. ସିଦ୍ଧେଶ୍ୱର ମହାପାତ୍ର, ଭାଜପାର ରାଜ୍ୟ ପରିଷଦ ସଭ୍ୟ ଓମ୍ ପ୍ରକାଶ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସିଦ୍ଧେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମାଝୀ, ଧୀରେନ୍ଦ୍ର ନାଥ ଦାସ, ସମାଜିକ କର୍ମୀ ରତିକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ଦୁର୍ଲଭ ସମୟକୁ ସଦୁପୋଯୋଗ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମାଜ ଗଠନରେ ଛାତ୍ର ସମାଜର ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ୧୮ଟି ବିଦ୍ୟାଳୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ୧୦ଟି ବଦ୍ୟାଳୟର ପିଲାମାନଙ୍କୁ ନେଇ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଛାତ୍ରୀଛାତ୍ରମାନେ ଓଡ଼ିଶୀ ନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ଡା. ଅଭୟ ମିଶ୍ର ସ୍ମାରକୀ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଲୋକନାଥ ଦାଶ, ପ୍ରଫୁଲ୍ଲ ପରିଡା, ପ୍ରସନ୍ନ ମାଝୀ, ଦିପୁ, ବଳିଆ, ପପୁ ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ୭ଦଫା ଦାବିନେଇ ମହତାବ ହାଇସ୍କୁଲ ଗେଟ୍‌ରେ ତାଲା

## ଧାରଣାରେ ବସିଲେ ଛାତ୍ର



ଧାରଣାରେ ବସିଥିବା ଛାତ୍ର ଓ ଅଭିଭାବକମାନେ।

କଣାସ, ୪।୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ସର୍ବପୁରାତନ ସରକାରୀ ସ୍କୁଲ ମହତାବ ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନୋଡାଲ କେନ୍ଦ୍ର ତାଲିକାରୁ ବାଦ୍ ଦିଆଯିବା ପ୍ରତିବାଦ ସହ ୭ଦଫା ଦାବି ନେଇ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ମୁଖ୍ୟ ଫାଟକରେ ତାଲା ଝୁଲାଇବା ସହ ସମ୍ମୁଖରେ ଧାରଣାରେ ବସିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ପୂରାତନ ଛାତ୍ର ଅଜୟ କୁମାର ରାଉତରାୟ, ରଶ୍ମିରଞ୍ଜନ ପାଇକରାୟ ଗଗନ ଖଟେଇ,ବିଶ୍ୱମ୍ଭର ବାରିକ, ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଧାରଣା ଯୋଗୁ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟକୁ ପ୍ରବେଶ କରିପାରି ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ତ୍ରିପାଠୀଙ୍କ ନିବେଦନ କ୍ରମେ ପୁରୀ ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ପାତ୍ର, ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାର୍ଯ୍ୟ, ଥାନା ଇନ୍ସପେକ୍ଟର ଅସୀତ ରଞ୍ଜନ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ନୋଡାଲ ପରୀକ୍ଷା କେନ୍ଦ୍ର ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦକୁ ସୁପାରିସ କରାଯିବ, ସ୍ଥାୟୀ ପ୍ରଧାନ ଶିକ୍ଷକ, କିରାଣୀ, ଏନ୍‌ସିସି ପାଇଁ ପୁରୁଷ ଶିକ୍ଷକ ନିଯୁକ୍ତି, ଡେପୁଟେସନରେ ଥିବା ୨ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇବା, ଛାତ୍ରୀଛାତ୍ରଙ୍କ ପାଇଁ ପିଇବା ପାଣି ଓ ଶୌଚାଳୟର ବ୍ୟବସ୍ଥା, ବିଜ୍ଞାନଗାର ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶିକ୍ଷାଧିକାରୀ କାଣ୍ଡି ଆଶ୍ୱାସନା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଫାଶରୁ ଖସି ପୋଖରୀରୁ ଉଦ୍ଧାର ହେଲା ହରିଣ



ଗୋପ, ୪।୨(ଡି.ଏନ୍.ଏ.) ଫାଶରୁ ଖସି ଆସିଥିବା ଏକ ଅଣ୍ଡିରା ହରିଣକୁ ସୋମବାର ସକାଳୁ ଗୋପ ଥାନା ଅଧୀନ ତରଙ୍ଗିରା ଗ୍ରାମ ପୋଖରୀର ଦଳ ଭିତରୁ ଦମକଳ ବାହିନୀ ଦ୍ୱାରା ଉଦ୍ଧାର କରାଯାଇଛି। ଏହି ହରିଣଟି ସୁସ୍ଥ ହେବା ପରେ ତାକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଗୋପ ରେଞ୍ଜର କାହ୍ନୁଚରଣ ସେଠୀ ସୂଚନା ଦେଇଛନ୍ତି। ଏହି ଅଣ୍ଡିରା ହରିଣ ବେକରେ ଏକ ନୀଳ ରଙ୍ଗର ପ୍ଲାଷ୍ଟିକ୍ ସୂତା ଲାଗିବା ସହ ବେକରେ କଟା ଦାଗ ଥିବାରୁ ଏହି ହରିଣଟି ଫାସରୁ ଖସି ଆସିଥିବା ଉପସ୍ଥିତ ଗ୍ରାମବାସୀ କହିଛନ୍ତି। ଖରାଦିନ ଆରମ୍ଭରୁ ବାଲୁଖଣ୍ଡ ଅଭୟାରଣ୍ୟରେ ପିଇବା ପାଣିର ଅଭାବ ଦେଖାଯାଉଥିବାରୁ ହରିଣମାନେ ପାଣି ପିଇବାକୁ ବାହାରକୁ ଆସୁଛନ୍ତି। ଗୋପ ବନବିଭାଗକୁ ଗ୍ରାମବାସୀ ଖବର ଦେବା ପରେ ବନରକ୍ଷୀ ବିରଜା କୁମାର ମହାପାତ୍ର ତରଙ୍ଗିରା ଗ୍ରାମରେ ପହଞ୍ଚିଥିଲେ। ପରେ ମହାପାତ୍ର ହରିଣଟିକୁ ଉଦ୍ଧାର କରିବା ଲାଗି ଗୋପ ଦମକଳ କେନ୍ଦ୍ରକୁ ଖବରଦେଇଥିଲେ।

■ ଅନୁସୂଚିତ ଜାତିଙ୍କ ଉପରେ ଆକ୍ରମଣ ଘଟଣା

## ଜମି ଅଧିକାର ଦେବାକୁ ଗୁହାରି

ପୁରୀ ଅଫିସ,୪।୨: ପୁରୀରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ରାଷ୍ଟ୍ରୀୟ ମହାଅଧିବେଶନ ରବିବାର ଶେଷ ହୋଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ମୋର୍ଚ୍ଚାର ସଦସ୍ୟମାନେ ଅନୁସୂଚିତ ଜାତି ଓ ଜନଜାତି କିପରି ଅବହେଳିତ ଏବଂ ସେମାନଙ୍କୁ କିପରି ନିର୍ଯ୍ୟାତନା ଦିଆଯାଉଛି ତାହା ଉପରେ କହିଥିଲେ। ଏହି ମହାଅଧିବେଶନର ଗୋଟିଏ ଦିନ ପରେ ପୁରୀ ଜିଲାପାଳଙ୍କ ପାଖରେ ଅନୁସୂଚିତ ଜନଜାତିଙ୍କ ଉପରେ ଆକ୍ରମଣ ହେଉଥିବା ନେଇ ଅଭିଯୋଗ କରାଯାଇଛି। ସବର୍ଣ୍ଣମାନେ ତାଙ୍କ ଉପରେ ଆକ୍ରମଣ କରୁଥିବା ନେଇ ସେମାନେ ପୋଲିସକୁ ଜଣାଇଥିଲେ। ହେଲେ ପୋଲିସ ପାଲଟା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସଦର ଥାନା ଦାଇଲିବାଟି ମୌଜା ନୀଳକଣ୍ଠପୁର ଗ୍ରାମର କେତେଜଣ ଲୋକ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଜମିଦାର ଦେଇଥିବା ଜମିରେ ଘରବାଡି ଏବଂ ଚାଷବାସ କରି ଭୋଗ ଦଖଲ କରିଆସୁଛନ୍ତି। ମୂଲ ମଜୁରି ଲାଗି ପରିବାର ଚଳାଉଛନ୍ତି। କିନ୍ତୁ କିଛିଦିନ ହେବ ନିକଟ କଣ୍ଟୁରିଆପଡ଼ା ଗ୍ରାମର କେତେଜଣ ପ୍ରଭାବଶାଳୀ ସବର୍ଣ୍ଣ ବ୍ୟକ୍ତି ଆସି ସେମାନଙ୍କ ଜମିରୁ ଧାନ କାଟି ନେଇଛନ୍ତି। ଏଥିସହ ବାଡ଼ିରୁ ଗଛ କାଟିନେବା ସହ ଭାଟିରୁ ଇଟା ବୋହି ନେଇଯାଇଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନାକୁ ଭାଙ୍ଗିବା ସହ ବାଉଁଶବୁଦାରେ ନିଆଁ ଲଗାଇ ଦେଇଛନ୍ତି। ସେମାନଙ୍କୁ ଗାଳିଗୁଲଜ କରି ଘରଦ୍ୱାର ଛାଡି ପଳାଇ ଯିବାକୁ ଧମକ ଦେଇଛନ୍ତି। ତେଣୁ ସେମାନେ ଭୋଗ ଦଖଲ କରିଆସୁଥିବା ଚାଷଜମି ତଥା ଘରଡିହର ଅଧିକାର ଦେବା ସହ ଶାନ୍ତିରେ କିପରି ଗ୍ରାମରେ ବସବାସ କରିବେ ତାହାର ବ୍ୟବସ୍ଥା କରିବାକୁ ସଞ୍ଜୟ ନାୟକ, ଦୁର୍ଯ୍ୟୋଧନ ନାୟକ, ରବି ନାୟକ ପ୍ରମୁଖ ଜିଲାପାଳଙ୍କୁ ଗୁହାରି କରିଛନ୍ତି।